# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-157 ◆WEDNESDAY ◆3 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୭ ◆ବୁଧବାର ◆୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ତେରେ ଇସ୍କ ମେଁ’ ପାଇଁ ୧୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

# ଶେଷରେ ରାଜିହେଲେ ସରକାର

## ୯ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଏସ୍ଆଇଆର୍ ଆଲୋଚନା

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଅଚଳାବସ୍ଥାର ଅବସାନ ହେବାକୁ ଯାଉଛି । ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶେଷରେ ସରକାର ରାଜି ହୋଇଛନ୍ତି । ଆସନ୍ତା ଡିସେମ୍ବର ୯ ତାରିଖରେ ଲୋକସଭାରେ ଏହା ଉପରେ ୧୦ ଘଣ୍ଟା ପାଇଁ ଆଲୋଚନା ହେବ । ବିଭିନ୍ନ ଦଳର ନେତାମାନଙ୍କ ସହିତ ବୈଠକ ପରେ ସରକାର ଏହି ସୂଚନା ଦେଇଛନ୍ତି ।

ଗତକାଲି ଭଳି ଆଜି ମଧ୍ୟ ସଂସଦର ଉଭୟ ଗୃହରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଦାବି କରି



ବିରୋଧୀ ଦଳ ଅଚଳାବସ୍ଥା ସୃଷ୍ଟି କରିଥିଲେ । ସରକାର ଏଥିପାଇଁ ରାଜି ନହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ସୂଚନା ଦେଇଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି । କିନ୍ତୁ ଏହାର ସମୟକୁ ନେଇ ବିରୋଧୀ ସଭ୍ୟ ଜିଦ୍ ଧରିବା ଉଚିତ ନୁହେଁ ।

ଏହାପରେ ସର୍ବଦଳୀୟ ବୈଠକ ସହିତ ଗୃହ ପରାମର୍ଶଦାତା କମିଟି ବୈଠକ ହୋଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍ଆଇଆର୍ ଉପରେ ୯ ତାରିଖରେ ▶ପୃଷ୍ଠା-୧୦

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ହେଲା ‘ସେବା ତୀର୍ଥ’

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମକୁ କେନ୍ଦ୍ର ସରକାର ବଦଳାଇ ସେବା ତୀର୍ଥ କରିଦେଇଛନ୍ତି । ସେହିପରି ସାରା ଦେଶରେ ଥିବା ରାଜ ଭବନର ନାମକୁ ଲୋକ ଭବନ କରି ଦିଆଯାଇଛି । କେନ୍ଦ୍ରୀୟ ସଚିବାଳୟ ଏବେ କର୍ତ୍ତବ୍ୟ ଭବନ ଭାବେ ପରିଚିତ ହେବ । ପିଏମଓ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସାର୍ବଜନୀନ ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ହେଉଛି । ଆମେ କ୍ଷମତାରୁ ସେବାକୁ ଯାଉଛୁ । ▶ପୃଷ୍ଠା-୧୦

# ଆଉ ଜେଲ୍ ଯିବେନି ଜୁଆଡ଼ି

## ଜେଲ ବଦଳରେ କେବଳ ୫ ହଜାର ଟଙ୍କା ଜରିମାନା

■ ଭୁବନେଶ୍ୱର, ୨।୧୨ (ସମିସ): ଜୁଆ ଖେଳ ପାଇଁ ଆଉ ଜେଲ ଯିବାକୁ ପଡ଼ିବ ନାହିଁ । ଦଣ୍ଡସ୍ୱରୂପ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତ ମୁକୁଳି ପାରିବ । ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ ୨୦୨୫ ଆଜି ଅନୁମୋଦନ ଲାଭ ପରେ ଖୁବ୍ ଶୀଘ୍ର ଏହି ନିୟମ ପ୍ରଚଳନ ହେବ । ଯାହାକୁ ନେଇ ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ରାଜ୍ୟ ସରକାର ଏହାକୁ ସଂସ୍କାରମୂଳକ ପଦକ୍ଷେପ ବୋଲି ଅଭିହିତ କରିଥିବା ବେଳେ



**ଜନବିଶ୍ୱାସ ବିଲ୍-୨୦୨୫କୁ ବିଧାନସଭାରେ ମଞ୍ଜୁରୀ**

**ବିଲ୍‌ରେ ୧୬ ମୂଳ ରାଜ୍ୟ ଆଇନରେ ହୋଇଛି ସଂଶୋଧନ**

**‘ଜନ ବିଶ୍ୱାସ’ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍: ବିରୋଧୀ**

ବିରୋଧୀ ଏହାକୁ ଜନ ବିଶ୍ୱାସ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍ ବୋଲି ଆକ୍ଷେପ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ନୂଆ ଆଇନ ରାଜ୍ୟର ଜୁଆଡ଼ିଙ୍କୁ ଆନନ୍ଦିତ କରିଛି । ଜେଲ୍ ଦଣ୍ଡ ଉଠି ଯାଇଥିବାରୁ ଏବେ ହୋଟେଲ, କ୍ଲବ୍ ବା ଅନ୍ୟ ଯେଉଁଠି ଜୁଆ ଖେଳ ହୋଇ ପାରିବ ଓ ଲକ୍ଷଲକ୍ଷ ଟଙ୍କା ଲାଭ ବଦଳରେ ମାତ୍ର ୫ ହଜାର ଟଙ୍କା ଜୋରିମାନା ଦେଇ ମୁକୁଳିବା ବ୍ୟବସ୍ଥା ସେମାନଙ୍କୁ ଆଶ୍ୱସ୍ତ କରିଛି । ▶ପୃଷ୍ଠା-୧୦

# ଶହେରୁ ୧ ରଖିଲେ ପାସ୍

**ପ୍ରଶ୍ନ ଘେରରେ ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି**

■ ଭୁବନେଶ୍ୱର, ୨।୧୨ (ସମିସ): ଚର୍ଚ୍ଚାରେ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଫଳ । ଏଥିରେ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପ୍ରାର୍ଥୀମାନେ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହେବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି, କେବଳ ପୂର୍ବତନ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗର କଟ୍‌ଅଫ୍ ବା ସର୍ବନିମ୍ନ ମାର୍କ ୩୦ ତଳକୁ ରହିଛି ।

ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗତ ୧୬ ତାରିଖରେ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ଏଥିରେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର କଟ୍‌ଅଫ୍ ସର୍ବନିମ୍ନ ୧ ମାର୍କ ରହିଛି । ଅର୍ଥାତ୍ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି । ତେବେ ଏସ୍‌ସି ବର୍ଗର ମହିଳା ପ୍ରାର୍ଥୀଙ୍କ

**ପୁରୁଷ-ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ବି ତାରତମ୍ୟ**

**ସର୍ବନିମ୍ନ ମାର୍କ ପାଇଁ ବେଞ୍ଚମାର୍କ ନିର୍ଦ୍ଧାରଣ ଜରୁରୀ: ବିଶେଷଜ୍ଞ**

କଟ୍‌ଅଫ୍ ମାର୍କ ୨.୫ ରଖାଯାଇଛି । ଗୋଟିଏ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଏପରି ପ୍ରଭେଦ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ କଟ୍‌ଅଫ୍ ୨.୭୫ ଯାଇଥିବା ବେଳେ ମହିଳା ପ୍ରାର୍ଥୀଙ୍କ ୩ ରହିଛି । ଏସ୍‌ଇବିସି ପ୍ରାର୍ଥୀଙ୍କ କଟ୍‌ଅଫ୍ ୨୩.୫ ଏବଂ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ୨୯ ମାର୍କ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପ୍ରାର୍ଥୀଙ୍କ ଠାରୁ ପୂର୍ବତନ ସରକାରୀ କର୍ମଚାରୀଙ୍କ କଟ୍‌ଅଫ୍ ଅଧିକ ଅର୍ଥାତ୍ ୩୦ ମାର୍କ ରହିଛି ।

ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାର କଟ୍‌ଅଫ୍ ମାର୍କ ଭାଇରାଲ୍ ହେଉଛି । ଅନେକ ଏହାକୁ ସେୟାର କରିବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପ୍ରାର୍ଥୀ ୧୦୦ ମାର୍କରେ ମାତ୍ର ୧ ମାର୍କ ରଖି ଚାକିରି ପାଇବେ, ▶ପୃଷ୍ଠା-୧୦

# ନକଲି ଔଷଧର ଡିପୋ ଓଡ଼ିଶା

**ନାମୀଦାମୀ କମ୍ପାନୀ ନାମରେ ବିକ୍ରି ହେଉଛି ନକଲି**

■ ଭୁବନେଶ୍ୱର, ୨।୧୨ (ସମିସ): ବଜାରରେ ଏବେ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନମାନର ମେଡିସିନ ଉପଲବ୍ଧ ହେଉଛି । ଔଷଧ ଦୋକାନୀ, ଡ଼ିଲରମାନେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି; ସାଧାରଣ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ୪ ବର୍ଷରେ ୧୬୮ଟି ନକଲି ଓ ୩୮୮ଟି ନିମ୍ନମାନର ଔଷଧ ଧରା ପଡ଼ିଥିବା ସଂକ୍ରାନ୍ତ ପ୍ରଦାନ କରିଥିବା ସୂଚନା ରାଜ୍ୟବାସୀଙ୍କୁ ହତବାକ୍ କରି ଦେଇଛି । ଭଲ କମ୍ପାନୀର ଦାମୀ ଔଷଧ ମନେକରି ଯେଉଁ ଔଷଧ ଖାଇଛନ୍ତି, ତାହା ଯେ ନକଲି ଓ ନିମ୍ନମାନର ଏ କଥା ଜାଣିବା ପରେ ରୋଗୀ ଓ ସେମାନଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମନ୍ଥର ଧରପଗଡ଼ ଯୋଗୁଁ ରାଜ୍ୟରେ ତୁଳନାତ୍ମକ ଭାବରେ



**୧୬୮ ନକଲି, ୩୮୮ ନିମ୍ନମାନର ଔଷଧ ଜବତ**

**ବିଧାନସଭାରେ ସାଂଘାତିକ ତଥ୍ୟ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଉଦ୍‌ବେଗ ପ୍ରକାଶ କଲେ ଉଭୟ ଶାସକ-ବିରୋଧୀ**

ନକଲି ଓ ନିମ୍ନମାନର ଔଷଧ ଧରାପଡ଼ିଛି ।

ବିଧାସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସୂଚନା ଅନୁସାରେ ୨୦୨୧-୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ୭୯ଟି ନକଲି ମେଡିସିନ ଚିହ୍ନଟ କରାଯାଇ ଜବତ ହୋଇଥିଲା ଓ ୮୩ଟି ନିମ୍ନମାନର ମେଡିସିନକୁ ମଧ୍ୟ ଜବତ କରାଯାଇଥିଲା । ୨୦୨୨-୨୩ରେ ୬୪ଟି ନକଲି ମେଡିସିନ ଏବଂ ୧୫୬ଟି ନିମ୍ନ ମାନର ମେଡିସିନ ସରକାର ଜବତ କରିଥିଲେ । ୨୦୨୩-୨୪ରେ ୧୪ଟି ନକଲି ମେଡିସିନ ଓ ୬୯ଟି ନିମ୍ନ ମାନର ମେଡିସିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା । ସେହିପରି ୨୦୨୪- ▶ପୃଷ୍ଠା-୧୦





90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

JANPATH • CHANDRASEKHARPUR • SAMANTARAPUR • SOUBHAGYA NAGAR

SHOWROOMS ALSO AT: ANGUL | BERHAMPUR | CUTTACK | JHARSUGUDA | PURI | ROURKELA | JAJPUR ROAD (Opening Soon)

Follow us on: 1800 3131 777 Khimjijewellers.com

ସକାଳ
THE SAKALA
www.sakalaepaper.com
ରାଉରକେଲା

# ମାରଣାସ୍ତ୍ର ବ୍ୟବସାୟୀ ଗିରଫ: ୫ ପିସ୍ତଲ, ୩୫ ଖଣ୍ଡା ଜବତ







**ରାଉରକେଲା, ୨।୧୨(ସମିସ)**

ରାଉରକେଲା ପୁଲିସକୁ ଆଜି ଏକ ବଡ ସଫଳତା ମିଳିଛି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ପାଇଁ ଅପରାଧୀମାନଙ୍କୁ ମାରଣାସ୍ତ୍ର ଯୋଗାଇବା ଅଭିଯୋଗରେ ଜଣେ କୁଖ୍ୟାତ ମାରଣାସ୍ତ୍ର ବ୍ୟବସାୟୀକୁ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଗିରଫ କରିଛି। ତା' ନିକଟରୁ ୫ଟି ଦେଶୀ ପିସ୍ତଲ, ୩ ରାଉଣ୍ଡ ଜୀବନ୍ତ ଗୁଳି ଓ ୩୫ଟି ଖଣ୍ଡା ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଉଛି ସୁନୀଲ ମାଝୀ ଓରଫ ରେବେ (୪୫)। ତା'ର ଘର ବ୍ରାହ୍ମଣୀ ତରଙ୍ଗ ଥାନା ତୁରୀଟୋଲା ଅନ୍ତର୍ଗତ ବାଡମାରେନ୍ ଗାଁରେ ହୋଇଥିବା ଜଣାପଡ଼ିଛି। ସେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବିହାରରୁ ମାରଣାସ୍ତ୍ର ଆଣି ଅପରାଧୀଙ୍କୁ ବିକ୍ରି କରୁଥିଲା ବୋଲି ଏସ୍‌ପି ନିତେଶ ୱାଧୱାନୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୋମବାର ବିଳମ୍ବିତ ରାତିରେ ସୁନୀଲ ସନ୍ଦିଗ୍ଧ ଅବସ୍ଥାରେ ବେଦବ୍ୟାସ ସ୍ଥିତ ଶଙ୍ଖ ବ୍ରିଜ ନିକଟରେ ଛିଡା ହୋଇଥିଲା। ଏହି ସମୟରେ ପୁଲିସ ପାଟ୍ରୋଲିଂ ଭ୍ୟାନ୍‌କୁ ଦେଖି କୁଆଁରମୁଣ୍ଡା ଆଡେ ଦୌଡିବାକୁ ଲାଗିଥିଲା। ପରେ ପୁଲିସ ତାକୁ ପିଛା କରି କୁଆଁରମୁଣ୍ଡା ନିକଟରେ କାବୁ କରି ସର୍ଚ୍ଚ କରିବା ପରେ ତା' ନିକଟରୁ ଏକ ୩ ରାଉଣ୍ଡ ଗୁଳି ଭର୍ତ୍ତି ଦେଶୀ ପିସ୍ତଲ ମିଳିଥିଲା। ପୁଲିସ ତାକୁ ପଚରାଉଚରା କରିବା ପରେ ସେ ପଡୋଶୀ ରାଜ୍ୟ ଝାଡଖଣ୍ଡରୁ ମାରଣାସ୍ତ୍ର ଆଣି ଏଠାରେ ବିକ୍ରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ସୁନୀଲର ସୂଚନାକୁ ଆଧାର କରି ପୁଲିସ କୁଆଁରମୁଣ୍ଡା ସ୍ଥିତ ତୁଟିଆଟୋଲାରେ ଏକ ଭଡା ଘରେ ଚଢ଼ଉ କରି ଗୋଟିଏ ଦେଶୀ ପିସ୍ତଲ, ୨ଟି ସିଙ୍ଗଲ ସଟ୍ ଦେଶୀ ପିସ୍ତଲ ଏବଂ ଗୋଟିଏ ରିଭଲଭର ଜବତ କରିଥିଲା। ଏହାସହ ଏକ ଅଖାରେ ଭର୍ତ୍ତି ହୋଇ ରହିଥିବା ମୋଟ ୩୫ଟି ଧାରୁଆ ଖଣ୍ଡାକୁ ମଧ୍ୟ ପୁଲିସ ଜବତ କରିଥିବା ମଙ୍ଗଳବାର ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଥିଲେ। ଏସ୍‌ପି କହିଥିଲେ, ଗିରଫ ସୁନୀଲ ଜଣେ ପେଶାଦାର ଅପରାଧୀ। ତା' ନାମରେ ବ୍ରାହ୍ମଣୀ ତରଙ୍ଗ, ଲାଠିକଟା, ଗୁରୁଣ୍ଡିଆ, ବିଶ୍ରା, ବଣେଇ, ଚାନ୍ଦିପୋଷ, ବୀରମିତ୍ରପୁର, ହାତିବାରି, ବାରକୋଟ ଆଦି ଥାନାରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଅପରେସନ ଧରପଗଡ଼ ଅଧୀନରେ ଗତ ଦୁଇ ସପ୍ତାହ ହେବ ଅପରାଧ ନିୟନ୍ତ୍ରଣ ପାଇଁ ଚାଲିଥିବା ସର୍ଚ୍ଚ ଅପରେସନ ବେଳେ ପୁଲିସକୁ ଏହି ସଫଳତା ମିଳିଥିଲା। ସୁନୀଲ ମାଝୀ ନାଁରେ ୨୧ଟି ଆର୍ମସ ଆକ୍ଟ ମାମଲା ରହିଥିବାବେଳେ ସେ କିନ୍ତୁ ଏବେ ନିଜେ ଅପରାଧରୁ ଦୂରେଇ ରହି କେବଳ ଅପରାଧିକ କାର୍ଯ୍ୟକଳାପ ପାଇଁ ଅପରାଧୀମାନଙ୍କୁ ମାରଣାସ୍ତ୍ର ଯୋଗାଉଥିଲା। ବର୍ତ୍ତମାନ ସୁଦ୍ଧା ଏହାକୁ ମିଶାଇ ଚଳିତ ବର୍ଷ ମୋଟ ୬୦ ଜଣଙ୍କୁ ଆର୍ମସ ଆକ୍ଟରେ ଗିରଫ କରାଯାଇଛି। ଆଜିକୁ ମିଶାଇ ୪୬ଟି ବନ୍ଧୁକ ଜବତ କରାଯାଇଥିଲା। ଗତ ୨ ସପ୍ତାହ ମଧ୍ୟରେ ୭୬ ଜଣ ଡକାୟତଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ୱାଧୱାନୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୯ ମସିହା ଜୁନ୍ ମାସରେ ଗିରଫ ସୁନୀଲ ମାଝୀକୁ ପୁଲିସ ଲାଠିକଟା ଠାରେ ଏନକାଉଣ୍ଟର କରିଥିଲା। ପୁଲିସ ଟିମ୍‌କୁ ଦେଖି ସେ ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାର ଗୋଡରେ ପୁଲିସ ଗୁଳି ମାରି ଆହତ କରିବା ପରେ ତାକୁ ଗିରଫ କରିଥିଲା।

**୨୦୧୯ରେ ସୁନୀଲକୁ ପୁଲିସ କରିଥିଲା ଏନ୍‌କାଉଣ୍ଟର**

**ପଡ଼ୋଶୀ ରାଜ୍ୟରୁ ଆଣି ଅପରାଧୀଙ୍କୁ ବିକ୍ରି କରୁଥିଲା ମାରଣାସ୍ତ୍ର**

**୨ ସପ୍ତାହରେ ୭୬ ଡକାୟତ ଗିରଫ: ବର୍ଷକରେ ୪୬ ବନ୍ଧୁକ ଜବତ**

# ଶିଳପୁଆରେ ଛେଚି ବଡ଼ବାପାକୁ ହତ୍ୟା କଲା ପୁତୁରା

**ବଣାଇଁ, ୨।୧୨(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ରଗାଂମାଟିଆ ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ପୁତୁରା ଅତି ନିର୍ମମ ଭାବେ ନିଜ ବଡବାପାକୁ ହତ୍ୟା କରିଛି। ମୃତକ ହେଲେ ଗ୍ରାମର ନନ୍ଦ ମୁଣ୍ଡା(୫୬)। ଘଟଣାରୁ ପ୍ରକାଶ ଯେ, ବଡ ବାପା ନନ୍ଦ ମୁଣ୍ଡା ଓ ତାଙ୍କର ସାନ ଭାଇର ପୁତ୍ର ସମା ମୁଣ୍ଡା ଉଭୟଙ୍କ ମଧ୍ୟରେ କିଛି ଦିନ ତଳେ ଜମି ବାବଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଗତକାଲି ବିଳମ୍ବିତ ରାତିରେ ବଡ ବାପା ନନ୍ଦ ମୁଣ୍ଡା ଘରେ ଶୋଇଥିବା ବେଳେ ପୁତୁରା ସମା ମୁଣ୍ଡା ପୂର୍ବର ରାଗ ରଖି ଏକ ଶିଳପୁଆରେ ବଡ ବାପାର ମୁଣ୍ଡକୁ ଛେଚି ନିର୍ମମ ଭାବେ ହତ୍ୟା କରିଥିଲା। ଗ୍ରାମବାସୀ ଏନେଇ ଲହୁଣୀପଡ଼ା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲହୁଣୀପଡ଼ା ପୁଲିସ ପକ୍ଷରୁ ଏଏସଆଇ ରଞ୍ଜିତ କୁଲୁ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଏକ ହତ୍ୟା ମାମଲା (୨୭୮/୨୫) ରୁଜୁ କରି ଅଭିଯୁକ୍ତ ସମାକୁ ଥାନାକୁ ନେଇ ଅଟକ ରଖିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଟାଙ୍ଗରପାଲିରେ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୨।୧୨(ସମିସ):** ଟାଙ୍ଗରପାଲି ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୩ଟି ଅଭିଯୋଗ ରହିଥିଲା। ସେଥି ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୫ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୯ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଆବେଦନ ରହିଥିଲା। ରେଡକ୍ରସ୍‌ରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ**

# ଭାବ ବିହ୍ୱଳ କରାଇଲା 'ଭକ୍ତର ଭଗବାନ'



**ରାଉରକେଲା, ୨।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଆରଏସପି ଆନୁକୂଲ୍ୟରେ ୨୭ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ଦ୍ୱାରା ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଆଜି ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଉଦ୍‌ଘାଟିତ ହୋଇଛି। ଆରଏସପିର ଡିଆଇସି ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକତ୍ରର ସଭାପତି ରାଜୀବ ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ ମଞ୍ଚାସୀନ ଥିଲେ। ପ୍ରବୀର ଜେନା ସଂଯୋଜନା କରିଥିବା ବେଳେ ସମ୍ପାଦକ ବିଜୟ ପାତ୍ର ବିବରଣୀ ଉପସ୍ଥାପନା କରିଥିଲେ। ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏକତ୍ର ପକ୍ଷରୁ ପ୍ରସନ୍ନ ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, ଆଲୋକ ବୋଷ, ସ୍ୱଦେଶ ନାୟକ, ପ୍ରଦୀପ କୁମାର ନାୟକ, କଲ୍ୟାଣୀ ଦାଶ, ସନ୍ଧ୍ୟା ପଟ୍ଟନାୟକ, ଅରୁନ୍ଧତୀ ସ୍ୱାଇଁ, ଅକ୍ଷୟ ଧଳ, ଶାନ୍ତିଲତା ଦାସ, ରଶ୍ମି ପରିଡ଼ା, କ୍ଷୀରଦା ବାରିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ କଳାକାର ସୂର୍ଯ୍ୟରଶ୍ମିଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମ ସଂଧ୍ୟାରେ ଦି ବିଲିଭର, ରାଉରକେଲା ନାଟ୍ୟାନୁଷ୍ଠାନ ପକ୍ଷରୁ ଭକ୍ତବନ୍ଧୁ ମିଶ୍ରଙ୍କ ରଚିତ ଓ ସୁଲିପ୍ତା ଜେନାଙ୍କ ନିର୍ଦ୍ଦେଶିତ ତଥା ଚିନ୍ମୟ ତ୍ରିପାଠୀଙ୍କ ନାଟ୍ୟ ରୂପାନ୍ତରିତ ନାଟକ 'ଭକ୍ତର ଭଗବାନ' ମଞ୍ଚସ୍ଥ ହୋଇଥିଲା। ଷୋଡ଼ଶ ଶତାବ୍ଦୀର ଆରମ୍ଭରେ କଳାପାହାଡ଼ ଶ୍ରୀମନ୍ଦିରକୁ ଆକ୍ରମଣ କରି ତିନିଠାକୁରଙ୍କ ଦାରୁମୂର୍ତ୍ତିକୁ ନଷ୍ଟ କରିବା, ଜଗନ୍ନାଥଙ୍କ କୃପାରୁ ବିଶର ମହାନ୍ତି ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରିବାର କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ଭକ୍ତର ଭଗବାନ'। ଯାହା ଦର୍ଶକଙ୍କୁ ଭାବ ବିହ୍ୱଳ କରାଇଥିଲା। ବିଭିନ୍ନ ଚରିତ୍ରରେ ଶ୍ରୀକାନ୍ତ ଚୌଧୁରୀ, ରାଜେଶ ପ୍ରସାଦ, ନନ୍ଦନ ମୁଖାର୍ଜୀ, ଚିତ୍ତରଞ୍ଜନ ସାମଲ, ପ୍ରତ୍ୟୁଷ ପାଢ଼ୀ, ଜର୍ଜ ବିଲୁଙ୍ଗ, ସୌମ୍ୟରଞ୍ଜନ ସାହୁ, ସୁଲିପ୍ତା ଜେନା, ବର୍ଷା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ପୁଲିନ ରାଉତରାୟ ଦେଇଥିବା ବେଳେ ସହଯୋଗୀ ଲକ୍ଷ୍ମୀନାରାୟଣ ଦୋରା, ପ୍ରଚ୍ଛଦପଟ ସ୍ୱର ସଂଯୋଜନାରେ ଅନୀଲ ମଲ୍ଲିକ, ରୂପ ସଜ୍ଜା ଓ ବେଶ ପୋଷାକରେ ପ୍ରତ୍ୟୁଷ ପାଢ଼ୀ, ମଞ୍ଚ ସଜ୍ଜାରେ ଜର୍ଜ ବିଲୁଙ୍ଗ, ଆଲୋକ ସଜ୍ଜା ଓ ଶବ୍ଦ ସଂଯୋଜନାରେ ସାଗର ସ୍ୱରୂପ ସ୍ୱାଇଁ କରିଥିଲେ। ନାଟକର ପ୍ରାୟୋଜକ ଥିଲେ ଗଜେନ୍ଦ୍ର ନାଥ ବେହେରା।

**ନୂଆଗାଁରେ ସିନର୍ଜି ଲୋକସଂସ୍କୃତି ମହୋତ୍ସବ**

# ଖାରୱାଟୋଲା ଗାଁର ଶାଲିନୀ ନୃତ୍ୟ ଦଳ ଚାମ୍ପିଅନ୍

**ରାଉରକେଲା, ୨।୧୨(ସମିସ)**



ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ଲିମଡା ଗ୍ରାମ ପଞ୍ଚାୟତର ମାଧୋପୁରରେ ଜୋନାଲସ୍ତରୀୟ ପ୍ରତିଯୋଗିତା ତଥା ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନୂଆଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆରଏସପିର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଟିଏସ ଏଣ୍ଡ ସିଏସଆର ବିଭାଗର ସିଜିଏମ ଟିଜି କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର, ଡିଜିଏମ୍ ଏସ୍‌ଆର ବାରା, ଡିଜିଏମ ଟିବି ଟପ୍ପୋଙ୍କ ସମେତ ସିଏସଏସଆର ବିଭାଗର ଅନ୍ୟ ବହୁ ଅଧିକାରୀ, ଏସଏଚଜି ଗ୍ରୁପ ସଦସ୍ୟ, ଉକ୍ତ ଗ୍ରାମର ବହୁ ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶ୍ରୀ ଅନିଲ କୁମାର ଏପରି କାର୍ଯ୍ୟକ୍ରମ କେବଳ ପ୍ରତିଯୋଗୀଙ୍କ ପ୍ରତିଭାକୁ ପ୍ରଦର୍ଶନ କରେ ନାହିଁ ବରଂ ଏହି ଅଞ୍ଚଳର ସ୍ପନ୍ଦନଶୀଳ ସାଂସ୍କୃତିକ ଐତିହ୍ୟର ସ୍ମରଣ କରାଇଥାଏ ବୋଲି କହିଥିଲେ। ଏଥିସହ ସେ ସମସ୍ତଙ୍କୁ ଭବିଷ୍ୟତ ପିଢ଼ି ପାଇଁ ଏହି ପରମ୍ପରାଗୁଡ଼ିକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ କାନେକର ଅଞ୍ଚଳର ସମୃଦ୍ଧ ସଂସ୍କୃତି ଏବଂ ପାରମ୍ପରିକ ଐତିହ୍ୟକୁ ବଞ୍ଚାଇ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଖାରୱାଟୋଲା ଗ୍ରାମର ଶାଲିନୀ ନୃତ୍ୟ ଦଳ ଚାମ୍ପିଅନ୍ ହୋଇଥିଲା। ବିଜେତା ଦଳକୁ ୧୦,୦୦୦ ଟଙ୍କା ଏବଂ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିଲା। ହାଡୁଙ୍ଗଦା ଗ୍ରାମର ବୀର ବିର୍ସାମୁଣ୍ଡା ନୃତ୍ୟ ଦଳ ଦ୍ୱିତୀୟ ସ୍ଥାନରେ ରହି ୮, ୦୦୦ ଟଙ୍କାର ପୁରସ୍କାର ସହ ଟ୍ରଫି ହାସଲ କରିଥିଲା। ତୃତୀୟ ସ୍ଥାନରେ ମାଧୋପୁର ଗ୍ରାମର କମଳା ନୃତ୍ୟ ଦଳ ରହି ୬, ୦୦୦ ଟଙ୍କା ପୁରସ୍କାର ଏବଂ ଟ୍ରଫି ହାସଲ କରିଥିଲା। ଏଥିସହ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ଆରଏସପିର ସିଏସଆର ବିଭାଗ, ପ୍ରଗତି ସ୍ୱୟଂ ସହାୟକ ଗୋଷ୍ଠୀ, ଯମୁନା ସ୍ୱୟଂ ସହାୟକ ଗୋଷ୍ଠୀ, ମାଧୋପୁର ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିଥିଲେ। ମୁନମୁନ ମିତ୍ର ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ସେକ୍ସନ ଅଫିସର ବି ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଡ଼ୋଶୀ ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଉପଭୋଗ କରିଥିଲେ।

# ଏସ୍‌ଏମ୍‌ଏସ୍-୧ ବିଭାଗ ପକ୍ଷରୁ ମାନବ ଶୃଙ୍ଖଳ



**ରାଉରକେଲା, ୨।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ ଗତ ନଭେମ୍ବର ୨୫ ତାରିଖ ଦିନ ଇଡି( ୱର୍କ୍ସ) ବିଲଡିଂର ଠାରୁ ଏସଏମଏସ -୧ ବିଭାଗ ପର୍ଯ୍ୟନ୍ତ ଏସଏମଏସ-୧ ବିଭାଗର ସାମୁହିକଙ୍କ ଦ୍ୱାରା ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଏହି ଅଭିଯାନରେ ଏସଏମଏସ-୧ ବିଭାଗର ସିଜିଏମ ଏସ୍ କାର୍ଥା, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗରର ସିଜିଏମ ହୀରାଲାଲ ମହାପାତ୍ର, ସୁରକ୍ଷା ଇଂଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା ନେତୃତ୍ୱ ନେଇଥିଲେ। ଏଥିରେ ୯୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ହାତରେ ପ୍ଲାକାର୍ଡ ଧରି ଜରୁରୀକାଳୀନ ସୁରକ୍ଷା, ଟ୍ରାଫିକ୍ ନିୟମ ଅନୁପାଳନ ନେଇ ବାର୍ତ୍ତା ଦେଇଥିଲେ। ବିଭାଗୀୟ ସୁରକ୍ଷା ଅଧିକାରୀ ତଥା ଏସଏମଏସ-୧ ବିଭାଗର ଡିଜିଏମ ଏନ୍. ବେହେରା ଏବଂ ଏଜିଏମ୍ ପିକେ ସାମଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ବିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର




**ବଣାଇ, ୨।୧୨(ସମିସ):** ବଣାଇଁଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ମହାସଙ୍ଘ ପକ୍ଷରୁ ୨ ଦଫା ଦାବି ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘ ସମ୍ପାଦକ ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ ଦେଇଥିବା ଦୁଇ ଦଫା ଦାବିଗୁଡିକ ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପଦବୀକୁ ଅପଗ୍ରେଡ଼ କରି ୪୨୦୦ ଟଙ୍କା ଗ୍ରେଡ଼ ପେ ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରିବା ସହିତ ନେସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରାଯାଇଛି। ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷା ଶିକ୍ଷାମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଘ ପକ୍ଷରୁ ପ୍ରଶାନ୍ତ କୁମାର ସାହୁ, ଭବେଶ ପ୍ରଧାନ, ବୈଶାଖୁ ସେଠ, ବିନୋଦ ବିହାରୀ ପାତ୍ର, ଲିପ୍ସାମୟୀ ନାୟକ, ବୁଦୁନୀ ପାତ୍ର, ଧରିତ୍ରୀ ବେହେରା, ଉମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# 'ରାଉରକେଲା ବିକାଶର ବାଟ ଓଗାଳିଛି ବିମାନବନ୍ଦର'

**ରାଉରକେଲା, ୨।୧୨(ସମିସ)**



ରାଜ୍ୟର ପ୍ରଥମ ଶିଳ୍ପ ସହର ରାଉରକେଲାର ବିକାଶ ଆଗେଇ ପାରୁନି। ଏହାର ଏକମାତ୍ର କାରଣ ହେଉଛି ରାଉରକେଲାରେ ବିମାନବନ୍ଦରର ପୂର୍ଣ୍ଣାଙ୍ଗ ବିକାଶ ନ ହେବା। ଏହାହିଁ ରାଉରକେଲା ବିକାଶର ବାଟ ଓଗାଳି ରଖିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ କହିଛନ୍ତି। ରାଉରକେଲା ଇସ୍ପାତ କାରଖାନା ସ୍ଥାପନା ପାଇଁ ୬୦ ଦଶକରେ ରାଜ୍ୟ ସରକାର ସେଲକୁ ମାତ୍ର ୧ ଟଙ୍କାରେ ୩୦ ହଜାର ଏକର ଜମି ଦେଇଥିଲେ। ହେଲେ ତତ୍କାଳୀନ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଏତେ ପରିମାଣରେ ଜମି ଆରଏସପିକୁ ଦିଆଯାଇଥିବାରୁ ଏବେ ରାଉରକେଲା ସହରର ବିକାଶ ସଙ୍କୁଚିତ ହୋଇଯାଇଛି। ଜମି ଅଭାବରୁ ଏପର୍ଯ୍ୟନ୍ତ ରାଉରକେଲାରେ ପୂର୍ଣ୍ଣାଙ୍ଗ ବିମାନବନ୍ଦର କାର୍ଯ୍ୟ ଅଧାରେ ଅଟକି ଯାଇଛି। ଏବେ ଆରଏସପି ଠାରୁ ଅବ୍ୟବହୃତ ତଥା ବଳକା ଜମିକୁ ଫେରସ୍ତ ଆଣିବା ପାଇଁ ଏବେ କଥାବାର୍ତ୍ତା ଆଗେଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟଠାରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଛି ବୋଲି ଆଜି ଦିନିକିଆ ଗସ୍ତରେ ରାଉରକେଲା ଆସି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଉରକେଲା ହାଉସଠାରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ୩୦ ହଜାର ଏକର ଜମି ଆରଏସପି ଅଧିନକୁ ଚାଲିଯିବା ପରେ ସହରାଞ୍ଚଳ ବିକାଶ ପାଇଁ ଆଉ ଦୁଇ ଇଞ୍ଚର ଜମି ବି ନାହିଁ। ସେତେବେଳେର ସରକାର ଯେଉଁ ଭୁଲ କରିଥିଲେ, ତାକୁ ଏବେ ସୁଧାରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅବ୍ୟବହୃତ ତଥା ବଳକା ଜମିକୁ ଆର୍‌ଏସ୍‌ପି ଠାରୁ ଫେରସ୍ତ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସେଲ ମନ୍ତ୍ରଣାଳୟକୁ ପତ୍ର ଲେଖାଯାଇଛି। ବଳକା ଜମି ଫେରସ୍ତ ପାଇଁ ସେମାନେ ସମ୍ମତି ପ୍ରକାଶ କରିବା ପରେ ଏନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିପରି ରାଉରକେଲା ଇସ୍ପାତ କାରଖାନାର ବିକାଶ ଉପରେ ଉଭୟ ସହର, ରାଜ୍ୟ ଓ ଦେଶର ବିକାଶ ନିର୍ଭର କରୁଛି। ତେଣୁ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ମଧ୍ୟ ଏବେ ସୁଦ୍ଧା ୩ ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜବରଦଖଲ ଯୋଗୁଁ ଆରଏସପିର ସମ୍ପ୍ରସାରଣରେ ବିଳମ୍ବ ହେଉଛି। ତେଣୁ ଆରଏସପି ଜମିରେ ଜବରଦଖଲ କରି ବାସ କରୁଥିବା ଲୋକଙ୍କୁ ଉଚ୍ଛେଦ କରି ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବାକୁ ରାଜ୍ୟ ସରକାର ନୂଆ ଆରଏଣ୍ଡଆର ନୀତି-୨୦୨୫ ଆଣିବାକୁ ଯାଉଛନ୍ତି। ଏହି ନୂତନ ନୀତି ଅନୁଯାୟୀ ଚାଷ ଜମି ହରାଉଥିବା ଲୋକକୁ ଚାଷ ଜମି ମିଳିବ, ନଚେତ ତାର ନିଜ ଇଚ୍ଛା ମୁତାବକ ଅର୍ଥ ମିଳିବ। ଏହି ନୂତନ ନୀତିରେ ଥଇଥାନ ବେଳେ ଯେଉଁ ବସ୍ତି ଉଚ୍ଛେଦ ହେବ, ପୁରା ବସ୍ତିକୁ ଗୋଟିଏ ସ୍ଥାନରେ ପୁରା ଏକ ଅତ୍ୟାଧୁନିକ କଲୋନୀ ନିର୍ମାଣ କରାଯାଇ ରାସ୍ତା, ପାନୀୟ ଜଳ, ଆଲୋକ ପରି ସମସ୍ତ ଅତ୍ୟାବଶ୍ୟକୀୟ ମୌଳିକ ସୁବିଧା ସହ ବାସହରାଙ୍କୁ ଥଇଥାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏପରିକି ଯାହାର ଘର ନଥିବା କିନ୍ତୁ ଅସ୍ଥାୟୀ ଭାବେ ରହି କୌଳିକ ବୃତ୍ତି କରି ପେଟ ପୋଷୁଥିବ ତାକୁ ମଧ୍ୟ ଏହି ନୂତନ ଥଇଥାନ ନୀତିରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏବେ ଉଭୟ ଜିଲ୍ଲା ପ୍ରଶାସନ ଓ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସମ୍ପ୍ରସାରଣ ଓ ଥଇଥାନ ପାଇଁ ନିଜନିଜର ଆବଶ୍ୟକତା ବିଷୟରେ ଚଳିତ ଡିସେମ୍ବର ମାସ ଶେଷ ସୁଦ୍ଧା ଏକ ପୂର୍ଣ୍ଣାଙ୍ଗ ଡାଟା ପ୍ରସ୍ତୁତ କରି ରାଜସ୍ୱ ବିଭାଗକୁ ପ୍ରଦାନ କରିବେ। ଆସନ୍ତା ଜାନୁଆରୀ ମାସରେ ପୁଣିଥରେ ଭୁବନେଶ୍ୱରରେ କେନ୍ଦ୍ର ଓ ରାଜ୍ୟ ସରକାରର ଆବଶ୍ୟକ ବିଭାଗ ପକ୍ଷରୁ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଆରଏସପି ଠାରୁ ବଳକା ଜମି ଫେରସ୍ତ ନେଇ ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ ରାଉରକେଲା ଗସ୍ତରେ ଆସି ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ପଦାଧିକାରୀଙ୍କ ସହ ରାଉରକେଲା ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ସମ୍ପର୍କରେ ପ୍ରଶାସନ ଓ ଆରଏସପି ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଆରଏସପିର ଡିଆଇସି ଆଲୋକ ବର୍ମା ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ବୈଠକରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ, ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର, ଏସ୍‌ପି ନିତେଶ ୱାଧୱାନୀ, ଆରଏସପିର ଜେନେରାଲ ମ୍ୟାନେଜର ବିଭାବାସୁ ମଲିକ, ଡେପୁଟି ଜେନେରାଲ ମ୍ୟାନେଜର ସୁଧାଂଶୁ ମହାପାତ୍ର, ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଆର୍‌ଏସ୍‌ପିର ବଳକା ଜମି ଫେରସ୍ତ ପାଇଁ ପ୍ରୟାସ ଆରମ୍ଭ ହୋଇଛି; ମନ୍ତ୍ରୀ**

# ସସ୍ମିତା ଦାସ ଖେଲୋ ଇଣ୍ଡିଆର ଟେକ୍ନିକାଲ ଅଫିସିଆଲ୍ ମନୋନୀତ

**ରାଉରକେଲା, ୨।୧୨(ସମିସ):** ରାଉରକେଲା ଚନ୍ଦ୍ର ଶେଖର କ୍ରୀଡ଼ା ସଂଗଠନର କାର୍ଯ୍ୟକାରୀ ସଦସ୍ୟ ତଥା ସମ୍ପ୍ରତି ରାଉରକେଲା ସେଣ୍ଟ ପଲ୍ ସ୍କୁଲରେ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଜାତୀୟ ଖେଳାଳି ସସ୍ମିତା ଦାସ ଚଳିତବର୍ଷ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଗେମ୍ସ ପାଇଁ ଟେକ୍ନିକାଲ ଅଫିସିଆଲ୍ ଭାବେ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଖେଳ ଡିସେମ୍ବର ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ସାୱାଇ ମାନସିଂହ ଷ୍ଟାଡିୟମ ଜୟପୁରଠାରେ ଅନୁଷ୍ଠିତ ହେଉଛି। ରାଉରକେଲାରୁ ଏକମାତ୍ର ଜାତୀୟ କ୍ରୀଡାବିତ୍ ଖେଲୋ ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ୍ ଭାବେ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଗତବର୍ଷ ସେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭଲିବଲ ରେଫରୀ ଭାବେ ମନୋନୀତ ହୋଇ ଚେନ୍ନାଇଠାରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଆଜି ଠାରୁ ଜୟପୁରରେ ବିଶ୍ୱବିଦ୍ୟାଳୟ ଗେମ୍ସରେ ଟେକ୍ନିକାଲ ଅଫିସିଆଲ୍ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ସସ୍ମିତାଙ୍କୁ ଚନ୍ଦ୍ର ଶେଖର କ୍ରୀଡ଼ା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ, ଜାତୀୟ ରେଫରୀ ନିରଞ୍ଜନ ନାୟକ, ପଞ୍ଚାନନ ଗନ୍ତାୟତ, ଗୋବିନ୍ଦ ମହାପାତ୍ର, ସତ୍ୟ ସାହୁ, ବଳରାମ ମାଝୀ, ଆନ୍ନି ଡୁଙ୍ଗଡୁଙ୍ଗ ଓ ବିରେନ ମହନ୍ତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଛ ଉତ୍ତରକୁ ବିରୋଧ

ଦେବଗଡ଼,୨।୧୨(ସମିସ):



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ଘଣ୍ଟିଆସ୍ୱାସ୍ଥ୍ୟସେବାଯୋଗାଣପ୍ରସଙ୍ଗରେ ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ମିଥ୍ୟା ତଥ୍ୟ ଉପସ୍ଥାପନକୁ ନେଇ ମଙ୍ଗଳବାର ଦେବଗଡ଼ ଜିଲ୍ଲାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ପ୍ରାୟ ୪ ମାସ ହେଲା ଯୁବ ଏକତା ମଞ୍ଚ ଜିଲ୍ଲାର ବିଭିନ୍ନ ସଂଗଠନ ସହାୟତା ଓ ସମର୍ଥନରେ ଜନ ଆନ୍ଦୋଳନ ଆରମ୍ଭ କରିଥିଲା। ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ମଞ୍ଚ ସବୁଠାଇ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ସମାଧାନ ପରିବର୍ତ୍ତେ ସରକାର ବିଭିନ୍ନ ଆଳରେ ଦିନ ଗଡ଼ାଇ ଚାଲିଥିବାରୁ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ପୁଣି ଆରମ୍ଭ କରାଯାଇଛି। ଜିଲ୍ଲାବାସୀଙ୍କ ଦାବିକୁ ଗତକାଲି ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାନସଭାରେ ଉତ୍ଥାପନ କରିଥିଲେ। ପଡୋଶୀ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ସାଟେଲାଇଟ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଦେବଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମର କାରଣ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ। ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ସ୍ଥାନାନ୍ତର ପରେ ପୁରୁଣା କୋଠାରେ ୧୦ ଶଯ୍ୟା ବିଶିଷ୍ଟ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା କହିଥିଲେ। ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ମିଥ୍ୟା ତଥ୍ୟ ଉପସ୍ଥାପନକୁ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ପ୍ରତିବାଦରେ ଆଜି ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଏକତା ମଞ୍ଚ ପକ୍ଷରୁ ଗତ ୪୮ ଦିନ ଧରି ଜାରି ରହିଥିବା ଧାରଣା ସ୍ଥଳୀରେ ସାଧାରଣ ସଭା ହୋଇଛି। ଏହାସହ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ମିଥ୍ୟା ଉତ୍ତରକୁ ତୀବ୍ର ନିନ୍ଦା କରାଯିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଆସି ସ୍ୱଚକ୍ଷୁରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବାସ୍ତବିକ ଚିତ୍ର ଅନୁଧ୍ୟାନ ପାଇଁ ଦାବି କରାଯାଇଥିଲା। ସେହିପରି ଜିଲ୍ଲାବାସୀଙ୍କ ଦାବି ପ୍ରତି ସ୍ଥାନୀୟ ସାଂସଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମୌନ ବ୍ରତ ଧାରଣ କରିବା ଜିଲ୍ଲାବାସୀଙ୍କୁ ଘୋର ବ୍ୟଥିତ କରିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଯଥାଶୀଘ୍ର ପୂରଣ ନ କଲେ ଏକତା ମଞ୍ଚ ପକ୍ଷରୁ ଜାରି ଆନ୍ଦୋଳନକୁ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଦିବାଲୋକରେ ସୁନାଚେନ୍ ଓ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଦେବଗଡ଼,୨।୧୨(ସମିସ): କୁଣ୍ଡେଇଗୋଳା ଥାନା ଖଇରପାଲି 'ଣ୍ଡି ଅଧୀନ ରଞ୍ଜଣା ଗାଁ ଦେଇଯାଇଥିବା ରାଞ୍ଚି-ବିଜୟୱାଡା ଜାତୀୟରାଜପଥରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଏକ ଭାବି ଦମ୍ପତିଙ୍କ ଠାରୁ ୩ ଜଣ ଦୁର୍ବୃତ୍ତ ସୁନା ଚେନ ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅନୁଯାୟୀ, କଣ୍ଟାବାହାଲ ଗାଁର ଋଷିକେଶ ସାହୁଙ୍କ କନ୍ୟା ସହ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳର ବିକାଶ ଗଡନାୟକ ନାମକ ଯୁବକଙ୍କ ବିବାହ ସ୍ଥିର ହୋଇଛି। ବିବାହ ପୂର୍ବରୁ କନ୍ୟା ଘରକୁ ଭାବି ସ୍ୱାମୀ ବୁଲିବାକୁ ଆସିଥିଲେ। ଆଜି ଭାବି ଦମ୍ପତି ଏକ ବାଇକ ଯୋଗେ କଣ୍ଟାବାହାଲ ଗାଁରୁ ଦେବଗଡ଼ ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ ଟାରେ ରଞ୍ଜଣା ଗାଁ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାସ୍ତାରେ ଅନ୍ୟ ଏକ ବାଇକରେ ଆସୁଥିବା ୩ ଜଣ ଯୁବକ ସେମାନଙ୍କୁ ଅଟକାଇ ଭୟଭୀତ କରିବା ସହ ସେମାନଙ୍କ ଠାରୁ ସୁନା ଚେନ ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଭାବି ଦମ୍ପତି କୁଣ୍ଡେଇଗୋଳା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖା ହେବାଯାଏଁ ପୁଲିସ କୌଣସି ଦୁର୍ବୃତ୍ତଙ୍କ ସନ୍ଧାନ କରିପାରି ନାହିଁ।

## ଆପ୍ରାଇଜ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦେବଗଡ଼,୨।୧୨(ସମିସ): ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ଆପ୍ରାଇଜ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଆଜି ମହା ସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌରାଧ୍ୟକ୍ଷ ପ୍ରଜିତ ଭୋଜ କ୍ରୀଡା ପତାକା ଉତ୍ତୋଳନ ଓ ମାର୍ଚ୍ଚପାଷ୍ଟ ସହ କ୍ରୀଡାର ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦ ଓ ୧୬୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଗୋଲାଫିଙ୍ଗା, ଡିସ୍କସଥ୍ରୋ, କ୍ରିକେଟ, ଫୁଟବଲ, କବାଡି, ଭଲିବଲ, ଖୋଖୋ, ବାଟି ଚାମଚ ଇତ୍ୟାଦି ବିଭିନ୍ନ ଖେଳରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବିକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ମୋ ଭାରତର କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଧୀରନ୍ଦ୍ର ନାୟକ, ଆପ୍ରାଇଜ +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ହୋଇଥିଲା। ଶେଷରେ +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଇଡି ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋଲାବିରା,୨।୧୨(ସମିସ): କୋଲାବିରା ମିନି ଷ୍ଟାଡିୟମରେ ଚତୁର୍ଥ ଜେଇଡି ପ୍ରିମିୟମ ଲିଗ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୫ ଦିନ ଧରି ହେବାକୁ ଥିବା ପ୍ରିମିୟମ ଲିଗରେ ସରବାହାଲ, ପାହାଡି, ବାଗଡିହି, ଜମନକିରା, କୁଚିଣ୍ଡା, ଲଇକେରା, କୁସୁମି, ଝାରସୁଗୁଡ଼ା, ବେହେରାମାଲ, କେଶେଇବାହାଲ, ବାମରା, ସାହାପଡା, ରଘୁନାଥପାଲି, କଚେରୀ ଟିମ ୩୩କେଭି ଓ ଟିପିଡବ୍ଲ୍ୟୁଓଡିଲ ଆଦି ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନ ଖେଳ ସରବାହାଲ ଏବଂ ପାହାଡି ମଧ୍ୟରେ ହୋଇଥିଲା। ଏଥିରେ ପାହାଡି ଦଳ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନ ବେହେରାମାଲ ଏବଂ କେଶେଇବାହାଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବେହେରାମାଲ ଦଳ କେଶାଇବାହାଲକୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରିମିୟମ ଲିଗ୍ ରଘୁନାଥପାଲି ବିଦ୍ୟୁତ ସେକ୍ସନ ଦ୍ୱାରା ପରିଚାଳିତ ହେଉଛି। ଏଥିରେ ରଘୁନାଥପାଲି ବିଦ୍ୟୁତ ସେକ୍ସନର ସୁପରଭାଇଜର କିଶୋର ଚନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ମାନେ ସହଯୋଗ କରୁଛନ୍ତି। ଲିଗ୍‌ରେ ଭାଗ ନେଇଥବା ସମସ୍ତ ଦଳ ବିଦ୍ୟୁତ ବିଭାଗ ଅଧିନରେ କାର୍ଯ୍ୟରତ କର୍ମଚାରୀ ହୋଇଥିବା ବେଳେ ବିଭିନ୍ନ ସେକସନରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାଦ୍ୱାରା ଆଖପାଖ ଅଞ୍ଚଳରେ ରହି କାର୍ଯ୍ୟ କରୁଥିବା ସହକର୍ମୀଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ସାଙ୍ଗକୁ ଅର୍ନ୍ତନିହିତ ପ୍ରତିଭା ପ୍ରକାଶ କରିବାର ସହାୟକ ହେବ। ଆସନ୍ତା ୫ ତାରିଖ ପ୍ରିମିୟମ ଲିଗର ଉଦ୍‌ଯାପନୀ ଉତ୍ସବରେ ଉତ୍ତମ ପ୍ରଦର୍ଶନ କରିଥିବ ଖେଳାଳି ମାନଙ୍କୁ ତଥା ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।



## ବ୍ୟଞ୍ଜନ ଦ୍ୱାଦଶୀରେ ଲାଗି ହେଲା ୫୬ ଭୋଗ



କୋଲାବିରା,୨।୧୨(ସମିସ): କୋଲାବିରା ବ୍ଲକ୍‌ର ପରମାଣପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଠାକୁରଙ୍କ ନିକଟରେ ୫୬ ଭୋଗ ଲାଗି ହୋଇଛି। ପୂଜକ ଶିବ ଶଙ୍କର ମହାପାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଠାକୁରଙ୍କ ନିକଟରେ ଭୋଗ ଲାଗି ହୋଇଥଲା। ଏଠାରେ ବର୍ଷ ସାରା ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ପୂଜା ସହ ଭୋଗଲାଗି କରାଯାଏ। ମାତ୍ର ୫୬ ଭୋଗ କେବଳ ବର୍ଷକୁ ଥରେ ବ୍ୟଞ୍ଜନ ଦ୍ୱାଦଶୀ ଦିନ ହିଁ ଲାଗି ହୋଇଥାଏ। ମନ୍ଦିର ନିର୍ମାଣ ଏବଂ ବିଗ୍ରହ ସ୍ଥାପନା ପରଠାରୁ ଗ୍ରାମବାସୀ ତଥା ଶ୍ରଦ୍ଧାଳୁଙ୍କ ପକ୍ଷରୁ ନିୟମିତ ଭାବେ ପ୍ରତିବର୍ଷ ଏହି ତିଥିରେ ୫୬ ଭୋଗ ଲାଗି ହୋଇଥାଏ। ଏଇ ଅବସରରେ ଜଗନ୍ନାଥ ମନ୍ଦିର କମିଟିର ଗୌରବ ରଞ୍ଜନ ନାଏକ, ଶୁଭମ ସାହ, ଉମାକାନ୍ତ କିଷାନ, ସରୋଜ ନାଏକ, ଗୋପାଲ ମହାପାତ୍ର, କେଶବ ଭୋଇ, ଜିତେନ ପଶାଏତ, ସରୋଜ ସାହୁ, ବିଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରସାଦ ବଣ୍ଟନ କରାଯାଇଥିଲା।

### ଡିଗ୍ରୀପଡ଼ା ଖୋଲାମଞ୍ଚ ଗୋପଲୀଳା ଯାତ୍ରା

## ମନମୋହିଲା ଶୋଭାଯାତ୍ରା ସହ ରାଧାକୃଷ୍ଣଙ୍କ ନାବକେଳି

ଝାରସୁଗୁଡ଼ା,୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ଡିଗ୍ରୀପଡ଼ା ଠରକଶପୁର ଠାରେ ୭୦ ତମ ବିରାଟ ଗୋପଲୀଳା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ଠରକଶପୁର ଗୋପପୁରରେ ପରିଣତ ହୋଇଛି। ଗାଁରେ ଥିବା ପୋଖରୀ ଯମୁନା ନଦୀ ଏବଂ ପାଖ ପାହାଡ ପଲଟିଛି ଗିରି ଗୋବର୍ଦ୍ଧନ। ବିରାଟ ଗୋପଲୀଳା ଯାତ୍ରା ଅବସରରେ ସୋମବାର ନନ୍ଦ ମହାରାଜଙ୍କ ରାଜ୍ୟାଭିଷେକ ହୋଇଥିଲା। ଏଥର ନନ୍ଦରାଜା ଭୂମିକାରେ ହରିଶଙ୍କର ପଟେଲ, କଂସ ଭୂମିକାରେ ରାଜେଶ ପ୍ରଧାନ, ନାରଦ ନିର୍ମଳ ଭୋଇ, କୃଷ୍ଣ ଶ୍ରୁତି ଗୁରୁ, ବଳରାମ ଦୀପ୍ତି ଗୁରୁ, ରାଧା ଅମ୍ରିତା ପଟ୍ଟା, ଯଶୋଦା ପ୍ରଜ୍ଞା ଭୋଇ, ଦୁତି ଶ୍ରୁତି ପ୍ରଧାନ, ନାଉରି ଭାବେ ଗୋବିନ୍ଦ ଭୋଇ ଅଭିନୟ କରୁଛନ୍ତି। ସ୍ୱପ୍ନେଶ୍ୱର ଭୋଇ କଣ୍ଠଦାନ ଓ ଗୋରାଚାନ୍ଦ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ମଙ୍ଗଳବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭବ୍ୟ ଶୋଭାଯାତ୍ରାରେ ଯାଇ ଲକ୍ଷ୍ମୀସାଗରରେ ରାଧା କୃଷ୍ଣଙ୍କ ନାବକେଳି ଅନୁଷ୍ଠିତ ହୋଇଥିଲା। ନାବକେଳି ଦେଖିବା ସହିତ ପ୍ରଭୁଙ୍କର ଆଶିଷ ଲାଭ ପାଇଁ ଝାରସୁଗୁଡ଼ା ଜିଲ୍ଲା ସମେତ ସୁନ୍ଦରଗଡ ଜିଲ୍ଲାରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଗୋପଲୀଳା ଯାତ୍ରା, କଂସ ଦରବାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ପରିବେଷଣ କରାଯାଇଥିଲା।



## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଦୁଇ ଦମ୍ପତି



ଝାରସୁଗୁଡ଼ା,୨।୧୨(ସମିସ): ପୋଷ୍ୟ ସନ୍ତାନ ଗ୍ରହଣର ପ୍ରାକ୍ ପ୍ରକ୍ରିୟାରେ ମଙ୍ଗଳବାର ଦୁଇ ଜଣ ଶିଶୁଙ୍କୁ ପୃଥକ ଭାବେ ଯଥାକ୍ରମେ ପଶ୍ଚିମବଙ୍ଗ ଓ ଭୁବନେଶ୍ୱରର ଦୁଇ ଦମ୍ପତି ଝାରସୁଗୁଡ଼ାରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି। ଉଭୟ ଦମ୍ପତି ଜିଲ୍ଲାପାଳଙ୍କର ସଭା ଗୃହରେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଉପସ୍ଥିତିରେ ଦୁଇ ପୁତ୍ର ସନ୍ତାନ ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା, ସୁରକ୍ଷା ଅଧିକାରୀ ଅଣଅନୁଷ୍ଠାନିକ ଶିଲ୍ପାଞ୍ଜଳି ତୀର୍କି, ପରାମର୍ଶଦାତା ସମୀର ମିଶ୍ର, ମୋନାଲିସା ପଟ୍ଟନାୟକ, ପୋଷ୍ୟ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରବୀଣ ବାଗ ତଥା ଡ.ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

- ୨ ଦଫା ଦାବିରେ ଆନ୍ଦୋଳନ ଚେତାବନୀ

ଦେବଗଡ଼,୨।୧୨(ସମିସ): ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ମାନଙ୍କର ୨ଗୋଟି ସମସ୍ୟାର ଆଶୁ ସମାଧାନ ଦାବିରେ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ, ଓଡ଼ିଶାର ଆହ୍ୱାନ କ୍ରମେ ଆଜି ସମଗ୍ର ରାଜ୍ୟର ପ୍ରାଥମିକ ଶିକ୍ଷକ (ନୂତନ ପେନସନ ଯୋଜନାଭୁକ୍ତ) ମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି ଜଣାଇଛନ୍ତି। ଆଜି ଦେବଗଡ଼ ଜିଲା ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ତିଲେଇବଣି, ବାରକୋଟ ଓ ରିଆମାଳ ଆଦି ତିନୋଟି ଯାକ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଂଘର ସଭାପତି ତ୍ରିନାଥ ଖୁଣ୍ଟିଆ ଓ ଆବାହକ ଶରତ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ମେଘନାଦ ରଣଜିତ ଓ ଗୋବର୍ଦ୍ଧନ ବିଶ୍ୱାଳଙ୍କ ସମେତ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ୪ ତାରିଖ ମଧ୍ୟରେ ଦୁଇଟି ଯାକ ଦାବି ପୂରଣ ନହେଲେ ୫ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଥିଲେ। ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ପଦବୀକୁ ଅପଗ୍ରେଡ କରି ଲେବୁଲ ୯ ଅନୁଯାୟୀ ମୂଳ ବେତନ ୩୫୪୦୦ ଟଙ୍କା ପ୍ରଦାନ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ଆଦି ଦୁଇଗୋଟି ଦାବି ରହିଛି। ମାତ୍ର ଉପରୋକ୍ତ ୨ଗୋଟି ଦାବି ପୂରଣ ନେଇ ରାଜ୍ୟରେ କାର୍ଯ୍ୟରତ ଏକଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଦୀର୍ଘ ଦିନରୁ ଏକାଧିକବାର ସରକାରଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।



## ଚନ୍ଦନଖୁଣ୍ଟି ମାଁ ତାରିଣୀ ମନ୍ଦିର ପ୍ରତିଷ୍ଠା

ଦେବଗଡ଼,୨।୧୨(ସମିସ): ଚନ୍ଦନଖୁଣ୍ଟିଠାରେ ମାଁ ତାରିଣୀଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମାଁ ତାରିଣୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ଯଜ୍ଞକର୍ତ୍ତା ଭାବେ ସୁଶାନ୍ତ ପ୍ରଧାନ ଓ କୁଣ୍ଡଳିନୀ ମହାନ୍ତୀ, ଲମ୍ବୋଦର ସାହୁ ଓ ପ୍ରିୟମ୍ବଦା ସାହୁ, ଖଦ ନେତୁର ଓ ଉଷା ନେତୁର ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପୂଜକ ସଞ୍ଜୟ ଶତପଥୀ, ଧିର ପଣ୍ଡା ଓ କାଳିଆ ନନ୍ଦ ପ୍ରତିଷ୍ଠା ଉତ୍ସବ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କେନ୍ଦୁଝର ଘଟଗାଁ ତାରିଣୀ ପୀଠରୁ ମାଁ ତାରିଣୀଙ୍କର ଆଜ୍ଞାମାଳ ଓ ଶକ୍ତି ନେଇ ପ୍ରଶାନ୍ତ ନାୟକ ଓ ଶରତ ଦେହୁରୀ ଦୁଇ ଜଣ ପୂଜକ ଆସିଥିଲେ। ମନ୍ଦିର ନିର୍ମାଣ କରିଥିବା ମୁଖ୍ୟ ମିସ୍ତ୍ରୀ ପ୍ରକାଶଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠା ଯଜ୍ଞ ଓ ମାଁ ତାରିଣୀଙ୍କୁ ପିଣ୍ଡିରେ ସ୍ଥାନିତ କରି ଯଜ୍ଞ କରାଯାଇଥିଲା। ସଙ୍କୀର୍ତ୍ତନ ଓ ଢୋଲବାଦ୍ୟରେ ପୀଠ ପ୍ରକମ୍ପିତ ହେଇଥିଲା। ଭକ୍ତମାନେ ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯଜ୍ଞରେ ଦଣ୍ଡାସିଂହା, କଣ୍ଢେଲ, ଦନ୍ତାରିବାହାଲ କାମମୁଣ୍ଡା ଗାଁର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଅନିରୁଦ୍ଧ ନାୟକ, ହୀରାଧର ସାହୁ, ସତ୍ୟବାଦୀ ପ୍ରଧାନ ତଥା ମନ୍ଦିର ପରିଚାଳନା କମିଟି ଓ ଚନ୍ଦନଖୁଣ୍ଟି ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ।



# ସମଲେଶ୍ୱରୀ ସାହିତ୍ୟ ସଂସଦର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ

କୋଲାବିରା,୨।୧୨(ସମିସ):




ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ସମଲେଶ୍ୱରୀ ସାହିତ୍ୟ ସଂସଦର ତ୍ରୟୋଦଶ ସ୍ୱନକ୍ଷତ୍ର ଦିବସ ସମାରୋହରେ ସ୍ଥାନୀୟ ଶହୀଦ କରୁଣାକର ପାର୍କ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସଂସଦର ମୁଖପତ୍ର ଅଗ୍ନିତୀର୍ଥର ଉନ୍ମୋଚନ ହୋଇଥିଲା। ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞା ସୌରଭ ଶୋଭାଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ସାରସ୍ୱତ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଥିରେ ବୌଦ୍ଧ ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ତଥା ରାଜ୍ୟର ପୂର୍ବତନ ଅର୍ଥ କମିଟି ସଦସ୍ୟ ଇଂ.ସଞ୍ଜୟ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ବଲପୁରର ଅବସରପ୍ରାପ୍ତ ଅଧ୍ୟାପକ ଦେବରାଜ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଗୁଳର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୂରଲୀଧର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ଆଇନଜୀବୀ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱର୍ଗତ ରାଜମାତା ଗୁଣବନ୍ତି ଦେଈ, ଅଭିମନ୍ୟୁ ପଟେଲ, ବିକ୍ରମ ପାଣ୍ଡେ, ଅରୁଣ ପଟ୍ଟନାୟକ ତଥା ଅନ୍ୟ କବି ଲେଖକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କବି ରାଜଶ୍ରୀ ମେହେରଙ୍କ ରଚିତ ସ୍ମୃତି ଫରୁଆକୁ ଲୋକାର୍ପଣ କରାଯାଇଥିଲା। ଚଳିତ ବର୍ଷ ସାହିତ୍ୟ ସଂସଦ ପକ୍ଷରୁ ଯୁଯୋମୁରାର ଡ.ପ୍ରଦୀପ ପଣ୍ଡାଙ୍କୁ ସେବାବାରିଧି ସମ୍ମାନ, ସମ୍ବଲପୁରର ଡ.ମମତା ପ୍ରିୟଦର୍ଶିନୀ ସାହୁଙ୍କୁ କବିରତ୍ନ ସମ୍ମାନ, କୁଚିଣ୍ଡାର ନିନା ପଟେଲଙ୍କୁ ସେବାଭାରତୀ ସମ୍ମାନ ଓ ସସ୍ମିତା ପଟେଲଙ୍କୁ କୁନ୍ତଳାକୁମାରୀ ସମ୍ମାନ, ଖୋର୍ଦ୍ଧାର ସସ୍ମିତା ଗ୍ରହାଚର୍ଯ୍ୟଙ୍କୁ ଅବନ୍ତି ସ୍ମୃତି ସମ୍ମାନ, ବ୍ରଜରାଜନଗରର ବ୍ୟାସଦେବ ପଣ୍ଡାଙ୍କୁ ନବୀନ ସ୍ମୃତି ସମ୍ମାନ, ଭାତଲଇଡାର ରିଙ୍କି ମହାନନ୍ଦଙ୍କୁ ଶିକ୍ଷକ ଗୌରବ ସମ୍ମାନ, ତରଭାର ହିମାଂଶୁ ମିଶ୍ରଙ୍କୁ କଳା ଭୂଷଣ ସମ୍ମାନ, ଗଡପୋଷରର ଅମ୍ରିତ ବିଶ୍ୱାଳଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଦେବଗଡ଼ର ଅଶୋକ ମିଶ୍ରଙ୍କୁ ସାହିତ୍ୟ ସୁରଭି ସମ୍ମାନ, କାଙ୍କମାଳର ସୁପ୍ରିତା ପଟେଲଙ୍କୁ ଅବନ୍ତି ସ୍ମୃତି ସମ୍ମାନ, ଅର୍ଡାର ମୀରା ନାଏକଙ୍କୁ ସଂଯୁକ୍ତା ସ୍ମୃତି ସମ୍ମାନ, କୋଲାବିରାର ସରୋଜ ଟଣ୍ଡକାରଙ୍କୁ ଶିକ୍ଷକ ଗୌରବ ସମ୍ମାନ, ସୁବର୍ଣ୍ଣପୁରର ସୁମନ୍ତ ସାହୁଙ୍କୁ କଳାବାରିଧି ସମ୍ମାନ ଭାବେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସାହିତ୍ୟ ସଂସଦର ସମ୍ପାଦକ କୀର୍ତ୍ତି ଚନ୍ଦ୍ର ବହିଦାର ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ତଇଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରଶିକ୍ଷିକ ସଚିନ୍ଦ୍ର ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରଗଡ଼ ଭଟଲିର ସମ୍ବଲପୁରୀ ହାସ୍ୟ କବି ଦେବେନ୍ଦ୍ର ସାହୁ କବିତା ଆବୃତ୍ତି କରିଥିଲେ। ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ହାଇସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୨୯ ଜଣ ରକ୍ତଦାନ କରିଥିଲେ। ଏଥିରେ ଝାରସୁଗୁଡ଼ା ବ୍ଲଡ ବ୍ୟାଙ୍କର ଡ.ସିଲାବନ୍ତି ଯୋଜୋ, କର୍ମଚାରୀ ମଞ୍ଜୁ ସିଂ, କିରଣ ସାହୁ, ଭବାନୀ ଶଙ୍କର ସୁନ୍ୟାନି, ଦିଲିପ ବଞ୍ଜୋର୍ ପ୍ରମୁଖ ସହଯୋଗ କରିଥିଲେ। ଏହାସହ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୪୮ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା ଓ ୮ ଜଣଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ନିଆଯାଇଥିଲା। ଏଥିରେ ସୂର୍ଯ୍ୟକାନ୍ତି ନାୟକ, ଛବିରାଣି ପୃଷେଠଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ଏହାସହ ଆଭା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ହେପାଟାଇଟିସ ବି ଓ ସି, ଏଡ୍ସ ଇତ୍ୟାଦି ପାଇଁ ରକ୍ତ ପରୀକ୍ଷା କରାଯାଇଥିଲା। ଏଥିରେ ଡ. ଏସସି ନାଏକ, ପ୍ରୋଗ୍ରାମ ମ୍ୟାନେଜର ନମିତ ରାଉତ, କାଉନସିଲର ମମତା ପାତ୍ର, ସ୍ୱାସ୍ଥ୍ୟ ଏଡୁକେଟର ବିବେକ ବଡେକ, ହିମାଂଶୁ ଦାନି ଓ ପ୍ରିୟା ସିଂ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଅଶୋକ ବେହେରା, ସରୋଜ ଟଣ୍ଡକାର, ଦେବାଶିଷ ସିଂ ଠାକୁର, ସତ୍ୟନାରାୟନ ଦାଶ, ସୁକାନ୍ତ ସାହୁ, ପ୍ରବୀଣ ସାହୁ, ମନୋଜ ପ୍ରଧାନ, ବସନ୍ତ ସାହୁ, କୁନାଲ ବହିଦାର, ବାବୁରାଏ, ଭୀଷ୍ମଦେବ ପଟେଲ, ତୁଲାରାମ ସେନାପତି, ସୁନନ୍ଦ ପଟେଲ, ନିର୍ମଳ ଚାନ୍ଦ, ଯୋଗିନ୍ଦ୍ରରାଏ, ବିରଞ୍ଚି ପଟେଲ, ଭୀମସେନ ଭଞ୍ଜ, ଶ୍ରୀମନ୍ତ ସାହୁ, ଅସିତ ବହିଦାର, ଓଁକାର ସାହୁ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଯୋଗାଣ ସହାୟକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ନୂଆପଡ଼ା,୨।୧୨(ସମିସ):

ନୂଆପଡ଼ା ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତ ଫରପୋଦ, ଗିଧନିପାଣି ଓ ସିରିଗିଡ଼ି ଆଦି ଗାଁରେ ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଚାୟତରୁ ଖାଉଟି ସାମଗ୍ରୀ ନେଉଥିବା ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ

**● ଜେରକ୍ସ ଖାଉଟିକାର୍ଡ ବଣ୍ଟନ ନାଁରେ ଅର୍ଥ ଆତ୍ମସାତ**

ନାଁରେ ଜେରକ୍ସ କାର୍ଡ ପ୍ରସ୍ତୁତ କରି ହିତାଧିକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ସଂଗ୍ରହ କରିବା ଅଭିଯୋଗ ଉପରେ ତଦନ୍ତ ହେବାର ଦୁଇ ସପ୍ତାହ ଗଡିଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଶେଷରେ ପଞ୍ଚାୟତବାସୀ ନୂଆପଡା ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ଜିଲ୍ଲାପାଳ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଛନ୍ତି। ପ୍ରକାଶ ଯେ ଗତ ନୂଆପଡ଼ା ଉପନିର୍ବାଚନ ଚାଲିଥିବା ସମୟରେ କେନ୍ଦୁବାହାରା ଯୋଗାଣ ସହାୟକ ହିରଦେସିଂ ହରିଜନ ଏକ ନୂତନ ଖାଉଟିକାଡର୍ ତିଆରି କରିଥିଲେ। ଖାଉଟିକାଡର୍‌ର ଏକ ନକଲ ପ୍ରିଣ୍ଟ କରିଥିଲେ। କିନ୍ତୁ ଏଥିପାଇଁ ପିଇଓ କି ସରପଞ୍ଚଙ୍କ ଅନୁମତି ମଧ ନେଇନଥିଲେ। ନୂତନ ଖାଉଟି କାଡର୍



ବଣ୍ଟନ କରିଥିଲେ। ଏହି ନୂତନ ଖାଉଟି କାଡର୍ ପାଇଁ ଫରପୋଦ, ଗିଧନିପାଣି ଓ ସିରିଗିଡ଼ି ଗାଁରେ ହିତାଧିକାରୀଙ୍କୁ ନୂତନ ଖାଉଟି କାଡର୍ ନାଁରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଠାରୁ ଶହେଟଙ୍କା ଲେଖାଏଁ ଅସୁଲି କରିଥିଲେ। ଗତ ନଭେମ୍ବର ୧୨ରେ ଛତିଶଗଡ଼ ରାଜ୍ୟ ସୀମାନ୍ତ ଗାଁର ସରଳ ଓ ନିରୀହ ଆଦିବାସୀ ଲୋକେ ଯୋଗାଣ ସହାୟକଙ୍କୁ ସହଜରେ ବିଶ୍ୱାସ କରି ନୂତନ କାଡର୍ ଗ୍ରହଣ କରି ଶହେ ଟଙ୍କା ଦେଇଥିଲେ। ଏହାକୁ ଗାଁର କେତେକ ଯୁବକ ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏହା ଉପରେ "ସକାଳ'ସମେତ ବିଭିନ୍ନ ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା। ତାପରଦିନ ଉପଜିଲ୍ଲାପାଳ ସୁର୍ମୀ ସୋରେନ ଗିଧନିପାଣି ଗାଁରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ସେଠି ନୂଆଁ ଖାଉଟିକାଡର୍ ନାଁରେ ଯୋଗାଣ ସହାୟକ ଶହେ ଟଙ୍କା ନେଇଥିବା ଲୋକେ କହିଥିଲେ। ଏହାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ ଓ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଉପଜିଲ୍ଲାପାଳ କହିଥିଲେ। ଦିନ ପରେ ଦିନ ଗଡି ଗଲା ସିନା କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶେଷରେ କେନ୍ଦୁବାହାରା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯୋଗାଣ ସହାୟକଙ୍କ ନାଁରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏତେଦିନ ପରେ ବି କାହିଁକି ତଦନ୍ତ ରିପୋର୍ଟ ଦେଇନାହାନ୍ତି ବୋଲି ଉପଜିଲ୍ଲାପାଳଙ୍କୁ ଜିଲ୍ଲାପାଳ ପଚାରିଥିଲେ। ଆଜି ତଦନ୍ତ ରିପୋର୍ଟ ଜମା କରିବି ବୋଲି ଉପଜିଲ୍ଲାପାଳ କହିଥିବା ପଞ୍ଚାୟତବାସୀ କହିଛନ୍ତି। ତେବେ ଏହି ଘଟଣାର ତଦନ୍ତକୁ ୧୪ଦିନ ବିତି ଯାଇଥିଲେ ବି ଜିଲ୍ଲାପାଳଙ୍କ ଠାରେ ତଦନ୍ତ ରିପୋର୍ଟ ଦାଖଲ ହୋଇନଥିବାରୁ ପଞ୍ଚାୟତବାସୀ ଅସନ୍ତୋଷ ଜାହିର କରିଥିଲେ। ଅନ୍ୟପକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଖୁବଶିଘ୍ର ଘଟଣା ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତ ବାସୀଙ୍କ ତରଫରୁ ଗିଧନିପାଣି ଗାଁର ଚୈତନ ରାଉତ, ଭୈସା ଦରହା ଗାଁର କିଶୋର ମାଝି, ବୀରେନ୍ଦ୍ର ଦାସ, ସନ୍ତୋଷ ରାଉତ, ସୁରେଶ ମିର୍ଦ୍ଧା ପ୍ରମୁଖ ଦାବି କରିଛନ୍ତି।

## ଦୁଇ ବାଇକ୍ ଧକ୍କାରେ ଚାଳକ ଗୁରୁତର

**ଗୋଲାମୁଣ୍ଡା,୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଘୋଟିଆ ବିଜୁ ଏକ୍ସପ୍ରେସ ରାସ୍ତାରେ ବାଇକ୍‌କୁ ପଛ ପଟୁ ଧକ୍କା ଦେଲା ଏକ ବାଇକ। ଯାହା ଫଳରେ ଛିଟିକି ପଡ଼ି ଗୁରୁତର ହୋଇଛନ୍ତି। ସୂଚନା କ୍ରମେ ଗୁରୁତର ବ୍ୟକ୍ତି ଜଣକ ଧର୍ମଗଡ ବ୍ଲକ କୋତମେର ଗ୍ରାମର ସାନୂର୍ଯ୍ୟ ମାଝୀ ବୋଲି ଜଣାପଡିଛି। ଓଡ଼ି ୦୮ ୟୁ ୫୧୫୭ ବାଇକ୍ ଯୋଗ ସାନୂର୍ଯ୍ୟ ମାଝୀ ଗୋଲାମୁଣ୍ଡାରୁ ନିଜ ଗାଁ କୋତମେର ଅଭିମୁଖେ ଯାଉଥିବା ସମୟରେ ଘୋଟିଆ ବିଜୁ ଏକ୍ସପ୍ରେସ ରାସ୍ତାରେ ପଛ ପଟୁ ଏକ ଅଜଣା ବାଇକ୍ ଧକ୍କା ଦେଇଥିଲା। ଉକ୍ତ ଘଟଣାକୁ ଦେଖି ଗୋଲାମୁଣ୍ଡା କୃଷି ଅଧିକାରୀ ନୌକେସ୍ୱର୍ ନାଗ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କୁ ଯୋଗା ଯୋଗ କରିଥିଲେ। ଖବର ପାଇ ଶ୍ୟାମ ସୁନ୍ଦର ଅଗ୍ରୱାଲ ଅଗ୍ନିଶମ ବିଭାଗକୁ ତୁରନ୍ତ ଯୋଗାଯୋଗ କରିଥିଲେ। ଅଗ୍ନଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି।

## ଗୁରୁ ଘାସିଦାସ ବାବାଙ୍କ ଉତ୍ସବ ପାଇଁ ପ୍ରସ୍ତୁତି



**ନୂଆପଡା,୨।୧୨(ସମିସ):**ନୂଆପଡା ଜିଲ୍ଲା କୋମନା ବ୍ଲକ୍ କାଣ୍ଡେତରା ଜୟ ସତନାମ ସମାଜ ପକ୍ଷରୁ ଗୁରୁ ଘାସିଦାଶ ବାବାଙ୍କ ରାଜ୍ୟସ୍ତରୀୟ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୮ ତାରିଖ ଦିନ ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି।କାର୍ଯ୍ୟକ୍ରମକୁ କିପରି କରାଯିବ ସେଥି ସକାଶେ କେତୋଟି ଉପ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୁ ସତନାମି,ପୁରେନ୍ଦର ସତନାମି, ଗଙ୍ଗାରାମ ସତନାମୀ,ଜୟାନନ୍ଦ ସତନାମୀ ଏବଂ ଜିତେନ୍ଦ୍ର ସତନାମୀଙ୍କ ସମେତ ବହୁ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

## ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ସମ୍ଭବ ଉଦ୍‌ଘାଟିତ




**ନୂଆପଡ଼ା,୨।୧୨(ସମିସ):**ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ପ୍ରଧାନ ଶିକ୍ଷକଙ୍କ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦାନ କରିଥିବା ବେଳେ ଜିଲ୍ଲାଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି,ଶିକ୍ଷା ବିଜ୍ଞାନସଂଯୋଜକ ହେମନ୍ତ ଭୋଇ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା,ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।ଜାତୀୟ ଶିକ୍ଷାନୀତି ୨୦୨୦କୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଶିବିରରେ ସାଧନ କର୍ମୀ ଭାବରେ ପ୍ରବୋଧ କୁମାର ହୋତା,ନିହାର ରଞ୍ଜନ ସାମଲ, ଦିଲ୍ଲୁ ସାହୁ ଓ ଅନିଲ କୁମାର ସା ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ଖଡ଼ିଆଳ,କୋମନା ଓ ନୂଆପଡ଼ା ବ୍ଲକ୍‌ର ୫୦ଜଣ ପ୍ରଧାନଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦାନ କରିଛନ୍ତି।

## ଡିଭିଭି ସତ୍ୟନାରାୟଣଙ୍କ ପରଲୋକରେ ଶୋକ



**ଭବାନୀପାଟଣା,୨।୧୨(ସମିସ):**ବିଶିଷ୍ଟ ଉଦ୍ୟୋଗପତି ଦଶାରୀ ଭିରା ଭେଙ୍କଟ ସତ୍ୟନାରାୟଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଥିଲେ ବରଗଡ଼ ନିକଟସ୍ଥ ଖଣ୍ଡହଥା ଗ୍ରାମର ବାସିନ୍ଦା, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି ଶ୍ୟାମ ଓ ଡି ରାମ କୁମାରଙ୍କ ପିତା ତଥା ଲକ୍ଷ୍ମୀ ବିକାଶ ଗ୍ରୁପର ପରିଚାଳନା ମଣ୍ଡଳୀ ସଦସ୍ୟ। ଲକ୍ଷ୍ମୀ ବିକାଶ ଗ୍ରୁପ ପାଇଁ ତାଙ୍କର ବିଶେଷ ଅବଦାନ ରହିଛି। ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଭବାନୀପାଟଣା ଠାରେ ଶୋକ ସଭା ହୋଇଯାଇଛି।ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅପୂରଣୀୟ କ୍ଷତି ଘଟିଛି ବୋଲି ମତ ପ୍ରକାଶ ପାଇଛି। କଳାହାଣ୍ଡି ତଥା ବରଗଡ଼ର ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବୁଢୀଦର ମଣ୍ଡିରେ ଗ୍ରାମୀଣ ସଚେତନତା ସମାବେଶ



**ଭବାନୀପାଟଣା,୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ବୁଢୀଦର ମଣ୍ଡିପରିସରରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ପ୍ରାଥମିକ କୃଷି ସମବାୟ ସମିତି ମୁଣ୍ଡୁରାଗୁଡା ଓ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦଙ୍କ ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଯାଜ୍ଞସେନୀ ପଣ୍ଡାଙ୍କ ସଭାପତିତ୍ୱରେ ଗ୍ରାମୀଣ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶକୁ ବିଶିଷ୍ଟ ସମାଜସେବୀ ଇଂପୁରୁଷୋତ୍ତମ ଦାସ ଅଗ୍ରୱାଲ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଙ୍କପଲାସ ସରପଞ୍ଚ ସଂଯୁକ୍ତା ମାଝୀ,ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବର୍ଷିଆନ ସମାଜସେବୀ ସୁଧାଂଶୁ ଶେଖର ନେଗୀ, ଚିନ୍ମୟବେହେରା, ସଂଗଠକ ପ୍ରଭାତ ଦାସ, ସଂଜୀବ କୁମାର ଠାକୁର, ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ପଣ୍ଡା, ପେକ୍ସ ନିର୍ଦ୍ଦେଶକ ଦାମୋଦର ବେହେରା, ପ୍ରସନ୍ନ କୁମାର ଶବର, ସୁପ୍ରସନ୍ନ ଭୋଇ, ଉଦଯୋଗୀ ଚାଷୀ ରାଜେନ୍ଦ୍ର ମାଝୀ, ପଦ୍ମ କେଶରୀ ଶବର ଏ ପ୍ରକାଶ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୀତେନ୍ଦ୍ର ନାଏକ ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ବାଗ ଅତିଥି ପରିଚୟ ପ୍ରଦାନ ଓ ରିଷବ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ସଂଜୟ କୁମାର ପଣ୍ଡା, ବିଘ୍ନରାଜ ମାଝୀ, ସୁରେନ୍ଦ୍ର ବାଗ ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦାନ କରି ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ସ୍ୱରୋଜଗାର ଓ ଆତ୍ମନିର୍ଭର ଭାରତ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଡଟିକ୍ରାଗୁଡା,ତେନ୍ତୁଳିପଡା, ଶଙ୍କରପଡା, ବାଙ୍କପଲାସ, ରତନପଲା, ବଳରାମପୁର, କୋଏଲାମୁଣ୍ଡା ଓ ସାନଟିକ୍ରାଗୁଡା ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଗରୀବ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କୁ ଅମୃତ ମାତୃ ପିତୃ ସେବା ମାଧ୍ୟମରେ ଶୀତ ବସ୍ତ୍ର ଓ କମ୍ବଳ ପ୍ରଦାନ କରାଯାଇଥିଲା। ଏହାକୁ ଘନଶ୍ୟାମ ନାଏକ, କର୍ଣ୍ଣ ପତି ବାଗ, ଦିଲୀପ ଶବର, ରାଧାମୋହନ ଗହୀର, ବିଷ୍ଣୁ ଶବର, ପ୍ରମୋଦ ଶବର ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।ଶେଷରେ ରୋହିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରବାହାଲରେ ହୋଣ୍ଡାର ସୋ'ରୁମ୍ ଉଦ୍‌ଘାଟିତ



**ଚାରବାହାଲ,୨।୧୨(ସମିସ):**କଳାହାଣ୍ଡି ଜିଲ୍ଲାର ଚାରବାହାଲରେ ହୋଣ୍ଡା ପକ୍ଷରୁ ଗୌରୀ ଶଙ୍କର ହୋଣ୍ଡା ଶୋରୁମ୍ ଭବାନୀପାଟଣା ମହେଶ ଅଟୋ ମୋବାଇଲର ଡାଇରେକ୍ଟର ମନୋଜ କୁମାର ଅଗ୍ରୱାଲଙ୍କ ଦ୍ୱାରା ଉଦଘାଟିତ ହେଇଯାଇଛି। ଯେଉଁଥିରେ ହୋଣ୍ଡାର ସମସ୍ତ ପ୍ରକାର ବାଇକ୍ ଓ ସ୍କୁଟର ଉପଲବ୍ଧ ରହିବ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡକ୍ଟର ଦୀନବନ୍ଧୁ ସାହାଣୀ, ପ୍ରକାଶ ମାଝୀ, ଆଇନଜୀବୀ ଲଳିତ କିଶୋର ପଣ୍ଡା, ପ୍ରତାପ କିଶୋର ପଣ୍ଡା, ରମେଶ ପଣ୍ଡା, ସୁରେଶ ପଣ୍ଡା,ବିଜୟ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୋରୁମର ମ୍ୟାନେଜର ଦୀପକ କୁମାର ସିଂହ,ସିମରନ ସାଗର,ଇସାନ କର,ଫାଲଗୁନୀ ସିଂହ, ବାସୁଦେବ ଗହିର, ପିଣ୍ଟୁ ଶବର, ଜିତେନ୍ଦ୍ର ନାଏକ,ଗୌତମ ନାଏକ, ସହଯୋଗ କରିଥିଲେ।ଶେଷରେ ଗୌରୀ ଶଙ୍କର ହୋଣ୍ଡାର ପ୍ରୋପାଇଟର ଆଦିତ୍ୟ କୁମାର ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ଦାବିପତ୍ର

**କୋକସରା,୨।୧୨(ସମିସ) :** କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦୁଇଟି ପ୍ରମୁଖ ଦାବିକୁ ନେଇ ସୋମବାର କୋକସରା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରାଯାଇଛି। ଦୁଇ ପ୍ରମୁଖ ଦାବି ମଧ୍ୟରେ ପ୍ରାଥମିକ ଶିକ୍ଷକଙ୍କ ମୂଳପଦବୀକୁ ଅପଗ୍ରେଡ କରି ଲେବୁଲ ୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ପ୍ରଦାନ କରିବା, ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଧାବଧି



କାର୍ଯ୍ୟରତ ସମସ୍ତ ଶିକ୍ଷକ। ମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀ ରେ ଗଣନା କରିବା ସହିତ ନେସନାଲ ଇଂକ୍ରିମେଣ୍ଟ ପ୍ରଦାନ କରିବା ଦାବି ରହିଛି। ସୋମବାର ଦାବିପତ୍ର ପ୍ରଦାନ ସମୟରେ ବିଇଓଙ୍କ ଅନୁପସ୍ଥିତରୁ ବିଆରସିସି ତୋଫାନ ମାଝୀଙ୍କୁ ବ୍ଲକ୍ ଶିକ୍ଷକ ସଂଘ ସଭାପତି ଚନ୍ଦ୍ର ମୋହନ ପୁଝାରି, ସମ୍ପାଦକ ବେଣୁଧର ନାଏକ, ଜିଲ୍ଲା ସଂଘ ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ,ଏମଏନ ପଦ୍ମଲୋଚନ ସାହୁ, ସନ୍ଥ ଲାଲ ଛାତ୍ରୀଆ, ଚମ୍ପେଶ୍ୱର ନାଏକ, କେଦାର ନାଥ ନାଏକ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।ଦୁଇଟି ଦାବିକୁ ୪ତାରିଖ ସୁଦ୍ଧା ପୁରଣ ନକଲେ ୫ତାରିଖରୁ ଶିକ୍ଷକ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**● ମୋତିରାମ ମେହେର ମୃତ୍ୟୁ ଘଟଣା**

## ଗିରଫ ୩ ଅଭିଯୁକ୍ତ କୋର୍ଟ ଚାଲାଣ

**କୋକସରା,୨।୧୨(ସମିସ):** ଆକ୍ରମଣର ୧୮ ଦିନ ପରେ ଗୁରୁତର ଥିବା କୋକସରା ଥାନା ବେହେରା ଫଲସାପଡା ଗ୍ରାମର ମୋତିରାମ ମେହେରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ମୃତକଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ।ଏନେଇ କୋକସରା ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଫେରାର ମାରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ,ଗତ ଅକ୍ଟୋବର ମାସ ୨୬ ତାରିଖରେ ବେହେରା ବିଅର୍ ବାରରେ ମୋତିରାମ ମେହେରଙ୍କ ସହିତ ବେହେରା ଗ୍ରାମର ରଶ୍ମି ରଞ୍ଜନ ନାଏକ(୩୮), କ୍ଷିରୋଦ ନାଏକ(୩୬) ଓ ଗିରିଜା ଶଙ୍କର ପଟେଲ(୨୫) ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ଯୁବକମାନେ ମୃତ ମୋତିରାମ ମୁଣ୍ଡକୁ ବିଅର ବୋତଲରେ ବାଡ଼େଇ ଦେବାରୁ ସେ ଗୁରୁତର ହୋଇଥିଲେ। ଏନେଇ ମୋତିରାମ କୋକସରା ଥାନାରେ ଅଭିଯୋଗ କରିବା ସହ ମେଡିକାଲରେ ଚିକିତ୍ସିତ ହେଉଥିଲେ। କିଛି ଦିନପରେ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ମୋତିରାମକୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ମୋତିରାମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲେ। ଏହି ଘଟଣାରେ ଫେରାଥିବା ୩ ଅଭିଯୁକ୍ତ ରଶ୍ମି ରଞ୍ଜନ, କ୍ଷିରୋଦ ଓ ଗିରିଜା ଶଙ୍କରଙ୍କୁ ଗିରଫ କରିବା କୋକସରା ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଅଧ୍ୟକ୍ଷ କଙ୍କନ୍ ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଲାଞ୍ଜିଗଡ,୨।୧୨(ସମିସ):**କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ୍ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଙ୍କନ୍ କୁମାର ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଶ୍ରୀ ରାୟ ୩୦ ମେ ୧୯୯୧ ମସିହାରେ ବିଦ୍ୟାଳୟରେ ଯୋଗଦାନ ଦେବା ପରେ ତାଙ୍କର ୩୪ବର୍ଷ କାଳ ଶିକ୍ଷା କ୍ଷେତ୍ରରେ ହେଉ କିମ୍ବା ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା।ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ,ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ଅଧ୍ୟକ୍ଷ ଶ୍ରୀ ରାୟଙ୍କ ବାସଗୃହକୁ ଯାଇ ତାଙ୍କ ଧର୍ମପତ୍ନୀ ରେଖା ରାୟ ଏବଂ ପୁତ୍ରହରିଶ ରାୟଙ୍କୁ ସମ୍ବର୍ଦ୍ଧନା କରିଥିଲେ।ଏହା ପରେ ଶ୍ରୀ ରାୟଙ୍କୁ ଶୋଭାଯାତ୍ରାରେ ତାଙ୍କ ବାସଭବନରୁ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣି ସଭାର ଆୟୋଜନ କରାଯାଇଥିଲା।ଅଧ୍ୟକ୍ଷ ଶ୍ରୀ ରାୟ ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀ,କର୍ମଚାରୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।ବିଦାୟ ସମ୍ବର୍ଦ୍ଧନା ଉତ୍ସରେ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟକ୍ଷ ଜଗତରାମ ନାୟକ,ସରୋଜ କୁମାର ମହାପାତ୍ର, କିଶୋର ଘଡେଇ, ଟଙ୍କଧର ଦଣ୍ଡସେନା, ସରୋଜ କୁମାର ନାୟକ, ପ୍ରେମାନନ୍ଦ ରଣା, ପି. ଆନନ୍ଦ ରାଓ, ଜୟରାମ ପାଢ଼ୀ, କବିତା ରଣା, ମମିତା ରଣା, ହରିବନ୍ଧୁ ମାଝୀ, ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଏକ ମହାଶକ୍ତିର ଆହ୍ୱାନ**





ଭବାନୀପାଟଣା,୨।୧୨(ସମିସ):

ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ସଚିନ୍ ପୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ଡ.ଶିବପ୍ରସାଦ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଯୁଗ୍ମ ନିର୍ଦ୍ଦେଶକ ପବିତ୍ରମୋହନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ,ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ ପୋଢ଼, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ। ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଏକ ମହାଶକ୍ତିର ଆହ୍ୱାନ ବୋଲି କୁହାଯାଇଛି। ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଖେଳାଳିଙ୍କ ସମେତ ୩୦ଜିଲ୍ଲାର କର୍ମକର୍ତ୍ତା ଓ ଶିକ୍ଷକଙ୍କ ପାରସ୍ପରିକ ସମ୍ପର୍କର ସେତୁ ପାଲଟିଛି। ଆଜିର ବର୍ଣ୍ଣାଢ୍ୟ ଉତ୍ସବ ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ପୁସ୍ତକ 'ଲେସନ୍ ଫର୍ ଲାଇଫ' ଉନ୍ମୋଚିତ ହୋଇଥିଲା। ଓଏଭି କେସିଙ୍ଗା ଓ ଭବାନୀପାଟଣାର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ତଳବେଲଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରଛାତ୍ରୀ ଫିଜିକାଲ୍ ଡିସ୍ପେଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଫ୍ଲାଗ ମାର୍ଚ ଆଉ ଶପଥ ପାଠ ହୋଇଥିଲା। ଅପରାହ୍ନ ୩ ଘଣ୍ଟା ସମୟରେ ମା'ମାଣିକେଶ୍ୱରୀ ମନ୍ଦିରରୁ ମଶାଲ ଯାତ୍ରା ଆୟୋଜିତ ହୋଇଥିଲା। ଚାରିଦିନ ଧରି ଏହା ୦୨ ଡ଼ିସେମ୍ବରରୁ ୦୫ ତାରିଖ ଯାଏଁ ଆୟୋଜିତ ହେବ। ସମସ୍ତ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡିଆ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଜାରି ରହିବ। କାର୍ଯ୍ୟକ୍ରମରେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆରସିସି ଡିଳେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ। ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ତଥା ବିଶିଷ୍ଟ ଲୋକ କଳାକାର ସର୍ବେଶ୍?ର ଭୋଇ ଓ ନୀଳାଞ୍ଜନ ପାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ଡିଇଓ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୫ ବର୍ଷରେ ୮୩୩ ଜୀବନ ଗଲାଣି

ବଲାଙ୍ଗିର, ୨।୧୨(ସମିସ)

ଦିନକୁ ଦିନ ସଡକ ଦୁର୍ଘଟଣା ପ୍ରାୟ ପରିବାର ପାଇଁ ଏକ ଚିନ୍ତାର କାରଣ ସାଜିଛି। ରାସ୍ତାରେ ଯାଉଥିବା ସମୟରେ କେତେବେଳେ ଯମ ଦଉଡି କାହା ବେକରେ ପଡ଼ିବ ତାହା କହି ହେବନି। ଅନେକ ଜୀବନ ରାସ୍ତାରେ ହିଁ ଚାଲିଯାଉଛି। ସେହିଭଳି ଅନେକ ଲୋକ ସଡକ ଦୁର୍ଘଟଣାର ଶିକାର ହୋଇ ସମ୍ପୂର୍ଣ୍ଣ ଭାବେ ଅର୍କମଣ୍ୟ ହୋଇଯାଉଛନ୍ତି। ଯଦିଓ ଏହି ଦୁର୍ଘଟଣାରୁ ବହୁ ଲୋକଙ୍କ ଜୀବନ ବର୍ତ୍ତିଯାଉଛି ତଥାପି କିଏ କେତେବେଳେ ଏହି ସଡକ ଦୁର୍ଘଟଣାର ଶିକାର ହେବ କହିବା କଷ୍ଟକର। ତେବେ ରାଜ୍ୟର ଅନ୍ୟତମ ସଡକ ଦୁର୍ଘଟଣା ପ୍ରବଣ ଜିଲ୍ଲା ହେଉଛି ବଲାଙ୍ଗିର। ଗତ ୫ ବର୍ଷ (୨୦୨୦-୨୦୨୪) ଭିତରେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ରାସ୍ତାରେ ୮୩୩ ମୁଣ୍ଡ ଗଡ଼ିଲାଣି; ଯାହାକି ଅନ୍ୟ ଜିଲ୍ଲା ତୁଳନାରେ ବହୁତ ଅଧିକ। ବଡ ବଡ କିଛି ଜିଲ୍ଲାକୁ ଛାଡିଦେଲେ ଏହି ମାମଲାରେ ବଲାଙ୍ଗିର ଏହି ତାଲିକାରେ ଆଗୁଆ ଥିବା ଜଣାପଡ଼ିଛି। ଅନେକ ସଚେତନତା, କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସକ ଦୁର୍ଘଟଣା ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଥିବା ସୂଚନା ମିଳିଛି।

ବଲାଙ୍ଗିର ଜିଲ୍ଲାରେ ବର୍ଷକୁ ବର୍ଷ ସଡକ ଦୁର୍ଘଟଣା ବଢ଼ିଚାଲିଛି। ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏହି ତଥ୍ୟ ନିଜେ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଗତ ୫ ବର୍ଷ ଭିତରେ ଅର୍ଥାତ ୨୦୨୦ରୁ ୨୦୨୪ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ୧୬୦୫ଟି

- ତଥାପି ସଚେତନ ହେଉନାହାନ୍ତି ଲୋକେ
- ବେପରୁଆ ଗାଡ଼ି ଚାଳନା ଯୋଗୁ ବଢୁଛି ଦୁର୍ଘଟଣା
- ବିଭାଗୀୟ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ, ବ୍ଲାକସ୍ପଟ ଚିହ୍ନଟରେ ହିଁ ସୀମିତ

ସଡକ ଦୁର୍ଘଟଣା ଘଟିଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ଏହି ଦୁର୍ଘଟଣାରେ ୫ ବର୍ଷ ଭିତରେ ୮୩୩ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାରେ ୨୦୨୦ରେ ୨୯୩ଟି ଦୁର୍ଘଟଣା ଘଟିଥିବା ବେଳେ ୧୪୪ ଜଣଙ୍କ ମୃତ୍ୟୁ ଘଟିଛି। ୧୬୪ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୦୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ୨୦୨୧ରେ ୩୦୦ ଦୁର୍ଘଟଣା ହୋଇଥିବା ବେଳେ ୧୪୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୧୫ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୮୯ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୨୨ରେ ଦୁର୍ଘଟଣା ସଂଖ୍ୟା ୩୧୪ରେ ପହଞ୍ଚିଥିବା ବେଳେ ଏଥିରେ ୧୬୫ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୭୭ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୧୧ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୨୩ରେ ୩୫୩ଟି ଦୁର୍ଘଟଣା ଘଟିଥିବା ବେଳେ ୧୮୧ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୭୫ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୮୭ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପରି ବର୍ଷ ୨୦୨୪ରେ ୩୬୩ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ୧୫୦ଜଣ ସାମାନ୍ୟ ଆହତ ହୋଇଥିଲେ।

ବଲାଙ୍ଗିର ଜିଲ୍ଲା ଦେଇ ଦୁଇ ଦୁଇଟି ଜାତୀୟ ରାଜପଥ, ଏକାଧିକ ରାଜ୍ୟ ରାଜପଥ ଓ ଅନ୍ୟ ରାସ୍ତା ଗୁଡିକ ଯାଇଛି। ନିୟମିତ ଭାବେ ବେପାରୁଆ ଗାଡି ଚାଳନା ଯୋଗୁଁ ସଡକ ଦୁର୍ଘଟଣା ସାମ୍ନାକୁ ଆସୁଛି। ବିଭାଗୀୟ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ, ବ୍ଲାକସ୍ପଟ ଚିହ୍ନଟରେ ହିଁ ସୀମିତ ରହିଛି। ଅନ୍ୟପକ୍ଷରେ ସଡକ ଦୁର୍ଘଟଣାରେ ଆହତ ହେଉଥିବା କିମ୍ବା ମୃତ୍ୟୁ ଘଟୁଥିବା ଲୋକଙ୍କ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ବେଳେ ଜିଲ୍ଲାରେ ଏହି ୫ ବର୍ଷ ମଧ୍ୟରେ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ୨୦୨୦ରେ ୬ ଲକ୍ଷ, ୨୦୨୧ରେ ୮ ଲକ୍ଷ, ୨୦୨୨ରେ ୮ ଲକ୍ଷ, ୨୦୨୩ରେ ୬ ଲକ୍ଷ ଓ ୨୦୨୪ରେ ୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଏହି ୫ ବର୍ଷର ତଥ୍ୟ ଉପରେ ନଜର ପକାଇଲେ ପ୍ରତିବର୍ଷ ସଡକ ଦୁର୍ଘଟଣା ସଂଖ୍ୟା ଓ ଦୁର୍ଘଟଣାରେ ମୃତ୍ୟୁ ଘଟଣା ବଢ଼ି ବଢ଼ି ଚାଲିଛି; ଯାହା ଚିନ୍ତାଜନକ।

## ଦୁର୍ଘଟଣା ପରେ ପୋଖରୀ ପାଣି ନଷ୍ଟ

# ଦିନେ ଗାଧୋଉଥିଲେ; ଏବେ ନାକ ଟେକୁଛନ୍ତି

ବଲାଙ୍ଗିର, ୨।୧୨(ସମିସ): ରାସ୍ତା କଡରେ ଥିବା ପୋଖରୀରେ ଦୁର୍ଘଟଣା ଘଟିଲା। ଦୁର୍ଘଟଣା ପରେ ମାଲ୍ ବୋଝେଇ ଟ୍ରକ୍‌ରୁ ୩/୪ଦିନ ଧରି ଦିନରାତି ଏକ କରି ବ୍ୟବସାୟୀ ମାଲ ବୋହିନେଲେ। ସବୁ ସାମଗ୍ରୀ ନେବା ପରେ ଗାଡି ବି ପୋଖରୀରୁ ଉଠାଇନେଲେ; କିନ୍ତୁ ଦୁର୍ଘଟଣା ପରେ ଏବେ ପୋଖରୀ ପାଣି ନଷ୍ଟ ହୋଇଯାଇଛି। ପ୍ରତିଦିନ ବହୁ ଲୋକ ଏହି ପୋଖରୀରେ ଗାଧୋଉଥିଲେ; ହେଲେ ଦୁର୍ଘଟଣା ପରେ ଏହି ପୋଖରୀ ପାଣି ଏତେ ଦୁର୍ଗନ୍ଧ ହେଉଛି ଯେ, ଲୋକେ ଗାଧୋଇବା ପାଇଁ ନାକ ଟେକୁଛନ୍ତି।



ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଜାତୀୟ ରାଜପଥକୁ ଲାଗି ଏକ

### ଦୁର୍ଗନ୍ଧରେ ରହି ହେଉନି

ପୋଖରୀ ରହିଛି। ଏହି ପୋଖରୀରେ ଆଜି ପର୍ଯ୍ୟନ୍ତ ଏକାଧିକ ଦୁର୍ଘଟଣା ଘଟିଲାଣି। ୨ ବର୍ଷ ପୂର୍ବରୁ ଜଣେ ମହିଳାଙ୍କ ମଧ୍ୟ ଏଠାରେ ମୃତ୍ୟୁ ଘଟିଥିଲା। ତେବେ ଗତ କିଛି ଦିନ ତଳେ ଏକ ମାଲ୍ ବୋଝେଇ ଟ୍ରକ୍ ଏହି ପୋଖରୀକୁ ପଶିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଟ୍ରକରେ ଏତେ ସାମଗ୍ରୀ ଭର୍ତ୍ତି ହୋଇଥିଲା ଯେ ୨ଟି କ୍ରେନ ମଧ୍ୟ ଏହାକୁ ବାହାର କରିପାରି ନ ଥିଲେ। ଏହାଫଳରେ ଟ୍ରକ୍‌ଟି ପ୍ରାୟ ୪/୫ ଦିନ ଧରି ପୋଖରୀରେ ପଡ଼ିରହିଥିଲା। ଟ୍ରକରେ ରାୟପୁରରୁ ବଲାଙ୍ଗିରକୁ ବିଭିନ୍ନ ପ୍ରକାର ଖାଇବା ସାମଗ୍ରୀ ଆସୁଥିଲା। ସାମଗ୍ରୀ ଆଣିଥିବା ମାଲିକ ଜଣକ ୪/୫ ଦିନ ଧରି ଟ୍ରକ୍‌ରୁ ସାମଗ୍ରୀ ବାହାର କରି ଛୋଟ ଛୋଟ ଗାଡିରେ ବୋହିଥିଲେ। ଏହା ପରେ ଟ୍ରକକୁ ପୋଖରୀକୁ ବାହାର କରିନେଇଥିଲେ। ତେବେ ବର୍ତ୍ତମାନ ଅସୁବିଧାର ବିଷୟ ହେଉଛି ଦୁର୍ଘଟଣା ପରେ ଏହି ପୋଖରୀ ପାଣି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ନିକଟସ୍ଥ ଜାମସର ଗ୍ରାମବାସୀଙ୍କ ସମେତ ରାଜପଥରେ ଯାଉଥିବା ଅନେକ ଲୋକ ଏହି ପୋଖରୀରେ ଗାଡି ଅଟକାଇ ଗାଧୋଇଥାନ୍ତି। ପାଣି ଦୁର୍ଗନ୍ଧ ହେତୁ ଏହାର ପ୍ରଭାବରେ ମାଛ ମଧ୍ୟ ମରି ଯାଉଛନ୍ତି। ପୋଖରୀ ପାଣି ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଛି। ତେବେ ଏଠି ପ୍ରଶ୍ନ ଉଠୁଛି ଏହି ପାଣିକୁ କିଏ ବିଶୋଧନ କରିବ? ଯେହେତୁ ଲୋକେ ଏହି ପାଣି ଉପରେ ନିର୍ଭର କରୁଛନ୍ତି ତେବେ ପୋଖରୀ ପାଣି ବିଶୋଧନ କରିବା ନିହାତି ଆବଶ୍ୟକ ରହିଛି। ଏନେଇ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପଞ୍ଚାୟତ କିମ୍ବା ବ୍ଲକ ଜରିଆରେ ଏହି ପୋଖରୀ ପାଣିକୁ ବିଶୋଧନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ହୋଇ ପଡ଼ିଛି।

# ଡାଇଭର୍ସନ ରାସ୍ତା ମରଣଯନ୍ତା

ଟିଟିଲାଗଡ଼, ୨।୧୨ (ସମିସ): ଟିଟିଲାଗଡ଼ ସହର ନିକଟ ସତୀଘାଟଠାରେ ୫୯ ନମ୍ବର ଜାତୀୟ ରାଜପଥ ଅଧୀନ ଡାଇଭର୍ସନ ରୋଡ ମରଣ ଯନ୍ତା ପାଲଟିଛି। ଟିଟିଲାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସହର ମଧ୍ୟ ଦେଇ ଯାଇଥିବା ଏହି ଜାତୀୟ ରାଜପଥକୁ ସହର ବାହାରୁ ବାଇପାସ୍ ରାସ୍ତା ମାଧ୍ୟମରେ ସଂଯୋଗ କରାଯାଇଛି। ଏହି ସଂଯୋଗୀକରଣ ତଥା ବାଇପାସ ରାସ୍ତା ତିଆରି କାର୍ଯ୍ୟ ଜାରି ରହଛି। ଏଥିପାଇଁ ସତୀଘାଟ ଗ୍ରାମ ନିକଟରେ ଏକ ଅସ୍ଥାୟୀ ଡାଇଭର୍ସନ ରୋଡ କରାଯାଇଛି।



ଏହି କାର୍ଯ୍ୟ ପାଇଁ ବି ବି ବର୍ମା ନାମକ ବାହାର ରାଜ୍ୟର ଜଣେ ଠିକାଦାର ଟେଣ୍ଡର ପାଇଛନ୍ତି। ସେ କିନ୍ତୁ ସ୍ଥାନୀୟ କିଛି ପେଟି ଠିକାଦାରଙ୍କୁ ଧରି ଏହି କାମ କରଛନ୍ତି। ତେବେ ସମ୍ପୃକ୍ତ ଠିକାଦାର ଡାଇଭର୍ସନ ରାସ୍ତା ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ନୀତି ନିୟମକୁ ଅଣଦେଖା କରିଛନ୍ତି। ନାମକୁ ମାତ୍ର କିଛି ମାଟି ପକାଇ ଦେଇଛନ୍ତି। ବିପଦ ପୂର୍ଣ୍ଣ ଅବସ୍ଥାରେ କାମ ଛାଡି ଦେଇଛନ୍ତି। ଏହି ଜାତୀୟ ରାଜପଥ ଦେଇ ନିୟମିତ ଶତାଧିକ ଭାରିଯାନ ଚଳାଚଳ କରୁଛି। କିଛିଦିନ ପୂର୍ବରୁ ଖଡିଆଳ-ଭବାନୀପାଟଣା ରାଜ୍ୟ ରାଜପଥ(୧୬)ର ତୁର୍କେଲଠାରେ ଥିବା ପୋଲ ଦବି ଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ସତ୍ତ୍ୱେ ଏହି ରାସ୍ତାଦେଇ ସମସ୍ତ ଭାରୀଯାନ ଯାତାୟାତ କରୁଛି। ତେବେ ଏହି ଡାଇଭର୍ସନ ରାସ୍ତା ପୂର୍ବରୁ କୌଣସି ସାଙ୍କେତିକ ସୂଚନା ଫଳକ ଦିଆଯାଇନି। ରାସ୍ତା ଉପରେ ମାଟି ଗଦା ହୋଇ ରହିଛି। ଏଥିଯୋଗୁଁ ନିୟମିତ ଦୁର୍ଘଟଣା ଘଟୁଛି। ଭାରିଯାନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଗୋଟିଏ ପଟେ ରାଜ୍ୟ ସରକାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରି ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ସଚେତନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ଯୋଗୁଁ ସମ୍ପୃକ୍ତ ଠିକାଦାର ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି ବିପଦପୂର୍ଣ୍ଣ ଅବସ୍ଥାରେ ଏହି ରାସ୍ତା କାମ ଚଳାଇଛନ୍ତି। କିଛିଦିନ ଧରି ଏଠାରେ ନିୟମିତ ଭାବରେ ଦୁର୍ଘଟଣା ଘଟୁଛି। ତେବେ ଏହି ଘଟଣାକୁ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ଦାସ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ସ୍ଥିତି ଅନୁଧ୍ୟାନ କରି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ପାଟଣାଗଡ଼ ସହରରେ ଦଶନ୍ଧି ଦଶନ୍ଧି ଧରି ଟ୍ରାଫିକ ସମସ୍ୟା

ପାଟଣାଗଡ଼, ୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହର ଏକ ବ୍ୟବସାୟିକ ସହର। ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଲାଗିରହିଛି; କିନ୍ତୁ ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହୋଇପାରୁନି। ବାଇପାସ ରାସ୍ତା ହେଲେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଲୋକେ ଆଶା ରଖିଥିଲେ; କିନ୍ତୁ ଘୋଷଣାରେ ସୀମିତ ରହିଯାଇଛି ବାଇପାସ ରାସ୍ତା। କିଛିମାସ ପୂର୍ବରୁ ଖୁବ ଶୀଘ୍ର ଜମି ଅଧିଗ୍ରହଣ କରାଯିବ ଓ ବାଇପାସ ରାସ୍ତା କାମ ଆରମ୍ଭ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏକ ସଭାରେ କହିଥିଲେ। ଏହାଫଳରେ ପାଟଣାଗଡ଼ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା; କିନ୍ତୁ ବାଇପାସ ରାସ୍ତା ପାଇଁ ଏପର୍ଯ୍ୟନ୍ତ କାମ ଆରମ୍ଭ ନ ହେବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ରବିବାର ପାଟଣାଗଡ଼ ସାପ୍ତାହିକ ବଜାର ଥିବାରୁ ଲୋକଙ୍କ ଗହଳି ରହିଥାଏ। ସହରର ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ଥିବାରୁ ସହରର ମୁଖ୍ୟ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ଲାଗିରହିଥିଲା। ଏହାଫଳରେ ଗାଡି ଗୁଡିକ ଅଟକି ରହି ଜାମ ହେବାରୁ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଟ୍ରାଫିକ



- ସ୍ଥାୟୀ ସମାଧାନ ହୋଇପାରୁନି
- ଘୋଷଣାରେ ସୀମିତ ବାଇପାସ ରାସ୍ତା
- ମୁଖ୍ୟ ରାସ୍ତା ଛକ ଗୁଡ଼ିକରେ ଟ୍ରାଫିକ ପୋଷ୍ଟ ସହ ଓଭରବ୍ରିଜ ନିର୍ମାଣ ଦାବି

ସମସ୍ୟା ଯୋଗୁଁ ଆଜି ପୁଣି ଲୋକଙ୍କ ମଧ୍ୟରେ ପୁଣି ବାଇପାସ ରାସ୍ତା କଥା ଉଜ୍ଜୀବିତ ହୋଇଥିଲା; କିନ୍ତୁ ଏହି ବାଇପାସ ରାସ୍ତା କେବଳ ଘୋଷଣାରେ ସୀମିତ ରହିଯାଇଥିବା ସ୍ଥାନୀୟ ଜନସାଧାରଣ ମହଲରେ ଅଭିଯୋଗ ଉଠିଛି। ତେବେ ସହରର ମୁଖ୍ୟ ରାସ୍ତା ସଂକୁଚିତ ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ସମ୍ମୁଖରେ ଲୋକେ ବାଇକ ଗୁଡିକ ପାର୍କିଂ କରୁଥିବାରୁ ଆହୁରି ଟ୍ରାଫିକ ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ପାଟଣାଗଡ଼ ସହରରେ ଗାଡି ପାର୍କିଂ ପାଇଁ କୌଣସି ସ୍ଥାନ ନାହିଁ। ହାଟପଦା ଅଞ୍ଚଳକୁ ଗଲେ ଯାଇ ଗାଡି ପାର୍କିଂ ହୋଇପାରିବ। ସେଠାରେ ପାର୍କିଂ କରି ବ୍ୟବସାୟ କାମ ପାଇଁ ସହରକୁ ଆସିଲେ ୧ କିମି ହୋଇଯାଉଛି। ପୁଣି ସହର ବାହାରେ ଗାଡି ରହିଲେ ଗାଡି ଚୋରିର ଭୟ ମଧ୍ୟ ରହିଛି। ତେବେ ଏହି ଟ୍ରାଫିକ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଲାଗିରହିଥିଲେ ହେଁ ଏହାର ସ୍ଥାୟୀ ସମାଧାନ ପାଇଁ କେବେ ହେଲେ ଚେଷ୍ଟା କରାଯାଇନାହିଁ। ଟ୍ରାଫିକ ସମସ୍ୟାକୁ ନେଇ ବଣିକ ସଂଘ ସହ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଅନେକ ଥର ଆନ୍ଦୋଳନ ମଧ୍ୟ କରାଯାଇଛି; କିନ୍ତୁ କେବଳ ପ୍ରତିଶ୍ରୁତିରେ ରହିଯାଇଛି ଟ୍ରାଫିକ ସମସ୍ୟା। ଅପରପକ୍ଷରେ ସହରର ମୁଖ୍ୟ ରାସ୍ତା ଓସାରିଆ କରାଯାଇ ବିଭିନ୍ନ ଛକ ଗୁଡିକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ସହ ଓଭର ବ୍ରିଜ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ମଧ୍ୟ ସ୍ଥାନୀୟ ଜନସାଧାରଣ ମହଲରେ ଦାବି ଉଠିଛି। ତେବେ ଦଶନ୍ଧି ଧରି ଲାଗିରହିଥିବା ପାଟଣାଗଡ଼ ସହରର ମୁଖ୍ୟ ସମସ୍ୟା ପାଲଟିଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ ଓ ବାଇପାସ ରାସ୍ତା ନିର୍ମାଣ କେବଳ ଘୋଷଣାରେ ସୀମିତ ନ ରହି କାର୍ଯ୍ୟରେ ପରିଣତ କରିବାକୁ ଲୋକଙ୍କ ମଧ୍ୟରେ ଦାବି ହେଉଛି।

## ବନ୍ଦ ଦୋକାନରୁ ମୃତଦେହ ଉଦ୍ଧାର

ବଲାଙ୍ଗିର, ୨।୧୨(ସମିସ): ବଲାଙ୍ଗିର ସହର ସୁଦପଡ଼ାରେ ଥିବା ଏକ ବନ୍ଦ ଦୋକାନ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ପୁଇନ୍ତଳା ଅଞ୍ଚଳର ଦୀପକ ନନ୍ଦ। ସେ ବେହେରାପାଲିଠାରେ ଏକ ପାନ ଦୋକାନ କରିଥିବା ବେଳେ ପାଇପ ମିସ୍ତ୍ରୀ କାମ ମଧ୍ୟ କରୁଥିଲେ। ତେବେ ଘଟଣା ବିଷୟରେ ଜାଣିବା ପରେ ଟାଉନ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି କରିଛି।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମହାବିଦ୍ୟାଳୟ ପରିଦର୍ଶନ



କଣ୍ଟାବାଞ୍ଜି, ୨।୧୨(ସମିସ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରଦୀପ୍ତ ବେହେରା ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଓ ସମସ୍ତ କର୍ମଚାରୀଙ୍କ ସହ ସେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସୁବିଧା ଅସୁବିଧା ବୁଝିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ୨ ଘଣ୍ଟାର ପରିଦର୍ଶନ ସମୟରେ ସେ ମହାବିଦ୍ୟାଳୟର ପାଠାଗାର, କମ୍ପ୍ୟୁଟର ଲାବ୍ ଓ ସମସ୍ତ ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟ ବିକାଶ ପରିଷଦର ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର



ବଲାଙ୍ଗିର, ୨।୧୨(ସମିସ): କଦମପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଜିଲ୍ଲାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ଡ. ଭବାନୀଶଙ୍କର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ସଚିବ ରାମଚନ୍ଦ୍ର ପଟେଲ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଧାନ ଗୁରୁଜୀ ସନାତନ ମିଶ୍ର, ସମ୍ପାଦକ ତରଣିସେନ ପଟେଲ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଏହି ସମାବେଶକୁ ଗୁରୁମା ଭାରତୀ ସାହୁ ସଂଯୋଜନା କରିଥିଲେ। ଦିଲୀପ ଶତପଥୀ ଓ ସନ୍ତୋଷ ନାୟକ ସହଯୋଗ କରିଥିଲେ।

## ହ୍ୟୁମାନଙ୍କ ସ୍ମୃତିରେ ୭ରେ ବିଶାଳ ଶ୍ରଦ୍ଧାଞ୍ଜଳି ସଭା




ଟିଟିଲାଗଡ଼, ୨।୧୨(ସମିସ): ନିଜ ଯାଦୁ ଭରା ସ୍ୱରରେ ସାରା ରାଜ୍ୟର କୋଣଅନୁକୋଣରେ ସଭିଙ୍କ ହୃଦୟ ଜିଣିପାରିଥିବା ଟିଟିଲାଗଡ଼ ମାଟିର ଗୌରବ ବିଶିଷ୍ଟ କଳାକାର ହ୍ୟୁମାନ ସାଗରଙ୍କ ପାଇଁ ଟିଟିଲାଗଡ଼ ମାଟି କାନ୍ଦୁଛି। ଗତ ୧୭ରେ ତାଙ୍କ ଅକାଳ ବିୟୋଗ ପରେ ଟିଟିଲାଗଡ଼ ମାଟିର କଳାକାରଙ୍କ ସହ ସଭିଙ୍କ ମଧ୍ୟରେ ବିରସ ଭାବ। ଏହି ଦୁଃଖରେ ସମଗ୍ର ରାଜ୍ୟର କଳାକାର ସାମିଲ ହୋଇଛନ୍ତି। ଏନେଇ ଆସନ୍ତା ୭ରେ କଳାକାର ଏକତା ମଞ୍ଚ, ଓଡ଼ିଶା ପକ୍ଷରୁ ଟିଟିଲାଗଡ଼ ବାଳକ ହାଇସ୍କୁଲ ପଡ଼ିଆଠାରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହେବ। ସାରା ରାଜ୍ୟର ବିଶିଷ୍ଟ କଳାକାର ଯୋଗଦେବେ। ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ କଳାକାର ରାଜେଶ ପ୍ରଧାନ, ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନା, ଗଗନ ବାଗ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳର କଳାକାର ଟିଟିଲାଗଡ଼ଠାରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ଆସିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଆୟୋଜନ ପାଇଁ ଟିଟିଲାଗଡ଼ର କଳାକାରଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଟିଟିଲାଗଡ଼ଠାରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସଭିଙ୍କ ମତ ରହିଛି। ଏନେଇ ଟିଟିଲାଗଡ଼ର କଳାକାର ବୃନ୍ଦ ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ସହଯୋଗ ଲୋଡିଛନ୍ତି। ଏହି ଅବସରରେ ଉପସ୍ଥିତ ବିଜେପି ନେତା ନରସିଂ ସିଂ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ, ବିଧାୟକ ତଥା ଦଳ ମତ ନିର୍ବିଶେଷରେ ସମସ୍ତ ହ୍ୟୁମାନ ପ୍ରେମୀଙ୍କୁ ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ଶ୍ରଦ୍ଧାଞ୍ଜଳି ସଭା ପାଇଁ ନିମନ୍ତ୍ରଣ କରାଯାଇଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ହ୍ୟୁମାନ ସାଗରଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କ ବିଭାଗ ବିଶେଷ ଧ୍ୟାନ ଦେବ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ କଳାକାର ରଞ୍ଜନ ପଟ୍ଟନାୟକ, ନିରୋଜ ପଟ୍ଟନାୟକ, ଜ୍ୟୋତି ବିଶି, ଆଦିତ୍ୟ ଷଡ଼ଙ୍ଗୀ, ଜ୍ୟୋତି ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ହ୍ୟୁମାନ ସାଗରଙ୍କ ସ୍ମୃତିସଭା

ବଲାଙ୍ଗିର, ୨।୧୨(ସମିସ): ସ୍ଥାନୀୟ ଶାସ୍ତ୍ରୀନଗର ଆଶ୍ରା ଆଶ୍ରମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ. ବି.ଆର. ଆମ୍ବେଦକର ସେବା ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନିଲ ମୁଗ୍ରୀ, ସ୍ୱାଗତ କୁମ୍ଭାର, ପିଣ୍ଟୁ କୁମ୍ଭାର, ପ୍ରିୟଙ୍କା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ଟୁଲିଫୁଙ୍କାରେ ମହାଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୨।୧୨(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଟୁଲିଫୁଙ୍କା ଗାଁରେ ୧୭ ତମ ମହାଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିର ଦେବ ବନ୍ଧ ପୋଖରୀରୁ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଜୟଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ପୂର୍ଣ୍ଣାବତୀ ବେହେରା ଦାୟିତ୍ୱ ତୁଲାଇଥିଲେ।



ପୂଜକ ଭାବେ ଡ ନାରାୟଣ ମିଶ୍ର, ହୃଷିକେଶ ଦାଶ, ଆର୍ତ୍ତତ୍ରାଣ ଦାସ, ପ୍ରତାପ ଦାସ, ରୋହିତ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟିର ଆବାହକ ତଥା ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ଆୟୋଜକ ସୁଶାନ୍ତ ବେହେରା, ସଭାପତି ରତ୍ନମଣୀ ବେହେରା, ସମ୍ପାଦକ ସତ୍ୟ ପୁଟେଲ, ଉପଦେଷ୍ଟା କପିଳ ବେହେରା, ଭିକାରି ଚରଣ ବେହେରା, ଶମ୍ଭୁ ଶଙ୍କର ବେହେରା, ଶମ୍ଭୁ ପୁଟେଲ, ଅବେଦ ବେହେରା, ସଦସ୍ୟ ପ୍ରଭୁଲାଲ ବେହେରା, ବନମାଳି ପୁଟେଲ, ଧନିରାମ ପୁଟେଲ, ହରେକୃଷ୍ଣ ପୁଟେଲ, ମହେନ୍ଦ୍ର ଭୋଇ, ହରେକୃଷ୍ଣ ବେହେରା, ଜିତେନ୍ଦ୍ର ବେହେରା, ପ୍ରମୋଦ ବେହେରା, କୁଶ ବେହେରା, ବୈଷ୍ଣ ଜାନି, ପ୍ରମୋଦ ବେହେରା, ରୁପେଶ ବେହେରାଙ୍କ ସହ ଆୟୋଜକ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବୁଧବାର ପୂଜା ଆରମ୍ଭ ହୋଇ ଶନିବାର ଶେଷ ହେବ।

# ବିଧାନସଭାରେ ଦାଦନ ପ୍ରସଙ୍ଗ ଉଠାଇଲେ କଳିକେଶ

ବଲାଙ୍ଗିର, ୨।୧୨(ସମିସ)

ବଲାଙ୍ଗିର ଜିଲ୍ଲାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବେଆଇନ ମାନବଚାଲାଣ ହୋଇଚାଲିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଉଛି। ତେବେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶ୍ନ କରିଛନ୍ତି। ଏକ ଅଣତାରକା ପ୍ରଶ୍ନ-ଯୁଡି-୬୨୫ ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାରୁ ବେଆଇନ ମାନବଚାଲାଣ ହେଉଥିବା ଓ ଏହାକୁ ରୋକିବାକୁ ରାଜ୍ୟସରକାର କ'ଣ ପଦକ୍ଷେପ ନେଉଛନ୍ତି ତଥା ଉଦ୍ଧାର ଶ୍ରମିକଙ୍କ ଥଇଥାନ ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଛି ସେ ନେଇ କଳିକେଶ ପ୍ରଶ୍ନ କରିଛନ୍ତି। ଗତ କିଛିଦିନ ତଳେ କଣ୍ଟାବାଞ୍ଜିର ଜଣେ ସର୍ଦ୍ଦାରଙ୍କ ଘରୁ ଚାଲାଣ ହେବାକୁ ଥିବା ୧୪ଜଣ ଶିଶୁ ସମେତ ୫୫ଜଣଙ୍କୁ ଉଦ୍ଧାର କରାଯାଇଥିଲା। ମୁଖ୍ୟତଃ ସେହି ପ୍ରସଙ୍ଗରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଏହାର ଉତ୍ତର ରଖିଥିଲେ।



କଣ୍ଟାବାଞ୍ଜିର ଆନନ୍ଦନଗର ପଡ଼ାର ବ୍ରଜେଶ ବେହେରା ଓ ତାଙ୍କ ଭାଇ ପ୍ରକାଶ ବେହେରାଙ୍କ ଘରେ ପୁଲିସ ଚଢଉ କରି ୧୪ଜଣ ଶିଶୁ ସମେତ ୫୫ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେହି ଘଟଣାରେ ଉଭୟ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥଲେ। ତାଙ୍କ ଘରୁ ଏକ ଅନେକ ଶ୍ରମିକମାନଙ୍କ ଆଧାରକାର୍ଡ, ଲାପଟପ ସହ ୧ଲକ୍ଷ ୬୭ ହଜାର ଟଙ୍କା ଜବତ କରାଯାଇଥିଲା। ଉଭୟ ବେଆଇନ ଭାବରେ ଶ୍ରମିକ ଚାଲାଣ କରିବାକୁ ତାଙ୍କ ଘରେ ଶ୍ରମିକଙ୍କୁ ରଖିଥିବା ଜଣାପଡ଼ିଥିଲା। କଣ୍ଟାବାଞ୍ଜି ଥାନାରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରହିଛି। ଅଭିଯୁକ୍ତମାନେ ହାଇକୋର୍ଟ ନିର୍ଦ୍ଦେଶ ବଳରେ ଜାମିନରେ ଅଛନ୍ତି ବୋଲି ଉତ୍ତର ରଖାଯାଇଛି। ତେବେ ଶ୍ରମ ବିଭାଗ, ମହିଳା ଶିଶୁ କଲ୍ୟାଣ ବିଭାଗ, ପଞ୍ଚାୟତ ପ୍ରତିନିଧି ଓ ଏନଜିଓମାନଙ୍କ ମିଳିତ ପ୍ରୟାସରେ ଲୋକଙ୍କୁ ସଚେତନ କରାଯାଉଛି। ଜିଲ୍ଲାସ୍ତରରେ ଡିଏସପି ଓ ଇନ୍‌ସପେକ୍ଟରଙ୍କୁ ନେଇ ଗଠିତ ବିଭାଗ ମାନବ ଓ ଶିଶୁଚାଲାଣ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେଉଛନ୍ତି। ଉଦ୍ଧାର ଶିଶୁ ଓ ଲୋକଙ୍କୁ ସର୍ଟ ଷ୍ଟେ ହୋମରେ ରଖାଯାଇ ଖାଦ୍ୟ ଦେବା ସହ କାଉନସେଲିଂ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବିଶ୍ୱ ଏଡ୍‌ସ ଦିବସ ପାଳିତ



ନବରଙ୍ଗପୁର,୨।୧୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ତରଫରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସୋମବାର ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ, ଆର୍‌ଆର୍‌ସି, ୱାଇଆର୍‌ସି, ଜେଆର୍‌ସି ତଥା ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ, ବେସରକାରୀ ଅନୁଷ୍ଠାନର ଅଧିକାରୀ ତଥା କର୍ମକର୍ତ୍ତା, ସଖୀ ୟୁନିଟର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ନବରଙ୍ଗପୁର ଜିଲ୍ଲା ମ୍ୟୁନିସିପାଲିଟି ଛକ ଠାରୁ ଆର୍‌ସିଡି ହାଇସ୍କୁଲ୍ ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୩୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକଙ୍କ ଦ୍ୱାରା ଏହି ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏଡ଼ିପିଏଚଓ (ଟିବି) ଓ ଡାକୋ, ନବରଙ୍ଗପୁର ଡା. ମଳୟ କୁମାର ତ୍ରୀପାଠୀ, ଡିପିଏଚ୍‌ଓ, ନବରଙ୍ଗପୁର ଡା. ନବକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆର୍‌ସିଡି ହାଇସ୍କୁଲ୍ ପଡ଼ିଆରେ ଠାରେ ଶୋଭାଯାତ୍ରାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ପୌର ପାଳିକା ଅଧ୍ୟକ୍ଷ କୁନୁ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏଡ଼ିପିଏଚଓ ଡା. ମଳୟ କୁମାର ତ୍ରୀପାଠୀ, ଡିପିଏଚଓ ଡା. ନବକିଶୋର ବେହେରା , ଡିଆଇପିଆରଓ ମନୋଜ କୁମାର ବେହେରା, ରାମକି ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ନମିତା ସୁନା, ବ୍ରାଞ୍ଚ ମ୍ୟାନେଜର ଏଲଆଇସି ଏବଂ ଏସବିଆଇ, ସିପିଏମ୍ ଦିଶା ଅଧିକାରୀ ଚନ୍ଦ୍ରଶେଖର ପଟ୍ଟନାୟକ, ଏଡିପିଏଚ ଓ ରାମହରି ପଣ୍ଡା, ମନୋରମା ମାଝୀ, ପିଡି (ଟିଆଇ- ଜିଭିଏସ) ଇଶ୍ୱର ଚନ୍ଦ୍ର ସାବତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏଡ୍‌ସମୁକ୍ତ ସମାଜ ଗଠନ ପାଇଁ ଏକ ଶପଥ ପାଠ କରାଯାଇଥିଲା । ଦସ୍ତଖତ ଅଭିଯାନ ବୋଡର୍‌ରେ ସମସ୍ତେ ନିଜ ନିଜର ମତ ରଖି ଦସ୍ତଖତ ଦେଇଥିଲେ।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଏମିଭି୭ ୯,୨।୧୨(ସମିସ): ମାଲକାନଗିରି ଜିଲ୍ଲା ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏମଭି୭ ୯ ପରିସରରେ ଆଜି ୩୨ତମ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓ ଆତ୍ମନିର୍ଭର ଭାରତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯାନ୍ତ୍ରିକ ବିଦ୍ୟା ଓ ଗଣିତ ମୁଖ୍ୟ ଥିମ୍ ନେଇ ଆୟୋଜିତ ଏହି ପ୍ରଦର୍ଶନୀରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବାର ମୂଳମନ୍ତ୍ର ଭାବେ ଷ୍ଟେମ୍ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାୟୀ କୃଷି, ବର୍ଜ୍ୟ ବ୍ୟବସ୍ଥାପନା, ଜଳ ସଂରକ୍ଷଣ ଓ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ମନୋରଞ୍ଜନକୁ ଗାଣିତିକ ମଡେଲିଂ, ସବୁଜ ଶକ୍ତି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ୭ଟି ଉପ-ଥିମ୍ ଉପରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୋଟ ୧୦୬ଟି ଉଦ୍ଭାବନୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରତିଟି ଥିମ୍ରୁ ଗୋଟିଏ ଲେଖାଏଁ ଶ୍ରେଷ୍ଠ ପ୍ରକଳ୍ପକୁ ଆଗାମୀ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ପାଇଁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ବାରୋଇ, ଅତିଥି ଭାବେ ଏବିଇଓ ଆର୍‌ଏସ୍‌ୟୁ ଦାସ ଯୋଗ ଦେଇଥିଲେ। ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସମାଜସେବୀ ପରିତୋଷ ସରକାର, ଦୀପକ ଦତ୍ତ, ସୁରେଶ ମେହେଟା, ଦୟାଲ ବୈରାଗୀ, ଦିଲୀପ କୁମାର ନାୟକ ଆଦି ଅତିଥିମାନେ ମଞ୍ଚାସୀନ ଥିଲେ। ବିଭୁତି ଭୂଷଣ ସେଠୀ ମଞ୍ଚ ପରିଚାଳନା କରିଥିଲେ। ପ୍ରକଳ୍ପ ଚୟନ କାର୍ଯ୍ୟରେ ସୁମିତ ସରକାର, ପ୍ରମୋଥ ବାରୋଇ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ-ଶିକ୍ଷକ କବିତା ସରକାର, ଚିତ୍ତରଞ୍ଜନ ହରିଚନ୍ଦନ, ପ୍ରଭାତ ମଣ୍ଡଳ, ଦୀପକ ମେହେର, ସର୍ମିଳା ଢ଼ାଲି , ହିମାଂଶୁ ମଣ୍ଡଳ, ସତ୍ୟରଞ୍ଜନ ବାରିକ, ସମ୍ପଦ କୁମାର ଲେଙ୍କା, ସାଇ କୁମାର ଇମାଣ୍ଡି, ଅମିତା ପ୍ରଧାନ, ଭୀମସେନ କାବାସି , ଭବେନ ମଣ୍ଡଳ, ମୋନାଲିସା ସାହୁ, ସୁନିଲ ଦାସ, ବୃନ୍ଦା ମିସ୍ତ୍ରୀ ଆଦି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ୱାଇଆର୍‌ସି କ୍ୟାମ୍ପରେ ରକ୍ତ ସଂଗ୍ରହ




ସୁନାବେଡ଼ା ,୨।୧୨(ସମିସ): ସୁନାବେଡା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ସ୍ୱେଚ୍ଛାସେବୀ ମାନେ ସକାଳେ ଯୋଗ ପ୍ରାଣାୟାମ ସାରିବା ପରେ ବିଶ୍ୱ ଏଡ୍ସ ଦିବସ ନିମନ୍ତେ ସଚେତନତା ପଦଯାତ୍ରା ସୁନାବେଡାରେ ଭ୍ରମଣ କରି ପୁନର୍ବାର ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସମୟାନୁ କ୍ରମେ ଜଳବାୟୁ ପରିବର୍ତ୍ତନ ଉପରେ ଶିକ୍ଷା ଦେଇଥିଲେ କୋରାପୁଟ ଇସ୍ରୋର ମୁଖ୍ୟ ବୈଜ୍ଞାନିକ ଡ. ରାମଜଏମ ଦେବରାଜ। ପ୍ରାଥମିକ ଶିକ୍ଷା ଉପରେ ଶିକ୍ଷା ଦେଇଥିଲେ ଡ. ରଞ୍ଜନ ସ୍ୱାଇଁ, ସାଇବର ସେଫଟି ସଚେତନତା କରିଥିଲେ ସୁନାବେଡା ଆରକ୍ଷୀ ଅଧିକାରୀ ସୁମିତ୍ରା ଜେନା, ପ୍ରାକୃତିକ ଚିକିତ୍ସା ଓ ଯୋଗ ଶିକ୍ଷା ଦେଇଥିଲେ ଅନନ୍ୟା ନନ୍ଦିତା। ଏହା ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କୋରାପୁଟ ରକ୍ତ ଭଣ୍ଡାର ୨୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କୋରାପୁଟ ୱାଇଆରସିର ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ, କାଉନ୍‌ସିଲର ଅଙ୍କୁରିତ ନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ରାୟଗଡାରେ ନିଶାମୁକ୍ତି ଅଭିଯାନ ପାଇଁ ଗଣଦୌଡ଼

**ରାୟଗଡ଼ା,୨।୧୨(ସମିସ):** ବଜରଙ୍ଗ ଦଳ ରାୟଗଡ଼ା ତରଫରୁ ଆଜି ନିଶା ମୁକ୍ତି ଅଭିଯାନ ପାଇଁ ଗଣ ଦୌଡ଼ ଆୟୋଜିତ ହୋଇଯାଇଛି। ମାନବ ସମାଜ ବର୍ତ୍ତମାନ ମୋବାଇଲ୍‌ରୁ ଦୂରରେ ରହିବା ସହ ଆବଶ୍ୟକ ଅନୁସାରେ ବ୍ୟବହାର କରିବା ପାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତର ସୁନୀଲ କୁମାର ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆୟୁଷ ଡାକ୍ତର ସୁନୀଲ କୁମାର ମହାପାତ୍ରଙ୍କ ସମେତ ବରେଣ୍ୟ ଅତିଥି ଅରୁଣ କୁମାର ଲେଙ୍କା, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ସଂଯୋଜନା ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, କାର୍ଯ୍ୟକ୍ରମର ବ୍ୟବସ୍ଥା ପ୍ରମୁଖ ତଥା ଅବଦୁଲ୍ କଲାମ୍ ଫାଉଣ୍ଡେସନ ମୁଖ୍ୟ ବି. ରାଜେଶ, ଆଦିତ୍ୟ ଲଜିଷ୍ଟିକ୍ ଏମ୍‌ଡି ଏନ୍. କ୍ରିଷ୍ଣା ଚୈତନ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନିଫା ସଂଗଠନ ତରଫରୁ କରାଯାଇଥିବା ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ସତ୍ୟଜ୍ୟୋତି ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ କେନ୍ଦ୍ର, ବିଘ୍ନନ୍ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ମହିଳା ମହାବିଦ୍ୟାଳୟ, ଏବିଭିପି ରାୟଗଡ଼ା କାର୍ଯ୍ୟକର୍ତ୍ତା, ରେଡ୍‌କ୍ରସ୍ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ଉପସଭାପତି ଆନନ୍ଦ ରାଓ, ନଗର ଉପସଭାପତି ସୁଶାନ୍ତ ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ସେବା ପ୍ରମୁଖ ଅଶୋକ ଶତପଥୀ ଓ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଲଙ୍କାପୁଟ ସ୍କୁଲ୍ ହଷ୍ଟେଲର ୨୦ ଛାତ୍ର ଜଙ୍ଗଲରୁ ଉଦ୍ଧାର ଘଟଣା

# ୧୮ ପିଲାଙ୍କୁ ଘରକୁ ନେଇଗଲେ ଅଭିଭାବକ

**କୋରାପୁଟ,୨।୧୨(ସମିସ):** କୋରାପୁଟ ବ୍ଲକ ଲଙ୍କାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ୨୦ ଜଣ ଛାତ୍ର ନିଖୋଜ ହେବା ଘଟଣା ଅଞ୍ଚଳରେ ଚହଳ ସୃଷ୍ଟି କରିଥିବା ବେଳେ ହଷ୍ଟେଲ ଠାରୁ ୯ କିମି ଦୂର ଜଙ୍ଗଲରୁ ପିଲା ମାନଙ୍କୁ ସୋମବାର ଅପରାହ୍ନରେ ଉଦ୍ଧାର କରାଯାଇଥିଲା। ପିଲାମାନେ କଣ ପାଇଁ ହଷ୍ଟେଲ ଛାଡ଼ିଲେ ତାହା ଅସ୍ପଷ୍ଟ ଥିବା ବେଳେ ପିଲାମାନେ ପହଞ୍ଚିବା ପରେ ଅଭିଭାବକ ମାନେ ଭୟଭୀତ ହୋଇ ୧୮ ଜଣ ଛାତ୍ରଙ୍କୁ ଘରକୁ ନେଇ ଯାଇଥିବା ଜଣାପଡିଛି। ଅନ୍ୟପଟେ କେଉଁ ପରିସ୍ଥିତିରେ ୨୦ ପିଲା ବାହାରି ଗଲେ ତାହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଅନୁଯାୟୀ ଲଙ୍କାପୁଟ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୨୦ ଜଣ ଛାତ୍ର ସୋମବାର ନିଖୋଜ ଥିବା ନେଇ ପିଲାଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦେବାପରେ ଅଭିଭାବକ ମାନେ ବିଦ୍ୟାଳୟରେ ପହଞ୍ଚି କାନ୍ଦବୋବାଳି କରିଥିଲେ। ଏହାପରେ ଗ୍ରାମବାସୀ ମାନଙ୍କ ସହ ମିଶି ପିଲା ମାନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କିଲୋମିଟର ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ପିଲାଙ୍କୁ ଉଦ୍ଧାର କରା ଯାଇଥିଲା। ଅନ୍ୟପକ୍ଷେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ କୋରାପୁଟ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଘଟଣା ସ୍ଥଳକୁ ପଠାଇ ଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ଥିଲେ ଏବଂ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ। ଉଦ୍ଧାର ହୋଇଥିବା ସମସ୍ତ ୨୦ ଜଣ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡ଼ିଓ ସୂଚନା ଦେଇଥିଲେ। ଏ ନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ପଞ୍ଚମ ଶ୍ରେଣୀର ଦୁଇଜଣ ଛାତ୍ର ମାରପିଟ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଦ୍ୟାଳୟ ହଷ୍ଟେଲ ବିଭିନ୍ନ ଅବ୍ୟବସ୍ଥା ନେଇ ଗତି କରୁଥିବା ଲଙ୍କାପୁଟ ପୂର୍ବତନ ସରପଞ୍ଚ ପ୍ରତିକ୍ରିୟା ରଖିଛନ୍ତି। ହଷ୍ଟେଲରେ ଷ୍ଟାଫ୍ କ୍ୱାର୍ଟର୍ସ ବ୍ୟବସ୍ଥା ନଥିବାରୁ ଶିକ୍ଷୟିତ୍ରୀ ମାନେ ୬ କିଲୋମିଟର କୋରାପୁଟ ଠାରୁ ଯିବା ଆସିବା କରୁଛନ୍ତି। ଫଳରେ ସଠିକ୍ ସମୟରେ ପିଲା ମାନଙ୍କ କୌଣସି ଆବଶ୍ୟକତା କିମ୍ବା ଅସୁବିଧା ସମୟରେ ପହଞ୍ଚି ପାରୁନଥିବା ସୂଚନା ଦେଇଛନ୍ତି। ଅନ୍ୟପଟେ ହଷ୍ଟେଲରେ ୱାଡେନ୍ ନଥିବାରୁ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ପୂର୍ବତନ ସରପଞ୍ଚ ପ୍ରକାଶ କରିଛନ୍ତି।

# ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ

ବୈପାରୀଗୁଡ଼ା,୨।୧୨(ସମିସ): ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ-୨୦୨୫ ପାଳନ ନେଇ ଡାକବାଜି ସଚେତନତା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ବାସବଦତ୍ତା ନାୟକ, ବିପିଏମ୍ ହେମରାଜ ପାଣିଗ୍ରାହୀ, ପିଏଚଇଓ ସୁନିତା ପଟ୍ଟନାୟକ, ବିଡିଏମ ସସ୍ମିତା ପଟ୍ଟନାୟକ, ବିଏଏମ୍ ପ୍ରମଦ ନାୟକ, ଏସଟିଏସ ସମୀର ଗନ୍ତାୟତ, ସୁପରଭାଇଜର ଜଗନ୍ନାଥ ନାୟକ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ ରଥ ଗାଁ ଗାଁ ବୁଲିବ ଏବଂ ଲୋକଙ୍କୁ ସଚେତନ କରାଯିବ। ପୁରୁଷମାନେ ମଧ୍ୟ ପରିବାର ନିୟନ୍ତ୍ରଣ ପାଇଁ ଅସ୍ତ୍ରୋପଚାର କରିପାରିବେ ଏବଂ ଏହା ମହିଳା ବନ୍ଧ୍ୟାକରଣ ଅପେକ୍ଷା ସହଜ ଓ ସୁବିଧାଜନକ ବୋଲି କୁହାଯାଇଛି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ



ପଟ୍ଟାଙ୍ଗି, ୨।୧୨(ସମିସ): ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍ ରିବନ କ୍ଲବ ଏବଂ ଯୁବ ରେଡକ୍ରସ ଆନୁକୁଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଡସ ହେଉଛି ଏକ ମାରାତ୍ମକ ରୋଗ, କେବଳ ଜନ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇ ପାରିବ ବୋଲି ସେ କହିଥିଲେ। ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପକ ବୈଲୋଚନ ରଣା ଏଡ୍‌ସ ରୋଗ ଏହାର କାରଣ ଏବଂ ନୀରାକରଣ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଅଶୋକ ନାୟକ ମଞ୍ଚ ପରିଚାଳନା କରିଥିଲେ। ଓଡିଆ ବିଭାଗର ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ରାଜେନ୍ଦ୍ର ଜାଙ୍ଗେଡା, ଗଣେଷ କାଡ୍ରୀ ଏବଂ ଚମ୍ପା ଖିନିବୁଡି, କୁଇଜ୍‌ରେ ସୀମାନ୍ତ ଘସ୍‌ପା ନାୟକ, ରାଜେନ୍ଦ୍ର ଜାଙ୍ଗେଡା ଏବଂ ଗଣେଷ କାଡ୍ରୀ, ଚିତ୍ରରେ ଶ୍ରୀକାନ୍ତ ପୂଜାରୀ ଏବଂ ରାଜେନ୍ଦ୍ର ଜାଙ୍ଗେଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ପଟ୍ଟାଙ୍ଗୀ ସଦର ମହକୁମା, ବ୍ଲକ ଅଫିସ, ଗାଙ୍ଗାମା ମନ୍ଦିର ଆଦି ବୁଲି ଏଡ୍‌ସ ସଚେତନତାର ବାର୍ତ୍ତା ଦେବା ସହିତ ଏକ ମାନବ ଶୃଙ୍ଖଳ ଗଠନ କରିଥିଲେ। ସଚେତନତା ରାଲିରେ ପଟ୍ଟାଙ୍ଗି ଥାନା ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ କୁମାରୀ ବିଶ୍ୱାଳ, ଅଧ୍ୟାପକ ଡଃ ଶେଷଦେବ ବାରିକ, ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ଶୁଧାଂଶୁ ଭୂଷଣ ଯେନା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ପ୍ରଧାନ, ଅନିଲ କୁମାର ଖିଲ୍ଲ, ମନୋଜ କୁମାର ଦାସ, ତୋଟାପାଡିଆ ଜିନୁ, ଫକିର ମୋହନ ପଣ୍ଡା ଏବଂ ଦଇମତୀ ଗୁଣ୍ଠା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମଟି ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ବାଙ୍କୁଲୀରେ କ୍ଷତ୍ରୀୟ ଧାକଡ ସମାଜର ମହାସମ୍ମିଳନୀ

କୋଷାଗୁମୁଡା,୨।୧୨(ସମିସ): କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଙ୍କୁଲି ଠାରେ କ୍ଷତ୍ରିୟ ଧାକଡ ସମାଜର ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚକ୍ରଧର ସିଂହ, ସଂଗଠନ ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ, ଉପସଭାପତି ଲକ୍ଷ୍ମୀ ନାରାୟଣ ପାଣ୍ଡେ, ସୁରେନ୍ଦ୍ର ନାୟକ, କାର୍ତ୍ତିକ ଦାସ, ହରି ଧାକଡ, ସଂପାଦକ ମହେଶ୍ୱର ନାୟକ, ବିଭୁତି ନାୟକ, ଲକ୍ଷ୍ମଣ ସିଂ, ଘାସିରାମ ନାୟକ, କୋଷାଧ୍ୟକ୍ଷ ଭିକାରୀ ଚରଣ ନାୟକ, ପଦମ ସିଂ, କୈଳାସ ପାତ୍ର, ଦେବ ଚନ୍ଦ୍ର ଧାକଡ, ଜଳନ୍ଧର ସିଂ, ସଂଗଠକ ବଳିରାମ ସିଂ, ସୁମିତ ସିଂ, ଲମନ ଭୁକ୍ତା, ଜଗତ ସିଂ, ରବି ସିଂ, ଡମ୍ବରୁଧର ସିଂ, ମୂରୋଲୀ ସିଂ, ରମେଶ ପାତ୍ର, ଜିତେନ୍ଦ୍ର ସିଂ ଏବଂ ପ୍ରାୟ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କ୍ଷତ୍ରିୟ ଧାକଡ ସମାଜର ଉନ୍ନତି ଓ ସାଂପ୍ରତିକ ପରିସ୍ଥିତିରେ ଧର୍ମ ରକ୍ଷା ତଥା ସ୍ୱଧର୍ମକୁ ପାଳନ କରିବା ଉପରେ ଆଲୋଚନା କରାଯାଇଥିଲା।

# ପଟ୍ଟାଙ୍ଗିରେ ପିପୁଲ ପ୍ଲାନ୍ କ୍ୟାମ୍ପେନ

ପଟ୍ଟାଙ୍ଗି,୨।୧୨(ସମିସ): ପଟ୍ଟାଙ୍ଗି ବ୍ଲକ୍‌ରେ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ନେଇ ସମସ୍ତ ଗ୍ରାମବାସୀ, ବିଶେଷତଃ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଓ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍), କୋରାପୁଟଙ୍କ ମିଳିତ ଉଦ୍ୟମରେ ପିପୁଲ୍ ପ୍ଲାନ୍ କ୍ୟାମ୍ପେନ୍ ନାମରେ ଏକ ବିଶେଷ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏହି ଅଭିଯାନ ଅନୁସାରେ ପଟ୍ଟାଙ୍ଗି ବ୍ଲକ୍ ଅଧୀନସ୍ଥ ୧୪ଟି ଗ୍ରାମପଞ୍ଚାୟତରେ ସଚେତନତା ରଥ ମାଧ୍ୟମରେ ଗ୍ରାମସ୍ତରରେ ଲୋକମାନଙ୍କୁ ସଚେତନ କରାଯାଉଛି। ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୀଲ ସେଠି ଓ ଅତିରିକ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମମିତା ନାୟକ ଏହି ସଚେତନତା ରଥକୁ ଉନ୍ମୋଚନ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ତିନି ଦିନ ଧରି ଏହି ରଥ ପଟ୍ଟାଙ୍ଗି ବ୍ଲକ୍‌ର ସମସ୍ତ ପଞ୍ଚାୟତର ଗ୍ରାମଗୁଡ଼ିକୁ ପରିକ୍ରମା କରି ସ୍ଥାନୀୟ ଭାଷା ଓ ଶୁଦ୍ଧ ଓଡ଼ିଆ ଭାଷାରେ ଗୀତ, ସ୍ଲୋଗାନ୍ ଓ ସନ୍ଦେଶ ମାଧ୍ୟମରେ ଗ୍ରାମବାସୀଙ୍କ ମନରେ ସଚେତନତା ସୃଷ୍ଟି କରୁଛି। ଚଳିତ ବର୍ଷର ପିପୁଲସ୍ ପ୍ଲାନ କ୍ୟାମ୍ପେନ ଅନୁସାରେ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ ପ୍ରସ୍ତୁତି କରି ମହିଳା ସୁରକ୍ଷା, ମହିଳା ଶଶକ୍ତିକରଣ, ଜୀବିକା, ପାଣି, ଜଙ୍ଗଲ, ଜମି ଓ ମୂଳ ଢାଞ୍ଚାଗତ ବିକାଶକୁ ବିଶେଷ ଗୁରୁତ୍ୱ ଦେବା ବାବଦରେ ଗ୍ରାମବାସୀଙ୍କୁ ଅବଗତ କରାଯାଉଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏଫ୍‌ଇଏସ୍ ପଟ୍ଟାଙ୍ଗି ଦଳର କେ. ମୁରଲୀ କ୍ରିଷ୍ଣା, ରଘୁରାମ ମୁଠାଇ, ଦିଲ୍ଲୀପ ଚମ୍ପି, ଆଲୋକ ମହାରଣା, କୃତିକା ମହାନ୍ତି, ଜଗଦୀଶ ପାତ୍ର, ସୁଶ୍ରୀ ସୁଶ୍ରୀତା ମିଶ୍ର, ମୋହନ ଯାନୀ, ସୁଶ୍ରୀ ନାମ୍ବି ରୋଜାଲିନା କାର୍ତିକଙ୍କ ସହ ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ସହ କାର୍ଯ୍ୟରତ ସାଧନ ବ୍ୟକ୍ତିମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବ୍ଲକ ଅଧ୍ୟକ୍ଷ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଜାରି କଲା ପ୍ରଶାସନ

କୁନ୍ଦୁରା,୨।୧୨(ସମିସ): କୁନ୍ଦୁରା ବ୍ଲକରେ ବ୍ଲକ୍ ଅଧ୍ୟକ୍ଷା ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଜାରି କରିଛି ପ୍ରଶାସନ। ଆସନ୍ତା ଡିସେମ୍ବର ୫ ତାରିଖରେ ମତଦାନ ହେବ । ସକାଳ ୧୦ ଟାରୁ ୨ଟା ପର୍ଯ୍ୟନ୍ତ ଚାଲିବ ମତଦାନ ପ୍ରକ୍ରିୟା। ସେହି ସମୟ ଭିତରେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ, ପ୍ରତ୍ୟାହାର ଓ ମତଦାନ ହେବ। ଗଣତି ପରେ ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ସ୍ୱତନ୍ତ୍ର ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ବିଜ୍ଞପ୍ତିକୁ ସମସ୍ତ ସମିତି ସଭ୍ୟସଭ୍ୟାମାନଙ୍କୁ ପ୍ରଦାନ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟ ନୋଟିସ ବୋଡର୍‌ରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ଥାଉକି, ଗତ ଅଗଷ୍ଟ ମାସ ୮ ତାରିଖରେ ତତ୍କାଳୀନ ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ ବୈଠକ ନକରି ନିଜ ଇଚ୍ଛା ଅନୁସାରେ ୭/୮ ମାସକୁ ଥରେ ବୈଠକ କରିବା, ପ୍ରତିନିଧିଙ୍କ ସହ ଆଲୋଚନା ନକରି ନିଜ ଇଚ୍ଛାରେ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା, ପଞ୍ଚାୟତ ପରିଦର୍ଶନ ନକରିବା, ପଞ୍ଚାୟତ ଗୁଡ଼ିକର ସମସ୍ୟା ସମାଧାନ ନକରିବା, ତିନି ବର୍ଷ ପରେ ବି ଷ୍ଟାଣ୍ଡିଂ କମିଟି ଗଠନ ନକରିବା ଆଦି ଅଭିଯୋଗ ଆଣିଥିଲେ ୨୫ ଜଣ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା। ଉପଜିଲ୍ଲାପାଳ ଏ ଶସ୍ୟା ରେ‡ୀଙ୍କୁ ଭେଟି ଶପଥ ପାଠ ସହ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମସ୍ତ ସମିତି ସଭ୍ୟସଭ୍ୟା ଓ ସରପଞ୍ଚମାନଙ୍କ ଗତ ସେପ୍ଟେମ୍ବର ୩ ତାରିଖ ଦିନ ବିଡିଓ ପି. ମନସ୍ୱିନୀତାଙ୍କ ଉପସ୍ଥିତିରେ ଜିପିଡିଓ ଜଗତ ସିଂ ମାଝୀ ପ୍ରାମାଣିକ ଯାଞ୍ଚ ପାଇଁ ଦସ୍ତଖତ ସଂଗ୍ରହ କରିଥିଲେ। ଅନାସ୍ଥା ଭୋଟ ପୂର୍ବରୁ ଅକ୍ଟୋବର ୩ ତାରିଖରେ ତତ୍କାଳୀନ ଅଧ୍ୟକ୍ଷା ଶ୍ରୀମତୀ ପରଜା ଉପଜିଲ୍ଲାପାଳ ଏବଂ ବିଡିଓଙ୍କୁ ଭେଟି ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ହେତୁ ଠିକ୍‌ରେ ଦାୟିତ୍ୱ ନିର୍ବାହ କରି ପାରୁନଥିବା ଦର୍ଶାଇ ଇସ୍ତଫା ଦେଇଥିଲେ। ପରେ ନିୟମ ପ୍ରକାରେ ୪ ତାରିଖରେ ହୋଇଥିଲା ଅନାସ୍ଥା ଭୋଟ। ବ୍ଲକରେ ରହିଥିବା ୧୬ ପଞ୍ଚାୟତ, ୩୨ ଜଣ ପ୍ରତିନିଧିଙ୍କ ମଧ୍ୟରୁ ଅଧ୍ୟକ୍ଷାଙ୍କ ବିପକ୍ଷରେ ୨୮ ଜଣ ପ୍ରତିନିଧି ଭୋଟ ଦେଇଥିଲେ। ସପକ୍ଷରେ ଜଣେ ବି ସଦସ୍ୟ ମତଦାନ କରି ନଥିଲେ। ଅନାସ୍ଥା ଭୋଟରେ ହାରିଲେ ଅଧ୍ୟକ୍ଷା । ଅକ୍ଟୋବର ୮ ରେ ବିଧିବଦ୍ଧ ଭାବେ ବ୍ଲକର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ବ୍ଲକ ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ। ପରବର୍ତ୍ତୀ ସମୟରେ ଏହାକୁ ନେଇ ବ୍ଲକର ବିଭିନ୍ନ ମହଲରେ ବିରୋଧ ଦେଖାଦେଇଥିଲା ଓ ବ୍ଲକ୍ ଅଧ୍ୟକ୍ଷା ପଦ ପୂରଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗତ ଅକ୍ଟୋବର ୨୨ ତାରିଖରେ ଉପ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲା ସହିଦ୍ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ। ଏହାପରେ ଆସନ୍ତା ୫ ରେ ହେବ ମତଦାନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସୁନାବେଡା,୨।୧୨(ସମିସ): ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନିଦିନିଆ ଯୁବ ରେଡକ୍ରସ୍ ଜିଲ୍ଲାସ୍ତରୀୟ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ କୋରାପୁଟ ଜିଲ୍ଲାର ୩୫ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୋଟ ୧୨୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ୱାଇଆର୍‌ସି କାଉନସିଲର ଅଙ୍କୁରିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରୀ କମିଟିର ୱାଇଆର୍‌ସି ଅଧ୍ୟକ୍ଷ, ସରକାରୀ ଡି.ଏ.ଭି ମହାବିଦ୍ୟାଳୟ କୋରାପୁଟର ଅଧ୍ୟକ୍ଷ ଡ. ଦୀପକ ପଟ୍ଟନାୟକ ଯୋଗଦେଇ ୱାଇଆରସିର ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନୃସିଂହ ଚରଣ ପଣ୍ଡା, ଆୟୁର୍ବେଦିକ ଚିକିତ୍ସା, ଯୋଗର ବିଭିନ୍ନ ପଦ୍ଧତି ସମ୍ପର୍କରେ ଆଲୋକପାତ କରିବା ସହ ଦୈନନ୍ଦିନ ଜୀବନରେ ଏହାର ଉପଯୋଗ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ୱାଇଆରସି ଜିଲ୍ଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ, ୱାଇଆରସି ସଂଯୋଜକ ସଚିବ ପ୍ରଫେସର ଡ. ଲୋପାମୁଦ୍ରା ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ରେଡକ୍ରସ୍ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ୱାଇଆରସି ପରାମର୍ଶଦାତା ଦୁଷ୍ମନ୍ତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୯ ଜଣ ପରାମର୍ଶଦାତାଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଫାକେରୀ ଗ୍ରାମରେ ଜଳକଷ୍ଟ

# ଝରଣା ପାଣି ପିଇ ଲୋକେ ରୋଗୀଣା

କଲ୍ୟାଣସିଂହପୁର,୨।୧୨(ସମିସ): ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଯୋଜନା ପରେ ଯୋଜନା କରି ସମସ୍ୟାର ସମାଧାନ କରିଥାନ୍ତି। କିନ୍ତୁ ସରକାରୀ ବାବୁ ଓ ଅଧସ୍ତନ କର୍ମଚାରୀ ମାନେ ଏହାକୁ କାର୍ଯ୍ୟରେ ପରିଣତ କରନ୍ତିନି। ଏମିତି ଏକ ଅଞ୍ଚଳ ସବୁବେଳେ ଚର୍ଚ୍ଚିତ। ସରକାର ପୁଳା ପୁଳା ଟଙ୍କା ଚାଳିଶି ବର୍ଷ ହେବ ଖର୍ଚ୍ଚ କରିଚାଲିଛନ୍ତି। କିନ୍ତୁ ଆଜିଯାଏ ଭଲ କରି ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହୋଇ ଝରଣା ପାଣି ପିଇ ରୋଗରେ ଛଟପଟ ହେଉଛନ୍ତି। ଏମିତି ଏକ ଗ୍ରାମ ରହିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ଦୁର୍ଗମ ପାହାଡିଆ ଗ୍ରାମ ଫାକେରି। ଏହି ଗ୍ରାମରେ ସମସ୍ତ ପରିବାର ଜନଜାତିରେ ଅନ୍ତର୍ଭୁକ୍ତ। ଏମାନଙ୍କ ପାଇଁ ଡିକେଡିଏ, ଓପିଲିପି, ଆଇଫର୍ଡ, ଆଇଟିଡିଏ, ବ୍ଲକ, ପଞ୍ଚାୟତ ଭଳି ସଂସ୍ଥା ଦୀର୍ଘ ଚାଳିଶି ବର୍ଷ ଗ୍ରାଉଣ୍ଡ ଜିରୋରୁ କାମକଲା । କିନ୍ତୁ ଚିରସ୍ଥାୟୀ କାର୍ଯ୍ୟ ନ କରି ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଲୋକଙ୍କୁ



ଭଲକରି ପାଣି ମୁନ୍ଦାଏ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମର ଡଙ୍ଗରିଆ ମାନେ। ଗ୍ରାମରେ ସୋଲାର ଚାଳିତ ଏକ ନଳକୂପ ରହିଛି । ଗତ କିଛି ମାସ ପୂର୍ବେ ନୂତନ କରି ସରକାର ଲଗାଇଥିଲେ। କିନ୍ତୁ କିଛିଦିନ ଚାଲିବା ପରେ ପାଣି ଆଉ ଆସିଲା ନାହିଁ। ଯାହା ଫଳରେ ଲୋକେ ନିକଟସ୍ଥ ଝରଣା ପାଣି ପିଇ ଜୀବନ ବଞ୍ଚାଉଛନ୍ତି। ସୋଲାର ଓ ପାଣିଟାଙ୍କି ପାଇଁ ପ୍ରାୟ ୮ ଲକ୍ଷ ଟଙ୍କା କୁଆଡେ ଖର୍ଚ୍ଚ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସଲାର ଚାଳିତ ନଳକୂପ କେଉଁ ସଂସ୍ଥା ଲଗାଇଲା କାହାକୁ ଜଣା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଶୀତ ଋତୁ ଚାଲୁଥିବା ସମୟରେ ପାଣି ପାଇଁ କଷ୍ଟ ଅନୁଭବ କରୁଥିବା ବେଳେ ଗ୍ରୀଷ୍ମ ଋତୁ ଆସିବା ବେଳେ ଲୋକଙ୍କ ଅବସ୍ଥା କଣ ହୋଇଥିବ ସହଜେ ଅନୁମେୟ। ପଞ୍ଚାୟତର କି ବ୍ଲକର ଦାୟିତ୍ୱରେ ଥିବା ଗ୍ରାମ୍ୟ ପାନୀୟ ଜଳ ବିଭାଗ ମଧ୍ୟ ଚୁପ ଥିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲାପାଳ ଡଙ୍ଗରିଆଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଫାକେରି ଗ୍ରାମର ଜଳ ସମସ୍ୟା ସମାଧାନ କରିବା ପାଇଁ ଦାବି ହୋଇଛି।

## ସ୍କୁଲ୍ ହଷ୍ଟେଲର ୩୫ ଜଣଙ୍କ ପେଟବ୍ୟଥା ଘଟଣା

# ତଦନ୍ତ କଲେ କୋରାପୁଟ ଖାଦ୍ୟ ସୁରକ୍ଷା ଅଧିକାରୀ

ବୈପାରୀଗୁଡ଼ା, ୨।୧୨(ସମିସ):

ବୈପାରିଗୁଡ଼ା ବ୍ଲକର ଶିରିବେଡା ପିଏମଶ୍ରୀ ବିଦ୍ୟାଳୟ ହଷ୍ଟେଲରେ ୩୫ ଜଣ ଅନ୍ତେବାସୀ ପେଟ ବ୍ୟଥାରେ ଆକ୍ରାନ୍ତ ଘଟଣାର ତଦନ୍ତ କଲେ କୋରାପୁଟ ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜିନୀ ଦେହୁରିଆ ଏବଂ ମହାମାରୀ ବିଶେଷଜ୍ଞ ବସନ୍ତ କୁମାର ସ୍ୱାଇଁ । ହଷ୍ଟେଲର ରୋଷେଇ ଖାଦ୍ୟ ଯାଞ୍ଚ କରିବା ସହ ପାଣି ନମୁନା ସଂଗ୍ରହ କରାଯାଇଛି। ସୂଚନା ଅନୁଯାୟୀ, ଗତ କାଲି ରାତିରେ ଶିରିବେଡା ପିଏମଶ୍ରୀ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀ ରାତ୍ରି ଭୋଜନ ପରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟା ବେଳେ କିଛି ପିଲା ପେଟ ବ୍ୟଥା ହେଉଥିବା ରୋଷେୟାଙ୍କୁ ଜଣାଇଥିଲେ। କ୍ରମଶଃ ହଷ୍ଟେଲର ଅଧିକାଂଶ ପିଲାଙ୍କ ପେଟ ବ୍ୟଥା ହେଉଥିବା ଜଣେଇବା ପରେ ଶିକ୍ଷକ କୁଳମଣି ଜେନା ତିନୋଟି ବୋଲେରୋ ଗାଡ଼ିରେ ୩୫ ଜଣ ଅନ୍ତେବାସୀଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଆଜି ସେମାନେ ସମସ୍ତେ ସୁସ୍ଥ ହୋଇ ଫେରିଥିଲେ । ହେଲେ ଆଜି ହଷ୍ଟେଲରେ ଖାଦ୍ୟ ସୁରକ୍ଷା ଅଧିକାରୀ ଖାଦ୍ୟ ଯାଞ୍ଚ କରିଥିବା ବେଳେ ବୈପାରିଗୁଡା ଏବଂ ରାମଗିରି ଡ଼ାକ୍ତରୀ ଦଳ ଶିରିବେଡା ପିଏମଶ୍ରୀ ବିଦ୍ୟାଳୟର ହଷ୍ଟେଲରେ ପହଞ୍ଚି ସମସ୍ତ ପିଲାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଖବର ପାଇ କୋଟପାଡ଼ ବିଧାୟକ ପ୍ରତିନିଧି ଚିଏଚ ପ୍ରଭାକର ରାଓ ବିଦ୍ୟାଳୟରେ ସ୍ଥଳରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ ଏବଂ ଏସମ୍ପର୍କରେ ଡାକ୍ତର ଏବଂ ପ୍ରଧାନ ଶିକ୍ଷକ ସହ ଆଲୋଚନା କରିଥିଲେ।



# ୪ ଶିକ୍ଷକଙ୍କୁ ଅଭିଭାବକଙ୍କ ସମ୍ପର୍କୀୟଙ୍କ ନିର୍ଯାତନା ଘଟଣା ନେଇ ଉଦ୍‌ବେଗ

ଜୟପୁର,୨।୧୨(ସମିସ) : ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଶ୍ରେଷ୍ଠ ସ୍ଥାନ ଓ ମାନ୍ୟତା ଦିଆଯାଇଥିବା ବେଳେ ବର୍ତ୍ତମାନ ସରାକାରଙ୍କ କିଛି କଟକଣା ଓ ଶିକ୍ଷା ବ୍ୟବସ୍ଥା ଯୋଗୁଁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ବିଦ୍ୟାଳୟରେ ପାଠ ପଢାଉଥିଲେ ସୁଦ୍ଧା ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ମାନଙ୍କ ଆଚରଣ ଓ ବ୍ୟବହାରକୁ ନେଇ ଭୟଭୀତ ହୋଇଯାଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ତାଗିଦ କରିବାକୁ ଯାଇ ଶିକ୍ଷକଙ୍କ ଏକ ଚାପୁଡା ମାରିଥିଲେ। ଏହାକୁ ନେଇ ସଂପୃକ୍ତି ଶିକ୍ଷକଙ୍କ ସମେତ ସମୁଦାୟ ୪ ଜଣ ଶିକ୍ଷକଙ୍କୁ ମହଙ୍ଗା ପଡିଥିଲା। ଏହିପରି ଛାତ୍ରଙ୍କ ଘରକୁ ଶିକ୍ଷକ ମାନେ ଯାଇ ଅଭିଯୋଗକାରୀ ଛାତ୍ରଙ୍କ ଅଭିବାବକଙ୍କୁ ସାକ୍ଷାତ କରିବା ସହ କ୍ଷମାପ୍ରାର୍ଥନା ଏବଂ ଛାତ୍ରଙ୍କ ବିଷୟରେ ପଚରା ଉଚରା ବେଳେ ସ୍ଥାନୀୟ ଜେକବ ନାମକ ଏକ ଅସାମାଜିକ ବ୍ୟକ୍ତି ତଥା ସଂପୃକ୍ତ ଅଭିଭାବକଙ୍କ ସମ୍ପର୍କିୟ ଉକ୍ତ ୪ଜଣ ଶିକ୍ଷକଙ୍କୁ ରକ୍ତାକ୍ତ ଭାବେ ମାଡ ମାରିବା ସହ ତାଲିବାନୀ ଶାସନ ସ୍ୱରୁପ ୪ଜଣ ଶିକ୍ଷକଙ୍କୁ ଘର ସମ୍ମୁଖରେ ଆଣ୍ଠେଇବାକୁ ବାଧ୍ୟ କରିବା ନେଇ ଚର୍ଚ୍ଚାର ବିଷୟ ପାଲିଟିଛି। ଏହିପରି ଛାତ୍ରଙ୍କ ବାପାଙ୍କ ଅଭିଯୋଗ କ୍ରମେ ବିଦ୍ୟାଳୟର ଅଧ୍ୟକ୍ଷ ଏକ ଶୃଙ୍ଖଳାଗତ କମିଟି ଗଠନ କରିବା ସହିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ। ଏହିପରି ଗତ ୨୯ ତାରିଖରେ ଏହି ଶୃଙ୍ଖଳାକମିଟର ବୈଠକ ଚାଲିଥିବା ବେଳେ ସଂପୃକ୍ତ ଆସମାଜିକ ବ୍ୟକ୍ତି ଜୋରଜବରଦୋସ୍ତ ବିଦ୍ୟାଳୟ ଭିତରେ ପ୍ରବେଶ କରିଥିଲେ ଏହିପରି ଫାଟକ ସମ୍ମୁଖରେ ରହିଥିବା ସୁରକ୍ଷାକର୍ମୀଙ୍କୁ ଧକ୍କା ମାରି ଭିତରେ ପ୍ରବେଶ କରିଥିଲେ। ଏହିପରି ଅଧ୍ୟକ୍ଷଙ୍କ କକ୍ଷରେ ଶୃଙ୍ଖଳାଗତ କମିଟିର ବୈଠକ ଚାଲିଥିବା ବେଳେ କକ୍ଷ ସମ୍ମୁଖରେ ରହିଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଧକ୍କା ମାରିବା ସହ ବୈଠକ ଭିତରକୁ ଯାଇ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅଶାଳୀନ ଆଚରଣ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୈଠକରେ କମିଟିର ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବିଦ୍ୟାଳରେ ଅପ୍ରୀତିକର ପରିସ୍ଥିତି ଯୋଗୁଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଭୟଭୀତ ହୋଇପଡିଛନ୍ତି। ଏହି ଘଟଣାକୁ ନେଇ ବାହାରେ କିମ୍ବା ପୁଲିସ ନିକଟରେ ପ୍ରଘୋଟ କଲେ ମିଥ୍ୟା ମାମଲାରେ ଫସାଇବା ସହ ଜୀବନରେ ମାରିଦେବାକୁ ଉକ୍ତ ଅସାମାଜିକ ବ୍ୟକ୍ତି ଜେକବ ଧମକଚମକ ଦେଇଥିବା ନେଇ ଅଧ୍ୟକ୍ଷ ଥାନାରେ ଏତଲା ଦେଇଛନ୍ତି। ଏଥିନେଇ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ନିଜେ ତଦନ୍ତ କରିକାରୀ ଅଧିକାରୀ ଭାବେ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ପକ୍ଷରୁ ପ୍ରକାଶ କରାଯାଇଛି।

## ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜୟପୁର,୨।୧୨(ସମିସ) : ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ନିର୍ଦ୍ଦେଶକ୍ରମେ ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦୁଇଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କୁ ଆଜି ଅପରାହ୍ନରେ ପ୍ରଦାନ କରିଛନ୍ତି। ବ୍ଲକ ସଭାପତି ଦେବୀ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ମୂଳ ପଦବୀକୁ ଅପଗ୍ରେଡ କରାଯାଇ ଲେବୁଲ - ୯ ଅନୁଯାୟୀ ମୂଳବେତନ ମାସିକ ୩୫,୪୦୦ ଟଙ୍କା ପ୍ରଦାନ କରିବା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକାପ୍ରଥା ଉଚ୍ଛେଦ କରାଯାଇ, ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବି ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି। ଏହିପରି ରାଜ୍ୟ ସରକାର ତୁରନ୍ତ ଏହି ଦାବି ପୂରଣ ନେଇ ଆସନ୍ତା ୪ ତାରିଖ ସୁଦ୍ଧା ପଦକ୍ଷପ ଗ୍ରହଣ ନ କରିଲେ ୫ ତାରିଖ ଠାରୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଆନ୍ଦୋଳନ କରିବା ସହ ଭୁବନେଶ୍ୱର ଠାରେ ବିଶାଳ ଶିକ୍ଷକ ସମାବେଶ ଆୟୋଜନ ନେଇ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନ କରିଛନ୍ତି। ଏହି ଅବସରରେ ସଂଘ ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଲାଇ, ଉପ ସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଏନ.ପି.ଏସ ଶିକ୍ଷକ ପାରଦଶୀ ଫିଲିପ୍ସ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ଜ୍ୟୋତିଶଙ୍କର ତ୍ରିପାଠୀ, ଶିବରାମ ଦାଶ, ସାଗର ତ୍ରିପାଠୀ, ସଂଯୁକ୍ତା ରାଉତ, କନିଷ୍ଠ ଶିକ୍ଷକ ଅଜିତ କୁମାର ବେହେରା, କରୁଣାମୟ ପୃଷ୍ଟି, ଚକ୍ରଧର ସାହୁଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

ସେମିଳିଗଡ଼ା, ୨।୧୨(ସମିସ): କୋରାପୁଟ ଜିଲ୍ଲାର ସୁନାବେଡା ଥାନା ଅଧୀନ ସେମିଳିଗୁଡ଼ା ହନୁମାନ ନଗରର ଜଣେ ଛାତ୍ରୀ ଆତହତ୍ୟା କରିଥିବା ଜଣାପଡିଛି। ସୁନାବେଡ଼ା ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ଏମଭି-୭୯ ଅଞ୍ଚଳର ସମିରନ କାନ୍ତି ମଣ୍ଡଳଙ୍କ ଝିଅ ଜୟନ୍ତୀକା ମଣ୍ଡଳ(୧୮) ସେମିଳିଗୁଡାରେ ତାଙ୍କର ଜଣେ ଭଉଣୀ ସହ ହନୁମାନ ନଗର ଏକ ଭଡା ଘରେ ରହି ଯୁକ୍ତ ୨ରେ ପାଠ ପଢୁଥିଲେ। ଜୟନ୍ତୀକା ନିଜ ଘରେ ଆତ୍ମହତ୍ୟା କରିଥିବା ପୋଲିସକୁ ସୂଚନା ମିଳିବା ପରେ ସୁନାବେଡା ଥାନା ଏଏସ୍‌ଆଇ ଉଷାରାଣୀ ବେହେରା ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ନଂ. ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି।

## ଫେରାର ଅଭିଯୁକ୍ତ ଚୋର ଗିରଫ

ଜୟପୁର,୨।୧୨(ସମିସ): ଜୟପୁର ସହରର ହାଟପଜଦା ଅଞ୍ଚଳରେ ଏକ କାର ସାଜସାମଗ୍ରୀ ବିକ୍ରି ଦୋକାନରୁ ଚୋରି ମାମଲାରେ ଟାଉନ ଥାନା ପୁଲିସ ଜଣେ ଫେରାର ଅଭିଯୁକ୍ତ ସ୍ଥାନୀୟ ରାଜୁ ମାଝି ଏଲିଆସ ମୋଟୁ (୨୨)କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଗତ ମାର୍ଚ୍ଚ ମାସରେ ଗୋଟିଏ ଉକ୍ତ ଦୋକାନରୁ ଚୋରି ହୋଇଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ ବେଳେ ଏହି ମାମଲାରେ ଦୁଇ ଜଣ ଅଭିଯୁକ୍ତ ସଂପୃକ୍ତ ନେଇ ଜଣାପଡିବା ପରେ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ କିଛି ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ। କିନ୍ତୁ ଅଭିଯୁକ୍ତ ରାଜୁ ଫେରାର ହୋଇଯାଇଥିଲା। ଫେରାର ଅଭିଯୁକ୍ତ ରାଜୁ ଘରକୁ ଫେରିଥିବା ସୂଚନା ପାଇବା ପରେ ତଦନ୍ତକାରୀ ଅଧିକାରୀ ଏସ.ଆଇ ଗୋବିନ୍ଦ ଚନ୍ଦ୍ର ହାଂସଦାଙ୍କ ନେତୃତ୍ୱରେ ପୁଲିସ ଦଳ ଚଢ଼ଉ କରିବା ସହ ଗିରଫ କର କୋର୍ଟ ଚାଲାଣ କରିଥିବା ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

■ ଶେଷ ହେଲା ବ୍ଲକ୍‌ସ୍ତରୀୟ 'ପରବ'

# 'ଚାନ୍ଦାରେ ଚାଲିଛି, ସରକାରୀ ସହାୟତା ଆବଶ୍ୟକ'

ବୈପାରୀଗୁଡ଼ା, ୨।୧୨(ସମିସ):

ବୈପାରିଗୁଡା ବ୍ଲକ ସ୍ତରୀୟ ପରବ ଅନୁଷ୍ଠିତ ହୋଇଯାଇଛି । 'ପରବ' ମଞ୍ଚରେ ସମାଜର ମୁଖିଆଙ୍କୁ ଅଣ ଦେଖା ଅଭିଯୋଗ ହୋଇଥିବା ବେଳେ ଅନ୍ୟପଟେ ପରବ ପାଇଁ ସରକାରଙ୍କ ଆର୍ଥିକ ସହାୟତା ନାହିଁ, ମାଗି ଯାଚି 'ପରବ' କରୁଛୁ ବୋଲି ନିଜର ଅଭିଭାଷଣରେ ମତ ରଖିଲେ ଜନ ପ୍ରତିନିଧି। ଆଧୁନିକତା ଭିତରେ ଧୀରେ ଧୀରେ ଅଧିବାସୀଙ୍କ କଳା ସଂସ୍କୃତି ଲୁଚିଯାଉଛି ବୋଲି ଅଭିଯୋଗ ଆଣିଲେ ଅତିଥମାନେ। ବୈପାରିଗୁଡା ସ୍ଥିତ ବିରଖମ୍ବ ପୋଲ ଠାରୁ ପରମ୍ପରା ବାଜା ଢେମସା ନାଚରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସଭାର ଆୟୋଜନ ହୋଇଥିଲା। ଏଥିରେ କୋରାପୁଟ ସିଡିଓ ବେଣୁଧର ଶବର, ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ବିଡ଼ିଓ ଶକ୍ତି ମହାପାତ୍ର, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ନବରଙ୍ଗପୁର ସାଂସଦ ପ୍ରତିନିଧି ହରିହର ପ୍ରଧାନୀ, କୋଟପାଡ଼ ବିଧାୟକ ପ୍ରତିନିଧି ଚିଏଚ ପ୍ରଭାକର ରାଓ, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ ଓ ସଭ୍ୟା ମଣି ଜାନି, ସମସ୍ତ ସରପଞ୍ଚ ଏବଂ ସମିତଙ୍କୁ ମଞ୍ଚ ଉପରକୁ ଡ଼କାଯାଇଥିଲା । କିନ୍ତୁ ବିଭିନ୍ନ ସମ୍ପ୍ରଦାୟ ସମାଜର ମୁଖିଆଙ୍କୁ ମଞ୍ଚ ଉପରକୁ ଡ଼କାଗଲା ନାହିଁ । ଏଣୁ ସେମାନେ ଅଭିଯୋଗ ଆଣିବା ପରେ ବିଡ଼ିଓ ମଞ୍ଚରୁ ତଳକୁ ଓହ୍ଲାଇ ଆସିଲେ। ସେମାନଙ୍କୁ ବୁଝାସୁଝା କରିବା ପରେ ସମସ୍ତ ସମାଜର ମୁଖିଆଙ୍କୁ ମଞ୍ଚରେ ସ୍ଥାନ ଦିଆଯିବା ସହ ସମ୍ମାନିତ କରାଗଲା। ଏହି ଏହି ଅବସରରେ ବିଭିନ୍ନ ସମାଜର ମୁଖିଆ ମାନେ ଆଦିବାସୀ କଳା ସଂସ୍କୃତି ଓ ପରମ୍ପରାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଅଧିନିକ ଯୁଗରେ ଧୀରେ ଧୀରେ ଲୋକ କଳା ଲୁଚି ଯାଉଛି, ଏଥିପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ଏବଂ ଲୋକ ମହୋତ୍ସବ ପରବକୁ ସରକାରୀ ଢାଞ୍ଚାରେ ପରବ ଭଳି ପାଳନ କରାଯାଉଛି । ଯଦି ପଞ୍ଚାୟତସ୍ତରୀୟ ଏବଂ ବ୍ଲକସ୍ତରୀୟ ପ୍ରତିଯୋଗିତା ସଠିକ ଭାବେ ପାଳନ ହୁଏ, ତେବେ 'ପରବ'ର ପ୍ରକୃତ ଉଦ୍ଦେଶ୍ୟରେ ସାଧିତ ହେବ ବୋଲି କହିଥିଲେ। ସେହିପରି ଦୋରାଗୁଡା ସମିତି ସଭ୍ୟ ନିଜର ଅଭିଭାଷଣରେ କହିଥିଲେ ଯେ, ପରବ ଆସିଲେ ସମସ୍ତେ ଚାନ୍ଦା ପାଇଁ ଭୟ କରନ୍ତି । କାରଣ ପରବ ପାଳନ ପାଇଁ ଆବଶ୍ୟକ ସରକାରୀ ଆର୍ଥିକ ସହାୟତା ନାହିଁ । ଏଣୁ ଆକୁ ତାକୁ ମାଗି ଚାନ୍ଦା କରି ପରବ ପାଳନ କରାଯାଉଛି ।ଏଥିପାଇଁ ସରକାରୀ ସହାୟତା ଆବଶ୍ୟକ ବୋଲି ମତ ରଖିଥିଲେ କ୍ଷ ସେପଟେ ମଞ୍ଚରେ ମୁଖ୍ୟ ଅତିଥି ସିଡିଓ ଏହାକୁ ସ୍ୱୀକାର କରିଥିଲେ। ଆଗାମୀ ଦିନରେ ବ୍ଲକ ସ୍ତରୀୟ ପରବ ପଳିନ ପାଇଁ ଆର୍ଥିକ ସହାୟତା ନିମନ୍ତେ ଆଲୋଚନା କରାଯିବ ବୋଲି କହିଥିଲେ। ଏହି ମଞ୍ଚରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ବୈପାରୀଗୁଡା ଅଞ୍ଚଳର ୫ ଜଣଙ୍କୁ ପରବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଲଇଛନ ମାଝୀ, ହିରାମଣି ମାଝୀ, ପଞ୍ଚମ ଶ୍ରେଣୀର ଛାତ୍ରୀ ରୀତା ଶାନ୍ତା, ଭାସ୍କର ଚନ୍ଦ୍ର ବେହେରା, ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସୁଶ୍ରୀ କୃତି ସାଇନୀ ଦଳବେହେରାଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା।




## ଜଳବାୟୁ ସ୍ଥିର କୃଷି ଉପରେ ନୂତନ ପ୍ରକଳ୍ପର ଶୁଭାରମ୍ଭ

କୋରାପୁଟ,୨।୧୨(ସମିସ) ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର ମିଳିତ ଆନୁକୁଲ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ସ୍ଥିର କୃଷି ଉପରେ ଏକ ନୂତନ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ଶୁଭକାମନା ଜଣାଇବା ସହ ଜିଲ୍ଲା ପ୍ରଶାସନର ସହଯୋଗ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ପିଡବ୍ଲୁସିର କାର୍ଯ୍ୟକ୍ରମ ଅଧିକାରୀ ପୁଣ୍ୟଶୀଲ ଯାନଜୋନ ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହିତ ଲମତାପୁଟ ବ୍ଲକରେ ଆରମ୍ଭ କରାଯାଉଥିବା ପ୍ରକଳ୍ପର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ପ୍ରକଳ୍ପଟି ଲମତାପୁଟ ବ୍ଲକର ତୁଷବା ଗ୍ରାମପଞ୍ଚାୟତରେ ୫ଟି ଗ୍ରାମରେ କାର୍ଯ୍ୟକାରୀ କରାଯିବ ଓ କାର୍ଯ୍ୟକ୍ରମ ଜରିଆରେ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ କୂପ ଖନନ, ସୌର ଚାଳିତ ପମ୍ପ, ମୃତ୍ତିକା ସଂରକ୍ଷଣ, ଫଳ ବଗିଚା ସୃଷ୍ଟି, ଶ୍ରୀ ପ୍ରଣାଳୀରେ ଧାନ ଓ ମାଣ୍ଡିଆ ଚାଷ, ଅଧା ଏକର ଆଦର୍ଶ ବଗିଚା ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ ଓ ଏଥି ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯିବ ବୋଲି ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀ କହିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବିଭାଗର ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗ ଦେଇ ଆକାଂକ୍ଷା ଜିଲ୍ଲା କୋରାପୁଟର ଲମତାପୁଟ ବ୍ଲକରେ କିପରି ଜିଲ୍ଲା ପ୍ରଶାସନ ସହାୟତାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବିକାଶ ହୋଇପାରିବ ସେଥିନିମନ୍ତେ ଜିଲ୍ଲା ପ୍ରଶାସନ ଓ ସମସ୍ତ ବିଭାଗର ସହଯୋଗ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ , କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁନିତା ଦଣ୍ଡସେନା ଉପସ୍ଥିତ ରହି ଚାଷିଙ୍କ ପାଇଁ କୃଷିକ୍ଷେତ୍ର ପ୍ରଦର୍ଶନ, ବିହନ ଉତ୍ପାଦନ, କୃଷି ଯନ୍ତ୍ରପାତି ଓ ଉଦ୍ୟାନ କୃଷି ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର ସ୍ଥିତ ଆଇସିଏଆର ର ପ୍ରମୁଖ ବୈଜ୍ଞାନିକ ଡ. ଆରକେ ପଣ୍ଡା ଉପସ୍ଥିତ ରହି କୃଷିର ବିକାଶ ଓ ଚାଷୀମାନଙ୍କ କାର୍ଯ୍ୟରେ ଉନ୍ନତି ନେଇ ପ୍ରଗତି ସ୍ୱେଚ୍ଛାସେବୀ ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ପ୍ରଗତିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଲୁନା ପଣ୍ଡା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କର୍ମଶାଳାରେ ତୁଷବା ପଞ୍ଚାୟତର ୫ଟି ପ୍ରକଳ୍ପ ଗ୍ରାମଗୁଡ଼ିକରୁ ୫୦ ଜଣ ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

■ ଗୋପାଳ ଜୀଉ ମଠରେ ୭୨ ବ୍ୟଞ୍ଜନ

## ଛପନ ଭୋଗରେ ଦ୍ୱାଦଶୀ ପାଳନ

ଜୟପୁର,୨।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଗ୍ରାମସ୍ଥିତ ଗୋପାଳଜୀଉ ମଠ ଠାରେ ଦ୍ୱାଦଶୀ ତିଥି ପୂଜାର୍ଚ୍ଚନା ଅବସରରେ ମହାଆଡମ୍ବରରେ ସହ ପାଳିତ ହୋଇଯାଇଛି। ଏହି ଅବସରରେ ଭଗବାନ ରାଧାକୃଷ୍ଣଙ୍କ ନିକଟରେ ୭୨ ପ୍ରକାରର ବ୍ୟଞ୍ଜନ ସହ ଛପନ ଭୋଗ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ସମସ୍ତ ବ୍ୟଞ୍ଜନ ଓ ଭୋଗ ମାଟିପାତ୍ରରେ ରନ୍ଧନ ହୋଇଥିଲା। ଏହି ଅବସରରେ ସଂକୀର୍ତ୍ତନ, ଭଜନ, ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା ମଠ ପରିଚାଳକ ବାବା କୃଷ୍ଣଚନ୍ଦ୍ର ପାଳ, ପୁରୀର ହରି ଚରଣ ଦାସ, ରତ୍ନାକର ନାରାଜି, ଲିଙ୍ଗରାଜ ନିଶଙ୍କ, ବିପଦ ଭଞ୍ଜନ ଦାସ, ନୀର ସାହୁ ମଦନ ମହାରାଜ, ଓମକାର ପାଢୀ, ତୁଷାର କାନ୍ତ ଦାଶ, ରୋଶେୟା ବିଶ୍ୱନାଥ ପାଢିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନର ଆୟୋଜିତ କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭକ୍ତ ଓ ଶଦ୍ଧାଳୁ ଉପସ୍ଥିତ ରହିବା ସହିତ ସଂକୀର୍ତ୍ତନ ଏବଂ ପ୍ରସାଦ ସେବନ କରିଥିଲେ।

● ବିଦ୍ୟାଳୟ ହଷ୍ଟେଲରୁ ଚୋରି ମାମଲା

## ୩ ନାବାଳକ ଜୁଭେନାଇଲ୍ ଜଷ୍ଟିସ୍‌ବୋର୍ଡରେ ହାଜର

ଜୟପୁର,୨।୧୨(ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ସ୍ଥାନୀୟ ବାମୁଣୀପୁଟ ସ୍ଥିତ ଆଦିବାସୀ ଉନ୍ନୟନ ବିଭାଗର ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ନିର୍ମାଣଧିନ ହଷ୍ଟେଲ ଭବନରୁ ଡିଷ୍ଟେମ୍ପର, ଆଲୁମିନିୟମ ପେନାଲ ଏବଂ ପୁଟି ଚୋରି କରିଥିବା ମାମଲାରେ ଉକ୍ତ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କ ସମେତ ୩ ଜଣ ନାବାଳ ଅଭିଯୁକ୍ତଙ୍କୁ ପୁଲିସ ଧରିବା ସହ ଆଜି ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରିଥିଲେ। ଜଷ୍ଟିସ ବୋର୍ଡ ୩ ନାବାଳକ ଅଭିଯୁକ୍ତଙ୍କୁ ମାଲକାନଗିରି ସୁଧାରଗୃହକୁ ପଠାଇଦେଇଛନ୍ତି। କିନ୍ତୁ ଏହି ମାମଲାରେ ଅନ୍ୟଜଣେ ଯୁବକ ସାମିଲ ରହିଥିବା ବେଳେ ଫେରାର ରହିଥିବା ନେଇ ସୂଚନା ମିଳିଛି। ପୁଲିସ ସୂଚନା ଅନୁଯାୟୀ, ବିଦ୍ୟାଳୟର ନିର୍ମାଣଧିନ ହୋଷ୍ଟେଲ ଭବନରୁ ୧୬ଟି (୨୦ ଲିଟର) ବାଲତି ଡିଷ୍ଟେମ୍ପର, ଗୋଟିଏ ଆଲୁମିନିୟମ ପେନେଲ ଏବଂ ପୁଟି ଚୋରି ହୋଇଥିବା ନେଇ ଥାନାରେ ଗତ ୨୬ ତାରିଖରେ ଏତଲା ହୋଇଥିଲା। ଏଥିନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା ଏବଂ ତଦନ୍ତକାରୀ ଅଧିକାରୀ ଭାବେ ଏଏସଆଇ ବିଦ୍ୟାଧର ମାଝି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ନାବାଳକ ମାନେ ଉକ୍ତ ସାମଗ୍ରୀ ଗୁଡିକ ଜୟପୁର ବିକ୍ରି କରିବା ନେଇ ଏକ ଦୋକାନକୁ ଆଣିଥିଲେ। କିନ୍ତୁ ଦୋକାନୀ ମନା କରିଦେଇଥିବା ଯୋଗୁଁ ଫେରିଯାଇ ଅନ୍ୟାନ୍ୟ କୌଣସି ସ୍ଥାନରେ ବିକ୍ରି ନେଇ ପ୍ରୟାସ କରୁଥିଲେ। କିନ୍ତୁ ପୁଲିସ ତଦନ୍ତକାରୀ ଦଳ ସୂଚନା ପାଇବା ପରେ ବିକ୍ରି କରିବାକୁ ଆସିଥିବା ଉକ୍ତ ଦୋକାନରେ ପହଞ୍ଚି ଦୋକାନର ସିସି କ୍ୟାମେରା ଯାଞ୍ଚ ବେଳେ ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଏଥିନେଇ ପୁଲିସ ଅଭିଯୁକ୍ତ ନାବାଳକ ମାନଙ୍କ ଘରରୁ ଚୋରି ହୋଇଥିବା ୧୨ଟି ବାଲିତି ଡିଷ୍ଟେମ୍ପର, ଗୋଟିଏ ବେଣ୍ଡେଲ ଆଲୁମିନିୟମ ପ୍ୟାନେଲ, ୪ ବସ୍ତା ପୁଟି ଜବତ କରିଥିବା ବେଳେ ଅଭିଯୁକ୍ତ ନାବାଳଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଏଥିରେ ଅନ୍ୟଜଣେ ବାଲିଆ ଗ୍ରାମର ଜଣେ ଯୁବକ ସାମିଲ ରହିଥିବା ନେଇ ସୂଚନା ଦେଇଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପଞ୍ଚାୟତ ସମିତିସ୍ତରୀୟ ଲୋକ ମହୋତ୍ସବ

ପୋଡ଼ାଗଡ଼, ୨।୧୨(ସମିସ): କୋରାପୁଟ ଜିଲ୍ଲା ଲୋକ ମହୋତ୍ସବ ପରବ ୨୦୨୫ ପଞ୍ଚାୟତ ସମିତି ସ୍ତରୀୟ ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦଶମନ୍ତପୁର ବ୍ଲକ ଆରାଧ୍ୟ ଦେବତା ମା ଖମ୍ବେଶ୍ୱରୀ ମନ୍ଦିରରୁ ବିରାଟ କଳସ ଯାତ୍ରାରେ ପରବ ମଶାଲ ଧରି ଆସି ଦଶମନ୍ତପୁର ସହର ପରିକ୍ରମା କରାଯାଇଥିଲା। ବ୍ଲକ ପ୍ରଶାସନ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ଓ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନି ତାସିଲ ଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରା ଜିପିଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ 'ପରବ' ପଡ଼ିଆରେ ମଶାଲ ପହଞ୍ଚିବା ପରେ ଅଙ୍ଗନବାଡି କର୍ମୀଙ୍କ ସହ କାର୍ଯ୍ୟରତ ମିଶନ ଶକ୍ତି ମହିଳା ମାନେ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଓ ସ୍ଥାନୀୟ ବ୍ଲକ ଅଧକ୍ଷାଙ୍କ ଦ୍ୱାରା ପରବ ପତାକା ଉତ୍ତୋଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରବ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ର ବିଧାୟକ ପବିତ୍ର ସାଉନ୍ତା ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ରୂପକ ତୁରୁକ୍ ପୂର୍ବ ତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଝିନହିକକା ପୂର୍ବତନ ବିଧାୟକ କୈଳାସ କୁଲେଶିକା ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ବିଜେଡି ଜିଲ୍ଲା ଉପ ସଭାପତି ନାରାୟଣ ବିସଇ କୋରାପୁଟ ସାଂସଦ ଙ୍କ ପ୍ରତିନିଧି ପଙ୍କଜ ବାଘ ଜୋନ ୧ ଜିଲ୍ଲା ପରିଷଦ ସଭ୍ୟକ୍ଷ ଲଳିତା ଜାନି ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ସମେତ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ। ଥାନା ଅଧିକାର ସୁକୁମା ହାଁସଦାଙ୍କ ସମେତ କର୍ମଚାରୀ ଶାନ୍ତି ଶୃଙ୍ଖଳ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟୋଜିତ ହୋଇଥିଲେ। ଗୋଷ୍ଠୀ ଉନୟନ ଅଧିକାରୀ ଧନ୍ୟବାଦ ଜଣାଇ ଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



କୋରାପୁଟ,୨।୧୨(ସମିସ): ବୋରିଗୁମ୍ମା ବ୍ଲକର କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁମୁଲି ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ୪୦ ବର୍ଷ ହେବ ଦାବି କରି ଆସୁଛନ୍ତି। ଲୋକେ ଅନେକ ସମୟରେ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁ ମୁଖରେ ପଡୁଥିବା ଓ ପ୍ରତି କଥାରେ ସେମାନେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଅଭିଯୋଗ ଉଠାଇଛନ୍ତି। ଉକ୍ତ ମେଡିକାଲ ଉପରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତ , ଦଶମନ୍ତପୁର ବ୍ଲକର ୩ଟି ପଞ୍ଚାୟତ ଏବଂ ନବରଙ୍ଗପୁର ଜିଲ୍ଲାର ୩ ଟି ପଞ୍ଚାୟତର ପ୍ରାୟ ୧ ଲକ୍ଷ ୫୦ ହଜାର ଲୋକ ନିର୍ଭର କରୁଥିବା ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି। ଏହା ହେଲେ ଅଞ୍ଚଳରେ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇ ପାରିବ। ତେଣୁ ଏଥିପ୍ରତି ଗୁରୁତର ସହ ବିଚାର କରିବାକୁ ଅନୁରୋଧ କରିଛନ୍ତି। ଅଞ୍ଚଳବାସୀଙ୍କ ଦାବିପତ୍ର ଗ୍ରହଣ କରି ଜିଲ୍ଲାପାଳ ସକରାତ୍ମ ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି।

# ଭାରତମାଳା ରାସ୍ତା ଅବରୋଧ କଲେ ଗ୍ରାମବାସୀ

ପାପଡାହାଣ୍ଡି,୨।୧୨(ସମିସ):

ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାଗୁଡ଼ା । ଠାରେ ଭାରତମାଳା ରାସ୍ତା କୁ ମକିଆ ଫଂଚାୟତ ର ନୂଆଗୁଡା ଗ୍ରାମର ଏବଂ ଡେଙ୍ଗାଗୁଡ଼ା । ପଞ୍ଚାୟତର ସିଉନାଗୁଡ଼ା ଗ୍ରାମର ଶତାଧିକ ସଂଖ୍ୟାରେ ଗ୍ରାମବାସୀ ପହଞ୍ଚି ରାସ୍ତାକୁ ଅବରୋଧ କରିଛନ୍ତି। ଏହି ଦୁଇ ଗ୍ରାମରେ ୧୫୦ରୁ ଅଧିକ ପରିବାର ବସବାସ କରନ୍ତି। ସେମାନଙ୍କ ବୃତ୍ତି ଜୀବିକା କୃଷି କାର୍ଯ୍ୟ ଏବଂ ଶ୍ରମିକ ଭାବେ କାର୍ଯ୍ୟ କରିବା, ପୂର୍ବରୁ ଗ୍ରାମବାସୀ ଯେଉଁ ରାସ୍ତାରେ ଦେଇ ଯାତାୟତ କରୁଥିଲେ ବର୍ତ୍ତମାନ ସେହି ରାସ୍ତା ଉପରେ ଭାରତମାଳା ରାସ୍ତା ନିର୍ମାଣ ହୋଇଛି। ଯାହା ସେମାନଙ୍କୁ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗ୍ରାମବାସୀ କୃଷି କାର୍ଯ୍ୟ ପାଇଁ ନିଜ ଚାଷଜମିକୁ ଯିବାକୁ, ଡାକ୍ତରଖାନା , ଛାତ୍ରଛାତ୍ରୀ କଲେଜ, ଉଚ୍ଚ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଅନ୍ୟାନ କାର୍ଯ୍ୟ ରେ ବାହାରକୁ ଯିବାପାଇଁ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ପ୍ରକାରେ ଭାରତମାଳା ରାସ୍ତା ନିର୍ମାଣ ପୂର୍ବରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିଶୃତି ମିଳିଥିଲା ଜେ ସେମାନଙ୍କ ସୁବିଧାରେ ଯାତାୟତ ପାଇଁ ବାଇପାସ ରାସ୍ତା ନିର୍ମାଣ ହେବ କିନ୍ତୁ ଭାରତମାଳା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଆଉ କିଛି ଦିନ ପରେ ରାସ୍ତାରେ ଗାଡି ଗୁଡିକ ଯାତାୟତ କରିବ। ଗ୍ରାମବାସୀ ଆଉ ଭାରତମାଳା ରାସ୍ତା ବ୍ୟବହାର କରିପାରିବେ ନାହିଁ। ତେଣୁ ଆଜିର ଏହି ରାସ୍ତାରୋକ କରାଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି, ପୂର୍ବରୁ ମଧ୍ୟ ଗତବର୍ଷ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସେତେବେଳେ ପ୍ରଶାସନିକ ଅଧିକାରୀ ଆସି ପ୍ରତିଶୃତି ଦେଇଥିଲେ ବାଇପାସ ରାସ୍ତା ତିଆରି ପାଇଁ । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାମ ହୋଇନାହିଁ ବୋଲି ଗ୍ରାମବାସୀ ଦୁଃଖର ସହ ପ୍ରକାଶ କରିଛନ୍ତି । କୋଡ଼ିଙ୍ଗା ଆଇଆଇସି ଯୁଗଳ ଶବର, ଭାରତମାଳା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ବୁଝାସୁଝା କରିବା ସହ ତିନି ଦିନ ମଧ୍ୟରେ ବାଇପାସ ରାସ୍ତା ନିର୍ମାଣ ଲାଗି ପ୍ରତିଶୃତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।



## ସରକାରଙ୍କୁ ଭୁବନେଶ୍ୱରରେ ମିଳିଲାନି ଜାଗା

# ଟେନିସ୍ କୋର୍ଟରେ ହେବ ରମାଦେବୀ ଜୟନ୍ତୀ

ଭୁବନେଶ୍ୱର, ୨।୧୨(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କ ଜନ୍ମଦିନ ପାଳନକୁ ନେଇ ଉଠିଛି ବିବାଦ। ଭୁବନେଶ୍ୱରରେ ବଡ଼ବଡ଼ ସରକାରୀ ପ୍ରେକ୍ଷାଳୟ ଥାଉ ଥାଉ ଟେନିସ୍

### ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ପ୍ରତିବାଦ

କୋର୍ଟରେ ରମାଦେବୀଙ୍କ ଜୟନ୍ତୀ ପାଳନକୁ ପ୍ରତିବାଦ ଜଣାଇଛି ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ।

ଓଡ଼ିଶାର ଘରେ ଘରେ ମାଆ ରୂପେ ସୁପରିଚିତା ରମାଦେବୀ ଚୌଧୁରୀ। ଚଳିତ ବର୍ଷ ରାଜ୍ୟବ୍ୟାପୀ ଗାନ୍ଧୀବାଦୀ ସଂଗଠନ ତଥା ତାଙ୍କ ଅନୁଗାମୀମାନଙ୍କ ଦ୍ୱାରା ତାଙ୍କର ୧୨୫ତମ ଜୟନ୍ତୀ ବର୍ଷ ପାଳିତ ହେଉଛି।




ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ରମାଦେବୀଙ୍କ କର୍ମକ୍ଷେତ୍ର କଟକର ଗୁଣନିଧି ଭବନରେ ଏକ ମ୍ୟୁଜିଅମ ସ୍ଥାପନ କରିବାକୁ ପଦକ୍ଷେପ ନେବେ ବୋଲି ପତ୍ର ସଂଖ୍ୟା ୨୩୦୩ ତା ୦୫.୦୪.୨୦୨୪ ଯୋଗେ ଜଣାଇଥିଲେ। ହେଲେ ସେ ବାବଦରେ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ନିଜେ ମୁଖ୍ୟମନ୍ତ୍ରୀ ମାଆ ରମାଦେବୀଙ୍କର ୧୨୫ତମ ଜୟନ୍ତୀ ବର୍ଷକୁ ବର୍ଷବ୍ୟାପୀ ପାଳନ କରିବେ ବୋଲି ଗତ ଜାନୁଆରୀ ଦୁଇ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ଘୋଷଣା କରିଥିଲେ। ଅଥଚ ଗତ କିଛିଦିନ ତଳେ ନିର୍ଭୟ ଓ ପ୍ରଗତିବାଦୀ ଖବରକାଗଜରୁ ଜାଣିବାକୁ ପାଇଲୁ ଯେ, ରମାଦେବୀ କଂଗ୍ରେସ ଦଳରେ ସାମିଲ ହୋଇ ସ୍ୱାଧୀନତା ସଂଗ୍ରାମ କରିଥିବାରୁ ବିଭାଗୀୟ ମନ୍ତ୍ରୀ ତାଙ୍କ ଜୟନ୍ତୀ ରାଜ୍ୟ ସରକାର ପାଳିବେ ନାହିଁ କହି ଫାଇଲ ଫେରାଇ ଦେଇଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ପୁଣି ଜାଣିବାକୁ ମିଳିଛି ଯେ, ସରକାର ତରବରିଆ ଭାବରେ କଳିଙ୍ଗ ଷ୍ଟାଡିଅମ ସ୍ଥିତ ଟେନିସ ଅଡିଟୋରିଅମ ପରିସରରେ ତାଙ୍କ ଜୟନ୍ତୀ ପାଳନ କରିବାକୁ ଯାଉଛନ୍ତି।

ସରକାରଙ୍କ ହାତରେ ସଭା ସମିତି ପାଇଁ ଜୟଦେବ ଭବନ, ଗୀତଗୋବିନ୍ଦ ସଦନ ଭଳି ଅନେକ ଅଡିଟୋରିଅମ ରହିଛି। ମହାପୁରୁଷମାନଙ୍କ ନିମନ୍ତେ ସେସବୁ ହଲରେ ଜୟନ୍ତୀ ଓ ଶ୍ରାଦ୍ଧ ପାଳିତ ହେଉଥିବା ବେଳେ ହଠାତ୍ ଟେନିସ କୋର୍ଟରେ ରମାଦେବୀଙ୍କ ଜୟନ୍ତୀ ପାଳନ ନେଇ ପ୍ରଶ୍ନ ଉଠାଇଛନ୍ତି ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସଦସ୍ୟମାନେ। ବୁଦ୍ଧିଜୀବୀଙ୍କ କହିବାନୁଯାୟୀ ରମାଦେବୀ ଖେଳାଳି ନ ଥିଲେ। ସରକାର ଯଦି ରମାଦେବୀଙ୍କ ଜୟନ୍ତୀ ନ ପାଳିବେ ତେବେ ରମାଦେବୀଙ୍କୁ ଓଡ଼ିଶାବାସୀ ଭୁଲିଯିବେ ନାହିଁ। ତେଣୁ ସରକାର ମାଆ ରମାଦେବୀଙ୍କ ପ୍ରତି ଆଉ ଦୟା ଦେଖାଇ ତାଙ୍କ ଜୟନ୍ତୀ ଉତ୍ସବ ପାଳନ ନ କରନ୍ତୁ ବୋଲି ଏକ ପ୍ରେସ ବିବୃତିରେ ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସଭାନେତ୍ରୀ ପ୍ରଫେସର ସୀତା ସାହୁ, ଉପସଭାନେତ୍ରୀ ନମିତା ପଣ୍ଡା ଓ ସମ୍ପାଦିକା ଅନ୍ନପୂର୍ଣ୍ଣା ସାହୁ ଏକ ପ୍ରେସ ବିବୃତି ଯୋଗେ ଜଣାଇଛନ୍ତି।

# ବିବାହ ମଣ୍ଡପରୁ ମାର୍କୁଣ୍ଡିର ସୁନା ଚେନ୍ ଚୋରି



ଭୁବନେଶ୍ୱର, ୨।୧୨ (ସମିସ): ବିବାହ ମଣ୍ଡପରୁ ମାର୍କୁଣ୍ଡିଙ୍କ ସୁନା ଚେନ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁନାମା ଗେଟ୍ ଅଞ୍ଚଳର ପ୍ରଭୁ ଆଚାର୍ଯ୍ୟ (୩୨)।

ପୁଲିସ ସୂଚନା ଅନୁସାରେ, ଗତମାସ ୨୬ ତାରିଖରେ ଗଙ୍ଗନଗର କମ୍ୟୁନିଟି ହଲରେ ଭୀମଟାଙ୍ଗୀ ଅଞ୍ଚଳର ସପନ କୁମାର ଦାସଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତ ପ୍ରଭୁ ଭିଡ଼ ଓ ଅତିଥିଙ୍କ ଗତିବିଧିର ସୁଯୋଗ ନେଇ ମାର୍କୁଣ୍ଡି ବେକରୁ ସୁନା ଚେନ୍ ଚୋରି କରି ନେଇଥିଲା। ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ନ ମିଳିବାରୁ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଥିଲା। ପ୍ରଭୁ ହିଁ ସୁନା ଚେନ ଚୋରି କରିଥିବା ନେଇ ତା'ର ସାଙ୍ଗ ଅରୁଣ ଫୋନ୍ କରି କହିଥିଲା। ଏଥିସହିତ ସୁନା ଚେନର ଏକ ଫଟୋ ଅଭିଯୋଗକାରୀ ବିଜୟ କୁମାର ଦାସଙ୍କ ପାଖକୁ ପଠାଇଥିଲେ। ଏୟାରପୋର୍ଟ ଥାନା ପୁଲିସ ଆଜି ପ୍ରଭୁକୁ ଗିରଫ କରିବା ସହ ସୁନା ଚେନ ଜବତ କରିଛି।

# ଗୋରୁ ବୋଝେଇ ଗାଡ଼ି ଜବତ; ଡ୍ରାଇଭର ଗିରଫ

● ଅଟକାଇବାରୁ ଗାଡ଼ିକୁ ଧକ୍କା ଦେଲା

ଭୁବନେଶ୍ୱର, ୨।୧୨ (ସମିସ): ଗୋ ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯଦୁପୁରର ଏମଡି କରିମ୍ (୪୧)।



ପୁଲିସ ସୂଚନା ଅନୁସାରେ, ତାରିଣୀ ଗୋସେବା କେନ୍ଦ୍ରର ଆକାଶ ନାୟକ ଓ ତାଙ୍କ ବନ୍ଧୁ ଭୋରରୁ ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ କରିମ୍ ଗୋରୁ ବୋଝେଇ ଟାଟାଏସ୍ ନେଇ ଜୟଦେବ ବିହାର ଆଡ଼କୁ ଦ୍ରୁତ ଗତିରେ ଯାଉଥିଲା। ସନ୍ଦେହରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ କରିମ୍ ସେମାନଙ୍କ ଗାଡ଼ିକୁ ଧକ୍କା ଦେଇ ଖସିଯିବାକୁ ଉଦ୍ୟମ କରିଥିଲା। ହେଲେ ଆକାଶ ଓ ତାଙ୍କ ବନ୍ଧୁ ଗାଡ଼ିଟିକୁ ଅଟକାଇବା ପରେ ନିର୍ମମ ଓ ଅମାନବୀୟ ଭାବରେ ବନ୍ଧା ୪ଟି ଗାଈକୁ ଉଦ୍ଧାର କରିଥିଲେ। ଆକାଶଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। କରିମକୁ ଗିରଫ କରିବା ସହ ୪ଟି ଗାଈ ଓ ଗାଡ଼ି ଜବତ କରିଥିଲା। ଗାଈଗୁଡ଼ିକୁ ତାରିଣୀ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ କରିମ ନାମରେ ଖଣ୍ଡଗିରି ଥାନାର ୪ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଗାଡ଼ି ରିକଭରି ଆଳରେ ଗୁଣ୍ଡାଗିରି

# ଡାକ୍ତରଙ୍କୁ ଦୁର୍ବ୍ୟବହାର ପରେ ବନ୍ଧାହେଲେ ରେପୋ ଏଜେଣ୍ଟ

ଭୁବନେଶ୍ୱର, ୨।୧୨ (ସମିସ): ରାଜଧାନୀରେ ଗାଡ଼ି ରିକଭରି ଆଳରେ ଚାଲିଛି ଗୁଣ୍ଡାଗିରି। ରେପୋ ଏଜେଣ୍ଟମାନେ ରାସ୍ତାରେ ଅଟକାଇ ଗାଡ଼ି ଛଡ଼ାଇ ନେଉଛନ୍ତି। ଏମିତିକି କିସ୍ତି ବାଦ୍ ଅତିରିକ୍ତ ଟଙ୍କା ମାଗୁଛନ୍ତି। ଡାକ୍ତରଙ୍କୁ ଏଭଳି ଢଙ୍ଗରେ ଟଙ୍କା ମାଗିଥିବା ଅଭିଯୋଗରେ ରେପୋ ଏଜେଣ୍ଟକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଟଣୀ ଖୁଦୁପୁରର ଦୀପକ ବଳିଆରସିଂହ (୪୫)।



### କିସ୍ତି ବାଦ୍ ମାଗୁଥିଲେ ୩୦ ହଜାର

ପୁଲିସ ସୂଚନା ମୁତାବକ, ଡାକ୍ତର ତ୍ରିନାଥ ଦାସ ୟୁନିଅନ ବ୍ୟାଙ୍କରୁ ଋଣ ନେଇ ଗତବର୍ଷ ଏକ କାର କିଣିଥିଲେ। କିଛିମାସ ପରେ କୌଣସି କାରଣରୁ କିସ୍ତି ନ ଦେବାରୁ ଖିଲାପ ତାଲିକାରେ ତାଙ୍କ ଗାଡ଼ିଟି ପଡ଼ି ଯାଇଥିଲା। ଗତମାସ ୨୮ ତାରିଖ ଦିନ ଦୀପକ ନିଜକୁ ୟୁନିଅନ ବ୍ୟାଙ୍କର ଆଇନ ପରାମର୍ଶଦାତା ଭାବେ ପରିଚୟ ଦେଇ ଡାକ୍ତର ତ୍ରିନାଥ ଦାସଙ୍କୁ କଲ୍ କରିଥିଲା ଓ ଗାଡ଼ିର ଜରୁରୀ ଯାଞ୍ଚ ଆବଶ୍ୟକ ବୋଲି କହିଥିଲା। ତା' କଥାରେ ବିଶ୍ୱାସ କରି ତ୍ରିନାଥ ତାଙ୍କ ଡ୍ରାଇଭର କୁଳଦୀପ ମାଧ୍ୟମରେ ଗାଡ଼ିକୁ ପଠାଇଥିଲେ। ଗାଡ଼ିଟି ଭୁବନେଶ୍ୱରରେ ପହଞ୍ଚିବା ପରେ ଦୀପକ ତାକୁ ଜୟଦେବ ବିହାର ନିକଟସ୍ଥ ନିର୍ଜନ ସ୍ଥାନକୁ ନେଇ ଯାଇଥିଲା। କିସ୍ତି ବାବଦକୁ ବକେୟା ଓ ଜରିମାନା ବାବଦକୁ ମୋଟ ୩୮ ହଜାର ୨ ଶହ ଟଙ୍କା ଦାବି କରିଥିଲା। ମାଲିକ ଦାବି ମୁତାବକ ଟଙ୍କା ଦେଇଥିଲେ ମଧ୍ୟ ଦୀପକ ଗାଡ଼ି ଛାଡ଼ି ନଥିଲା। ଗାଡ଼ି ଛାଡ଼ିବା ପାଇଁ ଅତିରିକ୍ତ ୩୦ ହଜାର ଟଙ୍କା ଦାବି କରିବାରୁ ମାଲିକ ମନା କରି ଦେଇଥିଲେ। ଦୀପକ ରାଗିଯାଇ କୁଳଦୀପଙ୍କୁ ଧମକ ଦେବା ସହ ଠେଲି ଦେଇ ଗାଡ଼ି ଚାବି ଛଡ଼ାଇ ନେଇ ପଳାଇ ଯାଇଥିଲା।

ଗାଡ଼ି ମାଲିକ ଡାକ୍ତର ତ୍ରିନାଥ ଓ ଡ୍ରାଇଭର କୁଳଦୀପ ମିଶି ବ୍ୟାଙ୍କ ମ୍ୟାନେଜର ଓ ଦୀପକକୁ ଗାଡ଼ି ଛାଡ଼ିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ୩୦ ହଜାର ଟଙ୍କା ନ ଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଧମକ ଦେଇଥିଲେ। କୁଳଦୀପ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

ଦୀପକ ରେପୋ ଏଜେଣ୍ଟ ହୋଇଥିବା ବେଳେ ମିଛ ପରିଚୟ ଦେଇ ବେଆଇନ ଭାବେ ଗାଡ଼ି ଜବତ କରିବା ଓ ଟଙ୍କା ଆଦାୟ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ଦୀପକକୁ ଗିରଫ କରିବା ସହ ଧଉଳି ଥାନା ଅଞ୍ଚଳରୁ ତ୍ରିନାଥଙ୍କ କାର ଜବତ କରିଥିଲା। ଏଥିସହିତ ଦୀପକ ଠାରୁ ମଧ୍ୟ ଗୋଟିଏ ଗାଡ଼ି ଜବତ କରାଯାଇଛି।

# ରଶି ଲଗାଇ ଝୁଲିପଡ଼ିଲେ ଯୁବକ

ଭୁବନେଶ୍ୱର, ୨।୧୨ (ସମିସ): ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ତାରିଣୀ ରିସୋର୍ଟରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଉଛନ୍ତି ଗ୍ୟାରେଜ ଛକ ଅଞ୍ଚଳର ପ୍ରକାଶ କୁମାର ଜେନା (୩୦)। ପ୍ରକାଶ ତାରିଣୀ ରିସୋର୍ଟରେ ପାର୍ଟ୍ ଟାଇମ କାମ କରନ୍ତି। ମଙ୍ଗଳବାର ସକାଳେ ପ୍ରକାଶ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ତାଙ୍କ ଭାଇ ସନ୍ଦେହ କରି ଆସି ତାରିଣୀ ରିସୋର୍ଟରେ ଖୋଜାଖୋଜି କରିଥିଲେ। ସେଠାରେ ଥିବା ଏକ ଘର ଭିତରେ ପ୍ରକାଶ ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ପ୍ରକାଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡିଭାଇଡର୍‌ରେ ବାଇକ୍ ପିଟିହୋଇ ଦୁଇ ସାଙ୍ଗ ମୃତ

ଭୁବନେଶ୍ୱର, ୨।୧୨ (ସମିସ): ସୋମବାର ବିଳମ୍ବିତ ରାତିରେ ବଡ଼ଗଡ଼ ଅଞ୍ଚଳରେ ଦୁର୍ଘଟଣା ଘଟିଛି। ଡିଭାଇଡରରେ ପିଟି ହେବାରୁ ବାଇକରେ ଯାଉଥିବା ଦୁଇଜଣ ସାଙ୍ଗ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ବିଜେବି ନଗର ପାଣିଟାଙ୍କି ବସ୍ତିରେ ରହୁଥିବା ଶୁଭମ୍ ନାୟକ ଓ ପ୍ରୀତିରଞ୍ଜନ ଜେନା। ମିଳିଥିବା ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଶୁଭମ ଓ ପ୍ରୀତିରଞ୍ଜନ ବାଇକ୍ ଯୋଗେ କଳ୍ପନା ଛକରୁ ପାଣିଟାଙ୍କି ବସ୍ତିରେ ଥିବା ଘରକୁ ଫେରୁଥିଲେ। ଶ୍ରୀଦେବ ଛକ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ବଡଗଡ଼ କଟ୍ ଡିଭାଇଡରକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଫଳରେ ଦୁଇ ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଶୁଭମ ପ୍ରାଣ ହରାଇଥିବା ବେଳେ ଲୋକମାନେ ପ୍ରୀତିରଞ୍ଜନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ପ୍ରୀତିରଞ୍ଜନ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଦୁଇ ସାଙ୍ଗଙ୍କ ମୃତ୍ୟୁପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ତପି ମିଶ୍ରଙ୍କ ନାମରେ ଏତଲା



ଭୁବନେଶ୍ୱର, ୨।୧୨ (ସମିସ): ୟୁଟ୍ୟୁବର ତପି ମିଶ୍ରଙ୍କ ନାମରେ ଅଭିଯୋଗ ଆସିଛି। ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଅପମାନ ସୂଚକ ପୋଷ୍ଟ କରିଥିବା ନେଇ ବହୁଜନ ଛାତ୍ର ଓ ଯୁବ ସାମୁଖ୍ୟ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ବାବାସାହେବ ଡ଼ ଭୀମରାଓ ଆମ୍ବେଦକରଙ୍କ ସମ୍ମାନର୍ଥେ ଦିଆଯାଉଥିବା ସ୍ଲୋଗାନ 'ଜୟ ଭୀମ୍' କୁ ପରିହାସ ଓ କଟାକ୍ଷ କରି ତପି ଏକ ଭିଡ଼ିଓ ସେୟାର କରିଛନ୍ତି। ଏହି ଭିଡ଼ିଓ ଲକ୍ଷ ଲକ୍ଷ ଆମ୍ବେଦକରଙ୍କ ଅନୁସରଣକାରୀଙ୍କ ଭାବାବେଗକୁ ଆଘାତ କରିଛି। ଏଥିସହିତ ବିଭିନ୍ନ ଧର୍ମକୁ କଦର୍ଯ୍ୟ ଅଶାଳୀନ ଭାଷାରେ ଗାଳି କରି ଭିଡିଓ ପୋଷ୍ଟ କରିଛନ୍ତି। ବିଭିନ୍ନ ଧର୍ମକୁ ଅତି ଅଶାଳୀନ ଭାଷାରେ ଗାଳି କରି ଭିଡ଼ିଓ ସେୟାର କରିଛନ୍ତି ଓ ଅପମାନଜନକ ଶବ୍ଦ ପ୍ରୟୋଗ କରି ଅନୁସରଣକାରୀଙ୍କ ଭାବାବେଗକୁ ଆଘାତ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଡ଼ ଆମ୍ବେଦକରଙ୍କ ନାମରେ ନାରାକୁ କଟାକ୍ଷ କରି ଦଳିତ ଓ ସବର୍ଣ୍ଣ ମଧ୍ୟରେ ଘୃଣା ଓ ଶତ୍ରୁତା ସୃଷ୍ଟି କରୁଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ପୋଖରୀରେ ବୁଡ଼ି ବରିଷ୍ଠ ନାଗରିକ ମୃତ

ବଡ଼ରଘୁନାଥପୁର, ୨।୧୨(ସମିସ): ରାଜଧାନୀ ଉପକଣ୍ଠ ଦେଉଳିଆ ପାଟଣା ଗ୍ରାମରେ ଜଣେ ବରିଷ୍ଠ ନାଗରିକ ଗାଧୋଇବା ପାଇଁ ପୋଖରୀକୁ ଯାଇଥିବା ବେଳେ ପାଣି ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଭଗବାନ ସାହୁ। ଭଗବାନଙ୍କ ବୟସ ୭୦ ବର୍ଷ। ଖବର ନେବାରୁ ଜଣାପଡ଼ିଛି ଯେ, ଭଗବାନ ସବୁଦିନ ଭଳି ମଙ୍ଗଳବାର ଗାଧୋଇବା ପାଇଁ ଗାଁ ବଡ଼ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପୋଖରୀରେ ଖୋଜା ଖୋଜି କରିବା ପରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରକାଶ ଥାଉ କି ତାଙ୍କର ୩ ଝିଅ ଅଛନ୍ତି।




# ପିକନିକ୍ ଋତୁରେ ଅସୁରକ୍ଷିତ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨।୧୨(ସମିସ): ନୂତନ ଇଂରାଜୀ ବର୍ଷ ପାଖେଇ ଆସୁଥିବାବେଳେ ଚାରିଆଡ଼େ ଭୋଜିଭାତର ଆସର ଆରମ୍ଭ ହେଲାଣି। ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଛାତ୍ରଛାତ୍ରୀମାନେ ମଧ୍ୟ ତହିଁରୁ ବାଦ୍ ପଡ଼ିନାହାନ୍ତି। ଶିକ୍ଷାନୁଷ୍ଠାନ ପକ୍ଷରୁ ଷ୍ଟଡି ଟୁର୍ ନାମରେ ପର୍ଯ୍ୟଟନସ୍ଥଳୀ ବୁଲୁଛନ୍ତି। ଏହି ସମୟରେ ସେମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ବସରେ ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଛାତ୍ରଛାତ୍ରୀ ଖୁନ୍ଦାଖୁନ୍ଦି ହୋଇ ଯାଉଥିବାବେଳେ ସେହି ବସ୍‌ରେ ହିଁ ଗ୍ୟାସ ସିଲିଣ୍ଡର ପରି ଦହନଶୀଳ ସାମଗ୍ରୀ ନେବା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ବିପନ୍ନ କରିଛି।

■ ବସରେ ପରିବହନ ହେଉଛି ଗ୍ୟାସ୍ ସିଲିଣ୍ଡର
■ ଫିଟନେସ୍ ଓଭରଲୋଡିଂ ଯାଞ୍ଚ କରିବାକୁ କେହି ନାହାନ୍ତି
■ ଅଘଟଣ ଏଡ଼ାଇବାକୁ ଏଯାଏଁ ଆସିନି ମାର୍ଗଦର୍ଶିକା




ନଭେମ୍ବର ମାସରୁ ପିକନିକ୍ ଆରମ୍ଭ ହୋଇଥିଲେ ହେଁ ଚଳିତ ମାସ ପ୍ରଥମ ସପ୍ତାହରେ ଏହା ବ୍ୟାପକ ହୋଇଛି। କାର୍ଯ୍ୟ ଦିବସରେ ମଧ୍ୟ ପିଲାମାନେ ଷ୍ଟଡି ଟୁର୍ କରୁଥିବାବେଳେ ଶନିବାର ଓ ରବିବାର ପର୍ଯ୍ୟଟନ ସ୍ଥଳୀରେ ଖଚାଖଚ ଭିଡ଼ ଲାଗୁଛି। ପର୍ଯ୍ୟଟନ ସ୍ଥଳ ଆଖପାଖରେ ହଳଦିଆ ରଙ୍ଗର ସ୍କୁଲ୍ ବସ୍ ସାଙ୍ଗକୁ ପିକନିକ୍ ପୋଷ୍ଟର ଲାଗିଥିବା ଘରୋଇ ବସ୍ ଲାଇନ୍ ଲଗାଉଛନ୍ତି। ବସର ତିନି ଟିକିଆ ସିଟ୍‌ରେ ଚାରି ଜଣ ଓ ଦୁଇ ଟିକିଆ ସିଟ୍‌ରେ ତିନି ଜଣ ଲେଖାଏଁ ବସି ଧାର୍ଯ୍ୟ ଠାରୁ ଢ଼େର ଅଧିକ ପିଲା ଯାଉଛନ୍ତି। ଅନେକ ସମୟରେ ଅଧା ରାସ୍ତାରେ ଖରାପ ହେଉଥିବାରୁ ବସର ଫିଟନେସ୍‌କୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ଓଭରଲୋଡିଂକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଖାତିର ନାହିଁ କିମ୍ବା ପରିବହନ ବିଭାଗର ନଜର ପଡୁନାହିଁ। ପର୍ଯ୍ୟଟନ ସ୍ଥଳୀରେ ଯାଞ୍ଚ କରିବାକୁ ମଧ୍ୟ କେହି ନାହାନ୍ତି। ଅନୁରୂପ ଭାବେ ଗ୍ୟାସ୍ ସିଲିଣ୍ଡର ପରି ଦହନଶୀଳ ସାମଗ୍ରୀ ବସରେ ପରିବହନ କରିବା ବେଆଇନ୍ ହୋଇଥିଲେ ମଧ୍ୟ କେହି ମାନୁ ନାହାନ୍ତି। ରୋଷେଇ କରିବାକୁ ସେହି ବସରେ ହିଁ ଗ୍ୟାସ ସିଲିଣ୍ଡର ନେଉଛନ୍ତି। ଫଳରେ ପାଦେ ପାଦେ ବିପଦ ଜଗି ରହିଛି।

ଅଘଟଣକୁ ଏଡ଼ାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ପ୍ରତି ବର୍ଷ ବଣଭୋଜି ପୂର୍ବରୁ ମାର୍ଗଦର୍ଶିକା ଜାରି କରୁଥିଲେ ମଧ୍ୟ ଚଳିତ ଥର ଏଯାଏଁ କୌଣସି ମାର୍ଗଦର୍ଶିକା ଜାରି କରାଯାଇନି। ରାସ୍ତାରେ ପୁଲିସ ଓ ପରିବହନ ବିଭାଗର ପର୍ଯ୍ୟାପ୍ତ ଯାଞ୍ଚ ନ ହେବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବେଶ ସୁହାଉଛି। ବିପଦ ମୁଣ୍ଡାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସରକାର ତୁରନ୍ତ କଠୋର ମାର୍ଗଦର୍ଶିକା ଜାରି କରିବା ପାଇଁ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି। ସେହିପରି ପିକନିକ ସ୍ପଟରେ ପୁଲିସ ଓ ଆରଟିଓ କର୍ମଚାରୀ ମୃତୟନ, ପିକନିକ ଗାଡ଼ି ପାଇଁ ସ୍ୱତନ୍ତ୍ର ଅନୁମତି, ପିକନିକ ଗାଡ଼ିରେ ଦହନଶୀଳ ସାମଗ୍ରୀ ପରିବହନକୁ ବାରଣ, ଓଭରଲୋଡ଼ିଂ ଯାଞ୍ଚ, ମଦ୍ୟପ ଡ୍ରାଇଭର ଧରା ପଡ଼ିଲେ ଗିରଫ ସହ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଗଲେ ବିପଦକୁ କିଛି ମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି।

# ଅନ୍ୱେଷା ଯୋଜନାକୁ ନେଇ ବର୍ଷିଲେ ବିରୋଧୀ

ଭୁବନେଶ୍ୱର, ୨।୧୨(ସମିସ): ଆଦିବାସୀ, ଦଳିତ ପିଲାମାନେ ଅନ୍ୟ ପିଲାଙ୍କ ସହ ସମକକ୍ଷ ହୁଅନ୍ତୁ, ତାହା ବୋଧେ ସରକାର ଚାହୁଁନାହାନ୍ତି। ସେଥିପାଇଁ ଅନ୍ୱେଷା ଯୋଜନାକୁ ବନ୍ଦ କରିଦେବାକୁ ମସୁଧା କରୁଛନ୍ତି। ଯୋଜନା ବନ୍ଦ କରିବା ଏକ ଐତିହାସିତ ଭୁଲ ହେବ। ରାଜ୍ୟର ୪୦ ଭାଗ ଏହା ରାଜ୍ୟ ସରକାରଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଅନ୍ୱେଷା ଯୋଜନା ଅଧିନରେ ଚଳିତବର୍ଷ ଆଡମିଶନ ହୋଇନଥିବାରୁ ସେମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ପାଇଁ ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଆଜି ମୁଲତବୀ ପ୍ରସ୍ତାବ ଆଣିଥିଲେ ନାହିଁ। ଏସସି, ଏସଟି ପିଲା ଅନ୍ୟ ପିଲାଙ୍କ ସହ ସମକକ୍ଷ ହୁଅନ୍ତୁ, ଏହା ସରକାର ଚାହାନ୍ତି ନାହିଁ। ତେଣୁ ସରକାର ଜାଣିଶୁଣି ଏପରି କରିଛନ୍ତି। ଯଦି ଆଦିବାସୀ ପିଲାଙ୍କ ଉତ୍ଥାନ ପାଇଁ ସରକାରଙ୍କର ଆନ୍ତରିକତା ଥାଆନ୍ତା, ତାହେଲେ ଚଳିତ ବର୍ଷ ଯୋଜନାରେ ଅଧିକ ପିଲା ନାମଲେଖାଇ ଥାଆନ୍ତେ ବୋଲି

■ ଯୋଜନାକୁ ବନ୍ଦ କରିବା ଐତିହାସିକ ତ୍ରୁଟି ହେବ
■ ଏସସି, ଏସଟି ବର୍ଗ କେବେ କ୍ଷମା ଦେବେ ନାହିଁ
■ ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି: ଶାସକ



ଦଳିତ, ଆଦିବାସୀ ପିଲାଙ୍କ ଭବିଷ୍ୟତ ସହ ଖେଳନ୍ତୁ ନାହିଁ। ଅନ୍ୱେଷା ଯୋଜନାକୁ ନେଇ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସରକାରଙ୍କ ଉପରେ ଏପରି ବର୍ଷିଛନ୍ତି ବିରୋଧୀ। ଏପରିକି ଏସସି, ଏସଟି ପିଲାଙ୍କୁ ଉନ୍ନତ ପାଠପଢ଼ାରୁ ବଞ୍ଚିତ କରିବା ପାଇଁ ବିରୋଧୀ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଯୋଜନା ଅଧିନରେ ୧୭ ଜିଲ୍ଲାରେ ୨୫ ହଜାରରୁ ଅଧିକ ପିଲା ପାଠ ପଢୁଥିଲେ। ମାତ୍ର ୨୦୨୫ରେ କାହିଁକି ଏଥିରେ ନାମଲେଖା ବନ୍ଦ ହେଲା, ସେନେଇ ସରକାରଙ୍କ ନିକଟରେ ଉତ୍ତର ସେ କ୍ଷୋଭ ପ୍ରକାଶ କରିଥିଲେ। ଦଳର ଅନ୍ୟତମ ବିଧାୟକ ମଙ୍ଗୁ ଖିଲ ମଧ୍ୟ ସମାନ ଅଭିଯୋଗ ଦୋହରାଇଥିଲେ। ବିଜେଡି ବିଧାୟକ ରମେଶ ବେହେରା କହିଥିଲେ ଯେ ପୂର୍ବ ବିଜେଡି ସରକାର ଏସସି, ଏସଟି ପିଲାଙ୍କୁ ମାଗଣାରେ ଇଂରାଜୀ ଶିକ୍ଷା ଦେବା ପାଇଁ ଏପରି ଯୋଜନା ଆରମ୍ଭ କରିଥିଲେ। ୨୦୧୫-୧୬ରୁ ଏହି ଗେଜନା ଆରମ୍ଭ ହୋଇଥିଲା। ପ୍ରତି ୫ ବର୍ଷରେ ଥରେ ଏହି ଯୋଜନାକୁ ୫ ବର୍ଷ ପାଇଁ ବୃଦ୍ଧି କରାଯାଉଛି। ସରକାର କହୁଛନ୍ତି ଯୋଜନାକୁ ସମ୍ପ୍ରସାରିତ କରିବେ କି ନାହିଁ ବିଚାର କରିବେ। ଯୋଜନା ଦ୍ୱିତୀୟ ପର୍ଯ୍ୟାୟ ସରିବା ଆଗରୁ ସରକାର ଏଥିପାଇଁ କାହିଁକି ବିଚାର କଲେ ନାହିଁ। ସରକାର କେବେ ଏନେଇ ବିଚାର କରିବେ ବୋଲି ସେ ପ୍ରଶ୍ନ କରିଥିଲେ। ଯୋଜନା ବନ୍ଦ କରିବା ଏକ ଐତିହାସିକ ବୁଲ ହେବ। ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ଯୋଜନା ଅବଧ ବୃଦ୍ଧି କରିବାକୁ ସରକାର କୁଣ୍ଠିତ କାହିଁକି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ପ୍ରଦୀପ ଦିଶାରୀ କହିଥିଲେ ଯେ ଗୋଟିଏ ଯୋଜନା ଚାଲୁ ରହିଥିବା ବେଳେ ଏହାର ବିଚାର କରିବାର ଆବଶ୍ୟକତା କାହିଁକି ପଡ଼ିଲା। ଏହା ସରକାରଙ୍କର ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ସେ କହିଥିଲେ।

ଶାସକ ଦଳ ପକ୍ଷରୁ ବିଧାୟକ ରଘୁରାମ ମାଛ କହିଥିଲେ ଯେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରିଛନ୍ତି। ଆଦିବାସୀଙ୍କ ପାଇଁ ବିରୋଧୀ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ସେ କହିଥିଲେ। ସେହିପରି ବିଧାୟକ ନରସିଂହ ଭାତ୍ରା କହିଥିଲେ ଯେ ଆମ ସରକାର ରାଜ୍ୟରେ ଆଦିବାସୀ ପିଲାଙ୍କୁ ଉନ୍ନତ ଶିକ୍ଷାଦାନ ପାଇଁ ଏକଲବ୍ୟ ମଡେଲ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ସରକାର ଆସିବା ପରେ ଅନେକ ହଷ୍ଟେଲ, ସ୍କୁଲ ନିର୍ମାଣ କରାଯାଇଛି। ଦଳର ଅନ୍ୟତମ ବିଧାୟକ ରୁପୁ ଭାତ୍ରା ମଧ୍ୟ ବିଗତ ସରକାର ଆଦିବାସୀଙ୍କ ଶିକ୍ଷାର ଉନ୍ନତି ପାଇଁ କେବେ ଚିନ୍ତା କରିନଥିଲେ ବୋଲି ଅଭିଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମନ୍ମଥଙ୍କ ଏତଲା

● କ୍ୟାପିଟାଲ ଥାନାରେ ୨ ଟି ଭିନ୍ନ ଭିନ୍ନ ଅଭିଯୋଗ



ଭୁବନେଶ୍ୱର, ୨।୧୨(ସମିସ): ବିଜେଡି ନେତା ତଥା ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପ୍ଟେନ୍ ମନ୍ମଥ ରାଉତରାୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଦୁଇଟି ଏତଲା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ନିଜ ସମ୍ପ୍ରଦାୟର ଝିଅମାନେ କଳା ରଙ୍ଗର ବୋଲି କହିଥିଲେ। ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତି ଜାତି ଏବଂ ଚର୍ମର ରଙ୍ଗ ଆଧାରରେ ଏପରି ଅପମାନଜନକ ବକ୍ତବ୍ୟ ଦେବା ଏକ ଗୁରୁତର ଅପରାଧ ବୋଲି ମନ୍ମଥ କହିଛନ୍ତି। ସେହିପରି ଅନ୍ୟ ଏକ ଅଭିଯୋଗରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଦେଇଥିବା ଟିପ୍ପଣୀକୁ ନେଇ ମନ୍ମଥ ଆପତ୍ତି ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିବା ଶବ୍ଦଟି ଓଡ଼ିଆ ଓ ଅନ୍ୟ ଭାଷାରେ ଅପବାଦଜନକ ଶବ୍ଦ। ସାର୍ବଜନୀନ ସ୍ଥାନରେ ଯେକୌଣସି ପ୍ରସଙ୍ଗରେ ଏହି ଶବ୍ଦର ଉଚ୍ଚାରଣ ଏକ ଫୌଜଦାରୀ ଅପରାଧ। ସାଧାରଣ ସଭାରେ ତାଙ୍କର ଏପରି ଶବ୍ଦ ପାଇଁ କୌଣସି ସାର୍ବଜନୀନ କ୍ଷମା ପ୍ରାର୍ଥନା କରିନାହାଁନ୍ତି। ତେଣୁ ଜାତିପ୍ରତି ଅପମାନ ଏବଂ ଆପତ୍ତିଜନକ ମନ୍ତବ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ମଥ ନିବେଦନ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୂଆପଡ଼ା ଉପନିର୍ବାଚନ ସମୟରେ ବିଜେପି ହୋର୍ଡିଂରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଢାଙ୍କିବାକୁ ବିରୋଧ କରି ଏହାକୁ ଅଭଦ୍ରାବୀ ଓ ମୁର୍ଖାମୀ ବୋଲି କହିଥିଲେ। ଏହାକୁ ବିଜେପି ପକ୍ଷରୁ ବିରୋଧ କରାଯାଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହାପରେ ମନ୍ମଥ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ମନ୍ମଥଙ୍କ ଅଭିଯୋଗ ଦାଖଲ ସମୟରେ ବିଜେଡି ପକ୍ଷରୁ ଡଃ ଲେନିନ ମହାନ୍ତି, ପ୍ରଦୀପ ମାଝୀ, ଡଃ ପ୍ରିୟବ୍ରତ ମାଝୀ, ଅରୁପ ଶ୍ରୀଚନ୍ଦନ ଓ ରକୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● ମୁଖ୍ୟମନ୍ତ୍ରୀଙ୍କ ଡିଏମDଏଫ ସମୀକ୍ଷା

## ପ୍ରତ୍ୟେକ ଡିଏମ୍ଏଫ ବାର୍ଷିକ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମାନଙ୍କ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜ୍ୟର ୧୯ଟି ଡିଏମଏଫ ଜିଲ୍ଲା ମାନଙ୍କରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ପ୍ରାୟ ୫୫ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହ ୧୦ଟି ଜିଲ୍ଲାରେ ଡିଏମ୍ଏଫ୍ ପୁନଃ ଗଠନ ହେବା ପରେ ଟ୍ରଷ୍ଟ ବୋର୍ଡ ମିଟିଂ ହୋଇସାରିଛି ବୋଲି ବୈଠକରୁ ଜଣାଯାଇଛି।

**ଲଘୁ ଖଣିଜ ପଦାର୍ଥରୁ ସଂଗୃହୀତ ଡିଏମଏଫ ପାଣ୍ଠିକୁ ସେହି ଜିଲ୍ଲାରେ ଖର୍ଚ୍ଚ କରାଯିବ**

ବୈଠକରେ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକ ବିଭାଗର ଅଡିଟ୍ ରିପୋର୍ଟ ସହ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଏବଂ ଲଘୁ ଖଣିଜ ପଦାର୍ଥରୁ ସଂଗୃହୀତ ଡିଏମଏଫ ପାଣ୍ଠିକୁ ସେହି ଜିଲ୍ଲାର ଯେକୌଣସି ସ୍ଥାନରେ ବ୍ୟବହାର କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ପାଣ୍ଠିକୁ ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା-ଶିକ୍ଷା, ସ୍ୱାସ୍ଥ୍ୟ, ଜଳଯୋଗାଣ, ଗମନାଗମନ ଆଦି ବ୍ୟବସ୍ଥାରେ ଖର୍ଚ୍ଚ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଖଣି ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଜାଗାଗୁଡ଼ିକରେ ଥିବା ଜନବସତିଗୁଡ଼ିକରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲ୍ଲାଗୁଡ଼ିକରେ ବାର୍ଷିକ ଡିଏମଏଫ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ। ଏହି ଏଣ୍ଡାଓମେଣ୍ଟ ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଏବଂ ଏଫଡିରେ ବିନିଯୋଗ କରାଯିବ। ଖଣିଜ ପଦାର୍ଥ ଶେଷ ହେବା ପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଜୀବିକା ସୃଷ୍ଟି ପାଇଁ ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଲୋକ ଭବନରେ ଆସାମ, ନାଗାଲାଣ୍ଡର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨।୧୨(ସମିସ): ମଙ୍ଗଳବାର ଲୋକ ଭବନର ନୂତନ ଅଭିଷେକ ହଲରେ ଆୟୋଜିତ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆସାମ ଏବଂ ନାଗାଲାଣ୍ଡର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆସାମ ଉପରେ ଆଲୋକପାତ କରି ରାଜ୍ୟପାଳ ଏହା ବ୍ରହ୍ମପୁତ୍ରର ଭୂମି ବୋଲି ଅଭିହିତ କରିଥିବା ବେଳେ ନାଗାଲାଣ୍ଡର ଆଦିବାସୀ ଐତିହ୍ୟ, ହର୍ଣ୍ଣବିଲ୍ ମହୋତ୍ସବ ଏବଂ ସାମୁହିକ ଜୀବନର ଭାବନାକୁ ବିବିଧତାରେ ଏକତାର ପ୍ରତିଫଳନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା। ଓଡ଼ିଶାରେ ସେବା କରୁଥିବା ଆସାମ ରାଜ୍ୟର ମୂଳ ବାସିନ୍ଦା ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନାଗାଲାଣ୍ଡ ରାଜ୍ୟର ମୂଳ ବାସିନ୍ଦା ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି.ଏଓ ସେମାନଙ୍କ ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶାରେ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିବା ବେଳେ ରାଜ୍ୟପାଳଙ୍କ କମିଶନର ରୂପା ରୋସନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସୋଆ ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍



ଭୁବନେଶ୍ୱର, ୨।୧୨(ସମିସ): ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ପକ୍ଷରୁ ବ୍ୟାଚଲର ଅଫ୍ ଭେଟେରୀନାରି ସାଇନ୍ସେସ ଆଣ୍ଡ ଆନିମଲ୍ ହଜ୍ବ୍ୟାଣ୍ଡରୀ (ବି.ଭି.ଏସ୍ସି.ଆଣ୍ଡ ଏ.ଏଚ୍)ର ୨୦୨୫ -୨୬ ବର୍ଷ ବ୍ୟାଚ୍ର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ପ୍ରାଣୀ ଚିକିତ୍ସା ପରିଷଦର ପୂର୍ବତନ ଅଧ୍ୟକ୍ଷ ଲେଫ୍ଟନାଣ୍ଟ ଜେନେରାଲ୍ ଡ. ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁନେ ସ୍ଥିତ ଭେଙ୍କିସ ରିସର୍ଚ୍ଚ ଆଣ୍ଡ ବ୍ରିଡିଂ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍ର ଡିଜିଏମ୍ ଡ. ରମେଶ ଚନ୍ଦ୍ର ହଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଲା ଦାସ, ସୋଆ ଉପକୁଳପତି ପ୍ରଫେସର ଡ. ଅନୁପ କୁମାର ସାମନ୍ତରାୟ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସୋଆ ଆଇଭିଏସ୍ଏଏଚ୍ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଭିଏସ୍ଏଏଚ୍ର ଲାଇଭଷ୍ଟକ୍ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ (ଏଲ୍ପିଏମ୍) ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ନବକୃଷ୍ଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

**ସରକାରଙ୍କ ପ୍ରତାରଣାର ପ୍ରତିବାଦ**

## ଶିକ୍ଷା ଓ ଶିକ୍ଷକଙ୍କ ଦାବିନେଇ ଆନ୍ଦୋଳନକୁ ଓହ୍ଲାଇବ ସମନ୍ୱୟ ସମିତି

ଭୁବନେଶ୍ୱର, ୨।୧୨(ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ଦାବିକୁ ପୂରଣ କରିବ ପାଇଁ ସରକାର ଏକାଧିକବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପାଳନ କରୁ ନାହାନ୍ତି। ଏଣୁ ଚଳିତ ବିଧାନସଭା ସତ୍ରରେ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲାଣି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି। ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ଜାରି କରି କହିଛନ୍ତି ଯେ, ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଉଥିବା ଓ ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୨କୁ ବଢ଼ାଇବାକୁ ସରକାରଙ୍କ ନିକଟରେ ଦାବି କରାଯାଉଛି। ସେହିପରି ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ପିଲାମାନେ ମାଗଣା ପୋଷକ, ବହି, ସାଇକେଲ, ମେଧାବୃତ୍ତି, ମଧ୍ୟାହ୍ନଭୋଜନ ପରି ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା ମାନବାଧିକାର ଆଇନର ଉଲଙ୍ଘନ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ବାଧକ। ସମିତି ପକ୍ଷରୁ ଏନେଇ ଏକାଧିକ ଥର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର କର୍ଣ୍ଣପାତ ନକରିବା ଦୁର୍ଭାଗ୍ୟଜନକ। ଚଳିତ ସପ୍ତାହରେ ସେମାନଙ୍କ ଦାବିକୁ ବିଚାର କରା ନଗଲେ ଆସନ୍ତା ସପ୍ତାହରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଅଧ୍ୟାପକ, ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୬ ରେ ବିଧାନସଭା ଘେରିବେ ଏସ୍ଏସ୍ବି ଅଧ୍ୟାପକ

ଭୁବନେଶ୍ୱର, ୨।୧୨(ସମିସ): ରାଜ୍ୟର ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ଅଧ୍ୟାପକମାନେ ଆସନ୍ତା ୬ ତାରିଖ ଅର୍ଥାତ୍ ଶନିବାର ଦିନ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ। ୬ହଜାର ଗ୍ରେଡ୍-ପେ ପ୍ରଦାନ କରିବା ସହ ଘରଭଡ଼ା, ସହକାରୀ ପ୍ରାଧ୍ୟାପକ ମାନ୍ୟତା ପ୍ରଦାନ, ଗ୍ରାଚୁଇଟି ପ୍ରଦାନ, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି, ଠିକ ସମୟରେ ପଦୋନ୍ନତି ପରି ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିବେ। ଏନେଇ ରାଜ୍ୟ ଏସ୍ଏସ୍ବି ଅଧ୍ୟାପକ ସଂଘ (ଓସଲା) ଉପସଭାପତି ମାନସ କୁମାର ସାହୁ କହିଛନ୍ତି ଯେ, ଗ୍ରେଡ ପେ' ସଂଶୋଧନ ଦାବିରେ ଗତ ଅକ୍ଟୋବର ୧୯ରେ ବିକ୍ଷୋଭ କରାଯାଇଥିଲା। ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ କରି ନାହାନ୍ତି। ନିର୍ବାଚନ ସମୟରେ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ନିଜ ପ୍ରତିଶ୍ରୁତି ରକ୍ଷା କରିବାକୁ ସେ ଦାବି କରିଛନ୍ତି। ଏସ୍ଏସ୍ବି ପରିଚାଳିତ ପରୀକ୍ଷାରେ ସ୍ୱଚ୍ଛ ଓ ମୁକ୍ତ ପ୍ରଣାଳୀରେ ନିଯୁକ୍ତି ପାଇବା ପରେ ମଧ୍ୟ ବିଭିନ୍ନ ତାରତମ୍ୟର ଶିକାର ହେଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପରି ସମାନ କାମ କରୁଥିଲେ ମଧ୍ୟ ଅଧ୍ୟାପକର ମାନ୍ୟତା ମଧ୍ୟ ମିଳୁନାହିଁ। ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ପିଜିଟି ଶିକ୍ଷକଙ୍କଠାରୁ କମ ଦରମା ପାଉଛନ୍ତି। ଏନେଇ ସେମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଥିଲେ ମଧ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇ କାମ ସାରିଦେଉଛନ୍ତି। ଏଣୁ ସେମାନେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇ ସେମାନଙ୍କ ଦାବି ପୂରଣ କରିବା ପାଇଁ ବ୍ୟାପକ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସାରଳା ମହାଭାରତରେ ନାରୀର ସ୍ଥାନ ମର୍ଯ୍ୟାଦାପୂର୍ଣ୍ଣ



ଭୁବନେଶ୍ୱର,୨।୧୨(ସମିସ): ମହାକବି ସାରଳା ଦାସ ସ୍ୱରଚିତ ମହାଭାରତରେ ନାରୀକୁ ଅତ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଦେଇଛନ୍ତି। ସମଗ୍ର ଭାରତବର୍ଷରେ କବି ମହାକବିମାନଙ୍କ ଦ୍ୱାରା ରଚିତ ଉଚ୍ଚକୋଟୀର କାବ୍ୟକୀର୍ତ୍ତି ସହ ତୁଳନାତ୍ମକ ଆଲୋଚନା ଉପସ୍ଥାପନ କରି ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର୍ ନୀଳାଦ୍ରି ଭୂଷଣ ହରିଚନ୍ଦନ ଏହା କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଜାତୀୟ ସମ୍ମାନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରଳା ଦାସ କିପରି ମହାଭାରତୀୟ ଚେତନାର ଥିଲେ ଶ୍ରେଷ୍ଠ ବାର୍ତ୍ତାବହ, ତାହା ବିଭିନ୍ନ ପ୍ରମାଣ ଓ ଉଦାହରଣ ସହ ସେ ପ୍ରତିପାଦନ କରିଥିଲେ। ୩୬ ବର୍ଷର ଶିକ୍ଷକ ଜୀବନରେ ସ୍ୱ-ଅର୍ଜିତ ବିରଳ ଅଭିଜ୍ଞତା ଓ ଅବିସ୍ମରଣୀୟ ବିବିଧ ଅନୁଭୂତି ବର୍ଣ୍ଣନା କରିବା ସଙ୍ଗେସଙ୍ଗେ ବିଦେଶ ଭ୍ରମଣର ଅଭିଯାନ ଆଧାରରେ ଇଣ୍ଡୋନେସିଆ ବାଲିଦ୍ୱୀପରେ ପ୍ରତିବିମ୍ବିତ ଭାରତୀୟ ସଂସ୍କୃତି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବିଭାଗ ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର। ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର ମୁଖ୍ୟଅତିଥିଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଡକ୍ଟର ସଂଗ୍ରାମ କେଶରୀ ରାଉତ ସଭା ସଂଯୋଜନା କରିଥିଲେ। ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ ଅତିଥି ଅଭ୍ୟର୍ଥନା କରିଥିବା ବେଳେ ଛାତ୍ରୀ ଶୁଭଦର୍ଶିନୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ପାଠଚକ୍ର ସମ୍ପାଦକ ଦିନେଶ ନାଏକ ଧନ୍ୟବାଦ ଦେଇଥିଲେ।

## ନୃତ୍ୟ ସଙ୍ଗୀତରେ ପୁରୁଣା ଦିନକୁ ମନେ ପକାଇଲେ ପୁରାତନ ଛାତ୍ରଛାତ୍ରୀ



ବାଲିଅନ୍ତା, ୨।୧୨(ସମିସ): ବାଲିପାଟଣା ବ୍ଲକ ବୁଦ୍ଧାନାଥ ହାଇସ୍କୁଲର ୧୯୭୮ ମସିହା ବ୍ୟାଚର ବୈଠକ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ସଠିଲୋ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୪୫ଜଣ ସହପାଠୀ/ ସହପାଠିନୀ ଏକତ୍ରିତ ହୋଇଥିଲେ। ସେମାନେ ନୃତ୍ୟ ସଙ୍ଗୀତ ସହ ନିଜ ନିଜର ସ୍କୁଲ ବେଳର ଅତୀତକୁ ମନେ ପକାଇବା ସହିତ ନିଜ ନିଜର ସୁଖ ଦୁଃଖକୁ ସମସ୍ତଙ୍କ ଭିତରେ ବାଣ୍ଟି ଥିଲେ। ଏଥର ବନ୍ଧୁ ମିଳନରେ ଏକ ନିଆରା ଅନୁଭୂତି ମିଳିଥିଲା। ବନ୍ଧୁ ମହେଶ୍ୱର ଏବଂ ତାଙ୍କ ଧର୍ମପତ୍ନୀ ଙ୍କର ଭଜନ ଓ ଅମୃତ ବାଣୀ ସେଠିକାର ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା। ସମସ୍ତ ବନ୍ଧୁ ମାନେ ବନ୍ଧୁ ମହେଶ୍ୱର, ମଦନ କେମିତି ଶୀଘ୍ର ସୁସ୍ଥ ହେବେ ସେଥିପାଇଁ ପ୍ରଭୁ ହନୁମାନଙ୍କ ପାଖରେ ପ୍ରାର୍ଥନା କରିଥିଲେ। ଦୀର୍ଘ ଦିନର ବ୍ୟବଧାନ ପରେ ବନ୍ଧୁମାନେ ଏକତ୍ରିତ ହେଇଥିବାରୁ ସମସ୍ତେ ବହୁତ ଖୁସି ଅନୁଭବ କରିଥିଲେ।

## ଲିଟିଲ୍ କର ଥିଲେ ଓଡ଼ିଆ ସଙ୍ଗୀତ ଜଗତର ଉଜ୍ଜ୍ୱଳତମ ପ୍ରତିଭା



ଭୁବନେଶ୍ୱର, ୨।୧୨(ସମିସ): ମଙ୍ଗଳବାର ବଢ଼େଇବାଙ୍କ ଛକ ଠାରେ ଯୁବ ନୃତ୍ୟଶିଳ୍ପୀ ସ୍ୱର୍ଗତ ଲିଟିଲ କରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲିଟିଲ କର ନ୍ୟାସ, ଓଡ଼ିଆ କଳାକାର ସଙ୍ଘ ଓ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଲିଟିଲଙ୍କ ସ୍ମୃତିଚାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମେୟର ସୁଲୋଚନା ଦାସ, ସମାଜସେବୀକା ରଶ୍ମି ମହାପାତ୍ର, ସିନେ ପ୍ରଯୋଜକ ଶ୍ରୀଧର ମାର୍ଥା, ପ୍ରଯୋଜକ ଅଜୟ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ଜୁବୁଲି ସୁନ୍ଦରାୟ, କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୈନିକ ସ୍କୁଲ୍ ବଞ୍ଚାଅ, ଅଳିଆଗଦା ହଟାଅ ଅଭିଯାନର ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୨।୧୨(ସମିସ): ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆଗଦା ହଟାଅ ଅଭିଯାନ ତରଫରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସରେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଛି। ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ ଓ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଗାଡ଼କଣ ଅଳିଆଗଦା ଯୋଗୁଁ ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ଜନ ସଚେତନତା ଯାତ୍ରା ସୈନିକସ୍କୁଲ ଅଳିଆଗଦାଠାରୁ ବାହାରି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମାଲ୍ୟାର୍ପଣ କରି



ପଦଯାତ୍ରା ସମାପ୍ତ ହୋଇଥିଲା। ବିଏମସି ପ୍ରତିଦିନ ଶହ ଶହ ଟ୍ରକ ଅଳିଆ ଗାଡ଼ି ଗାଡକଣ ଡମ୍ପିଙ୍ଗୟାର୍ଡ଼ରେ ଦୀର୍ଘ ୨୩ ବର୍ଷରୁ ଅଧିକ ସମୟ ଧରି ଅଳିଆ ଗଦାଇ ଦୁର୍ଗନ୍ଧରେ ଅଞ୍ଚଳକୁ ବିଷାକ୍ତମୟ କରିସାରିଲାଣି। ଅଧିକାରୀ ଓ ଜନ ପ୍ରତିନିଧି ସମସ୍ତେ ଏହି ଅଳିଆ ଗଦା ହଟାଇବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲେ ହେଁ ସମସ୍ୟା ସମାଧାନ ହୋଇ ପାରିଲା ନାହିଁ। ତେଣୁ ଏହି ଦିବସରେ ତାଙ୍କୁ ଅବଗତ କରିବା ପାଇଁ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉନ୍ନୟନ ପରିଷଦ ଉପ ସଭାପତି ଅଶୋକ ପାଇକରାୟ, ଉପଦେଷ୍ଟା ଭିକ୍ଷାକାରୀ ତ୍ରିପାଠୀ, ସଂଯୋଜକ ପ୍ରସନ୍ନ ବିଷୋୟୀ, ଜାତୀୟ ମାନବାଧିକାର କମିଶନ କୋର ମେମ୍ବର ମନୋଜ ଜେନା, ଯୁଗ୍ମ -ସମ୍ପାଦକ ଚିନ୍ତାମଣି ବାରିକ୍, ଶଙ୍କର୍ଷଣ ବାରିକ, ଗ୍ରେଟର ଗାଡକଣ ସିଟିଜେନ୍ ଫୋରମ୍ ପକ୍ଷରୁ ସଭାପତି ଡ ସୁରେନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

ସକାଳ THE SAKALA
www.sakalaepaper.com
ଜଗତସିଂହପୁର

# ବ୍ଲକ୍ ସମ୍ମୁଖରେ ସମିତିସଭ୍ୟଙ୍କ ଧାରଣା

ବାଲିକୁଦା,୨।୧୨(ସମିସ)



ପଞ୍ଚାୟତକୁ ଆସୁଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅନୁଦାନ କାର୍ଯ୍ୟରେ ପଞ୍ଚାୟତ ସମିତିସଭ୍ୟଙ୍କୁ ବିଡିଓ ଅବହେଳା କରୁଥିବା ଦାବି ନେଇ ଆଜି ମାଛଗାଁ ପଞ୍ଚାୟତ ସମିତି ସଭ୍ୟ ନିରଞ୍ଜନ ଦାସଙ୍କ ବ୍ଲକ ପରିସରରେ ଧାରଣା ଦେଇଛନ୍ତି। ତାଙ୍କୁ ସମର୍ଥନ ଜଣାଇ ବ୍ଲକର ୩୦ ଜଣ ସମିତିସଭ୍ୟ, ସରପଞ୍ଚ ଧାରଣାରେ ସାମିଲ ହୋଇଥିଲେ। ଦୀର୍ଘ ସମୟ ବସିବା ପରେ ବିଡିଓ ସାଗର କୁମାର ନନ୍ଦ ଧାରଣାସ୍ଥଳରେ ପହଞ୍ଚି ନିରଞ୍ଜନ ଓ ସମସ୍ତ ପ୍ରତିନିଧିମାନଙ୍କୁ ନିଜ କକ୍ଷକୁ ଡାକି ଆଲୋଚନା କରିବା ସହ ମିଳିମିଶି କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ନିରଞ୍ଜନ ଧାରଣାରୁ ଓହରିଥିଲେ।

ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ବିକାଶ କ୍ଷେତ୍ରରେ ସାମିଲ କରିବା ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମକ ଏକ ଯୋଜନା କରିଥିଲେ। ଯେଉଁଥିରେ ପଞ୍ଚାୟତକୁ କିଛି ଅନୁଦାନ ଆସିବା ପରେ ଏହି ଅନୁଦାନ ରାଶି କିଭଳି ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗିବ ସେଥିପାଇଁ ବ୍ଲକ ପ୍ରଶାସନ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ କାର୍ଯ୍ୟାଦେଶ ବଣ୍ଟନ କରିବେ। ତେବେ ମାଛଗାଁ ପଞ୍ଚାୟତରେ ବିଡିଓ ନିଜ ମନମାନିରେ ପ୍ରୋଜେକ୍ଟ ଦେଇଛନ୍ତି। ବାରମ୍ବାର ଏନେଇ ବିଡିଓଙ୍କୁ ଅବଗତ କରାଇବା ପରେ ମଧ୍ୟ ତାଙ୍କୁ କୌଣସି ପ୍ରକାର ଗୁରୁତ୍ୱ ପ୍ରଦାନ କରାଯାଉନାହିଁ। ତେବେ ଏହି କାର୍ଯ୍ୟ ଅନ୍ୟ ଜଣଙ୍କୁ ଦିଆଯିବାକୁ ନେଇ ସମିତିସଭ୍ୟ ନିରଞ୍ଜନ ପ୍ରତିବାଦ କରିଛନ୍ତି। ଏହାକୁ ନେଇ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ପ୍ରତିଶ୍ରୁତି ଦେଇ ତାଙ୍କ କ୍ଷେତ୍ରରେ ପ୍ରତାରଣା କରାଯାଇଥିବା ପ୍ରତିବାଦରେ ସେ ଆଜି ଧାରଣାରେ ବସିଥିଲେ।

● ତରିକୁନ୍ଦ ସ୍କୁଲ ପାଖ ବସ୍ତିରେ ପୁଲିସ ଚଢ଼ଉ

## ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପଚରାଉଚୁରା

ଜଗତସିଂହପୁର, ୨।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ହାଇସ୍କୁଲ ପଛ ପାଖରେ ଥିବା ଏକ ବସ୍ତି ଉପରେ ଆଜି ରାତିରେ ହଠାତ ପୁଲିସ ଚଢ଼ଉ କରିଛି। ଏଏସ୍‌ପି ସତ୍ୟ ଦାସ ଏବଂ ଏସଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। ଏରସମା ଅଞ୍ଚଳରେ ପୂର୍ବରୁ ରହୁଥିବା କିଛି ସନ୍ଦିଗ୍ଧ ବାଂଲାଦେଶୀ ତରିକୁନ୍ଦର ଏହି ବସ୍ତିରେ ଥିବା ସୂଚନା ପାଇ ପୁଲିସ ଚଢ଼ଉ କରିଥିବା ଜଣାପଡିଛି। ତେବେ କେତେଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ କାଗଜପତ୍ର ମଧ୍ୟ ଯାଞ୍ଚ ଚାଲିଥିବା ସୂଚନା ମିଳିଛି।

## ପ୍ରଫୁଲ୍ଲ ପାଠାଗାରରେ ଏଡ୍‌ସ ଦିବସ



ଜଗତସିଂହପୁର,୨।୧୨(ସମିସ): ପ୍ରଫୁଲ୍ଲ ପାଠାଗରଠାରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି, ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାସ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ବିଭୂତି ଲେଙ୍କା, ସଞ୍ଜୟ ସାମନ୍ତସିଂହାର, ଚନ୍ଦ୍ରଶେଖର ରାୟ ଓ ଶ୍ରୁତକୀର୍ତ୍ତି ମିଶ୍ର ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଦେଇଥିଲେ।

## ବାସୁଦେବ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ବିରିଡି, ୨।୧୨(ସମିସ): ଅଲଣାହାଟ ହାଇସ୍କୁଲର ସଭା ଗୃହରେ ଜଗତସିଂହପୁରର ବାସୁଦେବ ଏଡୁକାଶନାଲ ଟ୍ରଷ୍ଟର ପୁରସ୍କାର ବିତରଣ ଉତ୍ସବ ସଭାପତି ବିରଞ୍ଚି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହିସଭାରେ ଅବସରପ୍ରାପ୍ତ ଆଇଆର୍‌ଏସ. ଅଧିକାରୀ ପ୍ରସନ୍ନ କୁମାର ଦାଶ ମୁଖ୍ୟଅତିଥି, ଡ. ପ୍ରଶାନ୍ତ କିଶୋର ପରିଡା ମୁଖ୍ୟବକ୍ତା, ଡ. ବିଶ୍ୱଜିତ ରାୟ, ଅକ୍ଷୟ କୁମାର ମିଶ୍ର, ପ୍ରକାଶ ରାୟ, ମଞ୍ଜୁଲତା ଦାଶ, ଶାନ୍ତନୁ ମିଶ୍ର ଓ ପ୍ରତାପ କୁମାର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଡ. ରୁଦ୍ରନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ, ଏହାର ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ରୁଦ୍ର ମିଶ୍ରଙ୍କ ଲିଖିତ "ଗୀତା ସାରାଂଶ' ପୁସ୍ତକ ଉନ୍ମୋଚନ ହୋଇଥିଲା। ପରେ ପରେ ବୈକୁଣ୍ଠ ନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର ମିଳିତ ଭାବରେ ଅଲଣାହାଟ ହାଇସ୍କୁଲର ଅମୂଲ୍ୟ ମିଶ୍ର ଓ ଦଧିବାବନଜୀଉ ହାଇସ୍କୁଲର ପ୍ରଳୟ ରଞ୍ଜନ ଭୂୟାଁଙ୍କୁ ପ୍ରଦାନ କରାଯାଇଥିଲା। ଜୟପ୍ରକାଶ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ପଞ୍ଚାୟତ ହାଇସ୍କୁଲ, ପୋଖରୀଆପଡାର ପ୍ରଧାନ ଶିକ୍ଷକ ଅନିଲ ଜେନା, କାଦୁଅପଡା ହାଇସ୍କୁଲର ସୁଦର୍ଶନ ଷଡ଼ଙ୍ଗୀ, ବେଲବଣ ହାଇସ୍କୁଲର ସୁରେନ୍ଦ୍ର ମହାନ୍ତି, ତରିକୁନ୍ଦର ଦିପ୍ତିମୟୀ ସେନାପତି ଓ କୁଆମାଙ୍ଗା ୟୁପି ସ୍କୁଲର ଶାନ୍ତନୁ ପାତ୍ରଙ୍କୁ ମଧ୍ୟ ଉନ୍ନତ ଶିକ୍ଷାଦାନ ପାଇଁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ଉତ୍ସବରେ ଗାୟତ୍ରୀ ପଲେଇ, ଶ୍ୱେତପଦ୍ମା ସାହୁ, ପ୍ରତ୍ୟାଶା ମୁଦୁଲି, ଦେବସ୍ମିତା ନାୟକ, ଜୟଶ୍ରୀକୃଷ୍ଣ ପଣ୍ଡା, ଜୟସ୍ମିତା ରାଉତ ସୌରଭ ନାୟକ, ପ୍ରଜ୍ଞା ପରିମିତା ତରାଇ, ଦୀନେଶ ଭୋଇ, ଅଭିଷେକ ମିଶ୍ର, ପ୍ରୀତି ଜିଜ୍ଞାସା ଦାସ, ଶାଶ୍ୱତ ନାୟକ, ଅନିଶରାଣୀ ବେହେରା ଓ ପ୍ରତ୍ୟାଶା ପ୍ରିୟଦର୍ଶିନୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ



ଜଗତସିଂହପୁର,୨।୧୨(ସମିସ): ଜଗତସିଂହପୁର ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ସ୍କାଉଟ୍ସ ଓ ଗାଇଡ୍ସ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଦିନ ଧରି ଚାଲିବାକୁଥିବା ଜିଲ୍ଲା ସ୍କାଉଟ ଓ ଗାଇଡ୍‌ର ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ ଆଜି ଉଦଘାଟିତ ହୋଇଯାଇଛି। ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଆସିଥିବା ଭୁବନେଶ୍ୱରର ଜିଲ୍ଲା ସ୍କାଉଟ କମିଶନର ଅମ୍ବିକା ପ୍ରସାଦ ଦାସ ଓ ଟ୍ରେନର ରାହୁଲ କୁମାର ସାହୁ ଏହି ଟେଷ୍ଟ କ୍ୟାମ୍ପରେ ପର୍ଯ୍ୟବେକ୍ଷକ ଭାବରେ ଯୋଗଦେଇଥିଲେ। ଏହି ଟେଷ୍ଟ କ୍ୟାମ୍ପରେ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କର ୟୁନିଫର୍ମ ଓ ସ୍ମାର୍ଟନେସ, ଆକ୍ଟିଭିଟି ପୁସ୍ତକ, ପ୍ରାଥମିକ ଚିକିତ୍ସା, ନଟିଙ୍ଗ, ଏଷ୍ଟି ମେସନ, ଲଗବୁକ ଓ ରେକର୍ଡ ବୁକ ପ୍ରଭୃତି ଉପରେ ମୂଲ୍ୟାୟନ କରାଯାଇଥିଲା। ଏଥିରେ ୪୫୦ ଜଣ ସ୍କାଉଟ୍ସ ଓ ଗାଇଡ୍ସ ଏବଂ ୩୦ ଜଣ ସ୍କାଉଟ ମାଷ୍ଟର/ ଗାଇଡ୍ କ୍ୟାପଟେନ ମୋଟ ୪୮୦ ଜଣ ଯୋଗ ଦେଇଥିଲେ। ଜିଲ୍ଲା ସ୍କାଉଟ ଓ ଗାଇଡ୍ ସଂଗଠନ ପକ୍ଷରୁ ଅନୁଷ୍ଠିତ ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପର ବିଭିନ୍ନ କାର୍ଯ୍ୟକ୍ରମକୁ ଉପଦେଷ୍ଟା ସୁଭାଷ ଚନ୍ଦ୍ର ରାଉତ, ବିଜୟ କୁମାର ରଥ, ଜିଲ୍ଲା ସ୍କାଉଟ କମିଶନର ଧନେଶ୍ୱର ସାହୁ, ଅର୍ଗନାଇଜିଂ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ, ଟ୍ରେନିଂ କମିଶନର ଅମୂଲ୍ୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ଆସିଷ୍ଟାଣ୍ଟ ଟ୍ରେନିଂ କମିଶନର ଅଞ୍ଜନ କୁମାର ସାହୁ , ସ୍କାଉଟ ମାଷ୍ଟର ଆଶୁତୋଷ ପଣ୍ଡା, ସୂର୍ଯ୍ୟକାନ୍ତ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଗାଇଡ୍‌ସର ଜିଲ୍ଲା କମିଶନର ଗୀତାରାଣୀ ଭୋଇ, ଆର୍ଗାନାଇଜିଂ କମିଶନର ଲତା ଦେଇ, ଟ୍ରେନିଂ କମିଶନର ସସ୍ମିତା ଶତପଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୂଚୀସ୍ମିତା ସ୍ୱାଇଁ ଓ ବବିତା ପରିଡା, ବିଜୟଲକ୍ଷ୍ମୀ ମିଶ୍ର, ଅମିତା ସ୍ୱାଇଁ, ସୁବାସ ଚନ୍ଦ୍ର ତ୍ରିପାଠୀ, ପ୍ରଭୃତି ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପତିତପାବନ ମହାପ୍ରଭୁଙ୍କ ବାର୍ଷିକୋତ୍ସବ

ତିର୍ତ୍ତୋଲ,୨।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ପଞ୍ଚାୟତ ଅନ୍ତର୍ଗତ ପାବନକ୍ଷେତ୍ର ରାଧୁଗଡ଼ାସ୍ଥିତ ଶ୍ରୀଶ୍ରୀ ପତିତପାବନ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ନୀତିକାନ୍ତି ମୁଖ୍ୟ ପରାମର୍ଶଦାତା ପଣ୍ଡିତ ପ୍ରଶାନ୍ତ ତ୍ରିପାଠୀ, ପଣ୍ଡିତ ରଙ୍ଗବଲ୍ଲଭ ଦାଶ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ଓ ଚନ୍ଦନ ତ୍ରିପାଠୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପୂଜକ ପଣ୍ଡିତ ନିଶାମଣି ଦାଶ ପୂଜା ଆୟୋଜନ କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଗଣ, ଦୁର୍ଗା ଉତ୍ସବ ସମିତିର କର୍ମକର୍ତ୍ତା, ଭୋଗଦାତା ସଦସ୍ୟ ଗଣ ଏବଂ ବିବିଜି ସଂକୀର୍ତ୍ତନ ମଣ୍ଡଳୀ ଉତ୍ସବକୁ ପରିଚାଳନା କରିଥିଲେ।

## କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବାଲିକୁଦା,୨।୧୨(ସମିସ): ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନି ଦିନ ଧରି ହେଉଥିବା ୨୫ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ବ୍ଲକମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ସହ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଅଧ୍ୟାପିକା କଳ୍ପନା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ବାଲିକୁଦା ବିଦ୍ୟାଳୟରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ଜଗତସିଂହପୁର,୨।୧୨(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଓଚିନ୍ଦାରେ ବିବେକାନନ୍ଦ ବକ୍ତୃତା ମାଳା 'ଉଦ୍‌ବୋଧନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜଗତସିଂହପୁର ଜିଲ୍ଲା ଶାଖା ଓ ଉତ୍କଳ ରାମକୃଷ୍ଣ ସେବାସଂଘ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ପୂର୍ବ ସଂଭାଗ ଓଡିଶାର ମୋ ଗାଁ ପରିଷଦ ପରିବେଶ ବିଭାଗର ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ ସ୍ୱାଗତ ଭାଷଣ, ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ସେବାସଂଘର ପ୍ରମୁଖ ପ୍ରବକ୍ତା ଜୟନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଦେବାଶିଷ ସ୍ୱାଇଁ, ସାଇସର୍ଜନ ସ୍ୱାଇଁ, ସ୍ୱାଗତିକା ତ୍ରିପାଠୀ, ସନ୍ତୋଷୀ ଲେଙ୍କା, ପାର୍ବତୀ ସ୍ୱାଇଁ, ରାହୁଲ ଜେନା ଓ ସାଇ ସମର୍ପିତା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଧରଣୀଧର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ପରିଜା, ସ୍ୱତିସ୍ମିତା ଦାଶ, ସୋନାଲି ଗୋଛାୟତ ଏବଂ ଶିକ୍ଷକ ରାମ ଶବର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ



ଜଗତସିଂହପୁର, ୨।୧୨ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ପଟିଲେ ପଞ୍ଚାୟତସ୍ଥ ଆଏମାଧୋତି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀରେଖା ଶତପଥୀଙ୍କ ବିଦାୟ କାଳୀନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଝୁଲରାମ ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱପ୍ନା ମଞ୍ଜରୀ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ ପ୍ରସାଦ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ, ମୁଖ୍ୟବକ୍ତା ନବକାକଳି ପତ୍ରିକାର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବାଲିକୁଦାର ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ତିର୍ତ୍ତୋଲର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, କୋଡିଆଁ ସାଧନ କେନ୍ଦ୍ରର ସିଆର୍‌ସିସି ପ୍ରଦୀପ କୁମାର ରଥ, ଜଗତସିଂହପୁର ପ୍ରାଥମିକ ଶିକ୍ଷକ ସଙ୍ଘର ଉପସଭାପତି ରତିରଞ୍ଜନ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ନନ୍ଦନ ସ୍କୁଲର ପ୍ରଶାନ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ବିଶ୍ୱାଳ, ବିଶ୍ୱନାଥ ଗିରି, ରେଣୁବାଳା ମହାନ୍ତି, ରଞ୍ଜନ ପ୍ରଭା ସ୍ୱାଇଁ, ଗଗନ ବିହାରୀ ଦାସ, ପ୍ରଭାତ କୁମାର କର, ପୂର୍ଣ୍ଣଚନ୍ଦ୍ର ନାୟକ, ତଥା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚକୁଳିପଡ଼ାରେ ୬ ବଖରା ଜଳିଗଲା

ନାଉଗାଁ,୨।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁ ଗାଁ ପଞ୍ଚାୟତର ଚକୁଳିପଡ଼ା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଚକୁଳିପଡା ଗ୍ରାମର ସଚ୍ଚିଦାନନ୍ଦ ରାଉତରାୟଙ୍କ ଗୁହାଳ ଘର ଜଳୁଥିବାର ପଡିଶା ଘରର ଜଣେ ବ୍ୟକ୍ତି ପରିସ୍ରା କରିବାକୁ ଉଠିଥିବା ବେଳେ ଦେଖିବାକୁ ପାଇଥିଲା। ସେ ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କୁ ଡାକିବା ସହିତ ନାଉଗାଁ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସଚ୍ଚିଦାନନ୍ଦ ଏବଂ ପ୍ରଦିପ୍ତ ସାମନ୍ତରାୟଙ୍କ ୬ ବଖରା ଘର ସତେତ ସମସ୍ତ ଆସବାବପତ୍ର ଏବଂ ଗୋଟିଏ ବାଛୁରି ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ଆଜି ସକାଳୁ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଏବଂ ଜାମୁଗାଁ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ପଲିଥିନ ଏବଂ କିଛି ଆର୍ଥିକ ସାହାଯ୍ୟ କରିଛନ୍ତି।

## ଅତିରିକ୍ତ ତହସିଲଦାରଙ୍କ ବିୟୋଗରେ ଶୋକସଭା

ବାଲିକୁଦା,୨।୧୨(ସମିସ): ବାଲିକୁଦା ତହସିଲ କାର୍ଯ୍ୟାଳୟର ପୂର୍ବତନ ଅତିରିକ୍ତ ତହସିଲଦାର ଶୈଳେନ୍ଦ୍ର ନାଥ ଦ୍ୱିବେଦୀଙ୍କ ବିୟୋଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦା ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ସସ୍ମିନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ, ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ, ସହସମ୍ପାଦକ ଶରତ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ସୁଦାମ ଚରଣ ପରିଡ଼ା, ଅର୍ଜୁନ କୁମାର ସାହୁ, ପ୍ରଦୀପ୍ତ ସ୍ୱାଇଁ, ଦେବୀପ୍ରସନ୍ନ ନାୟକ, ବିଜୟ କୁମାର ମୁଦୁଲି, ବିଜୟ କୁମାର ବେହେରା, ଗୁରୁମା ସୁପ୍ରିୟା ନାୟକ, ସଂଗୀତା ମହାନ୍ତି, ଇତିଶ୍ରୀ ଭୋଳ ସହଯୋଗ କରିଥିଲେ।

## ନିଗମାନନ୍ଦ ଆଶ୍ରମରେ ଗୀତା ପାରାୟଣ

ରଘୁନାଥପୁର,୨।୧୨(ସମିସ): ଜଗତସିହପୁର ଜିଲ୍ଲା ରଘୁନାଥପୁର ବ୍ଲକ ନିକଟସ୍ଥ ଶିର୍ଲୋ ନିଗମାନନ୍ଦ ଆଶ୍ରମରେ ଶ୍ରୀଗୁରୁଙ୍କ ଷୋଡ଼ଶ ଉପଚାର ପୂଜା ଓ ଗୀତା ପାରାୟଣ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଶ୍ରୀଗୁରୁଙ୍କ ନାମ ସଙ୍କୀର୍ତ୍ତନ ସହ ବାଲ୍ୟ ଭୋଗ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ସଦାଶିବ ବ୍ରହ୍ମଚାରୀ, ଶ୍ରୀମଦ୍ ଭଗବତ ଗୀତା ପ୍ରଚାର ପରିଷଦ ମହାପୁରୁଷ ଶ୍ରୀଶ୍ରୀ ଯୁଗଳ କିଶୋର ପୀଠ ସଭାପତି ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ଦାସ, ସମ୍ପାଦକ ପଣ୍ଡିତ ନିମାଇ ଚରଣ ଦାଶ, ଶିର୍ଲୋ ସାରସ୍ୱତ ସଙ୍ଗର ସଭାପତି ପ୍ରାଣକୃଷ୍ଣ ଦାଶ ଓ ଗୁରୁ ଭାଇ ସନ୍ତୋଷ କୁମାର ବସ୍ଥିଆ, ଅଜିତ କୁମାର ଦାଶ, ହେମନ୍ତ ବାବା, ଗନ୍ଧର୍ବ ଆଚାର୍ଯ୍ୟ, କର୍ତ୍ତା ବଂଶୀଧର ମହାପାତ୍ର, ମିନତି ମିଶ୍ର, ଜଗନ୍ନାଥ ବସ୍ଥିଆ, ଅଜିତ କୁମାର ମୁଖାର୍ଜୀ ଉପସ୍ଥିତ ରହି ଏହି କାର୍ଯକ୍ରମକୁ ପରିଚାଳନା କରିଥିଲେ। ଗୀତା ପରିଷଦର ସଭ୍ୟ ପଣ୍ଡିତ ଶିବ ଚରଣ ମିଶ୍ର, ପଣ୍ଡିତ ବସନ୍ତ କୁମାର ପଣ୍ଡା, ଦାମୋଦର ଭାଇ, ପ୍ରାଣକ୍ରୀଷ୍ଣ ପ୍ରଧାନ, ବାବାଜୀ ଗୋପୀ କୃଷ୍ଣ, ଶିବଚରଣ ମହାରଣା, ଗୀତାରାଣୀ ରାଉତ, ମିନର୍ଭା ବେହେରା, ସରସ୍ୱତୀ ଦଳାଇ ଯୋଗ ଦେବା ସହ ଗୀତ ପରିବେଷଣ କରିଥିଲେ। ଭଗବତ ଗୀତା ପ୍ରଚାର ଦ୍ୱାରା ଲୋକମାନକ ମନରେ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ପ୍ରୟାସ କରାଯାଇଥିଲା।

## ମା' ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି

ଏରସମା,୨।୧୨(ସମିସ): ଇବ୍ରିସିଂହ ସ୍ଥିତ ମା' ଉତ୍ତରେଶ୍ୱରୀ ପାଠାଗାର ପରିସରରେ ମା' ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ଜ୍ଞାନେନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଗ୍ରାମର ସମସ୍ତ ଯୁବକ, ବୟୋଜ୍ୟେଷ୍ଠ ଓ ମୁରବିମାନେ ଉପସ୍ଥିତ ଥିଲେ। ମା'ଙ୍କ ପୂଜା ଏହି ମାର୍ଗଶିର ଶେଷ ଗୁରୁବାର ମାଣବସା ଦିନ ହୋଇଥାଏ। ଚଳିତ ବର୍ଷ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ୬ ଓ ୭ ତାରିଖ ଯାତ୍ରା ଅନୁଷ୍ଠିତ ହେବ ବୋଲି ସଭାପତିଙ୍କ ଠାରୁ ସୂଚନା ମିଳିଛି।

## ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶିକାଙ୍କ ଏସ୍‌ଭିଏମ୍ କଲେଜ ପରିଦର୍ଶନ



ଜଗତସିଂହପୁର,୨।୧୨(ସମିସ): ରଜ୍ୟ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ସରୋଜଲକ୍ଷ୍ମୀ ସିଂ ଏବଂ ଉପ-ଆଞ୍ଚଳିକ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ଦିନିକିଆ ଜଗତସିଂହପୁର ଗସ୍ତରେ ଆସି ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଜେ.ସୋନାଲଙ୍କ ଉପସ୍ଥିତିରେ ଉଭୟ ଅଧିକାରୀ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଭାବ ବିନିମୟ କରିଥିଲେ। ଛାତ୍ରଛାତ୍ରୀ ମାନେ ପାଠପଢିବା ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବେ ଗଢି ତୋଳିବାକୁ ନିର୍ଦ୍ଦେଶିକା ଶ୍ରୀମତୀ ସିଂ ପରାମର୍ଶ ଦେବା ସହିତ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ନିଜର ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଅସିତ୍ ରଞ୍ଜନ ମହାପାତ୍ର, ଉଚ୍ଚ ମାଧ୍ୟମିକ ବିଭାଗର ଅଧ୍ୟକ୍ଷା ଡ. ମନୋଜା ମଞ୍ଜରୀ ସ୍ୱାଇଁ, ପ୍ରାଧ୍ୟାପିକା ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପିକା ବନ୍ଦିତା ଦାସ, ପ୍ରାଧ୍ୟାପକ ପ୍ରମୋଦ ରଞ୍ଜନ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ବ୍ୟବସାୟିକ ଯୋଜନା ପ୍ରସ୍ତୁତି ତାଲିମ୍ ଶିବିର

କୁଜଙ୍ଗ,୨।୧୨(ସମିସ): ଟାଟା ପାୱାର (ଟିପିସିଓଡ଼ିଏଲ୍) ଓ ମାର୍ଟ ଏକାଡେମୀ ପକ୍ଷରୁ ମିଳିତ ଭାବେ କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତ ଅରଖିଆ, ତେଣ୍ଟାଇକୁଦ ଏବଂ ଜିଲ୍ଲାନାସି ପଞ୍ଚାୟତ ତେନ୍ତୁଳିଆଖମାର, ସାହାରାଡ଼ିଆ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀମାନଙ୍କୁ ନେଇ ଉଦ୍ୟୋଗ ପରିଚାଳନା ଏବଂ ବ୍ୟବସାୟିକ ଯୋଜନା କୁଜଙ୍ଗ କୋଠିଆସାହି ସ୍ଥିତ କୃଷକ ସୂଚନା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟବସାୟର ଲକ୍ଷ୍ୟ, ଧାରଣା, ମୂଲ୍ୟ ପ୍ରସ୍ତାବ, ବଜାର ବିଶ୍ଳେଷଣ, ବିକ୍ରୟ ପୂର୍ବାନୁମାନ, ଆନୁମାନିକ ଆୟ ବିବରଣୀ, ନଗଦ ପ୍ରବାହ ଲାଭ ଓ ବ୍ୟବସାୟିକ ନୀତି ଉପରେ ଆଲୋଚନା କରାଯିବା ସହ ଚାଷୀ ମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା। ଚାଷୀ କିପରି ଉଦ୍ୟୋଗ ପରିଚାଳନା ଓ ବ୍ୟବସାୟର ସାମଗ୍ରିକ ଗଠନ, କାର୍ଯ୍ୟ ଉପରେ ସଠିକ୍ ଧ୍ୟାନ୍ ଦେବା ଦରକାର ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷକ କଳିଙ୍ଗ କେଶରୀ ସାମଲ, ଟିପିସିଓଡିଏଲ୍ ଓ ମାର୍ଟ ଏକାଡେମୀ ପକ୍ଷରୁ ସଂଯୋଜିକା ସୁଶ୍ରୀ ପ୍ରିୟଙ୍କା ବିଶ୍ୱାଳ, ମନିଷା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍‌ର ସଫଳତା

# ଏକାବେଳେ ୬ ବର୍ଥରୁ ପଣ୍ୟ ବୋଝେଇ ଓ ଖଳାସ୍

ପାରାଦୀପ, ୨।୧୨ (ସମିସ)




ଜାହାଜରେ ପଣ୍ୟ ବୋଝେଇ ଓ ଖଲାସରେ ଇତିହାସ ରଚିଲା ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ। ପାରାଦୀପ ବନ୍ଦରର ସମସ୍ତ ମାନୁଆଲ ବର୍ଥରେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ ଗୋଟିଏ ଦିନରେ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି ଏକ ବିରଳ ଇତିହାସ ସୃଷ୍ଟି କରିଛି। ସୂଚନା ଥାଉକି ପାରାଦୀପ ବନ୍ଦରରେ ଥିବା ୬ଟି ମାନୁଆଲ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଗୁଡିକରେ ଓଏସ୍‌ଏଲ୍ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରିଥିଲା। ଓଏସଏଲର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ନେତୃତ୍ୱରେ ବର୍ଥ ନଂ ସିକ୍ୟୁ-୧ରେ ଲାଗିଥିବା ବୋଝେଇ ଜାହାଜ ଏମ୍‌ଭି ମେଟାଲ ଷ୍ଟାର, ସ୍କ୍ୟୁ-୩ ଆମୋନିଆ ନାଇଟ୍ରେଟ ବୋଝେଇ ନେଇ ଆସିଥିବା ଏମଭି ରୋଷ୍ଟରମ ସାଓପାଓଲ, ଏମ୍‌ପିବି ବର୍ଥରେ ଲାଗିଥିବା ଲାଇମଷ୍ଟୋନ ପଣ୍ୟବାହୀ ଜାହାଜ ଏମଭି ଆମସିସ୍ଲିଅନ, ଏସକ୍ୟୁ ବର୍ଥରେ ଲାଇମଷ୍ଟୋନ ବୋଝେଇ ଏମଭି ଜିସିଏଲ ଯମୁନା, ଏନକ୍ୟୁ-୩ ବର୍ଥରେ ଜିପସମ୍ ଏମ୍‌ଭି ଦୃଷ୍ଟିରୁ ଖଲାସ କରାଯାଇଥିଲା। ସେହିପରି ସିକ୍ୟୁ-୨ ବର୍ଥରେ ଲାଗିଥିବା ଏମ୍‌ଭି ଏମଏଲଏସ ପୋଲାରରେ ମିଲସ୍କେଲ ବୋଝେଇ କରିଥିଲା। ଗତକାଲି ଦୁଇଟି ମେକାନିକାଲ ବର୍ଥ ଏଫବି-୧ରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ଆମସି ଷ୍ଟାଲିଅନ ଜାହାଜରୁ ଲାଇମଷ୍ଟୋନ ଓ ଏଫବି-୨ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ପୋଲାଷ୍ଟାରରୁ ସଲଫର ମଧ୍ୟ ଖଲାସ କରିଥିଲା। ସୂଚନାଯୋଗ୍ୟ ପାରାଦୀପ ବନ୍ଦରରେ ବିଗତ ଆର୍ଥିକ ବର୍ଷ ଗୁଡିକରେ ସର୍ବାଧିକ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି କ୍ରମାଗତ ସର୍ବଶ୍ରେଷ୍ଠ ଷ୍ଟିଭେଡୋର୍ସ ସମ୍ମାନ ବିଗତ ବର୍ଷ ମାନଙ୍କରେ ପାଇଆସୁଛି।

## ଉତ୍କଳ ସୀମାନ୍ତ ଉତ୍ସବ ଉଦ୍‌ଘାଟିତ



ଭୋଗରାଇ, ୨ା୧୨ (ସମିସ): ଉତ୍କଳ ସଂସ୍କୃତି ଅଭିନ୍ନ ଓ ଭାଇଚାରାର ସମ୍ପର୍କ ଅତୁଟ ଥିଲା, ରହିଛି ଓ ରହିବ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୀମାନ୍ତ ସହାବାଜିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମଧୁ ମଣ୍ଡପରେ ଆୟୋଜିତ ଉତ୍କଳ ସୀମାନ୍ତ ଉତ୍ସବ ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ଉତ୍ସବ କମିଟିର ସଭାପତି ଭଗବାନ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଜିତ ଦାସ, ବିଶ୍ୱଜିତ ମହାନ୍ତି, ଶିଶିର ପ୍ରଧାନ, ଦିଲ୍ଲୀପ ଦାସ, ସୁଶାନ୍ତ ମଣ୍ଡଳ, ସପନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ନିର୍ମଳ ପଟ୍ଟାୟତ। କାର୍ଯ୍ୟକ୍ରମରେ ଶମ୍ଭୁନାଥ ପଟ୍ଟାୟତ, ଭାକୁ ବେହେରା, ଶ୍ରୀହରି ସାମଲ, ତରଣୀକାନ୍ତ ପଟ୍ଟାୟତ, ଜଳେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଗୋପବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିରା ପଞ୍ଚାୟତ ବିଜେଡି ସଭାପତିଙ୍କ ସ୍ମୃତିସଭା

କାଳିପଦା, ୨ା୧୨ (ସମିସ): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ପାଳପଡ଼ା ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ନିଖିରା ପଞ୍ଚାୟତର ବିଜେଡି ସଭାପତି ଅଦ୍ୱୈତ୍ୟ କୁମାର ଦାସ ଅଧିକାରୀଙ୍କ ଏକାଦଶାହରେ ସୋମବାର ତାଙ୍କ ସ୍ମୃତିରେ ନିଖିରା ପଞ୍ଚାୟତ ବିଜୁ ଜନତା ଦଳ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ମନ୍ମଥ ମାଣିକ, ସପନ ଦାସ, ଶରତ ଚନ୍ଦ୍ର ପ୍ରଧାନ, ଶାନ୍ତନୁ ଭଦ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ, ବରିଷ୍ଠ ନେତା ଅଜୟ କୁମାର ସାମଲ, ଭଗୀରଥ ଗିରି, ୨୨ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ବିଷ୍ଣୁପୁର ସଭାପତି ସରୋଜ ଦାସ, ଶିକ୍ଷାବିତ୍ ପରମେଶ୍ୱର ବାରିକ, ସାମ୍ବାଦିକ ଗୋପନାରାୟଣ ଜେନା, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ବିଜୟ ଗିରି, ଅବସର ପ୍ରାପ୍ତ ଶିକ୍ଷକ ଅଜୟ ଗିରି, ଭଜନ ବେହେରା ପ୍ରମୁଖ ବିଭିନ୍ନ ପଞ୍ଚାୟତର ବହୁ ନେତୃବୃନ୍ଦ ଯୋଗ ଦେଇ ସ୍ୱର୍ଗତ ଦାସ ଅଧିକାରୀଙ୍କ ସ୍ମୃତିଚାରଣ କରିଥିଲେ। ହ୍ୱାଇଁ ଆନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

## ବିଜେପିର ସାଂଗଠନିକ ସଭା

ଜଳେଶ୍ୱର,୨ା୧୨(ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବସ୍ତା ବ୍ଲକ ଅନ୍ତର୍ଗତ ଚୋରମରା ଗ୍ରାମପଞ୍ଚାୟତରେ ଭାରତୀୟ ଜନତା ପାର୍ଟିର ଏକ ବିଶାଳ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଚୋରମାରା ଗ୍ରାମରେ ଆୟୋଜିତ ସଭାରେ ଯୁବ ନେତା ଗଗନ ବିହାରୀ ସାହୁ ସଭା ପରିଚାଳନା କରି ଭାରତୀୟ ଜନତା ପାର୍ଟିର ଆଦର୍ଶ ଓ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଜେପିର ତୁଙ୍ଗ ନେତା ବ୍ରଜମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଇନ୍ଦିରା କାମିଲା, ଅନ୍ୟ ସମ୍ମାନିତ ଅତିଥି ଭାବେ ଯୁବ ନେତା କାଳୀ ଚରଣ ଦାସ, ବରିଷ୍ଠ ବିଜେପି ନେତା ଶିଶିର ସେନାପତି, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ସିଂଲା ସରପଞ୍ଚ ବିପିନ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ବିରଞ୍ଚିନ ଦାସ ମହାପାତ୍ର, ରମା ନାଥ ଜେନା, ରମା ନାଥ ପ୍ରଧାନ, ମନ୍ଟୁସ ଜେନା, କାହ୍ନୁଚରଣ ପ୍ରଧାନ, ଲକ୍ଷ୍ମଣ ରାଉଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ।

## ଧର୍ମପରାୟଣ ମହିଳାଙ୍କ ବିୟୋଗ

ନୀଳଗିରି, ୨ା୧୨ (ସମିସ): ନୀଳଗିରି ଏନ୍‌ଏସି ସିମୁଳିଆ ଗ୍ରାମର ସୁଦର୍ଶନ ଦଳାଇଙ୍କ ଧର୍ମପତ୍ନୀ ଶାନ୍ତିଲତା ଦଳାଇଙ୍କ ୬୮ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳାଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ସେ କିଛିମାସ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ଅକାଳ ବିୟୋଗ ଘଟିଛି। ମରଶରୀର ନିକଟରେ ୩ପୁତ୍ର, ପୁତ୍ରବଧୂ, ପରିବାର, ପରିଜନ ଉପସ୍ଥିତ ଥିବାବେଳେ ବହୁଲୋକ ଶେଷଦର୍ଶନ କରିଛନ୍ତି। ସାନପୁଅ ରଜନୀକାନ୍ତ ମୁଖାଗ୍ନି ଦେଇଛନ୍ତି।

## ମଦ ସହ ବାଇକ ଓ ସ୍କୁଟି ଜବତ, ୨କୋର୍ଟ ଚାଲାଣ

ଖଇରା,୨ା୧୨ (ସମିସ): ଖଇରା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଖଇରା ଓ ବାସୁଦେବପୁର ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୩୫ ଲିଟର ଚୋରା ଦେଶୀ ମଦ ସହ ବାଇକ ଓ ସ୍କୁଟି ଜବତ କରିଛନ୍ତି। ସେମାନଙ୍କ ନାମରେ ୩ଟି ମାମଲା ରୁଜୁ କରାଯାଇଛି। ବାସୁଦେବପୁର ଥାନା ନୂଆଗାଁ ଗ୍ରାମର ଓକିଲ ମଲ୍ଲିକ ଏବଂ ଖଇରା ଥାନା ଅଚ୍ୟୁତପୁର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଭାଟପଡା ଗ୍ରାମର ଜଣେ ବିକ୍ରେତା ଫେରାର ହୋଇ ଯାଇଛି। ଉକ୍ତ ଚଢାଉରେ ଭାରପ୍ରାପ୍ତ ଅଧିକାରୀଙ୍କ ସହ ଏଏସଆଇ ଦିପିକା ପରିଡା ଓ କନେଷ୍ଟବଲ ଦେବାଶୀଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ବିଶ୍ୱ ଏଡ୍‌ସ ଦିବସ

ବାଲେଶ୍ୱର,୨ା୧୨(ସମିସ): ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ଅଧ୍ୟକ୍ଷ କାଶୀଭୂଷଣ କରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମାନସ ରଞ୍ଜନ ମିଶ୍ର, ଜଗଦାନନ୍ଦ ବିଶ୍ୱାଳ, ଗୌରାଙ୍ଗ ଚରଣ ବେହେରା, ଭରତ ଘଡିଆ, ଅରୁଣ ସିଂ ପ୍ରମୁଖ ଯୋଗଦେଇ ଏଡସ ରୋଗର କାରଣ, ନିରାକରଣ ଓ ସଚେତନତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବାଙ୍ଗରା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ।

## ରେଳଧାରଣା ପାର୍ଶ୍ୱ ଗଳାପୋଲ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୪୫ ଘର

ବାଲେଶ୍ୱର,୨ା୧୨(ସମିସ)



ବାଲେଶ୍ୱରରେ ସରକାରୀ ସ୍ଥାନକୁ ମାଡି ବସିଥିବା ଜାଗା ଗୁଡିକୁ ଚିହ୍ନଟ କରାଯାଇ ଏବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ରେଳଧାରଣା ପାଶ୍ୱର୍ ଗଳାପୋଲଠାରେ ସରକାରୀ ଜାଗାକୁ ଜବରଦଖଲ କରି ଦୀର୍ଘଦିନ ଧରି ରହିଆସିଥିବା ୪୫ଟି ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।

ଗଳାପୋଲ ଠାରେ ରହିଛି ସରକାରୀ ସ୍ଥାନ। ଏହି ସ୍ଥାନରେ ଦୀର୍ଘଦିନ ଧରି ଜବରଦଖଲ ପରେ ଘର ତିଆରି କରି ୪୫ଟି ପରିବାର ରହିଆସୁଥିଲେ। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସେଇ ସ୍ଥାନରେ ଉଚ୍ଛେଦ କରାଯିବା ସହ ସେମାନଙ୍କୁ ଘର ଗୁଡିକୁ ଜେସିବି ମେସିନ ସାହାଯ୍ୟରେ ଭଙ୍ଗା ଯାଇଛି। ଏଥିରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ତହସିଲଦାର ଦେବୀ ପ୍ରସନ୍ନ ଶାଶ୍ୱତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ(ଆଇପିଏସ ପ୍ରବେସନର) ମନୀଷା ସଗୁନଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା। ଏପରିକି ଏହି ସ୍ଥାନରେ ଘର ଗୁଡିକୁ ଭାଙ୍ଗିବା ପାଇଁ ଗତକାଲି ଅର୍ଥାତ ସୋମବାର ଦିନ ଡାକବାଜି ଦ୍ୱାରା ଘୋଷଣା କରାଯିବା ପରେ ଆଜି ଉଚ୍ଛେଦ କରାଯାଇଛି। ଏ ନେଇ ତହସିଲଦାର କହିଛନ୍ତି ଯେ, ଆଗାମୀ ଦିନରେ ସହରରେ ଅନ୍ୟାନ୍ୟ ସ୍ଥାନରେ ବି ଏଭଳି ବେଆଇନ ଜବରଦଖଲ ଉଚ୍ଛେଦ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଜବରଦଖଲ ବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଘଟଣା ସ୍ଥଳରେ ଟାଉନ ଓ ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ସହିତ ଦୁଇ ଥାନାର ପୁଲିସ ଓ ଦେଢ଼ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।

## ମୁଖକର୍କଟ ପୀଡ଼ିତ ଯୁବକଙ୍କ ମୃତ୍ୟୁ

ନୀଳଗିରି, ୨ା୧୨ (ସମିସ): ଦୀର୍ଘ ୧୫ବର୍ଷ ଧରି ମୁଖ କର୍କଟରୋଗ ସହ ସଙ୍ଘର୍ଷ କରି ଶେଷରେ ଜୀବନ ହାରିଛନ୍ତି ଜୈନିକ ଯୁବକ। ନୀଳଗିରି ଏନ୍‌ଏସି ନିଜଗଡ ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ପାତ୍ରଙ୍କ ସାନପୁଅ ମନୋରଞ୍ଜନ ପାତ୍ର (୫୦) ଆଜକୁ ପ୍ରାୟ ୧୫ବର୍ଷ ଧରି ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଅପରାହ୍ନରେ ନିଜ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଖବରପାଇ ବହୁ ସାଙ୍ଗସାଥି, ପରିବାର ପରିଜନ, ସମ୍ପର୍କୀୟ, ଶେଷ ଦର୍ଶନ କରିଛନ୍ତି। ତାଙ୍କର ୨ଟି ଝିଅ ଏବଂ ଗୋଟିଏ ପୁଅ ଥିବା ଜଣାଯାଇଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି।

## ବିଶ୍ୱ ଏଡ୍‌ସ ଦିବସ ପାଳିତ




କାଳିପଦା, ୨ା୧୨ (ସମିସ): ନାବରାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଏଡ଼ସ ଦିବସ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରିନ୍ସିପାଲ ସାଧନା ଦାସ ଅଧିକାରୀଙ୍କ ପୌରହିତ୍ୟରେ ତର୍କ ଓ ଦର୍ଶନ ବିଭାଗ ଅଧ୍ୟାପକ ଲକ୍ଷ୍ମୀକୃଷ୍ଣ ନାୟକ, ସଂସ୍କୃତ ବିଭାଗ ଅଧ୍ୟାପକ ଭବଶଙ୍କର ପ୍ରଧାନ, ଓଡ଼ିଆ ବିଭାଗ ଅଧ୍ୟାପକ ମାନ ଗୋବିନ୍ଦ ରାଉତ, ଇତିହାସ ବିଭାଗ ଅଧ୍ୟାପିକା ସସ୍ମିତା ଗିରି, ପ୍ରାକ୍ତନ ଇଂରାଜୀ ବିଭାଗ ଅଧ୍ୟାପିକା ପ୍ରତିଭା ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଜନ ସଚେତନତା ଦ୍ୱାରା ଏଡ୍‌ସକୁ ରୋକଯାଇ ପାରିବ ବୋଲି କହିଥିଲେ। ଯୁବ ରେଡ୍‌କ୍ରସର ପ୍ରୋଗ୍ରାମ ଅଫିସର ଅଲିଭା ମଞ୍ଜରୀ ପାତ୍ର ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସୁବର୍ଣ୍ଣରେଖା ମହାବିଦ୍ୟାଳୟ: ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଏନଏସଏସ ଦ୍ୱାରା ବିଶ୍ୱ ଏଡସ୍ ଦିବସରେ କଲେଜର ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମନ୍ଦାକିନୀ ଜେନା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝୁନାବାଳା ଦେ, ସ୍ୱାସ୍ଥ୍ୟ ପରିଦର୍ଶକ ଅଜୟ ପାତ୍ର ପ୍ରମୁଖ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ବିକାଶ ଜେନା, ରାଜନୀତି ବିଭାଗ ମୁଖ୍ୟ ରଂଜନ କୁମାର ପାଢ଼ୀ, ଯୁକ୍ତ ତିନି ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରେମାନନ୍ଦ ସେଠୀ, ଯୁକ୍ତ ଦୁଇର ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ, ଅଧ୍ୟାପକ ସୁଦର୍ଶନ ରଣାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ଟ୍ରେନରୁ ଖସି ପଡ଼ି ଯୁବକ ଗୁରୁତର



ବସ୍ତା ବ୍ଲକ, ୨ା୧୨ (ସମିସ): ନୂଆଁଗା ମୟୂରଭଞ୍ଜ ରୋଡ - ବସ୍ତା ଷ୍ଟେସନ ମଝିରେ ଟ୍ରେନରୁ ଖସି ପଡ଼ି ଜନୈକ ଯୁବକ ଗୁରୁତର ହୋଇ ଥିବା ବେଳେ ସେ କିପରି ଉତ୍ତମ ଚିକିତ୍ସା ପାଇବେ ସେଥି ପାଇଁ ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା ସହଯୋଗ କରିଥିବା ଜଣା ପଡ଼ିଛି। ମଙ୍ଗଳବାର ସକାଳ ସମୟରେ ହାୱଡ଼ା ଅଭିମୁଖେ ଯାଉଥିବା ଏକ ଏକ୍ସପ୍ରେସରୁ ଜନୈକ ଯୁବକ ନୂଆଗାଁ ଷ୍ଟେସନ ବସ୍ତା ଷ୍ଟେସନ ମଧ୍ୟରେ ଖସି ପଡିଥିଲା। ରେଳ ଧାରଣା ପାଶ୍ୱର୍ରେ ଗାଇ ଚରାଉଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ଦେଖି ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କୁ ଖବର ଦେବା ପରେ ଶ୍ରୀ ପଣ୍ଡା ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ବସ୍ତା ହସ୍ପିଟାଲକୁ ପଠାଇବାକୁ କହି ସେ ହସ୍ପିଟାଲରେ ପହଞ୍ଚି ଥିଲେ। ମାତ୍ର ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଗୁରୁତରଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ଜିଲ୍ଲା ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଗୁରୁତର ଯୁବକଙ୍କ ପକେଟ୍ ରେ ଥିବା ମୋବାଇଲରୁ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆ ଯାଇଥିଲା। ଯୁବକ ଜଣକ ନାମ ସୌମ୍ୟଜିତ ନନ୍ଦୀ ଓ ତାଙ୍କ ଘର ପଶ୍ଚିମବଙ୍ଗ ବାଙ୍କୁଡ଼ା ଜିଲ୍ଲା ବିଷ୍ଣୁପୁର ଗ୍ରାମ ବୋଲି ଜଣା ପଡ଼ିଛି। ସେ ହାଇଦ୍ରାବାଦ ରେ କାମ କରୁଥିଲେ। ଆଜି ତାଙ୍କର ଘରକୁ ଫେରିବାର ଥିଲା ବୋଲି ତାଙ୍କ ମାଆ ଫୋନରେ ପ୍ରକାଶ କରିଥିଲେ।

**ଚିକିତ୍ସା ବ୍ୟବସ୍ଥା କଲେ ବିଜେପି ଜିଲ୍ଲା ସଭାପତି**

## ସୋହରିଆରେ ଗୀତା ଜୟନ୍ତୀ ସମାରୋହ

ଭୋଗରାଇ,୨ା୧୨(ସମିସ): ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅଧୀନସ୍ଥ ସେହି ଗ୍ରାମରେ ଥିବା ଶଙ୍କରୀ ମାତା ଭାଗବତ ଟୁଙ୍ଗୀ ପ୍ରାଙ୍ଗଣରେ ୨୧ ତମ ବାର୍ଷିକ ଗୀତା ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପି ଗୀତା ପାଠ, ସଂକୀର୍ତ୍ତନରେ ଗାଁରେ ଏକ ଆଧ୍ୟାତ୍ମିକ ବାତାବରଣ ଖେଳି ଯାଇଥିଲା। ସନ୍ଧ୍ୟାରେ ପରମ ସନ୍ଥ ଇଷ୍ଟବନ୍ଧୁ ମହାରାଜାଙ୍କ ହସ୍ତରେ ପୂର୍ଣ୍ଣାହୁତି ପରେ ଯଜ୍ଞ ସମାପନ ହୋଇଥିଲା। ତାହା ସହିତ ଆସନ୍ତାକାଲି ବିଶାଳ ଅନ୍ନ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପ୍ରଧାନ, ଅଜୟ କର, ଅନିଲ ସାହୁ, ଦେବେନ୍ଦ୍ର ମାହାନା, ଶଚିନ୍ଦ୍ର ମଣ୍ଡଳ, ସର୍ବେଶ୍ୱର ପ୍ରଧାନ, ରାଧାକୃଷ୍ଣ ମହାନ୍ତି, ସନ୍ତୋଷ ଗିରି, ପ୍ରଫୁଲ୍ଲ ଗିରି, ପଦ୍ମଲୋଚନ କର ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାଲେଶ୍ୱର,୨ା୧୨(ସମିସ): ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ୭୬ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ସବିତା ସାହୁ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ଇଂ ସୁରେଶ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାଗ୍ରହଣ ଏବଂ କ୍ରୀଡା ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କାଉନସିଲର ତଥା ଓଡ଼ିଶା ଫୁଟବଲ ଆସୋସିଏସନର ଉପସଭାପତି ପଦ୍ମଲୋଚନ ଲେଙ୍କା, ଏସ୍‌ଏମ୍‌ସି ସଭାପତି ରାକେଶ ଖୁଣ୍ଟିଆ, ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁମତି ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ ବାର୍ଷିକ କ୍ରୀଡ଼ା ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉଳ ଧନ୍ୟବାଦ ଦେଇଥିଲେ। ଟାଉନ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ପ୍ରୀତମ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ କ୍ରୀଡ଼ା ଉତ୍ସବକୁ ଅତିଥି ଶିକ୍ଷକ ଅକ୍ଷୟ ପାତ୍ର ଓ ଦାମୋଦର ପଣ୍ଡା, ଗୋପୀନାଥ ପାଢ଼ୀ, ଚକ୍ରଧର ମିଶ୍ର, ରାମକୃଷ୍ଣ ପଣ୍ଡା, ଶଶିକାନ୍ତ ମିଶ୍ର, ଶିକ୍ଷୟିତ୍ରୀ ଜୟନ୍ତୀ ଚାଷି, ଦେବସ୍ମିତା ଦାସ, ସସ୍ମିତା ପଣ୍ଡା, ସସ୍ମିତା ଗିରି, ସତ୍ୟ ସାଗରିକା ରାଉତ, ନମିତା ନାୟକ, ଶିଖାରାଣୀ ପାତ୍ର, ତନୁଶ୍ରୀ କର, ଅଫିସ କର୍ମଚାରୀ ରାଜେନ୍ଦ୍ର ଦେ, ଅଜିତ ପଟ୍ଟନାୟକ, ଶଶଧର ନାୟକ, କାର୍ତ୍ତିକ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ଚା' ଦୋକାନରୁ ଚୋରି ଅଭିଯୋଗ

ସୋର,୨ା୧୨(ସମିସ): ସୋର ଥାନା ତଳନଗର ନିକଟସ୍ଥ ୨ଟି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ସବିରା ଗ୍ରାମର ମାଧବ ଚନ୍ଦ୍ର ନାୟକ ତଳନଗର ନିକଟରେ ଥିବା ଷ୍ଟାର ହୋଟେଲ ନିକଟରେ ଏକ କଫିସପ କରି ପରିବାର ପ୍ରତିପୋଷଣ କରନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ କାନ୍ଥକୁ ଭାଙ୍ଗି ଦୋକାନରେ ଥିବା ୪୫ ହଜାର ଟଙ୍କାର ଦାମୀ ଚକଲେଟ ସିଗାରେଟ ଓ ଅନ୍ୟସାମଗ୍ରୀ ସମେତ କ୍ୟାସବ୍ରରେ ଥିବା ନଗଦ ୨୦ ହଜାର ୫ଶହ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ତଳନଗର ନିକଟରେ ମଦନ ଦାସଙ୍କ ପାନ ଦୋକାନରୁ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ମୁଳେ ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ରେକି ସଶକ୍ତିକରଣ ଶିବିର

ବାଲେଶ୍ୱର,୨ା୧୨(ସମିସ): ରେକି ହିଲିଂ ରିସର୍ଚ୍ଚ ଫାଉଣ୍ଡେସନର ବାଲେଶ୍ୱର ଶାଖା ପକ୍ଷରୁ ରେକି ସଶକ୍ତିକରଣ ଶିବିର ସହିତ ଏକ ବନ୍ଧୁମିଳନ ଉତ୍ସବ ସାହାଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ରାଜ୍ୟସ୍ତରୀୟ ଗ୍ରାଣ୍ଡମାଷ୍ଟର ପ୍ରଦୀପ ସାହୁ ଓ ମାମିନା ସାହୁ ଯୋଗଦେଇ ରେକି ହିଲିଂର ବିଭିନ୍ନ ସକାରାତ୍ମକ ଦିଗ ଉପରେ ଆଲୋଚନା କରିଥିଲେ। ରେକି ମାଷ୍ଟର ସତ୍ୟଭାମା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟତମ ରେକି ମାଷ୍ଟର ମମତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନେଶ୍ୱରରୁ ମାଷ୍ଟର ହିଲର ଡ. ଜଗନ୍ନାଥ ପ୍ରସାଦ ମିଶ୍ର, ହିଲର ପ୍ରିୟତମା ଜେନା, ସ୍ମୃତିରେଖା ପଟ୍ଟନାୟକ, ଚନ୍ଦନା ପଟ୍ଟନାୟକ, ହରପ୍ରିୟା ଗିରି ପ୍ରମୁଖ ଏହି ରେକି ହିଲିଂ ଚିକିତ୍ସା ପ୍ରଣାଳୀ ପ୍ରଦର୍ଶନରେ ସକ୍ରିୟ ସହଯୋଗ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ପ୍ରାଥମିକ ଶିକ୍ଷକ ମହାସଂଘ

ଖଇରା,୨ା୧୨ (ସମିସ)




ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରାଠାରେ ପ୍ରାଥମିକ ଶିକ୍ଷକ ମହାସଂଘ, ଖଇରା ଶାଖା ଆହ୍ୱାନ କ୍ରମେ ୨ଦଫା ଦାବି ନେଇ ସମସ୍ତ ପ୍ରାଥମିକ ଶିକ୍ଷକ(ଏନପିଏସ) ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ରଞ୍ଜନ କୁମାର ମହଲା, ଉଦୟ କୁମାର ପାତ୍ର, ପ୍ରଦୀପ କୁମାର ମହାନ୍ତି, ସନ୍ତୋଷ କୁମାର ବାରିକ, ଭରତ ଚନ୍ଦ୍ର ଶିଅଳ, ଲକ୍ଷ୍ମଣ ସେନ, ଦୁର୍ଗାମାଧବ ଜେନା, ସୁଦର୍ଶନ ସେଠୀ, ଲମ୍ବୋଦର ଦାସ, ଉମେଶ ମହାପାତ୍ର, ଉଦୟ ପତି, ତୁଳସୀ ପରିଡା, ପଇରୁଦ୍ଦିନ ଖାଁ ଓ ବୀଣାପାଣୀ ଜେନା ପ୍ରମୁଖଙ୍କ ନେତୃତ୍ୱରେ ୪୫୦ରୁ ଉର୍ଦ୍ଧ ଶିକ୍ଷକଙ୍କର ଏକ ଶୋଭାଯାତ୍ରା ଖଇରା ବ୍ଲକ ପରିସରରୁ ବାହାରି ଖଇରା ବଜାର ପରିକ୍ରମା କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରେ ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପଗ୍ରେଡ କରି ଲେବଲ-୯ ଅନୁଯାୟୀ ମୂଳ ବେତନ ୩୫ ହଜାର ୪ଶହ ଟଙ୍କା ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟାରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣିତି କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଉଲ୍ଲେଖ ଥିବା ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣୀ ମାଣିକ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ୫ତାରିଖ ମହାରାଲିରେ ଯୋଗ ଦେବାକୁ ସଂଘନେତା ମାନେ ଆହ୍ୱାନ ଦେଇଥିଲେ।

## ୫ରେ ଏନ୍‌ପିଏସ ଶିକ୍ଷକ ସଂଘର ଧାରଣା

ନୀଳଗିରି, ୨ା୧୨ (ସମିସ): ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷରୁ ଅଧିକ ନୂତନ ପେନସନ ଯୋଜନା(ଏନପିଏସ) ଶିକ୍ଷକ ଦୀର୍ଘଦିନ ଧରି ସେମାନଙ୍କର ନାର୍ଯ୍ୟଦାବୀରୁ ବଞ୍ଚିତ ହେଉଥିବାରୁ ଆଗାମୀ ୫ତାରିଖ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଆଜି ନୀଳଗିରି ବ୍ଲକର ପ୍ରାୟ ୩୪୦ରୁ ଅଧିକ ଏନପିଏସ ଶିକ୍ଷକଙ୍କ ଏକ ପ୍ରତିନିଧିଦଳ ସଂଘର ସଭାପତି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମିଳିତ ହୋଇ ବିଇଓଙ୍କ ଅନୁପସ୍ଥିତିରେ ବିଆରସି ମିହିର କୁମାର ଦାସଙ୍କୁ ଦାବିପତ୍ର ଦେଇଛନ୍ତି। ୪୨୦୦ଟଙ୍କା ଗ୍ରେଡପେ ପ୍ରଦାନ ସହିତ ୬ବର୍ଷର କଣ୍ଟ୍ରାକ୍‌ଚୁଆଲ୍ ଅବଧିକୁ ରେଗୁଲାର ଗଣନା କରିବା ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ନୀଳଗିରି ଏନପିଏସ ଶିକ୍ଷକ ସଂଘର ସଭାପତି ବିଜୟ ଦାସଙ୍କ ସହ ସମ୍ପାଦକ ସୁବ୍ରତ ବିଶ୍ୱାଳ, ଅନୀଲ ମହାପାତ୍ର, ଅରବିନ୍ଦ ପଣ୍ଡା, ଉମାକାନ୍ତ ସାହୁ, ଭବେଶ ସେନ, ପ୍ରଶାନ୍ତ ମହାପାତ୍ର, ମନୋଜ ପାଣ୍ଡିଆ, ମୋନାଲିସା ନନ୍ଦ, ପ୍ରଣତୀ ଦାସ, ରୂପକ ପଶା, ସୁମନ୍ତ ନାୟକ ପ୍ରମୁଖ ବହୁ ଶିକ୍ଷକନେତା ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଇମାମୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

# ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ବାଲେଶ୍ୱର,୨।୧୨(ସମିସ)



ରେମୁଣାର ଇମାମୀ ଜଗନ୍ନାଥ ମନ୍ଦିରର ୧୧ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ୧୦୮ କଳସ ଯାତ୍ରା ପରେ ଗର୍ଭ ଗୃହରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଇମାମୀ ପରିବାରର ଗ୍ରୁପ୍ ଯୁଗ୍ମ ଅଧ୍ୟକ୍ଷ ରାଧେଶ୍ୟାମ ଅଗ୍ରୱାଲ, ରାଧେଶ୍ୟାମ ଗୋଏଙ୍କାଙ୍କ ପୃଷ୍ଠପୋଷକତାର ପଦ୍ମବିଭୂଷଣ ପଦ୍ମଶ୍ରୀ ତଥା ପୂର୍ବତନ ସାଂସଦ ରଘୁନାଥ ମହାପାତ୍ର ଏବଂ ତାଙ୍କର ଟିମ୍ ଦ୍ୱାରା ୨୦୧୦ରେ ୨୨ କୋଟି ଟଙ୍କା ବ୍ୟୟରେ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୫ ନଭେମ୍ବର ୨୯ ତାରିଖରେ ମନ୍ଦିର ପ୍ରତିଷ୍ଠା ଲାଭ କରିଥିଲା। ତେବେ ଉତ୍ସବର ଅପରାହ୍ନରେ ମହାପ୍ରଭୁଙ୍କୁ ହରିନାମ ସଂକୀର୍ତ୍ତନ ହୋଇଥିଲା ମନ୍ଦିର ପରିସରେ। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ, ପାନୀୟ ଜଳ ଓ ଶାନ୍ତିଶୃଙ୍ଖଳା ରକ୍ଷା, ସିସି କ୍ୟାମେରା, ଟ୍ରାଫିକ୍ ନିୟନ୍ତ୍ରଣ ଭଳି ସୁବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୁବନେଶ୍ୱର କିମ୍ସ ହସ୍ପିଟାଲ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଇମାମୀ ପରିବାରର ସମସ୍ତ କର୍ମଚାରୀ ଶ୍ରମିକ ପରିବାର ସଦସ୍ୟ ସଦସ୍ୟା, ସମସ୍ତ ଶ୍ରମିକ ସଂଗଠନ, ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଇମାମୀ ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋଏଙ୍କା, ସିଇଓ ସୁଶୀଲ କୁମାର ଖେତାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ପେପର ମିଲର ବରିଷ୍ଠ ସଭାପତି ଆଶିଷ କୁମାର ଗୁପ୍ତା, ଓମ୍ ପ୍ରକାଶ ଶର୍ମା, ରମେଶ ଖୁଣ୍ଟିଆ, ଦୀପିକା ପଣ୍ଡା, ନିଖିଳ ଚନ୍ଦ୍ର ଦାସ ସାମନ୍ତରାୟ, ରାଜୁ ମୁଦ୍ରା, ମହିଳା କ୍ଲବ ସଭାପତି ଚନ୍ଦନା ଗୁପ୍ତା, ଆଶିଷ ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ଔଷଧ ଦୋକାନରେ ଚଢ଼ଉ



ବାଲେଶ୍ୱର,୨।୧୨(ସମିସ): ଆଜି ବାଲେଶ୍ୱର ଡ୍ରଗସ୍ ଇନ୍ସପେକ୍ଟର -୨ ମୋନାଲିସା ମଲ୍ଲିକ ଏବଂ ଅଫିସ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି, ଏକ୍ସାଇଜ୍ ଟିମ୍ ଏବଂ ଶିଳ୍ପାଞ୍ଚଳ ଥାନା ପୁଲିସ କର୍ମଚାରୀଙ୍କ ମିଳିତ ସହଯୋଗରେ ଚଢ଼ଉ କରାଯାଇଛି। ରେମୁଣା ଗୋଲେଇ ଏବଂ ବିର୍ଲା ଟାୟାର୍ସ ନିକଟରେ ଥିବା ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ ତଥା ଯାଞ୍ଚ କରାଯାଇଛି। ଏଥିରେ ଗର୍ଭନିରୋଧ କିଟ୍ ଟାବଲେଟ୍ ଯାଞ୍ଚ କରାଯାଇଥିଲା। ଏଥିସହିତ କଫ ସିରପ ବାବଦରେ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହାବ୍ୟତୀତ ପାନ ଗୁଟଖା ଦୋକାନରୁ ଚଢ଼ାଉ କରି ୩୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା।

## ସାନଭାଇ ମୃତ୍ୟୁ ଘଟଣାରେ ବଡ଼ଭାଇ ଗିରଫ

ରାଜଘାଟ, ୨।୧୨ (ସମିସ): ଘରଡିହ ଭାଗବଣ୍ଟାକୁ କେନ୍ଦ୍ରକରି ବଡ ଭାଇ ଓ ପୁତୁରାର ଚାପରେ କେବଳରେ ଚାଦର ଲଗାଇ ସାନଭାଇ ଆତ୍ମହତ୍ୟା କରିବା ଘଟଣାରେ ସିଂଲା ପୁଲିସ ବଡ ଭାଇକୁ ଗିରଫ କରିଛି। ସିଂଲା ଥାନା ନାବରା ପଞ୍ଚାୟତ ନାବରା ଗ୍ରାମର ମୃତ୍ୟୁଞ୍ଜୟ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ମଧ୍ୟରେ ଘରଡିହ ଭାଗବଣ୍ଟାକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଏ ନେଇ ବଡଭାଇ ପୂର୍ଣ୍ଣଚନ୍ଦ୍ର ଏବଂ ପୁତୁରା ଶିବନାରାୟଣ ବିଭିନ୍ନ ସମୟରେ ମୃତ୍ୟୁଞ୍ଜୟଙ୍କୁ ଗାଳିଗୁଲଜ କରିବା, ଜୀବନରୁ ମାରିଦେବା ଭଳି ଚାପ ପକାଇବାରୁ ମୃତ୍ୟୁଞ୍ଜୟଙ୍କ ମୃତ୍ୟୁ ହୋଇଛି ବୋଲି ପୁଅ ଚୈତନ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ପୁଲିସ ଏକ ମାମଲା ରୁଜୁ କରିବା ସହିତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିବାବେଳେ ପୁଅ ଶିବନାରାୟଣ ଫେରାର ହୋଇଥିବା ଜଣାପଡ଼ିଛି।

## ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୨।୧୨ (ସମିସ): ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ବଜାର ଦୁର୍ଗା ମଣ୍ଡପ ସମ୍ମୁଖରେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସନ୍ତରାଗଡିଆ ବଜାର କମିଟି ତଥା ସନ୍ତରାଗଡିଆ ସାଂସ୍କୃତିକ ଓ କଳାକାର ମଞ୍ଚର ସଦସ୍ୟ ମାନେ ଉପସ୍ଥିତ ରହି ହ୍ୟୁମାନ ସାଗରଙ୍କ ଅଭୁଲା ଜୀବନୀ ଏବଂ କଳା ଜଗତର ସଂଗୀତ ପ୍ରତି ଅବଦାନ ବିଷୟରେ ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ସେନାପତି, ମହେନ୍ଦ୍ର ନାଥ ମଲିକ, ଅଜିତ ପାଣିଗ୍ରାହୀ, ଅଲେଖ ଚନ୍ଦ୍ର ଜେନା, କପିଳ ସାମଲ, ନିହାର ଜେନା, ବଳରାମ ରାଉତ୍, ସତ୍ୟ ନାରାୟଣ ପଣ୍ଡା, ଭାଗିରଥି ସାହୁ, ପ୍ରେମାନନ୍ଦ ମହାନ୍ତି, ଉଦୟ ମହାନ୍ତି, ମନୋଜ ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଟୁନୁ ପଟ୍ଟନାୟକ ଏହି ଶୋକ ସଭାର ଆୟୋଜନ କରିଥିଲେ।

## ମାରାଥନ କମିଟି ପକ୍ଷରୁ ଯୋଗ ଶିବିର



ସୋର, ୨।୧୨(ସମିସ): ସୋର ମାରାଥନ କମିଟି ପକ୍ଷରୁ ଦୁଇ ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର ପୌର ପାଳିକା ଅନ୍ତର୍ଗତ ରାଧାନାଥ ସ୍କୁଲ ପଡିଆରେ ଉଦଘାଟିତ ହୋଇଯାଇଛି। ସୁଦୂର ଆମେରିକାରୁ ଆସିଥିବା ସୋର ମାଟିର ଝିଅ ଯୋଗ ଗୁରୁ ନୀତା ମହାନ୍ତି ଓ ଗାୟତ୍ରୀ ପରିବାରର ଯୋଗ ଗୁରୁ ଖଗପତି ମେହେର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥି ସହିତ ପରମେଶ୍ୱର ପାଢ଼ୀ ମଞ୍ଚରେ ସାହାଯ୍ୟ କରିଥିଲେ। ସ୍ଥାନୀୟ ଯୋଗ ପ୍ରଶିକ୍ଷକ ପ୍ରଫୁଲ୍ଲ ମହାନ୍ତି, ପ୍ରଭାସ କୁମାର ମହାପାତ୍ର, ହୃଷିତ୍ ବିକାଶ ଦ୍ୱାରି, ବିଷ୍ଣୁପ୍ରିୟା ମହାନ୍ତି, ଶତିକାନ୍ତ ବେହେରା, ଆଦ୍ୟାଶା ଦାସ, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମୋଟ ୧୨୦ ଜଣ ଯୋଗ ପ୍ରଶିକ୍ଷଣ ନେଇଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ ଦାସ ଏବଂ ସଂପାଦକ ସୌମ୍ୟ ଶାନ୍ତ ଅମୃତ ପଟ୍ଟନାୟକ ଉପ ସଭାପତି ଅବଦୁଲ୍ ଓଦୁଦ୍ ଖାଁ , ଗୌରୀଶଙ୍କର ସିଂ, ତାପସ କୁମାର ପାତ୍ର ଶିବିର ଆୟୋଜନ କରିଥିବା ବେଳେ ରବୀନ୍ଦ୍ର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ବାଲି ଚାଲାଣକୁ ନେଇ ଗଣ୍ଡଗୋଳ ଘଟଣାରେ ୩ ଗିରଫ

ରାଜଘାଟ, ୨।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମରେ ବାଲିଚାଲାଣକୁନେଇଗଣ୍ଡଗୋଳଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ୍ କରିଛି। ଗିରଫ୍ ଅଭିଯୁକ୍ତ ମାନେ ହେଲେ ଲକ୍ଷ୍ମଣ ଜେନା, ପ୍ରଶାନ୍ତ ଜେନା ଓ ଅନିଲ କୁମାର ଜେନା। ଗତ ୫ଦିନ ପୂର୍ବେ ଗିଲାଯୋଡ଼ି ଗ୍ରାମ ରାସ୍ତା ଦେଇ ବାଲି ପରିବହନକୁ ବିରୋଧ ପାଇଁ ପ୍ରତିପକ୍ଷ ଗୋଷ୍ଠୀ ଲୋକଙ୍କ ଆକ୍ରମଣରେ ତାପସ ଜେନା(୨୮) ନାମକ ଜଣେ ଯୁବକ ଗୁରୁତର ଥିବା ବେଳେ ୪ଜଣ ଆହତ ହୋଇଥଲେ। ଅନ୍ୟ ପକ୍ଷରେ ଯୁବକଙ୍କ ଗୋଷ୍ଠୀ ଲୋକଙ୍କ ଆକ୍ରମଣରେ ପ୍ରତିପକ୍ଷ ଗୋଷ୍ଠୀର ଖଗେନ୍ଦ୍ର ଜେନା(୬୩) ଓ ତାଙ୍କ ପତ୍ନୀ ମିନତି ଗୁରୁତର ଆହତ ହୋଇଥିଲେ। ଯାହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିଲା। ଫଳରେ ଗାଁରେ ଶାନ୍ତି ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସେଠାରେ ମୁତୟନ ହୋଇଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଆକ୍ରମଣକାରୀଙ୍କର ସନ୍ଧାନ ଚଳାଇଥିଲା। ଗତକାଲି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ସାଇକଲ ଆରୋହୀ ମୃତ

ଶୁଳିଆପଦା, ୨।୧୨(ସମିସ): ସୋମବାର ସନ୍ଧ୍ୟାରେ ଶୁଳିଆପଦା ବ୍ଲକ ଅଧୀନ ମହାବିଲାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟ ଛକ ଓ ଫାନିଆଁ ପଞ୍ଚାୟତ ଅଧୀନ ଚାକଚକିଆ ମଧ୍ୟରେ ଥିବା ମୋରମ୍ ଖାଦାନ ନିକଟରେ ଏକ ଟାଟା ଏସିଇ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଣ୍ଟିସାହି ପଞ୍ଚାୟତ ଅଧୀନ ପଥରନେଶା ଗ୍ରାମର ସୁନାରାମ୍ ମୁର୍ମୁ (୨୨)। ପ୍ରକାଶ ଯେ, ସୁନାରାମ ଫାନିଆଁ ପଞ୍ଚାୟତ ଅଧୀନ ମଣ୍ଡା ଗ୍ରାମରୁ କାମ ସାରି ସାଇକଲ ଯୋଗେ ପଥରନେଶାସ୍ଥିତ ନିଜ ଶଶୁର ଘରକୁ ଫେରୁଥିବାବେଳେ ଏକ ଟାଟା ଏସିଇ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ସୁନାରାମ୍ ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧକ୍କା ଦେଇ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ଟି ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଶୁଳିଆପଦା ପୁଲିସ ଉକ୍ତ ପିକ୍‌ଅପ୍‌କୁ କୋଷ୍ଠାଠାରେ ଧରି ଥାନାକୁ ଆଣିବା ସହିତ ଗାଡ଼ି ଚାଳକ ଚାନ୍ଦୁଆ ଥାନା ଅଧୀନ କେଉଟୁଣିମାରୀ ଗ୍ରାମର ଗୁରୁଚରଣ ସିଂଙ୍କ ପୁଅ ରାହୁଲ ସିଂ(୨୧)କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ମୃତକଙ୍କ ସଡୁଭାଇ ପ୍ରଧାନ ମାର୍ଣ୍ଡିଙ୍କ ଅଭିଯୋଗ ଆଧାରରେ ଶୁଳିଆପଦା ଥାନା ଏସ୍‌ଆଇ ରୂପଶ୍ରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଶୁଳିଆପଦା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପୋଷାକ ବାଣ୍ଟି ନ ଥିବାରୁ ୭ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

ବେତନଟୀ, ୨।୧୨(ସମିସ): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ଦୁଇଟି ପ୍ରାଥମିକ ବିଦ୍ୟାଳୟ ଓ ପାଞ୍ଚଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଏକ ସମୟରେ ପ୍ରତି ଛାତ୍ରଛାତ୍ରୀଙ୍କୁ ବର୍ଷକୁ ଦୁଇ ହଳ ବିଦ୍ୟାଳୟ ପୋଷାକ (ୟୁନିଫର୍ମ) ଦେବାର ବ୍ୟବସ୍ଥା ରହିଛି। ସରକାରଙ୍କ ଧାର୍ଯ୍ୟ ସମୟରେ ଏହି ପୋଷାକ ବଣ୍ଟା ନ ହେବାରୁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ୭ ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କର ଗତ ନଭେମ୍ବର ୨୯ ତାରିଖରୁ ଦରମା ସ୍ଥଗିତ ରଖିଥିବାର ଜଣାପଡ଼ିଛି। ଏହି ବିଦ୍ୟାଳୟଗୁଡ଼ିକ ହେଉଛି ଏହି ବ୍ଲକ ଅଧୀନ ବାଉଁଶବାଗାନ ଓ ଅଙ୍ଗାରଗଡ଼ିଆ ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ନଛିପୁରିଆ, ଗୋବିନ୍ଦରାୟପୁର, ମହିଷାଶୋଳ, ଆଗଡ଼ା, ବାହାନାଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବାର ଜଣାପଡ଼ିଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ଚିଠି ନମ୍ବର ୩୦୬୫ ଆଦେଶ ବଳରେ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ରଖିବା ବିଷୟ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କୁ ପଚାରିବାରୁ କହନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ତାଗିଦ୍ ଆସୁଥିବାବେଳେ ଏହି ଶିକ୍ଷକମାନଙ୍କୁ ଗତ ନଭେମ୍ବର ୧୪ରୁ ଚିଠି ଦ୍ୱାରା ୨୦ ତାରିଖ ମଧ୍ୟରେ ପୋଷାକ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ଏହି କାର୍ଯ୍ୟ କରି ନ ପାରିବାରୁ ଗତ ୨୯ ତାରିଖଠାରୁ ତାଙ୍କ ଦରମା ବନ୍ଦ ରଖାଯାଇଛି।

## ଜ୍ୱରରେ ପୀଡ଼ିତ ରୋଗୀଙ୍କୁ ରକ୍ତ ପ୍ରଦାନ ଯୋଗୁଁ ଅସୁସ୍ଥ

ଉଦଳା, ୨।୧୨(ସମିସ): ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ବିଚିତ୍ର ସ୍ୱାସ୍ଥ୍ୟସେବା। ଜ୍ୱରରେ ପୀଡ଼ିତ ରୋଗୀକୁ ଦେଇଦେଲେ ରକ୍ତ। ଫଳରେ ରୋଗୀ ଜଣକ ଗୁରୁତର ହୋଇପଡ଼ିଛନ୍ତି। ଉଦଳା ଥାନା ଡିମଗଡ଼ିଆ ଗ୍ରାମର ପାର୍ବତୀ ବିନ୍ଧାଣୀ ରବିବାର ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲର ୨୧ ନମ୍ବର ବେଡ୍‌ରେ ଚିକିତ୍ସାଧୀନ ଥିଲେ। ସୋମବାର ସନ୍ଧ୍ୟା ସମୟରେ ମେଡିକାଲର ମେଡିସିନ୍ ବିଭାଗ ଦାୟିତ୍ୱରେ ଥିବା ନର୍ସ ଅଚାନକ ୱାର୍ଡରେ ପହଞ୍ଚି ପାର୍ବତୀଙ୍କୁ ରକ୍ତ ପ୍ରଦାନ କରିଥିଲେ। ହେଲେ ପାର୍ବତୀଙ୍କର ରକ୍ତ ଆବଶ୍ୟକତା ନାହିଁ ବୋଲି ପରିବାର ଲୋକେ କହିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ ଏବଂ ରକ୍ତ ଲଗାଇ ଦେଇଥିଲେ। ଯାହାର କିଛି ସମୟ ପରେ ପାର୍ବତୀ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ଏ ନେଇ ପରିବାର ଲୋକେ ନର୍ସଙ୍କୁ ଡାକି କହିବା ପରେ ରକ୍ତ ଖୋଲି ଦିଆଯାଇଥିଲା। କିନ୍ତୁ ସେତେବେଳକୁ ଗୁରୁତର ହୋଇପଡ଼ିଥିଲେ ପାର୍ବତୀ। ବାସ୍ତବରେ ରକ୍ତ ମେଡିକାଲର ୩ ନମ୍ବର ୱାର୍ଡରେ ଥିବା ପାର୍ବତୀ କୁଆଁରଙ୍କୁ ଦିଆଯିବାର ଥିଲା। କିନ୍ତୁ କାର୍ଯ୍ୟରେ ଅବହେଳା କରି ନର୍ସମାନେ ବେପରୁଆ ଭାବେ ରକ୍ତ ଦେଇଛନ୍ତି। ଏହି ଘଟଣା ବାବଦରେ ସିଡିଏମ୍‌ଓ ଡା. କିଶୋର ଆଚାର୍ଯ୍ୟଙ୍କୁ ପଚାରିବାରୁ ଦୁଇଜଣ ରୋଗୀଙ୍କ ନାମ ପାର୍ବତୀ ହେତୁ ନର୍ସ ଜଣକ ଜାଣିପାରି ନ ଥିଲେ। ତାଙ୍କୁ କୈଫିୟତ ତଲବ କରାଯାଇଛି ବୋଲି କହିଛନ୍ତି।

## ଜିଲ୍ଲାରେ ଅବୈଧ ମାଦକଦ୍ରବ୍ୟ, ପ୍ରବାସୀ ଓ ଲଘୁ ଖଣିଜ ପରିବହନ ନିବାରଣ ବୈଠକ



ବାଲେଶ୍ୱର,୨।୧୨(ସମିସ): ଜିଲ୍ଲାରେ ଅବୈଧ ମାଦକଦ୍ରବ୍ୟ, ଅବୈଧ ପ୍ରବାସୀ ଓ ଲଘୁ ଖଣିଜ ପରିବହନର ନିବାରଣ ପାଇଁ ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ଅଡିଟୋରିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ସହ ଅଧ୍ୟକ୍ଷ ଭାବେ ଉପସ୍ଥିତ ଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ, ଉପଜିଲ୍ଲାପାଳ ନୀଳଗିରି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ ଏବଂ ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ ମନୋଜ କୁମାର ସେଠୀ ଉପସ୍ଥିତ ଥିଲେ। ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲେଶ୍ୱର ମ୍ୟୁନିସିପାଲଟି ଓ ଏନ୍‌ଏସିର ଏକ୍ସିକ୍ୟୁଟିଭ୍ ଅଫିସରମାନେ, ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅସିଷ୍ଟାଣ୍ଟ କଲେକ୍ଟର, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ଥାନାର ଥାନାର ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ସଭାରେ ଅବୈଧ ମଦ ତିଆରି, ବିକ୍ରି ଓ ପରିବହନକୁ ନିବାରଣ, ମଦକଦ୍ରବ୍ୟ ଚାଲାଣ ଉପରେ କଡ଼ା ପଦକ୍ଷେପ, ଅବୈଧ ଅଭିବାସୀମାନଙ୍କ ସନ୍ଧାନ ଏବଂ ମାଇନର୍ ମିନେରାଲ୍‌ର ଅବୈଧ ପରିବହନକୁ ନିୟନ୍ତ୍ରଣ ସମ୍ବନ୍ଧୀୟ ମୁଖ୍ୟ ବିଷୟଗୁଡ଼ିକ ଉପରେ ଆଲୋଚନା ହେଇଥିଲା। ଜିଲ୍ଲାପାଳ ଶ୍ରୀ ବିକାଶ କହିଥିଲେ ଯେ, ଜିଲ୍ଲାରେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା ଏବଂ ଅବୈଧ କାର୍ଯ୍ୟକଳାପକୁ ନିବାରଣ ପାଇଁ ସମସ୍ତ ବିଭାଗର ମଧ୍ୟରେ ସକ୍ରିୟ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ। ସମୟୋପଯୋଗୀ ତଥ୍ୟ ବିନିମୟ, ଯୁକ୍ତ ଅଭିଯାନ ଏବଂ ଅଞ୍ଚଳସ୍ତରୀୟ ନିରୀକ୍ଷଣ ଏହି ପ୍ରଚେଷ୍ଟାକୁ ଅଧିକ ପ୍ରଭାବଶାଳୀ କରିବ ବୋଲି କହିଥିଲେ।

## ୭୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମାବେଶ




ଭୋଗରାଇ, ୨।୧୨(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ଏକାଦଶ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା, ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ନଟରଞ୍ଜନ ଘଡାଇ,ଦେବ ପୂଜନ ଶିକ୍ଷା ସଦନର ପ୍ରତିଷ୍ଠାତା ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଅଧ୍ୟୟନର ଅନୁଭୂତି ଚିରସ୍ମୃତି ହୋଇ ରହିଥାଏ ବୋଲି କହିଥିଲେ। ଏହି ଅବସରରେ ୧୯୭୧ ମସିହା ଏକାଦଶ ଶ୍ରେଣୀର ବିଦ୍ୟାର୍ଥୀ ପ୍ରାକ୍ତନ ଶିକ୍ଷକ ସୁଧାଂଶୁ ଶେଖର ଦାସଙ୍କୁ ଫୁଲ ଚନ୍ଦନ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ଶିକ୍ଷକ ପରିମଳ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ଅମର ସିଂ, ରାଧାକୃଷ୍ଣ ରାଉତ, ମାଧବଲତା ଦେବ, ସ୍ମୃତିକଣା ମୁଖାର୍ଜୀ, ଯୋଗେଶ୍ୱର ଦାସ, ସୁବଳ ପାଳ, ରାମ ରଞ୍ଜନ ମିଶ୍ର, ନଟବର ଜେନା, ଦେବେନ୍ଦ୍ର ଘୋଷ, ଶ୍ରୀନିବାସ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ପ୍ରମାଣିକ, ରଜନୀ ମଣ୍ଡଳ, ପ୍ରାଣକୃଷ୍ଣ ପ୍ରଧାନ, ସୁଧିର ଜେନା, ରବିନ୍ଦ୍ର ଚାନ୍ଦ,ଅଜୟ ଜେନା, ନାରାୟଣ ଜେନା, ଅସିତ ଗିରିଙ୍କୁ ଦେବ ପୂଜନ ଶିକ୍ଷା ସଦନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନ୍‌ଲାଇନ ଠକେଇ

ବାରିପଦା, ୨।୧୨(ସମିସ): ଅଦୃଶ୍ୟ ସାଇବର ଠକଙ୍କ ପ୍ରାଦୁର୍ଭାବ ପୁଣି ଦେଖିବାକୁ ମିଳିଛି। ଅନ୍‌ଲାଇନ୍ ଜରିଆରେ ଅଧିକ ଅର୍ଥ ରୋଜଗାରର ପ୍ରଲୋଭନ ଦେଖାଇ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଶିକାର ନେଇ ଅଭିଯୋଗ ହୋଇଛି। ଏନେଇ ରାସଗୋବିନ୍ଦପୁର ଥାନା କାଟୁଣି ଗ୍ରାମର ସୁକୁଳ ହେମ୍ବ୍ରମ ଠକାମୀର ଶିକାର ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଟେଲିଗ୍ରାମ୍‌ରେ ଏକ ମେସେଜ ଆସିଥିଲା। ଇ-କମର୍ସ ଜରିଆରେ ଅଧିକ ଟଙ୍କା କମାଇବାର ପ୍ରଲୋଭନ ଦେଖାଇଥିଲେ। ଏକ ଲିଙ୍କ୍ ମଧ୍ୟ ପ୍ରଦାନ କରିଥିଲେ। ଠକଙ୍କ କହିବା ଅନୁଯାୟୀ, ସେ କାର୍ଯ୍ୟ କରିଥିଲେ। ପ୍ରଲୋଭିତ କରିବା ନିମନ୍ତେ ପ୍ରଥମେ କିଛି ଅର୍ଥରାଶି ପ୍ରଦାନ କରିଥିଲେ। କିନ୍ତୁ କିଛି ଦିନ ପରେ ଉପାର୍ଜିତ ଟଙ୍କା ଉଠାଣ କରିବାକୁ କହିବାରୁ ତାଙ୍କୁ କିଛି ଟଙ୍କା ଡିପୋଜିଟ୍ କରି ଅଧିକ ଟଙ୍କା ଉଠାଣ କରିହେବ ବୋଲି ପ୍ରଲୋଭନ ଦେଇଥିଲେ। ଏଥିରେ ସେ ପ୍ରଲୋଭିତ ହୋଇ ପର୍ଯ୍ୟାୟକ୍ରମେ ମୋଟ ୧୧ ଲକ୍ଷ ୮୯ ହଜାର ୭୭ ଟଙ୍କା ପ୍ରଦାନ କରିଥିଲେ। ଏହାର କିଛି ଦିନ ପରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାହା ସମ୍ଭବ ହୋଇ ନ ଥିଲା।

## ଜିଲ୍ଲାପାଳଙ୍କ ସୋର ଗସ୍ତ

# ୨ ପ୍ରକଳ୍ପର ଶିଳାନ୍ୟାସ ଓ ପଥର ଖାଦାନ ବୁଲି ଦେଖିଲେ

ସୋର,୨।୧୨(ସମିସ)



ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ସୋର ଗସ୍ତରେ ଆସି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ସ୍ଥିତ ନବୋଦୟ ବିଦ୍ୟାଳୟ ଓ ଖଞ୍ଜାମହାଲ ପଥର ଖାଦାନକୁ ଅଚାନକ ଗସ୍ତ କରିଛନ୍ତି। ପ୍ରଥମେ ସୋର ପୌରାଞ୍ଚଳର ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୌର ପାଳିକାର ଟାଉନ ହଲର ଉନ୍ନତି କରଣ ପାଇଁ ଶିଳାନ୍ୟାସ କରିବା ସହିତ ସତ୍ୟାନନ୍ଦ ହାଇସ୍କୁଲ ନିକଟ ଶିଶୁ ଉଦ୍ୟାନର ଉନ୍ନତ୍ତି କରଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ସମୟରେ ସୋର ବିଧାୟକ ମାଧବ ଧଡ଼ା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱଜିତ ପ୍ରଧାନ, ପୌର ପାଳିକାର ସମସ୍ତ ପାରିଷଦଙ୍କ ସମେତ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ସୋର ବ୍ଲକ ଓ ତହସିଲ ବୁଲି ବିଭିନ୍ନ ଉନ୍ନୟନ ମୁଳକ କାମ ବାବଦରେ ବିଡିଓ ସତ୍ୟନାଥ ନାୟକ ଓ ତହସିଲଦାରଦୈତାରୀ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଜିଲ୍ଲାପାଳ ବାଗୁଡ଼ି ଖାଦାନ ପରିଦର୍ଶନରେ ଯାଇଥିଲେ। ସେଠାରେ ପଥର ଚୋରି ରୋକିବାକୁ ଅନ୍ୟ ଅଧିକାରୀଙ୍କ ସହିତ ଖାଦାନ ବୁଲିବା ସହିତ ଖାଦାନର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ପୁଲିସ କ୍ୟାମ୍ପ ବସାଇବା ସହ ୧୬୩ ଧାରା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ୬୮ ନମ୍ବର କ୍ୱାରୀ ପରିଦର୍ଶନ କରିବା ସମୟରେ ଖାଦାନରେ ଥିବା ପଥରକୁ ନିଲାମ କରି ସହିତ ସମ୍ପୂର୍ଣ୍ଣ ଅଞ୍ଚଳରେ ୧୬୩ ବିଏନଏସଏସ ଧାରା ଲାଗୁ କରିବା ସହିତ ସମସ୍ତ ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସନ୍ଧ୍ୟାରେ ସୋର ତହସିଲଦାର ଶ୍ରୀ ମଲ୍ଲିକ ଖାଦାନ ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରିବା ସହିତ ୬୮ ନମ୍ବର ଖାଦାନରେ ଥିବା ପଥରକୁ ୭ ଲକ୍ଷ ଟଙ୍କାରେ ନିଲାମ କରିଥିଲେ। ଆଗାମୀ ଦିନରେ ଖାଦାନରେ ସିସିଟିଭି ଲଗାଯିବା ସହିତ ନିଷିଦ୍ଧାଞ୍ଚଳରେ ପ୍ରବେଶ ଏବଂ ପ୍ରସ୍ଥାନ ଜାଗାରେ ସିସି କ୍ୟାମେରା ଲଗାଯିବ ଏବଂ କ୍ରସର ମାନଙ୍କରେ ସିସି କ୍ୟାମେରାରେ ଲଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖାଦାନରୁ ଫେରିବା ସମୟରେ ବାଗୁଡି ସ୍ଥିତ ନବୋଦୟ ବିଦ୍ୟାଳୟ ହଷ୍ଟେଲରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରି ପିଲାମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଏହି ସମୟରେ ଉପ ଜିଲ୍ଲାପାଳ ଶିଭ ମାଲବ୍ୟ, ସୋର ତହସିଲଦାର ଦୈତାରି ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଅଧକ୍ଷ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଗତ ତିନି ଦିନ ତଳେ ନବୋଦୟ ବିଦ୍ୟାଳୟର ଉଦୟଗିରି ଛାତ୍ରାବାସରେ ଅଗ୍ନିକାଣ୍ଡ ଘଟି ପିଲାମାନଙ୍କ ବହି ଖାତା ସମେତ ଲୁଗା ପୋଡିଯାଇଥିଲା। ପୁର୍ବରୁ ମଧ୍ୟ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଇଥିବା ଘଟଣା ସାମ୍ନାକୁ ମଧ୍ୟ ଆସିଥିଲା। ବାରମ୍ବାର ଏହି ବିଦ୍ୟାଳୟରେ ବିଭିନ୍ନ ଘଟଣା ଘଟୁଥିବାରୁ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିଥିଲେ।

# ସର୍ଭେ ଶେଷ ପରେ ଭଙ୍ଗାଯିବ ସହରର ବିପଦସଂକୁଳ କୋଠା

## ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ରଖିଲେ ଉତ୍ତର

କଟକ, ୨।୧୨(ସମିସ)

କଟକ ସହରରେ କେତେ କୋଠା ବିପଦସଂକୁଳ ଅବସ୍ଥାରେ ରହିଛି ଓ କେତେ କୋଠାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଇଥିବା ନେଇ ବିଧାନସଭାରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଯଦିଓ ଏହି ପ୍ରସଂଗରେ ମନ୍ତ୍ରୀ ନିର୍ଦ୍ଦିଷ୍ଟ ସମୟ ନେଇ ସ୍ପଷ୍ଟ ଉତ୍ତର ରଖିନାହାନ୍ତି ତେବେ ଖୁବଶୀଘ୍ର ସହରର ବିପସଂକୁଳ କୋଠା ଗୁଡିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ପ୍ରକାଶଥାଉକି ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି। ଏହି କୋଠା ଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ତେବେ କଟକ ମହାନଗର ନିଗମ ଅଞ୍ଚଳରେ ୱାର୍ଡୱାରୀ ବିପଦସଂକୁଳ କୋଠା ଚିହ୍ନଟ ପାଇଁ ପ୍ରଶାସନିକ ସ୍ତରରେ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟ ମାନେ ମଧ୍ୟ ସର୍ଭେ କାର୍ଯ୍ୟ ଆରମ୍ଭ କରିଦେଇଥିବା ନେଇ ମନ୍ତ୍ରୀ କହିଥିଲେ। ଯାଞ୍ଚ ଓ ଚିହ୍ନଟ ପରେ ଘର ମାଲିକଙ୍କୁ ନୋଟିସ ପ୍ରଦାନ କରାଯିବ ଓ ପରେ ଏହାକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉକି, ନିକଟରେ ତଥା ଗତ ନଭେମ୍ବର୍୮ ତାରିଖରେ କଟକ ବକ୍ସିବଜାର ହାଡିବନ୍ଧୁସାହୁଛକ ନିକଟରେ ଏକ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡି ୩ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ପରେ ପ୍ରଶାସନ ତତ୍ପର ହୋଇଛି। ନିକଟରେ ମଧ୍ୟ ବିପଦସଂକୁଳ କୋଠା ପ୍ରସଂଗରେ ଜିଲ୍ଲା ପ୍ରଶାସନକୁ ହାଇକୋର୍ଟ ତାଗିଦ କରିଥିବାର ନଜିର ରହିଛି। ଏପରିକି ସେହି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ କେତେକ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିଲା। ଅନ୍ୟପଟରେ ବିଧାନସଭାରେ ମନ୍ତ୍ରୀଙ୍କ ବିବୃତ୍ତି ଅନୁସାରେ ଏବେ ଜାରି ରହିଥିବା ଯାଞ୍ଚ ଶେଷ ହେଲେ ପୂର୍ବରୁ ଚିହ୍ନଟ ସଂଖ୍ୟା କମିବ ନା ବୃଦ୍ଧି ପାଇବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର, ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି।

## ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା

# ନିର୍ମାଣାଧୀନ ନାଳରେ ପଡ଼ି ଯୁବକ ଗୁରୁତର

**କଟକ, ୨।୧୨(ସମିସ):** ଜଗତପୁର ଷ୍ଟେସନବଜାର ରାସ୍ତାର ନିର୍ମାଣାଧିନ ନାଳରେ ପଡ଼ି ଗୁରୁତର ଭାବେ ଆହତ ହୋଇଛନ୍ତି ସବ୍ୟସାଚୀ ଜେନା। କିଛି ଦିନ ପୂର୍ବେ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଗାଡି ତାଙ୍କୁ ସାଇଡ୍ ମାରିଥିଲା। ଭାରସାମ୍ୟ ହରାଇ ସବ୍ୟସାଚୀ ଖୋଲା ନାଳରେ ପଡ଼ି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସବ୍ୟସାଚୀଙ୍କ ଘର ଭଦ୍ରକ ଜିଲ୍ଲା ଲାଙ୍ଗୁଡି ଅଞ୍ଚଳରେ। ଜଗତପୁରରେ ଥିବା ଏକ କେବୁଲ ସଂସ୍ଥାରେ ସେ କାମ କରୁଥିବା ଜଣାପଡ଼ିଛି।



ଜଗତପୁର ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ଡ୍ରେନ୍ କାମ ଚାଲିଛି। ଏକାଧିକ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଜାରି ରହିଛି। ନାଳ କାମ ନିମନ୍ତେ ମୁଖ୍ୟରାସ୍ତାକୁ ଲାଗି ୩ଫୁଟ୍‌ର ଗାତ ଖୋଳାଯାଇଛି। ରାସ୍ତାକଡ଼ରେ ବାଲିମାଟି ବି ଗଦା ହୋଇଛି; କିନ୍ତୁ ଏହି ରାସ୍ତାରେ ନିୟମିତ ହଜାର ହଜାର ଲୋକ ଯାତାୟାତ କରୁଥିଲେ ମଧ୍ୟ ସେଠାରେ କୌଣସି ପ୍ରକାରର ସୁରକ୍ଷା ବାଡ଼ ଦିଆଯାଇ ନଥିଲା। ଯଦ୍ୱାରା ସବ୍ୟସାଚୀ ନିର୍ମାଣାଧିନ ନଳାରେ ପଡ଼ି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପ୍ରକାଶଯୋଗ୍ୟ, ପୂର୍ତ୍ତ ବିଭାଗ ଦ୍ୱାରା ଜଗତପୁର ଷ୍ଟେସନ୍ ବଜାର ଅଞ୍ଚଳରେ ଡ୍ରେନ୍ ନିର୍ମାଣ କରାଯାଉଛି। ଜଗତପୁର ଗୋଲେଇ ଛକରୁ ଯୋବ୍ରା ବ୍ୟାରେଜ୍‌କୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ହେଉଛି। ୧୫ଲକ୍ଷ ଟଙ୍କାର କାମକୁ ଅଫ୍‌ଲାଇନ୍ ଟେଣ୍ଡର୍ ଦ୍ୱାରା ୩ଟି ଫାଇଲ୍ କରି ଠିକାଦାରଙ୍କ ଜରିଆରେ କାମ ଚାଲିଛି। ହେଲେ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ପାଇଁ ଏଭଳି ଅଘଟଣ ସାମ୍ନାକୁ ଆସିଛି ବୋଲି ଅଭିଯୋଗ ହୋଇଛି।

# ଧାର ଟଙ୍କା ମାଗିବାରୁ ବନ୍ଧୁକ ମୁନରେ ହତ୍ୟା ଧମକ

**କଟକ, ୨।୧୨(ସମିସ):** ଟଙ୍କା ଫେରସ୍ତ ମାଗିବାରୁ ଉର୍ଦ୍ଧାର ଦେଇଥିବା ଯୁବକଙ୍କୁ ଧମକ ଦିଆଯାଇଛି। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଛନ୍ତି କରଜ ନେଇଥିବା ବ୍ୟକ୍ତି। ଏଭଳି ଏକ ଘଟଣା ବଜ୍ରକବାଟି ରୋଡ ଅଞ୍ଚଳରେ ଘଟିଛି। ଏନେଇ ଯୁବକ ଜଣକ ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଆର୍ମସ ଆକ୍ଟରେ ଏକ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁସାରେ, ସାମନ୍ତସାହିର ଅବିନାଶ ମହାନ୍ତିଙ୍କ ଜଣେ ପରିଚିତ ବ୍ୟକ୍ତି ଭୁବନେଶ୍ୱରରେ ରହନ୍ତି। କିଛି ମାସ ପୂର୍ବେ ବ୍ୟକ୍ତି ଜଣକ ଏକ କାମ ପାଇଁ ଅବିନାଶଙ୍କଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ନେଇଥିଲେ। ତେବେ ଟଙ୍କା ଫେରସ୍ତ ପାଇଁ ଦୀର୍ଘ ଦିନ ହେବ ଅବିନାଶ ସେହି ବ୍ୟକ୍ତିଙ୍କୁ ଲଗାତାର ଭାବେ ଯୋଗାଯୋଗ କରୁଛନ୍ତି। ହେଲେ ସେ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ। ଏପରିକି କିଛି ଦିନ ପୂର୍ବରୁ ଅବିନାଶ ଭୁବନେଶ୍ୱର ଯାଇ ଟଙ୍କା ମାଗିଥିଲେ। ହେଲେ ବ୍ୟକ୍ତି ଜଣକ ଟଙ୍କା ଫେରସ୍ତ କଲେନି। ଗତ ଦୁଇ ଦିନ ପୂର୍ବେ ଅବିନାଶ ବଜ୍ରକବାଟି ରୋଡ ହୋଇ ଯାଉଥିଲା ବେଳେ ହଠାତ ସେହି ବ୍ୟକ୍ତିଙ୍କ ସହ ଦେଖା ହୋଇଥିଲା। ବ୍ୟକ୍ତି ଜଣକ କୌଣସି ଏକ କାମରେ କଟକ ଆସିଥିଲେ। ତେଣୁ ବାଟରେ ଦେଖାହେଲା ବେଳେ ଅବିନାଶ ତାଙ୍କୁ ଟଙ୍କା କଥା ପଚାରିଥିଲେ। ଆଉ ଏହି ସମୟରେ ବ୍ୟକ୍ତି ଜଣକ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ କରିବା ସହିତ ପାଖରେ ରଖିଥିବା ଏକ ବନ୍ଧୁକ କାଢି ଅବିନାଶଙ୍କ ମୁଣ୍ଡରେ ଲଗାଇ ଦେଇଥିଲେ। ଧମକ ଚମକ ଦେବାରୁ ଅବିନାଶ ଆଉ କିଛି କହିପାରିନଥିଲେ। ଏହାପରେ ବ୍ୟକ୍ତି ଜଣକ ସେଠାରୁ ପଳାଇଥିଲା। ଏହି ଘଟଣାକୁ ନେଇ ସୋମବାର ଅବିନାଶ ମହାନ୍ତି ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି।







ଭାରତ-ଦକ୍ଷିଣ ଅଫ୍ରିକା ମଧ୍ୟରେ ଆସନ୍ତା ୯ ତାରିଖ ଟି-୨୦ ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି ବାରବାଟୀ

# ନାବାଳିକା ବିବାହ; ବନ୍ଧାହେଲେ ଯୁବକ

**କଟକ, ୨।୧୨(ସମିସ):** ନାବାଳିକାଙ୍କୁ ବିବାହ କରିବା ଘଟଣାରେ ତାଙ୍କ ସ୍ୱାମୀକୁ ଦରଘାବଜାର ଥାନା ପୁଲିସ ଗିରଫ କରିଛି। ସେ ହେଉଛନ୍ତି ସ୍ଥାନୀୟ ଧୋବି ଲେନର ଏନ. ସିମନ(୨୬)। ସିଟି ହସ୍ପିଟାଲରେ ନାବାଳିକାଙ୍କ ପ୍ରସବ ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ପୁଲିସ ସୂଚନା ମୁତାବକ, ଗତ ଏକ ବର୍ଷ ତଳେ ସିମନ ନିକଟ ଅଞ୍ଚଳର ଜଣେ ନାବାଳିକାକୁ ବିବାହ କରିଥିଲେ। ନିକଟରେ ଅନ୍ତଃସତ୍ତ୍ୱା ଥିବା ନାବାଳିକାଙ୍କ ପ୍ରସବ ପୀଡ଼ା ହୋଇଥିଲା। ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ମଙ୍ଗଳବାର ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏହି ସମୟରେ ଉକ୍ତ ନାବାଳିକାଙ୍କ ବୟସ ୧୬ ବର୍ଷ ହୋଇଥିବା ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ତେଣୁ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଦରଘାବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୨୮୮/୨୫, ପକ୍ସୋ ଆକ୍ଟର ଧାରା ୬, ବିଏନଏସର ଧାରା ୬୪(୨(ଏମ), ୬୫(୧) ବଳରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ସିମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ବେହେରା ସୂଚନା ଦେଇଛନ୍ତି।

# କାଠଗଡ଼ା ସାହି କମ୍ୟୁନିଟି ହଲ୍ କାର୍ଯ୍ୟର ଶୁଭାରମ୍ଭ



**କଟକ, ୨।୧୨(ସମିସ):** ପୌର ନିଗମ ୱାର୍ଡ ନମ୍ବର -୨୬ ଅଞ୍ଚଳର କାଠଗଡ଼ା ସାହିରେ ମଦନମୋହନ ଜୀଉ କମିଟିର କମ୍ୟୁନିଟି ହଲ ନିର୍ମାଣର ଶୁଭାରମ୍ଭ କରିଛନ୍ତି ବିଧାୟିକା ସୋଫିଆ ଫିରଦୋସ। ଏହି ନୂତନ କମ୍ୟୁନିଟି ସେଣ୍ଟରଟି ସ୍ଥାନୀୟ ଲୋକଙ୍କ ପାଇଁ ବିଶେଷ ଉପକାରୀ ହେବା ସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମହତ୍ତ୍ୱପୂର୍ଣ୍ଣ ସୁବିଧା ଯୋଗାଇବ ବୋଲି ବିଧାୟିକା କହିଛନ୍ତି। ପ୍ରକଳ୍ପଟିକୁ ଶୀଘ୍ର ସମାପ୍ତ କରିବାକୁ ବିଧାୟିକା କହିଛନ୍ତି। କଟକ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ସଭାପତି ବିଜେନ ଚନ୍ଦ୍ର ସିହ୍ନା, ସମ୍ପାଦକ ସଦାଶିବ ଓଝା, ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ଅଧିକାରୀ ବିରଞ୍ଚି ନାରାୟଣ ମହାରଣା, ମହନ୍ତ ଦୁର୍ଗାଚରଣ ମହାରଣା, ଚନ୍ଦନ ଦାସ, ବରିଷ୍ଠ ମୁରବି ଶିବପ୍ରସାଦ ସାହୁ, କାଳନ୍ଦି ଓଝା, ସଦାନନ୍ଦ ବେହେରା, ଭାବେଶ ସାହୁ, ଅବଦୁଲ ମୋକିଦ, ଅଜୟ ସାହୁ, କମଳାକାନ୍ତ ରାଣା, ମନୋଜ ରାଣା, ରାଜେନ୍ଦ୍ର ବେହେରା, ବିଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଶୈଳବାଳା ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା



**କଟକ, ୨।୧୨(ସମିସ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍ ତରଫରୁ ଏକ ଏଚ୍‌ଆଇଭି/ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ମେଡିସିନ ବିଭାଗର ପ୍ରଫେସର ଡ. ଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବନ ବଲ୍ଲଭ ଜେନା ଛାତ୍ରୀଙ୍କୁ ନୈତିକତାପୂର୍ଣ୍ଣ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼.ପ୍ରଶାନ୍ତ ସାମନ୍ତରାୟ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଯୁବ ରେଡକ୍ରସର ଅଧିକାରୀ ଡ଼.ଗାୟତ୍ରୀ କର ଏଡସ ରୋଗର ଭୟାବହତା ଏବଂ ଏହାର ନିରାକରଣ ବିଷୟରେ ଛାତ୍ରୀଙ୍କୁ କହିଥିଲେ ଏବଂ ସ୍ୱାଗତ ସମ୍ଭାଷଣ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଡ. ପ୍ରତିଭାରାଣୀ ବାରିକ୍ ସଭାକାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଡ. ମେନକାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# କୁମାର ମହାନ୍ତିଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



**କଟକ, ୨।୧୨(ସମିସ):** ବିଶିଷ୍ଟ ବାଦ୍ୟଶିଳ୍ପୀ କୁମାର ଚନ୍ଦ୍ର ମହାନ୍ତିଙ୍କୁ ୨୦୨୫ ମସିହା ପାଇଁ ବେହେଲା (ତାରବାଦ୍ୟ)ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିଛି। ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ବରିଷ୍ଠ ବେହେଲା ବାଦକ ଶ୍ରୀ ମହାନ୍ତି କଟକ ସହରର କଟକଚଣ୍ଡି ଖ୍ରୀଷ୍ଟିଆନ୍ ସାହି ନିବାସୀ ଚନ୍ଦ୍ରନାଥ ମହାନ୍ତିଙ୍କ ସୁପୁତ୍ର। ସେ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ସ୍ୱୀକୃତିପ୍ରାପ୍ତ ଗ୍ରେଡ୍ ୱାନ୍ ବେହେଲା ବାଦକ ଭାବେ କାର୍ଯ୍ୟରତ। ନିକଟରେ ସେ ଆକାଶବାଣୀର ୬୭ତମ ଜାତୀୟ ସଙ୍ଗୀତ ସମ୍ମିଳନୀରେ ନିମନ୍ତ୍ରିତ ଅତିଥିଙ୍କ ସହ ବେହେଲା ବାଦନ କରି ପ୍ରଶଂସିତ ହୋଇଥିଲେ। ସେ ଓଡ଼ିଆ ସମେତ ବଙ୍ଗଳା, ଭୋଜପୁରୀ, ଛତିଶଗଡ଼ି ଇତ୍ୟାଦି ଭାଷାର ୬୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ବେହେଲା ବାଦନ କରି ଅନେକ ଖ୍ୟାତି ଅର୍ଜନ କରିଛନ୍ତି। ଦୀର୍ଘ ୪୦ ବର୍ଷ ଧରି ଦୂରଦର୍ଶନ ଓ ଆକାଶବାଣୀରେ ସେ ବେହେଲା ବାଦନ କରି ଆସୁଛନ୍ତି। ଏପରିକି ୨ ହଜାରରୁ ଅଧିକ ଆଲବମ, ମ୍ୟୁଜିକ୍ ଭିଡିଓରେ ସେ ବେହେଲା ବାଦନ କରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ମଞ୍ଚରେ ମଧ୍ୟ ସେ ବେହେଲା ବାଦନ କରିଛନ୍ତି। ଗୁରୁ ପଦ୍ମିନୀ ଖୁଣ୍ଟିଆ ଓ ଗୁରୁ ସୁନାକର ସାହୁଙ୍କ ଠାରୁ ବେହେଲା ଶିକ୍ଷା କରିଥିବା ଶ୍ରୀ ମହାନ୍ତିଙ୍କୁ ତାଙ୍କର ସାମଗ୍ରୀ କୃତି ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଛି।

## ବାରବାଟୀ ମୁକାବିଲା ପାଇଁ ପୁଲିସର ପ୍ରସ୍ତୁତି

# ଜଗିବେ ୪୦ ପ୍ଲାଟୁନ ଫୋର୍ସ; ୨୦୦ ଅଫିସର

କଟକ, ୨।୧୨(ସମିସ)

ଆଉ ୬ ଦିନ ପରେ ବାରବାଟୀରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅର୍ନ୍ତଜାତୀୟ ଟି-୨୦। ଆସନ୍ତା ୫ ତାରିଖରେ କାଉଣ୍ଟରରେ ଟିକଟ ବିକ୍ରି ହେବ। ତେବେ ଶୃଙ୍ଖଳିତ ଢଙ୍ଗରେ ବାରବାଟୀ ଟିକଟ ବିକ୍ରି ଲାଗି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଟିକଟ ବିକ୍ରି ସମୟରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଦଳାଚକଟା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଶୈଳୀରେ ବ୍ୟାରିକେଡ କାଉଣ୍ଟର ସମ୍ମୁଖରେ କରାଯିବ।

୩ ଓ ୪ ତାରିଖରେ ଓସିଏ ସହିତ ଅନୁବନ୍ଧିତ ସଂସ୍ଥାକୁ ୧୧ ହଜାର ଟିକଟ ବିକ୍ରି କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଛି। ୫ ତାରିଖ ଦିନ ୧୦ଟାରୁ କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ଟିକଟ ବିକ୍ରି କରାଯିବ। ମୋଟ ୫ ଟିକଟ କାଉଣ୍ଟରରେ ଟିକଟ ବିକ୍ରି କରାଯିବ। ତେଣୁ ଭିଡ଼ ସମ୍ଭାଳିବା ପାଇଁ ୪ ତାରିଖ ସନ୍ଧ୍ୟାରୁ ସେଠାରେ ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯିବ। ମୋଟ ୪୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ପ୍ରତି ସିଫ୍ଟରେ ୨୮ ପ୍ଲାଟୁନ ଫୋର୍ସ ଦାୟିତ୍ୱ ତୁଲାଇବେ। ସେହିପରି ୬ ଜଣ ଏଡିସିପି, ୧୫ ଏସିପି, ଇନ୍ସପେକ୍ଟର ୪୦ ଜଣ, ଏସଆଇ ଓ ଏଏସଆଇ ୧୫୦ ଜଣ ନିୟୋଜିତ ହେବେ। ଭୁବନେଶ୍ୱରରେ ଥିବା ସମସ୍ତ ପୁରୁଣା ଏସିପି ଓ ଆଇଆଇସି ସ୍ତରର ଅଫିସରଙ୍କୁ ମଧ୍ୟ ଡ୍ୟୁଟିରେ ନିୟୋଜିତ କରାଯିବ। ଗ୍ୟାଲେରୀ୧ରୁ ୭ ନମ୍ବର ଯାଏ ଟିକଟ ପାଇଁ ୩ଟି କାଉଣ୍ଟର ବାସ୍କେଟ ବଲ ପଡ଼ିଆ ନିକଟରେ ଖୋଲାଯିବ। ସେଠାରେ ଦୁଇଟି ପୁରୁଷ ଓ ଗୋଟିଏ ମହିଳାଙ୍କ ପାଇଁ କାଉଣ୍ଟର ରହିବ। ସେହିପରି ସ୍ପେଶାଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ ପାଇଁ ହର୍ସ ଗେଟ ନିକଟ କାଉଣ୍ଟରରେ ଟିକଟ ବିକ୍ରି ହେବ। ସେଠାରେ ଗୋଟିଏ ପୁରୁଷ ଓ ଗୋଟିଏ ମହିଳାଙ୍କ ପାଇଁ କାଉଣ୍ଟର ରହିବ। ଅଧିକ ବ୍ୟାରିକେଡ ସହିତ ଠେଲାପେଲା ସ୍ଥିତି ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ କାଉଣ୍ଟର ଗୁଡିକରେ ପ୍ରାୟ ୫୦ ସିସିଟିଭି କ୍ୟାମେରା ଲାଗିବ। ଏହି କ୍ୟାମେରା ଗୁଡିକ କଣ୍ଟ୍ରୋଲ ରୁମ ସହିତ ସଂଯୋଗ କରାଯାଇ ସେଠାରୁ ନିୟନ୍ତ୍ରଣ କରାଯିବ। ଟିକଟ କଳାବଜାରି ଉପରେ ରୋକିବାକୁ ସାଦା ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ ଷ୍ଟାଡିୟମ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପଇଁତରା ମାରିବ। ପୁଲିସ ସହିତ ମେଡିକାଲ ଟିମ ଓ ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ ଟିମକୁ ମଧ୍ୟ ନିୟୋଜିତ କରାଯିବ। ଗୋଟିଏ ବଡ ସହ ଦୁଇଟି ମଧ୍ୟମ ଅଗ୍ନିଶମ ଗାଡି ସେଦିନ ଷ୍ଟାଡିୟମ ବାହାରେ ରହିବ। ବିଭିନ୍ନ ପ୍ରାନ୍ତରୁ ସଂଖ୍ୟାଧିକ କ୍ରିକେଟ ପ୍ରେମୀ ଏକାଠି ହେବାକୁ ଥିବାରୁ ଯେକୌଣସି ଅଘଟଣ ଏଡ଼ାଇବାକୁ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା



ସାଲେପୁର,୨।୧୨(ସମିସ): ସାଲେପୁର ଅଞ୍ଚଳର ତଥା ଲୁଣାହାର ଗ୍ରାମରେ ପ୍ରଥମ କରି ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଯଥା ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଲୁଣାହାର ମଲ୍ଲସାହି ଗ୍ରାମ ନିକଟ କେନାଲ କୂଳରେ ପ୍ରତିଷ୍ଠିତ ଏହି ପଞ୍ଚମୁଖୀ ହନୁମାନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ହୋମଯଜ୍ଞ ୪ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମ ଦିନ ଅଧିବାସ, ଅଙ୍କୁରାରୋପଣ, ଗ୍ରାମ ପରିକ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳ ପୂଜା ଓ ଅଗ୍ନିସ୍ଥାପନ ହୋଇଥିଲା। ସେହିପରି ତୃତୀୟ ତାରିଖ ମହାପ୍ରଭୁ ବଜରଙ୍ଗବାଲି ବିଗ୍ରହର ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିବାବେଳେ ଚତୁର୍ଥ ଦିନ ସଂକଟମୋଚନ ହନୁମାନଙ୍କ ମହାସ୍ନାନ ନବଯୌବନ ଦର୍ଶନ ଓ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସନ୍ଧ୍ୟାରେ ଯଥାରୀତିରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ଅମୂଲ୍ୟ ବାରିକ ଓ କାର୍ଯ୍ୟ ସଂପାଦନ କରିଥିବାବେଳେ ସୌମ୍ୟରଞ୍ଜନ ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରଦୀପ୍ତ ଜେନା, ମାନସ ସାହୁ, ପଣ୍ଡିତ ଗୌତମ ମହାରଣା, ଅଚ୍ୟୁତାନନ୍ଦ ମଲ୍ଲ, ସ୍ୱରୂପ ମଲ୍ଲ, ପ୍ରସନ୍ନ ମଲ୍ଲ, ଯୋଗେନ୍ଦ୍ର ରଣା, ତାପସ ରଞ୍ଜନ ମଲ୍ଲ, ରାଜେଶ ସାହୁଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

## ମଦନ ମୋହନ ମଠରେ ବ୍ୟଞ୍ଜନ ଦ୍ୱାଦଶୀ



କଣ୍ଟାପଡା,୨।୧୨(ସମିସ): ସାଢେ ୪କୋଟି ଓଡ଼ିଆଙ୍କ ଆରାଧ୍ୟ ଶ୍ରୀ ଜଗନ୍ନାଥ। ପ୍ରଭୁଙ୍କ ୧୨ ମାସରେ ୧୩ ପର୍ବ। ମଣିଷମାନଙ୍କ ପରି ଖାଦ୍ୟ ପ୍ରିୟ ଶ୍ରୀ ଜଗନ୍ନାଥ। ଆଜିଥିଲା ବ୍ୟଞ୍ଜନ ଦ୍ୱାଦଶୀ। ଏହି ଅବସରରେ ସୁନ୍ଦରଗ୍ରାମଠାରେ ଅବସ୍ଥିତ ଶ୍ରୀ ମଦନମୋହନ ମଠରେ ପୂଜା ପାଉଥିବା ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସହ ଶ୍ରୀ ଜଗନ୍ନାଥ ନିକଟରେ ଲାଗି ହୋଇଥିଲା ୩୫ ପ୍ରକାର ବ୍ୟଞ୍ଜନ। ଏଥିରେ ଶହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଗୀତା ଭାଗବତ ପାଠ କରିବା ସହ ପ୍ରସାଦ ସେବନ କରିଥିଲେ। ମଠାଧୀଶ ଅଗା ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶିଷ୍ୟ ଅମରେନ୍ଦ୍ର ପାତ୍ର, ନାନୁ ମହାନ୍ତି, ମୋହନ ପଣ୍ଡା ଓ ନରେନ୍ଦ୍ର ପାତ୍ର ସକ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ଗୃହ ସମ୍ପର୍କ ଅଭିଯାନ



ବଡ଼ମ୍ବା,୨।୧୨(ସମିସ): ବଡମ୍ବା ଖଣ୍ଡର ମାଣିଆବନ୍ଧ ମଣ୍ଡଳରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପୂରଣ ଅବସରରେ ଗୃହ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ମହାଦେବ ପୀଠରୁ ଶୁଭାରମ୍ଭ ହୋଇଛି। ଖଣ୍ଡର ଅଭିଯାନ ପ୍ରମୁଖ ମାନସ ରଞ୍ଜନ ମୁଦୁଲିଙ୍କ ଆବାହକତ୍ୱରେ ମୁଖ୍ୟଅତିଥି ଭାବେ ନରସିଂହପୁର ମଣ୍ଡଳର ପ୍ରାକ୍ତନ ଶିକ୍ଷାଧିକାରୀ ଶ୍ରୀନିବାସ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ସହ ଅଭିଯାନ ପ୍ରମୁଖ ପଦ୍ମ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ କଟକ ଜିଲ୍ଲା ମୁଖ୍ୟମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା, ବଡମ୍ବା ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରମୋଦ ଧଳ, ଖଣ୍ଡ ସମ୍ପର୍କ ପ୍ରମୁଖ ଅଧିବକ୍ତା ଅଖିଳ ଦାସ, ଖଣ୍ଡ ଧର୍ମ ଜାଗରଣ ପ୍ରମୁଖ ପୀତବାସ କରଣ, ଶରତ ସାହୁ, ବୈକୁଣ୍ଠନାଥ ସାହୁ, କମଳ ପ୍ରଧାନ, ସମୀର ସାହୁ ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ଗ୍ରାମ ବିକାଶ ଟୋଲୀର ପୂର୍ବ ପ୍ରାନ୍ତର ସଦସ୍ୟ ଜନାର୍ଦ୍ଦନ ଦେବତା ଧନ୍ୟବାଦ ଦେଇଥିଲେ।

## ବନ୍ଦେ ମାତରମ୍ ଉତ୍ସବ ପାଳନ

କନ୍ଦରପୁର,୨।୧୨(ସମିସ): କଟକ ସଦର ବିଜେପି ପକ୍ଷରୁ କନ୍ଦରପୁରଠାରେ ବନ୍ଦେ ମାତରମ୍ ଉତ୍ସବ ପାଳନ କରାଯାଇଛି। ଦେଶପ୍ରେମ ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ କନ୍ଦରପୁର ବିଜେପି ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ସଭାପତିତ୍ୱ ଓ ସୁରେଶଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଏଥିରେ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ସାଧୁ ଚରଣ ଜେନା, ସଦର ଆମ୍ବ ସଭାପତି ରମାପ୍ରସାଦ ବିଶ୍ୱାଳ, ସନାତନୀ ସେନା ରାଜ୍ୟ ସଭାପତି ସମୀର ପଣ୍ଡା, ବିଜୟ ରାଉତରାୟ, କିଶନନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ନେମାଳ ମଣ୍ଡଳ ସଭାପତି ମୀନକେତନ ମହାନ୍ତି, ସୁଦାମବତୀ ମଣ୍ଡଳ ସଭାପତି ରଘୁନାଥ ଚୌଧୁରୀ, ବିଜେପି ନେତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, କନ୍ଦରପୁର ସରପଞ୍ଚ ସୁଭାଷିନୀ ରାଉତ, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ରନାଥ ଭୋଇ, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ବହୁ କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ତିଗିରିଆରେ ଚୋରଙ୍କ ରାଜୁତି

# ୨ ବର୍ଷରେ ୪୫ ସ୍ଥାନରୁ ଚୋରି, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍

- ୩୮ଟି ମାମଲାରେ ପୁଲିସ ହାତ ଖାଲି
- ଜନ ଅସନ୍ତୋଷ ଉଗ୍ର, ତଦନ୍ତ ତ୍ୱରାନ୍ୱିତ ଦାବି

ତିଗିରିଆ,୨।୧୨(ସମିସ)

ତିଗିରିଆ ଥାନା ଅନ୍ତର୍ଗତ ୫୦ଟି ରାଜସ୍ୱ ଗ୍ରାମରେ ଗତ ଦୁଇ ବର୍ଷ ମଧ୍ୟରେ କ୍ରମାଗତ ଚୋରି ଘଟଣା ଜନସାଧାରଣଙ୍କ ମନରେ ଭୟ ସଞ୍ଚାର କରିଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୪୫ରୁ ଉର୍ଦ୍ଧ୍ୱ ସ୍ଥାନରୁ ଚୋରି ହୋଇଥିବା ରେକର୍ଡ କରାଯାଇଛି। ଚିନ୍ତାଜନକ ବିଷୟ ହେଉଛି, ଏହି ୪୫ଟି ଚୋରି ମାମଲା ମଧ୍ୟରୁ ୩୮ଟିର ବିନ୍ଦୁ ବିସର୍ଗ ମଧ୍ୟ ତିଗିରିଆ ପୁଲିସ ପାଇବାରେ ସକ୍ଷମ ହୋଇନାହିଁ। ପୁଲିସର ଏହି ଶୂନ୍ୟ ସଫଳତା ସ୍ଥାନୀୟ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବା ସହ ତାହାର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୋରମାନେ ବ୍ଲକର ବିଭିନ୍ନ ଧର୍ମାନୁଷ୍ଠାନ, ବିଦ୍ୟାଳୟ, ଧନୀକ ଶ୍ରେଣୀର ଘର, ଯେଉଁ ଘରେ ପୁରୁଷ ନ ରହୁଥିବେ କିମ୍ବା ଦୀର୍ଘ ଦିନ ଧରି ତାଲା ପଡ଼ିଥିବ, ସେହି ସ୍ଥାନକୁ ଟାର୍ଗେଟ୍ କରୁଥିବା ଲକ୍ଷ୍ୟ କରାଯାଇଛି। ଫଳରେ ମନ୍ଦିରଠାରୁ ଆରମ୍ଭ କରି ବ୍ୟକ୍ତିଗତ ଘର ଓ ସରକାରୀ ସମ୍ପତ୍ତି ସୁରକ୍ଷିତ ନୁହେଁ। ଗତ ଦୁଇ ବର୍ଷ ମଧ୍ୟରେ ଘଟିଥିବା କେତେକ ବଡ଼ ଚୋରି ଘଟଣା ମଧ୍ୟରେ ନଭେମ୍ବର ୨୭ ରାତିରେ ହାଟମାଳ ପଞ୍ଚାୟତ ସ୍ଥିତ ବୁଦ୍ଧେଶ୍ୱର ମହାଦେବଙ୍କ ପୀଠରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି, ଅକ୍ଟୋବର ୨ ତାରିଖରେ ନିଜିଗଡ଼ ପଞ୍ଚାୟତ ସ୍ଥିତ ଦେବରାଜ ବେହେରାଙ୍କ ଘରେ ଚୋରି, ଜୁଲାଇ ୯ ତାରିଖରେ ଗୋଡ଼ିଝରିଆ ହାଟରେ ଜଣେ ଆଳୁ ବ୍ୟବସାୟୀଙ୍କଠାରୁ ଏକ ଲକ୍ଷ ଟଙ୍କା ଲୁଟ୍, ସେହି ଦିନ ପ୍ରଭୁ ଶ୍ରୀ ପ୍ରସନ୍ନମଣି ଦେବଙ୍କ ମନ୍ଦିର ହୁଣ୍ଡିରୁ ପ୍ରାୟ ୫୦ ହଜାର ଟଙ୍କା ଚୋରି, ଏବଂ ନଭେମ୍ବର ୨୬ ତାରିଖରେ ତିଗିରିଆ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶୀଲ କୁମାର ନନ୍ଦଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଚୋରି ଭଳି ସାଙ୍ଘାତିକ ଘଟଣାମାନ ରହିଛି। ଏହି ସମସ୍ତ ଚୋରି ଘଟଣାରେ ହାତଗଣତି ଗୋଟିଏ କିମ୍ବା ଦୁଇଟି ମାମଲାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଘଟଣାରେ ଚୋରମାନଙ୍କୁ ଧରିବାରେ ସ୍ଥାନୀୟ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ଚୋରମାନେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଚୋରି କରି ଚାଲିଥିବା ଦେଖିବାକୁ ମିଳିଛି। ତିଗିରିଆ ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଚୋରି ଏବଂ ଚୋରକୁ ଧରିବାରେ ପୁଲିସର ଏହି ବିଫଳତାକୁ ନେଇ ବିଭିନ୍ନ ସ୍ଥାନରେ ଜନଅସନ୍ତୋଷ ତୀବ୍ର ହୋଇଛି। ଏଥିପାଇଁ ତିଗିରିଆ ଜନସାଧାରଣ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, କଟକ ଜିଲ୍ଲା ଆରକ୍ଷୀ ଅଧିକାରୀ, ଜିଲ୍ଲାପାଳ ତଥା ଆଠଗଡ଼ ଏସ୍‌ଡିପିଓଙ୍କ ସ୍ୱତନ୍ତ୍ର ଦୃଷ୍ଟିପାତ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

### ଶଙ୍ଖାମେରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ତାଳଚେର ସିଆରେନ୍ ଇଲେଭେନ୍



ବଡମ୍ବା ୨।୧୨(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଅଲ୍ ଇଣ୍ଡିଆ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ଦୁଇଟି ଲିଗ୍ ମ୍ୟାଚ୍ ସହ ଗୋଟିଏ କ୍ୱାର୍ଟର ଫାଇନାଲ ମ୍ୟାଚ ମଧ୍ୟରୁ ପ୍ରଥମ ଲିଗ୍ ମ୍ୟାଚ୍ ସନ୍ଥାପୁରା, କେନ୍ଦ୍ରାପଡା ବନାମ ପିପିଲି, ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସନ୍ଥାପୁରା, କେନ୍ଦ୍ରାପଡା ପ୍ରଥମେ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ପିପିଲି, ପୁରୀ ୮ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରତିଜବାବରେ ସନ୍ଥାପୁରା, କେନ୍ଦ୍ରାପଡା ମାତ୍ର ୪ ଓଭର ୩ଟି ବଲରେ ଦୁଇ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍ ସିଆରେନ୍ ଇଲେଭେନ୍, ତାଳଚେର ବନାମ ଫାଇଟର୍ ଇଲେଭେନ ବାସୁଦେବପୁର ମଧ୍ୟରେ ହୋଇଥିବା ବେଳେ ଏହି ଲିଗ୍ ମ୍ୟାଚରେ ପ୍ରଥମେ ଟସ୍ ଜିତି ତାଳଚେର ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାସୁଦେବପୁର ୧୦ ଓଭରରେ ୪ ୱିକେଟ୍ ହରାଇ ୮୬ ରନ୍ କରିଥିବା ବେଳେ ଜବାବରେ ତାଳଚେର ଦଳ ୯ ଓଭରରେ ମାତ୍ର ୩ଟି ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ସନ୍ଥାପୁରା, କେନ୍ଦ୍ରାପଡା ବନାମ ତାଳଚେର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ତାଳଚେର ଦଳ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ସନ୍ତୋଷ ବିଶ୍ୱାଳ, ତାପସ ସାହୁ ପରିଚାଳନା କରିଥିବା ବେଳେ କମଳ ପ୍ରିତମ ୪ର୍ଥ ରେଫରୀର ଦାୟିତ୍ୱ ସମ୍ପାଦନା କରିଥିଲେ।

## ଗଜଲକ୍ଷ୍ମୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଚୌଦ୍ୱାର,୨।୧୨(ସମିସ): ଚୌଦ୍ୱାର ପୌରପାଳିକା ୧ନମ୍ବର ୱାର୍ଡର ଲକ୍ଷ୍ମୀସାହିସ୍ଥିତ ଗଜଲକ୍ଷ୍ମୀ ମନ୍ଦିରର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ ଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ଉତ୍ସବରେ ଅଧିବାସ, ମଣ୍ଡଳ କରଣ, କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ଅର୍ଚ୍ଚନା, ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ସାରାଦିନ ବ୍ୟାପି ଆୟୋଜିତ ଯଜ୍ଞ କାର୍ଯ୍ୟରେ ସୁକାନ୍ତ ପରିଡ଼ା ଓ କବିତା ପରିଡ଼ା କାର୍ତ୍ତା ଓ କର୍ତ୍ତା ଭାବେ ଆହୁତି ପ୍ରଦାନ କରିଥିଲେ। ପୂଜକ ଅଭିଜିତ ତ୍ରିପାଠୀ ଓ ତାଙ୍କ ସହଯୋଗୀ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କୈଳାସ ସାହୁ, ସୁଶାନ୍ତ ପରିଡ଼ା, ନବ କିଶୋର ସାହୁ, ମୋହନ ସାହୁଙ୍କ ସମେତ ସାହିର ଯୁବ ଗୋଷ୍ଠୀ ଓ ସମସ୍ତ ଅଧିବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋମବାର ଦିନ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯିବା ସହିତ ସଂଧ୍ୟାରେ ମହାଦୀପ ଉତ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

## ବିଶ୍ୱଶାନ୍ତି ମହାଯଜ୍ଞ

ନିଶ୍ଚିନ୍ତକୋଇଲି,୨।୧୨(ସମିସ): କେରିଲୋ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ସଚିଦାନନ୍ଦ ସଦ୍‌ଗୁରୁ ସାଇ ବାବାଙ୍କ ମନ୍ଦିରର ଏକାଦଶବାର୍ଷିକ ଉତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ତିନି ଦିନ ଧରି ଚାଲି ରବିବାର ପୂର୍ଣ୍ଣାହୁତି ହୋଇଛି। ପବିତ୍ର ଲୁଣା ନଦୀ ଅସୁରେଶ୍ୱରସ୍ଥିତ ମଙ୍ଗଳାଗଡାରୁ ୩୦୧ ଶ୍ରଦ୍ଧାଳୁ ସାଇଭକ୍ତ ଓ ମହିଳାମାନେ ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ଦେବଶର୍ମା କରୁଣାକର ମିଶ୍ର ଓ ସହଯୋଗୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ କରାଯାଇଥିବା ବେଳେ ଏଥିରେ କର୍ତ୍ତା ଭାବେ ଗୌରାଙ୍ଗ ଚରଣ ଜେନା ଓ ତାଙ୍କ ପତ୍ନୀ ତିତିଲି ଜେନା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ସଂଧ୍ୟାରେ ପ୍ରବଚନ ସଭା, ଭଜନ ସମାରୋହ ହୋଇଥିଲା। ଯଜ୍ଞ ପରିଚାଳନା କମିଟିର ସଦସ୍ୟ ଗିରିଶ ରଞ୍ଜନ ମହାପାତ୍ର, ଜ୍ୟୋତିପ୍ରକାଶ ନାୟକ, ଅଜୟ ନନ୍ଦ, ଅଶୋକ ଓଝା, ବ୍ରଜମୋହନ ପଣ୍ଡା, ଜିତେନ୍ଦ୍ର ମିଶ୍ର, ମିହୀର ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ଦ୍ୱିତୀୟ ଦିନରେ



ନିଆଳି,୨।୧୨(ସମିସ): ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧିଙ୍କୁ ଅସମ୍ମାନ, ଅଣଦେଖା ଓ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧିଙ୍କ ଚାଲିଥିବା ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ ବହୁ ସଂଗଠକ ଧାରଣାସ୍ଥଳକୁ ଆସି ଏହି ଧାରଣାକୁ ସମର୍ଥନ ଜଣାଇଥିବା ଜଣାଯାଇଛି। ଧାରଣାର ପ୍ରଥମ ଦିନରେ ବିଡିଓଙ୍କ ସହ ଆଲୋଚନା ବିଫଳ ହୋଇଥିବା ବେଳେ ଦ୍ୱିତୀୟ ଦିନ ମଧ୍ୟ ବିଡିଓଙ୍କ ସହ ଆଲୋଚନା ବିଫଳ ହୋଇଛି। ତେବେ ଜିଲ୍ଲା ପ୍ରଶାସନ ଧାରଣା ସ୍ଥଳରେ ପହଁଞ୍ଚି ନ ଥିବା ଜଣାଯାଇଛି। ମଙ୍ଗଳବାର ଧାରଣା ସ୍ଥଳରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ସଂଗଠକ ପ୍ରଦୀପ ଦାସ, ଅଭିମନ୍ୟୁ ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡ୍ଡୁ, ସଂଗଠକ ପରକ୍ଷିତ ବାରିକ୍, ମିଟୁ ବଡୁ, ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ, ଛାତ୍ର ବିଜେଡି ସଭାପତି ଅଜୟ ସ୍ୱାଇଁ, ଛାତ୍ର ସଂଗଠକ ସୋହେଲ୍ ମିର୍ଜା, ରାହୁଲ୍ ବେହେରା, ଯାଦବ ଅବିନାଶଙ୍କ ସମେତ କେତେକ ସଂଗଠକ ଧାରଣା ସ୍ଥଳରେ ପହଁଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହ ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଏହି ଧାରଣାକୁ ଆନ୍ଦୋଳନ ରୂପ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ୬ ଦଫା ଦାବି ନେଇ ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରାଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସୋମବାରଠାରୁ ଦିବାରାତ୍ର ଧାରଣାରେ ବସିଥିବା ଜଣାଯାଇଛି।

## ଶିକ୍ଷକଙ୍କ ଶାନ୍ତିପୂର୍ଣ୍ଣ ଧାରଣା



ନିଶ୍ଚିନ୍ତକୋଇଲି,୨।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ଶିକ୍ଷକ ସଂଘ ଡକରାରେ ନିଶ୍ଚିନ୍ତକୋଇଲି ବ୍ଲକ କୁଳଗାଁ ଇସାଳୋଠାରେ ଥିବା ଓଏଭି ଶିକ୍ଷକଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଜ୍ ପିନ୍ଧି ଧାରଣା ଦେଇଛନ୍ତି। ଭୁବନେଶ୍ୱର ଉତ୍କର୍ଷ ଆଦର୍ଶ ବିଦ୍ୟାଳୟ ସମୂହ ପକ୍ଷରୁ ୧୩ ଦଫା ଦାବି ନେଇ ରାଜ୍ୟସରକାରଙ୍କୁ ଅବଗତ କରାଯାଇଥିଲା। ସରକାର ୭ ଦିନ ମଧ୍ୟରେ ଶିକ୍ଷକ ସଂଘ ସହ କିଛି ଆଲୋଚନା ନ କରିବାରୁ ଆନ୍ଦୋଳନ ଜାରି ରଖାଯାଇଛି। ଓଭିଏ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ଏଚ୍‌ଆରଏମ୍‌ଏସ୍ ମାଧ୍ୟମରେ ସମାନ ଦରମା ଦେବା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟ ଶିକ୍ଷକଙ୍କ ପରି ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା, ୟୁନିଫର୍ମ କ୍ୟାଡର ମାନ୍ୟତା ଦେବା, ଶାରୀରିକ ଶିକ୍ଷା, ସଂଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ସହ ୪୬ଶହ ଗ୍ରେଡ୍ ପେ ପ୍ରଦାନ କରିବା ଆଦି ବିଭିନ୍ନ ଦାବିନେଇ ଶିକ୍ଷକମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଯଦି ସରକାର ଶିକ୍ଷକଙ୍କ ଦାବିକୁ ଉପେକ୍ଷା କରନ୍ତି ତେବେ ଆସନ୍ତା ଡିସେମ୍ବର ୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି।

# ଏନ୍‌ପିଏସ୍ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

### ସମସ୍ୟା ସମାଧାନ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ

ନିଶ୍ଚିନ୍ତକୋଇଲି,୨।୧୨(ସମିସ)



ନିଶ୍ଚିନ୍ତକୋଇଲି ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନାରାୟଣ ଚାନ୍ଦଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦକୁ ଅପଗ୍ରେଡ୍ କରି ଲେଭୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ କରିବା ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକାପ୍ରଥାକୁ ଉଚ୍ଛେଦ କରି ୨୦୦୧ରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକାକାର୍ଯ୍ୟକୁ ମୂଳ ଚାକିରିରେ ଗଣନା କରିବା ସହ ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଦାବିକୁ ସରକାର ପୂରଣ କଲେ ଏଥିରେ ୧ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଏନ୍‌ପିଏସ୍ ଶିକ୍ଷକ ଶିକ୍ଷୟିତ୍ରୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ରାଜ୍ୟ ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ଏବଂ ଶିକ୍ଷା ନିର୍ଦ୍ଦେଶକ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ନିର୍ଦ୍ଦେଶ ଅନୁଯାୟୀ ନିଶ୍ଚିନ୍ତକୋଇଲି ବ୍ଲକ ଶାଖା ସଂଘ ପକ୍ଷରୁ ସଭାପତି ନାରାୟଣ ଚାନ୍ଦଙ୍କ ନେତୃତ୍ୱରେ ପ୍ରଭାକର ସ୍ୱାଇଁ, ରବେୟା ସରୱାର, କିଶୋର ନାଥ, ନିରଞ୍ଜନ ସାହୁ, ଧନେଶ୍ୱର ଜେନା, ଦୁର୍ଯ୍ୟୋଧନ ବେହେରା, ମହାମେଘବାହାନ ସ୍ୱାଇଁ, ପ୍ରଭାତୀ ବେହେରାଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟାଳୟର କିରାଣି ଅଭିରାମ ସାହୁଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

**ତିଗିରିଆ :** ଆଜି ତିଗିରିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ଆବାହକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ଆବାହକତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସଂଘ ପକ୍ଷରୁ ଆସନ୍ତା ୫ ତାରିଖ ଦିନ ଭୁବନେଶ୍ୱର ଗାନ୍ଧିମାର୍ଗ ଠାରେ ହେବାକୁ ଥିବା ଆନ୍ଦୋଳନର ଡାକରାରେ ସଂଘ ସାମିଲ ହେବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ବ୍ଲକ୍ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ତିଗିରିଆ ସଂଘ ପକ୍ଷରୁ ଦାବିପତ୍ରକୁ ସହଶିକ୍ଷା ଅଧିକାରୀ ମାଧବଚନ୍ଦ୍ର ଦେଉରୀ ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ ବେହେରା, ପ୍ରମୋଦ ଗୋଛି, ପ୍ରଭାତ ପଣ୍ଡା, ସଚ୍ଚିଦାନନ୍ଦ ରାଉଳ, ସତ୍ୟାନନ୍ଦ ମହାପାତ୍ର, ଉମାଶଙ୍କର ରାଉତ, ଦିବାକର ପ୍ରଧାନ, ପ୍ରଶାନ୍ତ ଘଡେଇ, ସଞ୍ଜୟ ରଣା ଏବଂ ଶ୍ରୀନିବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ବଡମ୍ବା :** ବଡମ୍ବା ପ୍ରାଥମିକ ଶିକ୍ଷକ ସଂଘ ଓ ନୂତନ ପେନସନ ଭୁକ୍ତ ସଭାପତି ସୁରସୁନ୍ଦର ଶତପଥୀଙ୍କ ନେତୃତ୍ୱରେ ବଡମ୍ବା ଶିକ୍ଷକ ସଂଘ ତରଫରୁ ୨ ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ସଚିବ, ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଅନୁପସ୍ଥିତ ଥିଲାବେଳେ ସହ ମଣ୍ଡଳ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା ଓ ସୁଷମା ମଞ୍ଜରୀ ମହାଳିକ ଶିକ୍ଷକଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ଦେବା ସମୟରେ କଟକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରମେଶଚନ୍ଦ୍ର ବେହେରା, ବଡମ୍ବା ବ୍ଲକ ନୂତନ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ସରୋଜ ବେହେରା, ଉପସଭାନେତ୍ରୀ ଯଶଶ୍ରୀ ସାହୁ, ଶିକ୍ଷକ ନେତା ସୁଧୀର ଦାସ, ବିରଞ୍ଚି ନାୟକ ଉପସ୍ଥିତ ଥିଲେ।





### ଗଞ୍ଜାମରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ଆଶଙ୍କା

# ୨୩ରେ ଖରିଫ ଧାନକିଣା ଲକ୍ଷ୍ୟ; ସରିନି ସାଟେଲାଇଟ୍ ସର୍ଭେ

**ସମସ୍ୟାର ସୁଯୋଗ ନେବାକୁ ସଜାଗ ହେଲେଣି ଆନ୍ଧ୍ର ବେପାରୀ**

ବ୍ରହ୍ମପୁର,୨।୧୨(ସମିସ): ଚାଷୀ ବହୁଳ ଗଞ୍ଜାମ ଜିଲ୍ଲା। ଖରିଫରେ ବ୍ୟାପକ ମାତ୍ରାରେ ଏଠାରେ ଧାନ ଚାଷ ହୁଏ। ସମ୍ପ୍ରତି ଧାନ ଅମଳର ସମୟ। ଚାଷୀ ବି ଧାନ ଅମଳ କରିବାକୁ ନିଜକୁ ପ୍ରସ୍ତୁତ କଲେଣି। ଏପରିକି କିଛି ବ୍ଲକରେ ଧାନ ଅମଳ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। କିନ୍ତୁ ମଣ୍ଡି ଖୋଲିବାରେ ବିଳମ୍ବ ହେବା ଚାଷୀକୂଳ ଆଶାଙ୍କା ପ୍ରକଟ କରିଛନ୍ତି। କାରଣ ଜିଲ୍ଲାରେ ଏଯାବତ ସାଟାଲାଇଟ ସର୍ଭେ ସରିନଥିବା ଜଣାପଡ଼ିଛି। ଭେଲିଡ଼େସନ ମଧ୍ୟ ବିଳମ୍ବିତ ହେଉଥିବା ସୂଚନା ମିଳିଛି। ଏଥିଯୋଗୁଁ ଚାଷୀଙ୍କ ନିକଟକୁ ଉଚିତ ସମୟରେ ସର୍‌ପ୍ଲସ ଆସିବାରେ ସମସ୍ୟା ହେବ। ଫଳରେ ସମୟ ଅନୁଯାୟୀ ଧାନକିଣାରେ ବ୍ୟାପକ ସମସ୍ୟା ସୃଷ୍ଟି ହେବା ଆଶଙ୍କା ବୃଦ୍ଧି ପାଇଛି। ଧାନକିଣା ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ଭେଲିଡ଼େସନ, ତତପରେ ସାଟାଲାଇଟ୍ ସର୍ଭେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହା ହେବା ପରେ ହିଁ ଚାଷୀ ଧାନ ବିକ୍ରି କରିବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୩ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ତତପୂର୍ବରୁ ମଧ୍ୟ ଅମଳ ହୋଇଥିବା ଚାଷୀଙ୍କ ଧାନର କିଣା ବ୍ୟବସ୍ଥା କରିବାକୁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମନ୍ତ୍ରୀ ଜୋର ଦେଇଥିଲେ। ଏଣେ ଆବଶ୍ୟକ ଅନେକ କାର୍ଯ୍ୟ ସରିନଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଧାନ କିଣା ଅଗ୍ରଗତି ନେଇ ଅନିଶ୍ଚିତତା ଦେଖାଦେଇଛି।

ଅପରପକ୍ଷେ ଗଞ୍ଜାମ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ସରିଥିବା ବେଳେ ପଞ୍ଜିକୃତ ଚାଷୀଙ୍କ ଧାନ ସୁରଖୁରରେ ସଂଗ୍ରହ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଗତବର୍ଷ ଖରିଫରେ ଜିଲ୍ଲାରେ ୧ଲକ୍ଷ ୪୬ ହଜାର ୫୦୪ଜଣ ଚାଷୀ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧ଲକ୍ଷ ୩୯ହଜାର ୮୮୪ଜଣ ଚାଷୀଙ୍କଠାରୁ ୫୮ଲକ୍ଷ ୮୦ହଜାର ୮୫୪କ୍ୱିଣ୍ଟାଲ ସଂଗୃହିତ ହୋଇଥିଲା। ଏଥିରେ ୩୬୯ଜଣ ମିଲର ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ଗତବର୍ଷ ୩୬୬ଟି ପ୍ୟାକ୍ସ, ଗୋଟିଏ ପାଣି ପଞ୍ଚାୟତ ଏବଂ ୧୧୧ଟି ଏସଏଚଜି ଗ୍ରୁପ ମାଧ୍ୟମରେ ଧାନ ସଂଗ୍ରହ କରାଯାଇଥିଲା। ଏ ବାବଦରେ ମିଲର ମାନେ ଧାନ ମିଲିଂ କରି ୮୦ପ୍ରତିଶତ ଚାଉଳ ସରକାରଙ୍କୁ ଫେରାଇ ଦେଇଥିବା ଜଣାପଡ଼ିଛି। ଚଳିତବର୍ଷ ଜିଲ୍ଲାରେ ୧ଲକ୍ଷ ୫୬ହଜାର ୭୧୩ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ପଞ୍ଜିକୃତ ଚାଷୀ ମାନଙ୍କ ମଧ୍ୟରୁ ଯୋଗ୍ୟ ଚାଷୀଙ୍କ ତର୍ଜମା ସାଟାଲାଇଟ ସର୍ଭେ ପରେ ଜଣାପଡ଼ିବ। ଜିଲ୍ଲାରେ ଚଳିତବର୍ଷ ୩୬୬ଟି ପ୍ୟାକ୍ସ, ଗୋଟିଏ ପାଣି ପଞ୍ଚାୟତ ଏବଂ ୧୦୯ଟି ଏସଏଚଜି ଗ୍ରୁପକୁ ଧାନ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଛି। ବିଶେଷ କରି ଗଞ୍ଜାମ ଜିଲ୍ଲାରେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀଙ୍କଠାରୁ ୩୬ଲକ୍ଷ ୫୬ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ମଣ୍ଡି ଗୁଡ଼ିକର ସୁପରିଚାଳନା ପାଇଁ ସୋସାଇଟି ସ୍ତରରେ ଧାନ ସଂଗ୍ରହ କମିଟି ଗଠନ କରାଯିବ। ମଣ୍ଡି ନୋଡାଲ ଅଫିସର ଓ ସୁପରଭାଇଜର ନିୟୋଜିତ ହେବେ। ଜିଲ୍ଲାସ୍ତରରେ ଜିଲ୍ଲା ଏନଫୋର୍ସମେଣ୍ଟ ସ୍କ୍ୱାଡ, ଉପଖଣ୍ଡ ସ୍ତରରେ ଏବଂ ବ୍ଲକ ସ୍ତରରେ ଏନଫୋର୍ସମେଣ୍ଟ ସ୍କ୍ୱାଡ ଗଠନ ହେବ। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂଗ୍ରହ ହେଇଥିବା ଧାନର ମୂଲ୍ୟ ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀ ମାନଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ପଠାଯିବ। ଏଫଏକ୍ୟୁ ମାନର ଧାନ ସମ୍ପର୍କରେ ସଚେତନତା ପାଇଁ ଚାଷୀଙ୍କୁ ସୂଚନା-ଶିକ୍ଷା-ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବ ବୋଲି ଜଣାପଡ଼ିଛି।

## ରେଡ଼ିଓଗ୍ରାଫର୍ସ ସର୍ଭିସ ଆସୋସିଏସନ୍‌ର ବୈଠକ




ବ୍ରହ୍ମପୁର,୨।୧୨(ସମିସ): ଅଲ୍ ଓଡ଼ିଶା ରେଡିଓଗ୍ରାଫର୍ସ ସର୍ଭିସ୍ ଆସୋସିଏସନ ପକ୍ଷରୁ ଏମକେସିଜି ମେଡ଼ିକାଲ ରଞ୍ଜନ ରଶ୍ମି ବିଭାଗ ପରିସରରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଆସୋସିଏସନର ସଭାପତି ସୁବାସ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୋ, ଉପସଭାପତି କୁଳଦୀପ ବେହେରା ଓ କୋଷାଧ୍ୟକ୍ଷ ଅମୀୟ କୁମାର ପ୍ରଧାନ ଯୋଗ ଦେଇ ରେଡିଓଗ୍ରାଫର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ସ୍ତରର ରେଡିଓଗ୍ରାଫରଙ୍କ ସମୟ ମଧ୍ୟରେ ପଦୋନ୍ନତି, ୨୦୦୫ମସିହାରୁ ରେଡିଓଗ୍ରାଫରଙ୍କ ପଦବୀର ଚୁକ୍ତିଭିତ୍ତିକ ସେବା ଅବଧି ଗଣନା, ଡିଏମଆରଟି ଛାତ୍ରଙ୍କ ବାଧ୍ୟତାମୂଳକ ହଷ୍ଟେଲ ସୁବିଧା ପ୍ରଦାନ ଓ ଡିଏମଆରଟି ଇଣ୍ଟର୍ଣ୍ଣସିପ୍ ଛାତ୍ରଙ୍କ ଷ୍ଟାଇପେଣ୍ଡ ବୃଦ୍ଧି ଆଦି ବିଷୟରେ ଆଲୋଚନା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବରିଷ୍ଠ ରେଡିଓଗ୍ରାଫର ନିର୍ମଳ କୁମାର ମୋହିନୀ, ରଶ୍ମିତା ପାଣିଗ୍ରାହୀ, ଶ୍ରୀବାତ୍ ଆଚାର୍ଯ୍ୟ, ଅନିଲ ସେଠୀ, ମହେଶ୍ୱର ବିଶ୍ୱ, ଜି.ସଂଗ୍ରାମ ଦୋରା, ସୋମନାଥ ବରାଦ, ସ୍ମରଣି ପଣ୍ଡା, ଭଜାରାମ ପ୍ରଧାନ, ଦେବବ୍ରତ ନାୟକ, ଆଶିଷ କୁମାର, ଜିତେନ୍ଦ୍ର ନେପାକ, ମାମାଲି ମଧୁସ୍ମିତା ପ୍ରିୟଦର୍ଶିନୀ, ସରିତା ପ୍ରଧାନ, ଇତିଶ୍ରୀ ନାୟକ, ଏସ୍. ମେଘା, ବାବୁଲା କୁମାର ଦାସ, ଅଜିତ ସାମନ୍ତରାୟ, ସଚିନ କୁମାର ନାୟକ, ଦିନବନ୍ଧୁ ଦାସ, ଆଲୋକ ସ୍ୱାଇଁଙ୍କ ସମେତ ଅବସରପ୍ରାପ୍ତ ରେଡିଓଗ୍ରାଫର ଗୋକୁଳ ଚନ୍ଦ୍ର ତ୍ରିପାଠି, ପ୍ରଫୁଲ୍ଲ କୁମାର ଦାସ, ସଦାନନ୍ଦ ବେହେରା, ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ହରିଣ ସୁରକ୍ଷା




ବ୍ରହ୍ମପୁର,୨।୧୨(ସମିସ): ଚନ୍ଦ୍ରଭାଗା କୋଣାର୍କରେ ଅନୁଷ୍ଠିତ ଆର୍ନ୍ତଜାତୀୟ ବାଲୁକା କଳା ମହୋତ୍ସବରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଯୋଗ ଦେଇଛନ୍ତି। ସେ ଏଠାରେ ଗଞ୍ଜାମର ହରିଣ ସୁରକ୍ଷା ଉପରେ ବାଲୁକା କଳା ମାଧ୍ୟମରେ ସଚେତନ ବାର୍ତ୍ତା ପ୍ରଦାନ କରିଛନ୍ତି। ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ହରିଣର ସୁରକ୍ଷା ଦିଗରେ ଯୁବପିଢି ଆଗେଇ ଆସିବାକୁ ସେ ସଚେତନ କରିଛନ୍ତି।

### ■ ସିଟିଭିଏସ୍ ବିଭାଗକୁ ନେଇ ଗର୍ବିତ ଏମ୍‌କେସିଜି

# ସଫଳ ହୋଇଛି ୧୦ ଓପନ୍ ହାର୍ଟ ଓ ବାଇପାସ୍ ସର୍ଜରୀ



ବ୍ରହ୍ମପୁର,୨।୧୨(ସମିସ): ଏମ୍‌କେସିଜି ମେଡ଼ିକାଲ ସିଟିଭିଏସ୍ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୦ଟି ଓପନ ହାର୍ଟ ସର୍ଜରୀ ଓ ବାଇପାସ୍ ସର୍ଜରୀ କରାଯାଇଥିବା ବେଳେ ସମସ୍ତ ସର୍ଜରୀ ସଫଳ ହୋଇଛି। ଏହା ସହ ଅସ୍ତ୍ରୋପଚାର ପରେ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରି ସୁସ୍ଥ ଓ ନିରାମୟ ଜୀବନଯାପନ କରୁଛନ୍ତି। ବିଭାଗର ଏଭଳି ସଫଳତାକୁ ନେଇ ବିଭାଗୀୟ ମୁଖ୍ୟ ଆସୋସିଏଟ ପ୍ରଫେସର ଡା. ସାରଦା ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା.ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ, ପ୍ରଫେସର ଡା. ସୁରେଶ ଚନ୍ଦ୍ର ମିଶ୍ର, କାଡ଼ରିଓଲୋଜି ବିଭାଗ ମୁଖ୍ୟ ଡା. ଛବି ଶତପଥୀ, ନିଶ୍ଚେତକ ବିଭାଗ ମୁଖ୍ୟ ଡା. ଏସ୍. ସଞ୍ଜୀବ ପାତ୍ର ଓ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଆଗାମୀ ଦିନରେ ଏହି ସଂଖ୍ୟାରେ ବୃଦ୍ଧି ପାଇବାର ଆଶା ରଖାଯାଇଛି। ସରକାର ଓ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ମୁତାବକ ସମସ୍ତ ସୁବିଧା ଓ ସହଯୋଗ ପ୍ରଦାନ କରାଯାଉଥିବାରୁ ଏହା ମେଡ଼ିକାଲ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା ସହ ସିଟିଭିଏସ ବିଭାଗକୁ ନେଇ ଏମ୍‌କେସିଜି ମେଡ଼ିକାଲ ଗର୍ବିତ ବୋଲି ଅତିଥିମାନେ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଭିତ୍ତିଭୂମି ସହ ମାନବସମ୍ବଳ ଅଭାବ କାରଣରୁ ରୋଗୀଙ୍କୁ କଟକ ରେଫର କରିବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସେଥିରେ ପୂର୍ଣ୍ଣଛେଦ ପଡ଼ିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରାଂଶ ସହ ମାନବ ସମ୍ବଳ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏକ୍‌ମୋ ଚିକିତ୍ସା ପଦ୍ଧତି ସହ ମିନିମାଲ ଲାପ୍ରୋସ୍କପିକ ସର୍ଜରୀ ୟୁନିଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗୀୟ ମୁଖ୍ୟ ଡା. ସାହୁ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ବେରିୟନ ସ୍ୱାଇଁ, ଡା. ଜଗଦୀପ ନାୟକଙ୍କ ସମେତ ବିଭାଗର ବହୁ ଡାକ୍ତର ଓ ନର୍ସିଂ ଅଫିସର ଉପସ୍ଥିତ ଥିଲେ।

## ଜାତୀୟ ପ୍ରତିଯୋଗିତାରୁ ବାଦ୍ ପଡ଼ିଲେ ସ୍ୱର୍ଣ୍ଣ ପଦକ ବିଜେତା




- ଦାୟିତ୍ୱରୁ ଦୂରେଇଗଲା ସ୍କେଟିଂ ସଂଗଠନ
- ଅଭିଭାବକ ମହଲରେ ଅସନ୍ତୋଷ, ପ୍ରତିଯୋଗିତା ବୟକଟ୍ କରିବାକୁ ପ୍ରତିଯୋଗୀଙ୍କୁ ଅପିଲ୍

ବ୍ରହ୍ମପୁର,୨।୧୨(ସମିସ): ବ୍ରହ୍ମପୁର ସ୍କେଟିଂ ଏକାଡେମୀ ଏବଂ ଓଡିଶା ରୋଲର୍ ସ୍କେଟିଂ ଆସୋସିଏସନ୍‌ର ଦ୍ୱନ୍ଦ ମଧ୍ୟରେ ବଳି ପଡ଼ିଛନ୍ତି ରାଜ୍ୟସ୍ତରୀୟ ସ୍ୱର୍ଣ୍ଣ ପଦକ ବିଜେତା ସ୍କେଟର। ଏହି ଖେଳାଳି ଜଣକ ହେଲେ ବ୍ରହ୍ମପୁର ସହରର ଶାନାୟା ସମୃଦ୍ଧି ସାହୁ। ଆସନ୍ତା ୫ରୁ ୧୫ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାରେ ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ଏହି ତାଲିକାରେ ଉପୋରୋକ୍ତ ଖେଳାଳିଙ୍କ ନାଁ ନଥିବା ଅଭିଯୋଗ ହୋଇଛି। ଏନେଇ ସ୍କେଟରଙ୍କ ପରିବାର ଲୋକେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଓଡିଶା ରୋଲର୍ ସ୍କେଟିଂ ଆସୋସିଏସନ୍ ଭୁବନେଶ୍ୱର ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଗତ ନଭେମ୍ବର ୨୨ ଏବଂ ୨୩ ଦୁଇଦିନିଆ ୧୬ତମ ଓଡିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ରୋଲର୍ ସ୍କେଟିଂ ଏକାଡେମୀର ବିଭିନ୍ନ ବର୍ଗରେ ୨୧ଜଣ ସ୍କେଟର ସ୍ୱର୍ଣ୍ଣପଦକ ହାସଲ କରି ରାଜ୍ୟସ୍ତରରେ ଗୌରବ ଅର୍ଜନ କରିଥିଲେ। କିନ୍ତୁ ପରିତାପର ବିଷୟ ହେଉଛି, ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ୨୦ ଜଣ ପ୍ରତିଯୋଗୀଙ୍କ ନାମ ଗୁଗଲ୍ ଫର୍ମ ଜରିଆରେ ପଞ୍ଜିକୃତ ହୋଇଥିବା ବେଳେ ୧୯ ଜଣଙ୍କୁ ହିଁ ଅନୁମତି ମିଳିଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ଶାନାୟାଙ୍କ ନାମକୁ ତାଲିକାରେ ସ୍ଥାନ ଦିଆଗଲାନି ତାହା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ବ୍ରହ୍ମପୁର ସ୍କେଟିଂ ଏକାଡେମୀ କର୍ତ୍ତୃପକ୍ଷ କହିଛନ୍ତି ଯେ, ଶାନାୟା ସମୃଦ୍ଧି ସାହୁଙ୍କ ଗୁଗୁଲ୍ ଫର୍ମରେ ସଠିକ୍ ଭାବରେ ଜାତୀୟ ପ୍ରତିଯୋଗୀତାରେ ସାମିଲ ପାଇଁ ପଞ୍ଜୀକରଣ ହୋଇଥିଲା। ତେବେ ଏଥିରେ ସ୍ଥାନ ନଦେବାରୁ ସେ ଏବଂ ତାଙ୍କ ପରିବାର ଖୁବ୍ ନିରାଶ ହୋଇଛନ୍ତି। ଓଡିଶା ରୋଲର ସ୍କେଟିଂ ଏକାଡେମୀ (ଭୁବନେଶ୍ୱର) ପଦାଧିକାରୀଙ୍କୁ ଯୋଗାଯୋଗ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ତୁରନ୍ତ ଏହି ସ୍ୱର୍ଣ୍ଣ ପଦକଧାରୀ ସ୍କେଟରଙ୍କୁ ଜାତୀୟ ସ୍ତରରେ ଖେଳିବାର ସୁଯୋଗ ଦେବାକୁ ତାଙ୍କ ପରିବାର ଲୋକେ ଦାବି କରିଛନ୍ତି।

### ବ୍ରହ୍ମପୁର ରାସ୍ତାରେ ଗଡୁଛି ବେନିୟମ ଗାଡ଼ି, କିଏ ନେବ କାର୍ଯ୍ୟାନୁଷ୍ଠାନ?

# ବାଇକ୍‌ରେ ସଂଯୋଗ କରାଯାଉଛି ଅତିରିକ୍ତ ବ୍ୟବସାୟିକ ଯାନ




**ବଢୁଛି ଦୁର୍ଘଟଣା ଆଶଙ୍କା**

ବ୍ରହ୍ମପୁର,୨।୧୨(ସମିସ): ଜନଗହଳିପୂର୍ଣ୍ଣ ବ୍ରହ୍ମପୁରର ରାଜରାସ୍ତାରେ ଗଡୁଛି ବେନିୟମ ତଥା ଅନେକ ବିଚିତ୍ର ଯାନ। ଯଦ୍ୱାରା ଯେକୌଣସି ମୂହୁର୍ତ୍ତରେ ସଡକ ଦୁର୍ଘଟଣାର ଆଶଙ୍କା ଉପୁଜିଛି। ଏଭଳି ଯାନବାହାନକୁ ବ୍ୟବସାୟୀକ କ୍ଷେତ୍ରରେ ନିୟୋଜିତ କରି ଅର୍ଥ ଉପାର୍ଜନ କରୁଛନ୍ତି କିଛି ବ୍ୟବସାୟୀ। ତେବେ ସବୁଠାରୁ ବଡକଥା ହେଲା ଏଭଳି ବେଆଇନ ବା ଅଣପଞ୍ଜୀକୃତ ଗାଡି ପ୍ରତି କାହାରି ନଜର ପଡୁନଥିବା ବେଳେ ଅନେକ ସମୟରେ ସମସ୍ତେ ସବୁ ଦେଖି ନଜାଣିବା ଭଳି ଅଭିନୟ ମଧ୍ୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ବିପଦପୂର୍ଣ୍ଣ ଯାନବାହାନକୁ ଯାଞ୍ଚ କରିବା କାହାର ଦାୟିତ୍ୱ ପରିବହନ ବିଭାଗ ନାଁ ପୁଲିସ ବିଭାଗର ତାକୁ ନେଇ ଉଠିଛି ପ୍ରଶ୍ନ। କାରଣ ସହରରେ ଦେଖିବାକୁ ମିଳୁଥିବା ଏଭଳି ଗାଡ଼ିଗୁଡ଼ିକର ଫିଟ୍‌ନେସ ସାର୍ଟିଫିକେଟ କିମ୍ବା ପ୍ରଦୂଷଣ ଅଥବା ନମ୍ବର ପଞ୍ଜିକରଣ ହୋଇନଥିବା ଜଣାପଡିଛି। କାରଣ ମୋଟର ସାଇକେଲ ଗୁଡିକରେ ଅତିରିକ୍ତ ଚକ ଲାଗିଥିବା ବ୍ୟବସାୟିକ ଷ୍ଟଲ୍ ସଂଯୋଗ କରାଯାଇଛି। ଏଭଳି ଗାଡ଼ିକୁ ନେଇ କେତେକ ବ୍ୟକ୍ତି ଭଡ଼ାସୂତ୍ରରେ ଦେଇ ବ୍ୟବସାୟ କରୁଥିବ। ବେଳେ ଏଗୁଡିକୁ ନେଇ ମଧ୍ୟ ଅନେକ ଭ୍ରାମ୍ୟମାଣ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ସହରରେ ଏଭଳି ପ୍ରାୟ ୫୦ରୁ ଅଧିକ ଗାଡ଼ି ବିଭିନ୍ନ ଫୁଡ ବଜାରରେ ଲାଗିଥିବା ଦେଖିବାକୁ ମିଳିଛି। ରାସ୍ତାକଡ଼ରେ ଠେଲାଦୋକାନ ଉପରେ ବିଏମ୍‌ସି ପକ୍ଷରୁ କଟକଣା ଜାରି କରାଯାଇଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ବ୍ୟବସାୟୀମାନେ ଏଭଳି ଗାଡ଼ି ନିର୍ମାଣ କରିଥିବା ଜଣାପଡିଛି।

ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ସହରରେ ମୋଟର ଚାଳିତ ପଟ୍ଟା ରିକ୍ସା ଚାଲୁଥିବା ବେଳେ ବର୍ତ୍ତମାନ ଏଭଳି ଯାନବାହାନ ମଧ୍ୟ ନଜରକୁ ଆସିଲାଣି। ଏଭଳି ବେଆଇନ ଯାନବାହାନ ରାସ୍ତାରେ ଗଡ଼ିଲେ ଯେକୌଣସି ମୂହୂର୍ତ୍ତରେ ସଡ଼କ ଦୁର୍ଘଟଣା ଆଶଙ୍କା ରହିଛି। ଏଣୁ ଏଭଳି ଯାନବାହାନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରିବା ସହିତ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



## ବଚସାରୁ ଆକ୍ରମଣ; ଜଣେ ମୃତ

ରାଇକିଆ,୨।୧୨(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ପାଙ୍ଗାନାଜୁ ଗ୍ରାମରେ କାଠ ଫାଳିଆ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ପ୍ରମୋଦ ପ୍ରଧାନ। ତାଙ୍କ ଘର ପାଜିମାହା ଗ୍ରାମରେ। ସେ ପାଙ୍ଗାନାଜୁ ଗ୍ରାମର ଲଳିତ ପ୍ରଧାନଙ୍କ ଘରେ ରହି ସେ କାମ କରୁଥିଲେ। କୌଣସି କାରଣକୁ ନେଇ ଲଳିତ ଏବଂ ପ୍ରମୋଦଙ୍କ ମଧ୍ୟରେ ବଚସା ହୋଇଥିଲା। ଲଳିତ ଉତ୍ତ୍ୟକ୍ତ ହୋଇ କାଠ ଫାଳିଆରେ ଆକ୍ରମଣ କରିବାରୁ ପ୍ରମୋଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତକଙ୍କ ଭାଇ ନରେଶ ପ୍ରଧାନଙ୍କ ଏତଲା କ୍ରମେ ରାଇକିଆ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ମୃତ ନବଜାତକ ଉଦ୍ଧାର

ରାୟଗଡ,୨।୧୨(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ମଙ୍ଗଳବାର ସକାଳେ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର ହୋଇଛି। ସକାଳେ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷାକର୍ମୀ ନବଜାତ ଶିଶୁପୁତ୍ରକୁ କେହି ଫିଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସବିର ବଳଙ୍କୁ ଜଣାଇଥିଲେ। ଖବର ପାଇ ରାୟଗଡ଼ ଥାନା ଅଧିକାରୀ କମଳା ଚୌଧୁରୀ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟାଳୟକୁ ପଠାଇଥିବା ଜଣାପଡ଼ିଛି। ଜନ୍ମିତ ଶିଶୁକୁ କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

■ ଆଉ ପାଦେ ଆଗେଇଲା ଶୀତ ମହୋତ୍ସବ ପ୍ରସ୍ତୁତି

## ବ୍ଲକ ତରଫରୁ ଡକାଗଲା ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୨।୧୨(ସମିସ): ରାଜ୍ୟର ସବୁଠାରୁ ଥଣ୍ଡା ସହରରେ ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ସୋମବାର ଏଥିପାଇଁ କମିଟି ଗଠନ କରାଯାଇଥିବା ବେଳେ ମଙ୍ଗଳବାର ବ୍ଲକ ତରଫରୁ ଆସନ୍ତା ୫ ତାରିଖରେ ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ କରିବାକୁ ସବୁ ବିଭାଗକୁ ଚିଠି କରାଯାଇଛି। ଏଥିଯୋଗୁ ଜି.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ଆଶା ଉଜ୍ଜ୍ୱଳ ହୋଇଛି। ଜି.ଉଦୟଗିରି ଏବେ ରାଜ୍ୟରେ ଶୀତଳତମ ସହର ଭାବେ ପରିଗଣିତ ହୋଇ ଆସୁଥିବା ବେଳେ ଶୀତ ମହୋତ୍ସବ ପାଇଁ ଦାବି ହେଉଛି। ନିକଟରେ ଜିଲ୍ଲାପାଳ ହବାକ୍ ହାଇସ୍କୁଲ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାକୁ ଆସିଥିବା ବେଳେ ଶୀତ ମହୋତ୍ସବ ପାଇଁ ସବୁଜ ସଂକେତ ଦେଇଥିଲେ। ୫ ତାରିଖରେ ପ୍ରସ୍ତୁତି ବୈଠକରେ ଯୋଗ ଦେବାକୁ ବ୍ଲକ ଏବଂ ଏନଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ତହସିଲଦାର, ବିଦ୍ୟୁତ ବିଭାଗ, ସମସ୍ତ ସରପଞ୍ଚ, କାଉନସିଲର, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ପୁଲିସ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନବିଭାଗ, ଅଗ୍ନିସେବା ବିଭାଗ, ଅଟୋ ସଂଘ, ସମସ୍ତ ଧାର୍ମିକ ସଂଗଠନ, ସମସ୍ତ ରାଜନୈତିକ ଦଳ ଆଦି ବିଭିନ୍ନ ବିଭାଗକୁ ନିମନ୍ତ୍ରଣ କରାଯାଇଛି।

● ନାବାଳିକା ଦୁଷ୍କର୍ମ ମାମଲା

## ସୁଧାର ଗୃହ ଗଲା ସମ୍ପର୍କୀୟ ନାବାଳକ ଭାଇ

ଫିରିଙ୍ଗିଆ,୨।୧୨(ସମିସ): ଫିରିଙ୍ଗିଆ ଥାନା ଅଞ୍ଚଳରେ ହୋଇଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନାବାଳକକୁ ପୁଲିସ ଧରିଛି। ନାବାଳକ ହୋଇଥିବାରୁ ତାକୁ ରାଉରକେଲାରେ ଥିବା ଜୁଭେନାଲ ହୋମ୍‌କୁ ପଠାଯାଇଛି। ଫିରିଙ୍ଗିଆ ଥାନା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ସମ୍ପର୍କୀୟ ନାବାଳକ ଭାଇ ଘରେ ପଶି ଦୁଷ୍କର୍ମ କରିଥିଲା। ଏସମ୍ପର୍କରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଘଟଣାର ୨ ଦିନ ମଧ୍ୟରେ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲା। ମଙ୍ଗଳବାର ଅଭିଯୁକ୍ତ ନାବାଳକକୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ନାବାଳକକୁ ରାଉରକେଲାରେ ଥିବା ଜୁଭେନାଲ ହୋମକୁ ପଠାଇ ଦିଆଯାଇଥିବା ତଦନ୍ତ ଦାୟିତ୍ୱରେ ଥିବା ଏସ୍‌ଆଇ ଦୀପକ ରାଉତ ସୂଚନା ଦେଇଛନ୍ତି।

## ଦୀର୍ଘଦିନ ପରେ ଖୋଲିଲା କାଫେ



ଜି.ଉଦୟଗିରି,୨।୧୨(ସମିସ): ଜି.ଉଦୟଗିରି ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେ ଦୀର୍ଘଦିନ ବ୍ୟବଧାନ ପରେ ମଙ୍ଗଳବାର ଦିନ ଖୋଲିଛି। ଦୀର୍ଘଦିନ ବନ୍ଦ ହେବା ଦ୍ୱାରା ମିଶନ ଶକ୍ତି କାଫେ ଉପରେ ନିର୍ଭର କରୁଥିବା ବ୍ଲକ କର୍ମଚାରୀ ଏବଂ ବ୍ଲକକୁ ଆସୁଥିବା ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ।

ସମାଧାନ ହେବ ଦୀର୍ଘଦିନର ଯାତାୟାତ ସମସ୍ୟା

# ବିବାଦୀୟ ଚନ୍ଦନଖଳା ରାସ୍ତା ନିରୀକ୍ଷଣ କଲେ ଉପଜିଲ୍ଲାପାଳ





ପାରଳାଖେମୁଣ୍ଡି,୨।୧୨(ସମିସ):

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଚନ୍ଦନଖଳା ଗ୍ରାମ୍ୟ ରାସ୍ତାର ନିରୀକ୍ଷଣ କରିଛନ୍ତି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା। ବିବାଦ ଯୋଗୁ ରାସ୍ତା ଓ କେନାଲ ନିର୍ମାଣ ହୋଇପାରୁ ନ ଥିବାକୁ ନେଇ ଅଞ୍ଚଳବାସୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସୂଚନା ଯୋଗ୍ୟ ଯେ, ଚନ୍ଦନଖଳା ଗ୍ରାମକୁ ରାସ୍ତା ରହିଥିଲେ ମଧ୍ୟ ପ୍ରାୟ ୭୦୦ ମିଟର ରାସ୍ତା ବିବାଦରେ ରହିଛି। ଏଥିପାଇଁ ଦୀର୍ଘବର୍ଷ ହେଲା ୭୦୦ ମିଟର ମାଟି ରାସ୍ତା ପକ୍କା ରାସ୍ତା ହୋଇପାରୁନି। କିଛିଦିନ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଟେଣ୍ଡର ଡକାଯାଇ ରାସ୍ତାକାମ ନିମନ୍ତେ ପ୍ରସ୍ତୁତି କରାଯାଇଥିଲା। ହେଲେ ବେସରକାରୀ ଜମି ଓ କେନାଲକୁ ନେଇ ଚନ୍ଦନଖଳା ଓ ପାଟିକୋଟା ଗ୍ରାମାଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ରହିଥିବାରୁ ପକ୍କା ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ରାସ୍ତା ନିର୍ମାଣ ପାଇଁ ଗୋଷାଣି ବ୍ଲକର ଚନ୍ଦନଖଳା ସମେତ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳବାସୀ ଦାବି କରିଆସୁଛନ୍ତି। ସେହପରି ପାଟିକୋଟା ଗ୍ରାମବାସୀ କ୍ଷୁଦ୍ର ଜଳସେଚନ ବିଭାଗର ଏକ କେନାଲକୁ ନିଜ ଗ୍ରାମ ପର୍ଯ୍ୟନ୍ତ ଆଣିବା ପାଇଁ ଦାବି କରୁଛନ୍ତି। ଏପରି ବିବାଦ ଯୋଗୁ ଉଭୟ କେନାଲ ଓ ୭୦୦ମିଟର ରାସ୍ତା ନିର୍ମାଣ ହୋଇପାରୁନି। ଫଳରେ ଗୋଷାଣି ଓ ଗୁମ୍ମା ବ୍ଲକକୁ ସଂଯୋଗ କରୁଥିବା ଚନ୍ଦନଖଳା ରାସ୍ତାର ମାତ୍ର ୭୦୦ମିଟର ରାସ୍ତା ହୋଇପାରୁନଥିବାରୁ ଗମନାଗମନରେ ନାହିଁ ନଥିବା ସମସ୍ୟା ଉପୁଜୁଛି। ଏହି ଦୁଇ ବ୍ଲକର ୫ରୁ ଅଧିକ ଗ୍ରାମାଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଜରୁରୀ ପରିସ୍ଥିତି କିମ୍ବା ଧାନବିକ୍ରି ଆଦି କାର୍ଯ୍ୟ ପାଇଁ ଯିବାଆସିବା କଷ୍ଟକର ହୋଇପଡୁଛି। ଏନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ଏପରିକି ଲୋକେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଭୋଟ ବର୍ଜନ ଚେତାବନୀ ମଧ୍ୟ ଦେଇଥିଲେ। ପାଟିକୋଟା ଗ୍ରାମବାସୀ ଚନ୍ଦନଖଳା ଗ୍ରାମ ପର୍ଯ୍ୟନ୍ତ ରହିଥିବା ଗଜପତି ସାଗର କେନାଲକୁ ସଂପ୍ରସାରଣ କରି ନିଜ ଗ୍ରାମାଞ୍ଚଳରେ ଥିବା ଚାଷଜମିକୁ ଜଳସେଚନର ସୁବିଧା ପାଇଁ ଦାବି କରିଆସୁଛନ୍ତି। ହେଲେ ୭୦୦ମିଟର ରାସ୍ତାର ଉଭୟ ପାର୍ଶ୍ୱର୍ରେ ବେସରକାରୀ ଜମି ରହିଥିବା ଯୋଗୁ ପ୍ରଶାସନ କି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଅଛି। ୭୦୦ମିଟର ଅଣଓସାରିଆ ରାସ୍ତାକୁ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଜିଲ୍ଲାପରିଷଦ ଫଣ୍ଡରୁ ବର୍ତ୍ତମାନ ୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ରାସ୍ତା କାମ ଆଗେଇ ପାରୁନଥିବା ଯୋଗୁଁ ପୁଣି ବିବାଦ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲପାଳ ଶ୍ରୀ ପଣ୍ଡାଙ୍କ ସମେତ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ନିରୀକ୍ଷଣ କରିଥିଲେ। ନିରୀକ୍ଷଣ ବେଳେ ଉଭୟ ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ରହି ବିସ୍ତୃତ ଭାବେ ଆଲୋଚନା କରିଥିଲେ।

**ଅଞ୍ଚଳବାସୀ ଓ ଜମି ମାଲିକଙ୍କ ସହ ଆଲୋଚନା**

ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗୋଷାଣି ବ୍ଲକର ଚନ୍ଦଖଳା ଓ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମକୁ ଯିବା ପାଇଁ ରାସ୍ତା ରହିଥିଲେ ମଧ୍ୟ ବେସରକାରୀ ଜାଗା ଅଞ୍ଚଳରେ ରାସ୍ତା ଅଣଓସାରିଆ ହୋଇପଡିଛି। ଫଳରେ ଲୋକଙ୍କ ଯାତାୟତରେ ସମସ୍ୟା ଦେଖାଦେଇଛି। ଏନେଇ ଉଭୟ ଗ୍ରାମବାସୀଙ୍କ ଆପୋଷ ବୁଝାମଣା ପରେ ଉଭୟ କେନାଲ ଓ ରାସ୍ତା ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି। ସେହିପରି ଜମି ମାଲିକଙ୍କୁ ଡକାଯାଇ ସେମାନଙ୍କ ଲିଖିତ ସହମତି ଦେବାପରେ ବିନା ବିବାଦରେ ଏହି କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି। ଏପରି ବିବାଦ ବର୍ଷ ବର୍ଷ ଧରି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ବାହାରିପାରୁନି। ଲୋକେ ଚନ୍ଦନଖଳା ଗ୍ରାମ୍ୟ ରାସ୍ତାର ଅଣ ଓସାରିଆ ୭୦୦ ମିଟର ରାସ୍ତା ଅତିକ୍ରମ କରିବା ପାଇଁ ଭୟଭୀତ ହୋଇପଡୁଛନ୍ତି। ମାଟି କର୍ଦ୍ଦମାକ୍ତ ରାସ୍ତା ସାଙ୍ଗକୁ ଖାଲଖମାରେ ପରିଣତ ହୋଇପଡିଛି। ଏହି ରାସ୍ତାରେ ଚାରିଚକିଆ ଯାନ କଥା ଛାଡ଼ ଦୁଇଚକିଆ ବି ଯିବା ମୁସ୍କିଲ ହୋଇପଡୁଛି।

## ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପାରଳାଖେମୁଣ୍ଡି,୨।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ଆଜି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ଛାତ୍ରମାନେ ପ୍ରଥମେ ସହରର ନୀଳା ମା' ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କଲାପରେ କ୍ରୀଡ଼ା ମଶାଲ ଧରି ସହର ପରିକ୍ରମା କରି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଖେଳ ପଡ଼ିଆରେରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷୟିତ୍ରୀ ମନୋଲିସା ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ପାତ୍ର ଛାତ୍ରଙ୍କୁ ଖେଳୁଆଡ ମନୋଭାବ ନେଇ ଖେଳି ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଆଣିବାକୁ କହିଥିଲେ। ଏହି ପ୍ରତିଯୋଗିତା ଆସନ୍ତାକାଲି ମଧ୍ୟ ଜାରି ରହିବ। ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ ସହ ଲମ୍ବକୁଦ, ଉଚ୍ଚକୁଦ, କବାଡି, ଭଲିବଲ, ଖୋକୋ ଓ କ୍ରିକେଟ ପ୍ରତିଯୋଗିତା ହେବ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅନ୍ୟ କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିଲେ।

## ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

ଜି.ଉଦୟଗିରି,୨।୧୨(ସମିସ): ଜି.ଉଦୟଗିରି ବ୍ଲକ ତଲାରିମାହା ପଞ୍ଚାୟତ ବାଲୁମାହା ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଲୁଜରାମୁଣ୍ଡା ଓ କେଞ୍ଚାଗୁଡ଼ା ଗ୍ରାମର ରବି ଚନ୍ଦ୍ର ପ୍ରଧାନ ଓ ଅର୍ଜୁନ କହଁର ଦୁର୍ଗାପ୍ରସାଦ ରୁ ନିଜ ଗ୍ରାମକୁ ବାଇକରେ ଫେରୁଥିବା ବେଳେ ଭଞ୍ଜନଗର ବାଉଁଶଲୁଣ୍ଡି ଗ୍ରାମର ଘନଶ୍ୟାମ ବେହେରା ଟିକାବାଲିରୁ ଭଞ୍ଜନଗର ବାଇକରେ ଫେରୁଥିବା ବେଳେ ବାଲୁମାହା ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ପଛରେ ବସିଥିବା କେଞ୍ଚାଗୁଡ଼ା ଗ୍ରାମର ଅର୍ଜୁନ କହଁର( ୭୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୁରୁତର ଦୁଇ ଆହତଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି।

## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

ଫିରିଙ୍ଗିଆ,୨।୧୨(ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଷ୍ଟେଟ ବ୍ୟାଙ୍କ ଶାଖାରେ ସଞ୍ଚୟ ଖାତା ଖୋଲି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମାରେ ଟଙ୍କା ବାନ୍ଧି ବୀମା କରିଥିବା ୨ଜଣ ବୀମାଧାରୀଙ୍କ ମୃତ୍ୟୁ ପରେ ତାଙ୍କ ନୋମିନିକୁ ବୀମା ରାଶି ପ୍ରଦାନ କରାଯାଇଛି।




ସୂଚନା ଅନୁସାରେ, ଫିରିଙ୍ଗିଆ ଷ୍ଟେଟ ବ୍ୟାଙ୍କ ଶାଖାରେ ପବିଙ୍ଗିଆ ପଞ୍ଚାୟତ ଲାମପଦର ଗାଁର ଗୁଲା ମଲିକ ଏବଂ ପଲାବୃଡ଼ି ପଞ୍ଚାୟତ ମୁସେଲିପଙ୍ଗା ଗାଁର ଜିରା କହଁରଙ୍କ ସଞ୍ଚୟ ଖାତା ଥିଲା। ଏଥିରେ ସେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୪୩୬ ଟଙ୍କା ଜମା କରି ବୀମା କରିଥିଲେ। ପରିବାରର ଜଣକୁ ନୋମିନି ମଧ୍ୟ ରଖିଥିଲେ। ଏହି ୨ ବୀମାଧାରୀଙ୍କ ମୃତ୍ୟୁ ପରେ ଫିରିଙ୍ଗିଆ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଉଭୟ ନୋମିନିଙ୍କୁ ବୀମା ଟଙ୍କା ପ୍ରଦାନ କରିଛନ୍ତି। ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ୟାଙ୍କ ଶାଖା ପରିଚାଳକ ବିକାଶ କୁମାର ସାହୁ, ଓଏଲଏମ ସଂଗ୍ରାମ କେଶରୀ ସାହୁ, ଏପିଓ ସୁମନ୍ତ ଉଠାଣ ସିଂ ଏବଂ ବ୍ଲକର ହିସାବ ରକ୍ଷକ ସଦାନନ୍ଦ କହଁରଙ୍କ ଉପସ୍ଥିତରେ ୨ଲକ୍ଷ ଟଙ୍କା ଲେଖାଏଁ ବୀମା ଚେକ୍ ପ୍ରଦାନ କରାଯାଇଛି।

## ଗଞ୍ଜେଇ କଟା ଅଭିଯାନରେ ସାମିଲ ହେଲେ ଏସ୍‌ପି

ଫିରିଙ୍ଗିଆ,୨।୧୨(ସମିସ): ଗଜପତି ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ସପ୍ତମ ଦିନରେ ପହଞ୍ଚିଛ। ଆଜି ଗୋଛାପଡା ଥାନା ପାହିରେଜୁ ପଞ୍ଚାୟତର କୁସୁପାଜୁ, ଅଡାବାଲି, ଡେପାକୁପା, ଗାଁର ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବରେ ଲାଗିଥିବା ପ୍ରାୟ ୧୪୭ ଏକର ଗଞ୍ଜେଇ ଗଛକୁ କାଟି ନଷ୍ଟ କରିଛି ପୁଲିସ। କନ୍ଧମାଳ ଏସ୍‌ପି ହରିଶ ବିଶି ନିଜେ ପାହିରେଜୁ ପଞ୍ଚାୟତରେର ଏହି ଅଭିଯାନରେ ସାମିଲ ହୋଇଥିଲେ। ଗଞ୍ଜେଇ କଟା ଅଭିଯାନକୁ ଜାରି ରଖି ବେଆଇନ ଗଞ୍ଜେଇ ଗଛ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ପୁଲିସ ସହ ଅବକାରୀ ବିଭାଗ, ବନ ବିଭାଗକୁ କହିଥିଲେ। ଆବଶ୍ୟକ ପଡ଼ିଲେ ଚାଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।



ନଭେମ୍ବର ୪ରୁ ଆରମ୍ଭ ହୋଇଥିବା ଏହି ଗଞ୍ଜେଇ କଟା ଅଭିଯାନରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪ ହଜାର ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି ଗଞ୍ଜେଇ କଟା ଅଭିଯାନ ଜାରି ରହିବା ସହ ଆବଶ୍ୟକ ପଡିଲେ ଡ୍ରୋନ ବ୍ୟବହାର କରିବା ସହ ସମ୍ପୂର୍ଣ୍ଣ ଗଞ୍ଜେଇ ଗଛ ନଷ୍ଟ କରାଯିବ ବୋଲି ଏସ୍‌ପି କହିଛନ୍ତ। କନ୍ଧମାଳ ଜିଲାରେ ଗଞ୍ଜେଇ ଚାଷୀ ବେଆଇନ ଗଞ୍ଜେଇ ଚାଷ ଛାଡି ଅନ୍ୟ ଚାଷ ଆପଣେଇବାକୁ ନିବେଦନ କରିଥିଲେ। ଏହି ଗଞ୍ଜେଇ କଟା କୁ ନେଇ ଗୋଛାପଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ସହ ଏସଡିପିଓପି ଶୁଭ୍ରଜିତ ବିଶ୍ୱଳ, ଗୋଛାପଡା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା, ଅବକାରୀ ଅଧିକାରୀ, ବନ ବିଭାଗ ସାମିଲ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୁଲିସ ଓ ଯବାନ ସାମିଲ ହୋଇଥିଲେ।

# ନିର୍ମାଣ ହେବ ସମ୍ପର୍କର ସେତୁ; ଦୂର ହେବ ପ୍ରତିବନ୍ଧକ

ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୨।୧୨(ସମିସ):



ନିର୍ମାଣ ହେବ ସମ୍ପର୍କର ସେତୁ। ଦୂର ହେବ ପ୍ରତିବନ୍ଧକ। ଗଜପତି ଜିଲ୍ଲାର ଆନ୍ଧ୍ର ସୀମାବର୍ତ୍ତୀ ଅନେକ ଗ୍ରାମରେ ଏବେ ବି ରହିଆସୁଛନ୍ତି ଅନେକ ଓଡ଼ିଆ ଭାଷାଭାଷୀ ଲୋକେ। ଏଭଳି ଏକ ଗ୍ରାମ ହେଉଛି କାଶୀନଗର ବ୍ଲକ ନିକଟସ୍ଥ ବଂଶଧାରା ନଦୀ ଆରପାରିରେ ଥିବା ଲିବିରି ଗ୍ରାମ। ଏଠାରେ ଅଧିକ ଓଡ଼ିଆ ଭାଷାଭାଷୀ ଲୋକେ ବସବାସ କରୁଛନ୍ତି। ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ତଥା ପାରମ୍ପରିକ ସମ୍ପର୍କ ଓଡ଼ିଶା ସହ ଜଡ଼ିତ। ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତି ରହିଛି ଯଥେଷ୍ଟ ଭଲ ପାଇବା। ମହାରାଜାଙ୍କ ଅବଦାନ ନିମନ୍ତେ ସର୍ବଦା କୃତଜ୍ଞ ବୋଲି କହନ୍ତି ଗ୍ରାମବାସୀ। ଓଡ଼ିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବେଳେ ଚକ୍ରାନ୍ତ କରି ବାଦ୍ ଦିଆଯାଇଥିବା ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀକୁ ସାମିଲ କରିବାକୁ ନିଜ ରାଜ୍ୟର ଅଂଶବିଶେଷ ଭାବେ ଥିବା ଆନ୍ଧ୍ରର ବହୁ ରାଜ୍ୟକୁ ଛାଡ଼ିବାକୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପଡ଼ିଥିଲା। ବଂଶଧାରା ନଦୀ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ସୀମା ଭାବେ ଧାର୍ଯ୍ୟ ହୋଇଥିଲା। ଏହି ସମୟରେ ଅନେକ ଓଡ଼ିଆ ଭାଷାଭାଷୀ ଗ୍ରାମ ନଦୀ ଆରପାରିରେ ରହି ଆନ୍ଧ୍ର ପ୍ରଦେଶର ସାମିଲ ହୋଇଯାଇଛି। ସେସବୁ ମଧ୍ୟରୁ ଏହି ଲିବିରି ଗ୍ରାମ ଅନ୍ୟତମ। ଓଡ଼ିଆଙ୍କ ସମସ୍ତ ଇଷ୍ଟ ଦେବାଦେବୀଙ୍କୁ ଗ୍ରାମବାସୀ ପୂଜା କରିଆସୁଛନ୍ତି। ପାରଳାଖେମୁଣ୍ଡି ସହ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ଲାଗି ରହିଛି।

ଏପରି ସମୟରେ ଗତ ଅଗଷ୍ଟ ମାସରେ ପାରଳା ବିଧାୟକ ଇଂ ରୁପେଶ ପାଣିଗ୍ରାହୀଙ୍କୁ ଏଠାକାର ଏକ ମନ୍ଦିର ପ୍ରତିଷ୍ଠା ସମୟରେ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରିଥିଲେ ଗ୍ରାମବାସୀ। ବିଧାୟକ ଲିବିରି ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଓଡ଼ିଶା ସହ ଗମନାଗମନର ସୁବିଧା ପାଇଁ କାଶୀନଗର ବଥବାକୁ ଲିବିରି ସହ ସଂଯୋଗ କରି ବଂଶଧାରା ନଦୀ ଉପରେ ଏକ ପୋଲ ପାଇଁ ଅନୁରୋଧ କରିଥିଲେ। ବିଧାୟକ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଏନେଇ ୧୯ ସେପ୍ଟେମ୍ବର ପତ୍ର ମାଧ୍ୟମରେ ପ୍ରସ୍ତାବ ଦେଇଥିଲେ ଏବଂ ଏହାକୁ କାର୍ଯ୍ୟକାରୀ କରିବାକୁ ବାରମ୍ବାର ବିଭାଗ ସହ ଆଲୋଚନା କରିଥିଲେ। ଆଜି ରାଜ୍ୟ ସରକାର ୪୬୦ ମିଟର ବିଶିଷ୍ଟ ପୋଲ ନିର୍ମାଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିବା ସହ ଅନୁମୋଦନ କରିଛନ୍ତି। ବିଧାୟକଙ୍କ ଉଦ୍ୟମରେ ଏହା ସଫଳ ହେବାକୁ ଯାଉଥିବାରୁ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଗ୍ରାମବାସୀ। ସେହିପରି ଜିଲ୍ଲାର ଗୋଷାଣି ବ୍ଲକର ସବରା-ପଦ୍ମପୁର ଭାୟା ହରିଶ୍ଚନ୍ଦ୍ରପୁର ଗ୍ରାମ ନିକଟରେ ଥିବା ନାଳ ଉପରେ ୩୦ ମିଟର ଦୈର୍ଘ୍ୟର ଏକ ସେତୁ ପାଇଁ ରାଜ୍ୟସରକାର ମୋହର ମାରିଥିବା ଜଣାପଡିଛି। ଅପରପକ୍ଷରେ ବିଜେପିରେ ସାମିଲ ହୋଇଥିବା ପୂର୍ବତନ ବିଜେଡି ବିଧାୟକ ତଥା ବର୍ତ୍ତମାନର ବିଜେପି ରାଜ୍ୟ ସଭାପତି କେ. ନାରାୟଣ ରାଓ ଏହାର ବାହାବା ନେବାକୁ ତରବରିଆ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଏପରି ଘୋଷଣାକୁ ନେଇ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅଞ୍ଚଳରେ ସେତୁ ବିଷୟ ନେଇ ଶ୍ରୀ ରାଓ କେବେ ମଧ୍ୟ ପ୍ରସ୍ତାବିତ ସେତୁ ସମ୍ପର୍କରେ ଆଲୋଚନା କରିନାହାନ୍ତି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ଦୁର୍ଘଟଣାରେ କଲେଜ ଛାତ୍ରର ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ

# ପ୍ରତିବାଦରେ ୪ ହାଇୱାରେ ଲଗାଇଦେଲେ ନିଆଁ

ଜେନାପୁର/କବାଟବନ୍ଧ,୨।୧୨(ସମିସ):

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁରିକଣା-ଡଙ୍କାରୀ ନିକଟରେ ହାଇୱା ଧକ୍କାରେ ଜଣେ କଲେଜ ଛାତ୍ରର ମୃତ୍ୟୁ ହୋଇଛି। ଏହାକୁ କେନ୍ଦ୍ରକରି ସେଠାରେ ଲଙ୍କାକାଣ୍ଡ ଘଟିଛି। ଉତ୍ତ୍ୟେକ୍ତ ଲୋକେ ପ୍ରତିବାଦରେ ୪ଟି ହାଇୱାରେ ନିଆଁ ଲଗାଇ ଦେଇଛନ୍ତି।




ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜିବ ନାୟକ(୧୭) ସକାଳୁ ବାଇକ୍ ଯୋଗେ କଲେଜ ଯାଉଥିବା ବେଳେ କୁରିକଣା ଓ ଡଙ୍କାରୀ ଛକ ମଝିରେ ଥିବା ହମ୍ପସ୍ ପାଖରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସେହି ସମୟରେ ପଛପଟୁ ଆସୁଥିବା କଳାପଥର ବୋଝେଇ ଟ୍ରକ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସଞ୍ଜିବଙ୍କ ମୃତ୍ୟୁ ହୋଇଯାଇଥିଲା। କିଛିଦିନ ପୂର୍ବରୁ ଦୁର୍ଘଟଣାରେ ସଞ୍ଜିବର ମାଆଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣାରେ ପୁଅର ମୃତ୍ୟୁ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ କିଛି ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶବକୁ ରାସ୍ତା ଉପରେ ରଖି ଅବରୋଧ କରିବା ସହ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ନିଆଁ ଲଗାଇ ଦେଇଥିଲେ। ଯେଉଁ କମ୍ପାନୀର ଗାଡ଼ିଟି ଦୁର୍ଘଟଣା ଘଟାଇଥିଲା ସେହି କମ୍ପାନୀର ପଛକୁ ପଛ ଆସୁଥିବା ଆଉ ୩ଟି ହାଇୱାକୁ ମଧ୍ୟ କିଛି ଲୋକ ନିଆଁ ଲଗାଇ ଦେଇଥିଲେ। ଏହି ସୁଯୋଗରେ କମ୍ପାନୀ ସହ ଶତ୍ରୁତା ଥିବା କିଛି ଲୋକମଧ୍ୟ ସାମିଲ ହୋଇ ଦୀର୍ଘ ସମୟ ରାସ୍ତାକୁ ଅବରୋଧ କରିଥିଲେ। ୪ରୁ ଅଧିକ ମୋବାଇଲ ଭାଙ୍ଗିବା ସହ ଏକାଧିକ ଲୋକଙ୍କୁ ଧକ୍କା ମାରି ତଡ଼ି ଦେଇଥିବା ଦେଖାଯାଇଥିଲା। ରହାଡ଼ପୁର ଠାରେ ଥିବା କ୍ରସର ପରିସର ମଧ୍ୟରେ ପଶି ଆତଙ୍କରାଜ ଚଳାଇ ମେସିନ, ସେଠାରେ ଥିବା ଗାଡ଼ି ପ୍ରଭୃତି ଭାଙ୍ଗି ରୁଜି ଦେଇଥିଲେ। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚି ଦୃଶ୍ୟ ଉତ୍ତୋଳନ କରିବା ପାଇଁ ଉଦ୍ୟମ କରିବାରୁ ଉକ୍ତ ଦୁର୍ବୃତ୍ତମାନେ ସାମ୍ବାଦିକମାନଙ୍କ ମୋବାଇଲ ଛଡ଼ାଇ ନେବା ସହ ସେମାନ ବା ସହ ମାଡ଼ ମାରିବା ପାଇଁ ପଛାଇ ନଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଚୁପ୍ ରହି କେବଳ ଦେଖଣାହାରି ସାଜିଥିଲେ। ପରେ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜେନାପୁର ପୁଲିସ ସମେତ ଯାଜପୁର ରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ବାଲିଚନ୍ଦ୍ରପୁର, ବଡ଼ଚଣା ଥାନା ଅଧିକାରୀ ପହଞ୍ଚିଥିଲେ। ଦୀର୍ଘ ପ୍ରାୟ ୫ ଘଣ୍ଟା ପରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝୀ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ଦିଆଯାଇଥିଲା। ଏନେଇ ସଞ୍ଜୀବଙ୍କ ବାପା ଶତ୍ରୁଘ୍ନ ନାୟକ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଘଟଣାସ୍ଥଳରେ ଉତ୍ତେଜନା ଆଶଙ୍କା କରି ଜେନାପୁର ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

## ଶିକ୍ଷକ ସଂଘ ପକ୍ଷରୁ ଦୁଇ ଦଫା ଦାବିପତ୍ର

ସିଂହପୁର,୨।୧୨(ସମିସ): ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ୍ କରି ଲେବୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନ୍ୟାସନାଲ ଇକ୍ରିମେଣ୍ଟ ପ୍ରଦାନ କରି କରି ବିଞ୍ଝାରପୁର ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଞ୍ଝାରପୁର ଏନ୍‌ପିଏସ୍ ଶିକ୍ଷକର ସଭାପତି ମନୋରଞ୍ଜନ ଧଳ, ସମ୍ପାଦକ ମୁକ୍ତିଶ୍ୱର ଯେନା, ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ବୈଦ୍ୟନାଥ ପରିଡ଼ା, ଅନିରୁଦ୍ଧ ରାଉଳଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓ ସତ୍ୟବ୍ରତ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକମାନଙ୍କ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟ ସଂଘ ନେତୃତ୍ୱରେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

## ବିଞ୍ଝାରପୁର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



ବିଞ୍ଝାରପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶିଶିର କୁମାର ନାୟକ, ପ୍ରଧାନ ଶିକ୍ଷକ ଅନାଦି ଚରଣ ସାମଲ, ପଦାର୍ଥ ବିଜ୍ଞାନର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୈତାରୀ ରାଉତ, ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ଏସକେ ନିଜାମୁଦ୍ଦିନ, ଯୋଗଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିବା ବେଳେ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରିଦର୍ଶନ କରିଥିଲେ। ବିଚାରକ ଭାବେ ନାରାୟଣ ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ଦସ, ରାଜେଶ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ବେହେରା, ଲଲାଟେନ୍ଦୁ କେଶରୀ ମହାପାତ୍ର, କଳ୍ପନା ସାମାଦାର, ରତିରଞ୍ଜନ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ସାହୁ ସଂଯୋଜନା କରିଥିବା ବେଳେ ବିସିଜେ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଶ୍ମୀରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

● ସାଂସଦ ଖେଲୋଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଗୋଆ ଓ ଛତିଶଗଡ଼

ଧର୍ମଶାଳା,୨।୧୨(ସମିସ): ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ-୨୦୨୫ ଆନୁକୂଲ୍ୟରେ ଚାଲିଥିବା ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚ ଗୋଆ ଓ ଗୁଜୁରାଟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୋଆ ଦଳ ପ୍ରଥବେ ବ୍ୟାଟିଂ କରି ୫ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିଖଲେଶ ୩୧ ଓ ଶୁରେଶ ୨୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଗୁଜୁରାଟ ଦଳର ସୁବାସ ୨ଟି ଓ ବିଷ୍ଣୁ ୧ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଜୁରାଟ ଦଳ ବ୍ୟାଟିଂ କରି ୧୪ ଓଭରରେ ୯୯ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ପରାଜୟ ହୋଇଥିଲା। ଦଳ ପକ୍ଷରୁ ହିତେଶ ୩୪ ଓ ଭିମା ୨୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଗୋଆ ଦଳର ନିଖଲେଶ ଓ ମହେଶ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ଦ୍ୱିତୀୟ ମ୍ୟାଚ ଫ୍ଲଡ୍‌ଲାଇଟରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଛତିଶଗଡ଼ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ଉଭୟ ମ୍ୟାଚକୁ ସୁରଥ ପାତ୍ର ଓ ଗୌରୀ ଶଙ୍କର ଜେନା ପରିଚାଳନା କରିଥିଲେ। ସ୍କୋରରେ ଶିବସୁନ୍ଦର ଦାସ ସହାୟତା କରିଥିବା ବେଳେ ବୁବୁ ସିହ୍ନା ଭାଷ୍ୟକାର ଭାବେ ରହିଥିଲେ। ଆସନ୍ତାକାଲି ୩ ତାରିଖରେ ଗୋଆ ଓ ଛତିଶଗଡ଼ ମଧ୍ୟରେ ଫାଇନାଲ ମ୍ୟଚ ଅନୁଷ୍ଠିତ ହେବ ବୋଲି ଅୟୋଜକମାନେ ସୂଚନା ଦେଇଛନ୍ତି।

## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଅଭିଯୋଗ

କୁଆଖିଆ,୨।୧୨(ସମିସ): କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣବାଡ଼ ଗାଁରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ କୈଳାସ ବେହେରାଙ୍କ ସହିତ ପଡ଼ୋଶୀ ଭୀମସେନ ବେହେରା, ବିଶ୍ୱଜିତ୍ ବେହେରା, ରଞ୍ଜିତ ବେହେରା ସମେତ ଅନ୍ୟମାନଙ୍କ ସହିତ ବିବାଦ ରହିଥିଲା। ଗତକାଲି ଭୀମସେନଙ୍କ ସମେତ ଅନ୍ୟ ପଡ଼ୋଶୀ ମାନେ ଏକତ୍ରିତ ହୋଇ ଆସି କୈଳାସଙ୍କ ଘର ସାମ୍ନାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ କୈଳାସଙ୍କ ଝିଅ ନିଜ ମୋବାଇଲରେ ଭିଡିଓ ରେକର୍ଡ କରୁଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ସହିତ ସେଠାରେ କାର୍ଯ୍ୟ କରୁଥିବା ମିସ୍ତ୍ରିମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି।

## ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

ସିଂହପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା କଳା ପରିଷଦ ଓ ଅର୍ଚ୍ଚନା ନୃତ୍ୟ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସିଂହପୁର, ଫତେପୁର, ଘଣ୍ଟିଆଳି ଓ ସାଣନ୍ଦା ଗ୍ରାମରେ ସାପ କାମୁଡ଼ିବାକୁ ନେଇ ପାରମ୍ପରିକ ଲୋକକଳା ନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁ ତଥା ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଓ ଗାୟିକା ଅରୁପମା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମଲ୍ଲିକ, ସରପଞ୍ଚ କାର୍ତ୍ତିକଚନ୍ଦ୍ର ଧଳ, ସରପଞ୍ଚ କାମେଶ୍ୱର ଧଳ, ସରପଞ୍ଚ ତରଙ୍ଗ ସାହୁ, ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ଅର୍ଜୁନ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟ କରୁଥିବା କଳାକାରଙ୍କ ମଧ୍ୟରେ ସେହ୍ନାରାଣୀ ବିଶ୍ୱାଳ, ଗାୟତ୍ରୀ ଦାସ, ଦେବସ୍ମିତା ଜେନା, ବନିତା ମଲ୍ଲିକ, ସାଲୋନୀ ଜେନା, ବିସ୍ମୃତି ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ତଥା ବରିଷ୍ଠ ଗୀତିକାର ନଳିନୀ ପ୍ରଭା ଦାସ ଗୀତ ଗୁଡ଼ିକୁ ରଚନା କରିଥିଲେ।

## ସଂସ୍କୃତ ଓ ଇଂରାଜୀ ବିଭାଗର ଆଲୋଚନାଚକ୍ର

କୟାଁଗୋଲା/ମଙ୍ଗଳପୁର,୨।୧୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଇଂରାଜୀ ଓ ସଂସ୍କୃତ ବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାରଦ ଭାବେ ଅଳକୁଣ୍ଡ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବଳରାମ ପଣ୍ଡା ଏବଂ ଖରସ୍ରୋତା ମହାବିଦ୍ୟାଳୟର ଡ. ସ୍ମୃତିରଞ୍ଜନ ସେନାପତି ଯୋଗଦେଇ "ଆଧ୍ୟାତ୍ମିକତା ଏବଂ ମାନବବାଦ: ଇଂରାଜୀ ଏବଂ ସଂସ୍କୃତରେ ଏକ ତୁଳନାତ୍ମକ ଅଧ୍ୟୟନ' ବିଷୟ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରମିଳା ବାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସୁଷମା ସାହୁ, ରଶ୍ମି ଦଳାଇ, ବ୍ରଜକିଶୋର ସାହୁ, କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ସଂସ୍କୃତ ଏବଂ ଇଂରାଜୀ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ସଂସ୍କୃତ ବିଭାଗର ଅଧ୍ୟାପିକା ଶୁଭସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଶ୍ରୀମଦ୍ ଭଗବଦ୍ ଗୀତା ଜୟନ୍ତୀ

ପ୍ରୀତିପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଛିପୁରଠାରେ ଥିବା ନୀଳାଦ୍ରି ବିହାରରେ ଶ୍ରୀମଦ୍ ଭଗବଦ୍ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପରିଚାଳନା ସମିତିର ସଭାପତି ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରାହର ମୁଖ୍ୟଅତିଥି ଭାବରେ କଟକସ୍ଥିତ ଚିନ୍ମୟ ମିଶନର ଆଚାର୍ଯ୍ୟ ଓଁକାରାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇଥବଲେ। ସମ୍ମାନିତ ଅତିଥି ଭାବରେ ଔପନ୍ୟାସିକ ଜଗନ୍ନାଥ ଧଳ, ପ୍ରାଧ୍ୟାପକ ଅଜୟ ଓଝା, ସମାଜସେବୀ ପଦ୍ମାକର ଗୁରୁ, ଶିକ୍ଷାବିତ୍ ଗଦାଧର ପଡିହାରୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୁଣନିଧି ଦାଶଙ୍କୁ ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୀତାଜ୍ଞାନ ପ୍ରତିଯୋଗିତା କମିଟିର ଅଧ୍ୟକ୍ଷ ସୁଧୀର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ଗୀତାଜ୍ଞାନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ତନିସା ନାଥ, ଶଭଲକ୍ଷ୍ମୀ ପଣ୍ଡା, ଆଦିତ୍ୟ ସାହୁ, ଗାୟତ୍ରୀ ବାରିକ,




ପୂଜାରାଣୀ ସାହୁ ଓ ରାଜଲକ୍ଷ୍ମୀ ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଗନ ବିହାରୀ ଆଚାର୍ଯ୍ୟ, ରମାକାନ୍ତ ନାୟକ, ଅମ୍ବରୀଶ ଆଚାର୍ଯ୍ୟ, ଦେବାଶିଷ ଆଚାର୍ଯ୍ୟ, ତ୍ରିଲୋଚନ ପତି, ସୁରେଶ ଚନ୍ଦ୍ର ବାରିକ, ବନମାଳି ପତି, ଇଂ. ବିଜୟ କୁମାର ସେନାପତି, ଭକ୍ତହରି ବିଶ୍ୱାଳ, ବ୍ରଜକିଶୋର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ରେଡ୍‌କ୍ରସ୍ ସଂଯୋଜକ ସମ୍ମାନିତ




ପ୍ରୀତିପୁର,୨।୧୨(ସମିସ): ବରୁଣେଶ୍ୱର ମହାବିଦ୍ୟାଳୟରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ କର୍ମଶାଳାରେ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟର ସଂଯୋଜକ ସୁଶାନ୍ତ କୁମାର ସାହୁଙ୍କୁ ଶ୍ରେଷ୍ଠ (ପୁରୁଷ) ସଂଯୋଜକ ହିସାବରେ ସମ୍ମାନିତ କରାଯାଇଛି। ଏହା ସହିତ ଶ୍ରୀ ସାହୁଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀଯୁକ୍ତ ସାହୁ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା, ରାଜା ସାର, ବଟକୃଷ୍ଣ ସାର, ଦାଶରଥି ସାର, ଦେବୀ ସାର ଏବଂ ନିଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଥାଟୋଇଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର,୨।୧୨(ସମିସ): ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ ରବିନାରାୟଣ ବଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡିଓ ହିତାଂଶୁ ଶେଖର ସାମଲ, ସମାଜସେବୀ କୈଳାସ ସେଠୀ, ଏବିଡିଓ ସତ୍ୟଭୂଷଣ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଅନନ୍ତ ଚରଣ ସେଠୀ, ମୁଖ୍ୟକିରାଣି ପ୍ରଶାନ୍ତ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଅନୀଲ ସାମଲ, ସୁବୋଧ ସାମଲ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଭାଗବତ ଗୀତା ପ୍ରଦାନ କରାଯାଇ ସେବା ନିବୃତ୍ତ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବିଭିନ୍ନ ସ୍ଥାନରେ ଏଡ୍‌ସ ଦିବସ

# 'ସଚେତନତା ଓ ସତର୍କତା ହିଁ ଏଡ୍‌ସରୁ ମୁକ୍ତି ଦେଇଥାଏ'










ଦାନଗଦି,୨।୧୨(ସମିସ):

ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଜୁନିୟର କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ସଚିବାଳୟର ସହରୀ ବିକାଶ ବିଭାଗର ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ବିଭାଗର ପ୍ରାକ୍ତନ ଯୁଗ୍ମ ସଚିବ ପ୍ରେମାନନ୍ଦ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋବର୍ଦ୍ଧନପୁର ମେଡିକାଲର ମେଡିକାଲ ଅଫିସର ଡା. ସଂଜୀବ କୁମାର ବେହେରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ଖଗେଶ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ କାଉନସେଲର ଅଧ୍ୟାପକ ଗୋବର୍ଦ୍ଧନ ସାହୁ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଖଗେଶ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

■ **ବରୀ:** ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନିରୋଦ କୁମାର ଜେନା ଆନୁଷ୍ଠାନିକ ଭାବରେ ଅଭିଭାଷଣ ରଖିଥିଲେ। ଏଥିରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ତଥା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଗଣ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ ଯୋଗଦେଇ ଏଡ୍‌ସ୍‌ର କାରଣ, ନିରାକରଣ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ଶେଖରଷଡ଼ଙ୍ଗୀ, ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଅଧ୍ୟାପିକା ଶୃତି ପଟ୍ଟନାୟକ, ଅଧ୍ୟାପିକା ଇତିଶ୍ରୀ ଦାସ ଓ କର୍ମଚାରୀ ସୁକାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜ ବିଜ୍ଞାନର ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

■ **କୋରେଇ:** କୋରେଇ ସ୍ଥିତ କାହ୍ନୁଚରଣ ଜୁନିଅର କଲେଜରେ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସ୍ମୃତିରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସ୍ୱାଲେହାନାଜ୍ ଅକତାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସ ୟୁନିଟର ସଂଯୋଜକ ଅଧ୍ୟାପକ କୈଳାସ ଚନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ମାୟାଧର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସ୍ଥାନୀୟ ବଟିରା ବଜାର ଏବଂ ଗ୍ରାମ ପରିକ୍ରମା କରିଥିଲା।

■ **ଧର୍ମଶାଳା:** ଧର୍ମଶାଳା ବ୍ଲକ କୋତପୁରସ୍ଥିତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଲ୍ ସଭାପତିତ୍ୱରେ ଏଡସ ସଚେତନତା ସୃଷ୍ଟି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ୱାଇଆର୍‌ସି କାଉନସେଲର ସନ୍ତୋଷ କୁମାର ଦାଶ ଯୋଗଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟପ୍ରଶାନ୍ତ କୁମାର ପାତ୍ର ଛାତ୍ରଛାତ୍ରୀ ଙ୍କୁ ସଞ୍ଜମ ରକ୍ଷା କରି ନିଜ ପାଠରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ସନ୍ତୋଷ କୁମାର ଦାଶ ଓ ଏନଏସ୍‌ଏସ ପ୍ରୋଗ୍ରାମ କୋର୍ଡିନେଟର ଲକ୍ଷ୍ମୀଧର ନାୟକ ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ।

■ **ପ୍ରୀତିପୁର:** ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଲୋ ଅନ୍ତର୍ଗତ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ ତରଫରୁ ଯୁବ ରେଡକ୍ରସ ଏବଂ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଥାଟୋଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ଦିଲ୍ଲୀପ କୁମାର ରାଉତ, ମଦନ ମୋହନ ପରିଡା, ମୋନାଲିସା ପରିଡା, ରମାକାନ୍ତ ବେହେରା, ସୁଶ୍ରୀ ରଥ, ସୁବ୍ରତ ଓଝା, ଅନୁପମା ସାମଲ, ପୁଷ୍ପାଞ୍ଜଳି ପରିଡ଼ା, ଅତସୀ ରାଉତରାୟ, ମାନିନୀ ବେହେର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଅଙ୍ଗାଲୋ ଓ ମଧୁସୂଦନପୁର ଗ୍ରାମ ପରିକ୍ରମା କରି ସାଧାରଣ ଲୋକମାନଙ୍କୁ ଏଡ୍‌ସ ଏବଂ ଏହାର ନିରାକରଣ ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହା ସହିତ ପିଲାମାନଙ୍କ ମଧ୍ୟରେ ଏଡ୍‌ସ ଏବଂ ଏହାର ନିରାକରଣ ଉପରେ ଏକ ତର୍କ ପ୍ରତିଯୋଗିତା ହୋଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଯୁବ ରେଡକ୍ରସର ସଂଯୋଜକ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

■ **କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ ବଳରାମପୁର ପକ୍ଷରୁ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସୋମବାର ସକାଳୁ ମହାବିଦ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଶୁଭ୍ରାଂଶୁ ଶେଖର ପଣ୍ଡା ଓ ଅଧ୍ୟାପକ ସତ୍ୟବ୍ରତ ସାହୁ ଲୋକମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟକ୍ଷା କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ରେଡକ୍ରସର ସଂଯୋଜକ ତଥା ଏସ୍‌ଜି କଲେଜର ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ତଥା ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଦାମ ଚରଣ ଧଳ, ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ବହୁ ମୂଲ୍ୟବାନ ମତ ରଖିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରେଡକ୍ରସ କାଉନସେଲର ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲରୁ ଚାଉଳ ହଡ଼ପ ଉଦ୍ୟମ; ତଦନ୍ତ କଲେ ଏବିଇଓ

**ଦୋଳସାହି, ୨।୧୨(ସମିସ):** ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ଗତ ସପ୍ତାହରେ ଘଟିଥିବା ଚାଉଳ ହଡ଼ପ ଘଟଣାରେ ଗ୍ରାମବାସୀଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା ବେଳେ ଏହି ଘଟଣାରେ ତିହିଡ଼ି ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ଲକ୍ଷ୍ମୀପ୍ରିୟା ମାଝୀ ଓ ଏମ୍‌ଡିଏମ ଏକାଉଣ୍ଟାଣ୍ଟ କରୁଣାକର ଓଝା ମଙ୍ଗଳବାର ତଦନ୍ତ କରିଥିବା ଜଣାପଡ଼ିଛି। ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବାବଦୀୟ ଚାଉଳ ଏକ ଅଟୋରେ ହଡ଼ପ କରାଯାଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଏହି ଅଟୋରୁ ଚାଉଳ ବାହାରକରି ବିଦ୍ୟାଳୟରେ ଗଛିତ ରଖିବା ସହ ପ୍ରଧାନଶିକ୍ଷକ ଆଲୋକ ପାଢ଼ୀଙ୍କ ନାମରେ କାହ୍ନୁ ବେହେରା, ସବ୍ୟସାଚୀ ପଣ୍ଡା, ଭାରତୀ ପଣ୍ଡା, କନକଲତା ପଣ୍ଡା ପ୍ରମୁଖ ତିହିଡ଼ି ବିଇଓଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କୁବେରା ପଞ୍ଚାୟତର ଏକ ବିଦ୍ୟାଳୟକୁ ବଦଳି କରିବା ନେଇ ଚର୍ଚ୍ଚା ହେଉଛି।

# ନିମ୍ନମାନର ଛତୁଆ ଯୋଗାଣ ନେଇ ଜନଅସନ୍ତୋଷ



**ଅସୁରାଳି, ୨।୧୨(ସମିସ)**

ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଯୋଗାଯାଉଥିବା ଛତୁଆର ଗୁଣମାନ ନେଇ ଗୁରୁତର ଅଭିଯୋଗ ଉଠିଛି। ଅଭିଭାବକଙ୍କ କହିବାନୁସାରେ, ଶିଶୁଙ୍କ ପାଇଁ ନିର୍ଦ୍ଦିଷ୍ଟ ଛତୁଆ ବାସ୍ତବରେ ଗୃହପାଳିତ ପଶୁଙ୍କୁ ଖାଇବାକୁ ଦିଆଯାଉଛି। ଛତୁଆରେ ବୁଟ, ବାଦାମ, ଗହମ ଆଦି ଆବଶ୍ୟକ ପରିମାଣରେ ମିଶାଯାଉ ନଥିବା ସହ ଯାହା ମିଶାଯାଉଛି ତାହାର ମାନ ଅତ୍ୟନ୍ତ ଖରାପ। ଛତୁଆରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ଅଭିଭାବକମାନେ ଶିଶୁଙ୍କୁ ଦେବାରୁ ଅନୁଚିତ ମଣି ପଶୁଙ୍କୁ ଦେବାକୁ ବାଧ ହେଉଛନ୍ତି। ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଯେଉଁ ଖାଦ୍ୟ ଦିଆଯିବାକୁ ଥିଲା, ସେହିଟି ବିକାଶରୁ ବିନାଶର ଆଶଙ୍କା ସୃଷ୍ଟି କରୁଛି। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନେ ଏଥିରେ ଅସହାୟତା ପ୍ରକାଶ କରି କହିଛନ୍ତି, କେନ୍ଦ୍ରକୁ ଯେଉଁ ଛତୁଆ ଯୋଗାଯାଉଛି ତାକୁ ଶିଶୁଙ୍କୁ ଦେବାକୁ ବାଧ ହେଉଛନ୍ତି। ଟେଣ୍ଡର ନେଇଥିବା ସଂସ୍ଥାଗୁଡ଼ିକ ଷ୍ଟକ୍ ଯାଞ୍ଚରେ ଅବହେଳା କରୁଥିବାରୁ

### ପଶୁଙ୍କୁ ଦିଆଯାଉଛି ଛତୁଆ

ଅପମିଶ୍ରଣକୁ ପ୍ରୋତ୍ସାହିତ କରାଯାଉଛି। ଏହି ବ୍ଲକର ୩୫୩ଟି ଅଙ୍ଗନବାଡ଼ିକୁ ବମକୁରାର ଆଇଡିଏଲ୍ ଓମେନ୍ ଏସଏଚଜି ଗ୍ରୁପ ଛତୁଆ ଯୋଗାଉଛି। ସୁପରଭାଇଜର ଓ ସିଡିପିଓଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଅନୁକମ୍ପା ମହିଳା ସଂଗଠନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସେମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ସେମାନେ ଜିଲ୍ଲାପାଳ ଅଫିସ ଘେରାଉ କରିବେ।

### ସେମାନେ ଯାହା କହନ୍ତି..



ଅଙ୍ଗନବାଡ଼ିରେ ଯାହା ଯୋଗାଯାଉଛି, ସେହିଟି ଶିଶୁଙ୍କ ପାଇଁ ଯୋଗ୍ୟ ନୁହେଁ। ଏହାରେ ଅପମିଶ୍ରଣ ଓ ଅବହେଳା ସ୍ପଷ୍ଟ। ଆମେ ଶିଶୁମାନଙ୍କ ଭବିଷ୍ୟତ୍ ସୁରକ୍ଷା ପାଇଁ ଲଢ଼ିବୁ। ଯଦି ପ୍ରଶାସନ ଚୁପ୍ ରହିବ, ତେବେ ଆମେ ରାସ୍ତାରେ ନାମିବାକୁ ବାଧ ହେବୁ।

**- ବିମଳା ନାଥ, ଉପସଭାପତି,** ଅନୁକମ୍ପା ମହିଳା ସଙ୍ଗଠନ



ଶିଶୁମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସହିତ ଖେଳ କରାଯାଉଛି। ଯେଉଁ ଛତୁଆ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଦିଆଯିବାକୁ ଥିଲା, ସେହିଟିକୁ ଗୋରୁଗାଈଙ୍କ ଆହାରରେ ପରିଣତ କରାଯାଇଛି। ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ଆମେ ଜିଲ୍ଲାପାଳ ଅଫିସ ଘେରିବୁ।

**- ସସ୍ମିତା ଦାସ, ସହସମ୍ପାଦିକା,** ଅନୁକମ୍ପା ମହିଳା ସଂଗଠନ

## ପୃଥକ ଚେକ୍ ବାଉନ୍ସ ମାମଲା: ୨ ଅଭିଯୁକ୍ତଙ୍କୁ ୫ ମାସ ଜେଲ୍ ଦଣ୍ଡାଦେଶ

**ଭଣ୍ଡାରିପୋଖରୀ, ୨।୧୨(ସମିସ):** ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିଶୋଳ ଗାଁର ପ୍ରଶାନ୍ତ ସାହୁଙ୍କୁ ଚେକ ବାଉନସ ମାମଲାରେ ୩ ମାସ ଜେଲ ଦଣ୍ଡାଦେଶ ହୋଇଥିବା ଜଣାଯାଇଛି। ତେସିଙ୍ଗା ସେବା ସମବାୟ ସମିତିକୁ ଋଣ ପରିଶୋଧ କରିବା ପାଇଁ ପ୍ରଦାନ କରିଥିବା ଚେକ ବାଉନ୍ସ ହୋଇଥିବା ମାମଲାର ବିଚାର କରି ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ସୁମନ୍ତ ଗତ ୨୦୦୮ ଅପ୍ରେଲ ୩୦ରେ ତେସିଙ୍ଗା ସମିତିରୁ ୪ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇଥିଲେ। ଋଣ ଆଂଶିକ ପରିଶୋଧ ପାଇଁ ଅଭିଯୁକ୍ତ ୮୦ ହଜାର ୫୦୦ ଟଙ୍କା ମୂଲ୍ୟର ୧୭୭୪୬୬ନଂ ଚେକ ଯୋଗେ ବିବିସିସି ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାକୁ ୨୦୨୨ ଡିସେମ୍ବର ୨୨ ତାରିଖରେ ପ୍ରଦାନ କରିଥିଲେ। ଅର୍ଥ ଉଠାଣ ପାଇଁ ଏହି ଚେକ ସମ୍ପୃକ୍ତ ବ୍ୟାଙ୍କ ଶାଖାରେ ପରଦିନ ଦାଖଲ ହୋଇଥିଲା। ମାତ୍ର ବ୍ୟାଙ୍କ ଜମାଖାତାରେ ଅର୍ଥ ନଥିବାରୁ ସମ୍ପୃକ୍ତ ଚେକ ଯୋଗେ ଅର୍ଥ ଉଠାଣ ହୋଇପାରି ନଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ୨୦୧୩ ଜାନୁୟାରୀ ୧୭ ତାରିଖରେ ଓକିଲ ନୋଟିସ ଯୋଗେ ଜଣାଇ ଦିଆଯାଇ ଅର୍ଥ ପୈଠ ପାଇଁ ସୁଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଏହାକୁ କର୍ଣ୍ଣପାତ କରିନଥିଲେ। ନାଆମୀ ସେବା ସମବାୟ ସମିତି ପକ୍ଷରୁ ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ନଂଙ୍କ ଅଦାଲତରେ କେସ ନଂ୧୯୧/୨୦୧୩ ଦାୟର କରାଯାଇଥିଲା। ଏହାର ବିଚାର କରି ଗତ ନଭେମ୍ବର ୧୮ ତାରିଖରେ ଚେକ ବାଉନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ କରି ୨ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି। ସେହିପରି ନାଆମୀ ସମିତିର ଋଣ ଖିଲାପି ଛଞ୍ଚଛଣା ଗାଁର ଅରୁଣ ମାଝୀଙ୍କୁ ଅନୁରୂପ ଭାବେ ୨ ମାସ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ ଜୁନ ୬ ତାରିଖରେ ଅରୁଣ ନାଆମୀ ସମିତିରୁ ୮୫ ହଜାର ଋଣ ନେଇ ଆଉ ଧରାଛୁଆଁ ଦେଇ ନଥିଲେ। ଏଥିପାଇଁ ନୋଟିସ ହେବା ପରେ ୨୦୧୩ ଜୁନ ୫ତାରିଖରେ ସେ ସମିତିକୁ ୧ ଲକ୍ଷ ୧୦ ହଜାର ୦୯୦ଟଙ୍କା ୦୮୧୫୨୨ନଂ ଚେକ ଋଣ ପରିଶୋଧ ପାଇଁ ପ୍ରଦାନ କରିଥିଲେ। ମାତ୍ର ଜମାଖାତାରେ ଅର୍ଥ ଅଭାବରୁ ତାହା ଉଠାଣ ହୋଇ ପାରି ନଥିଲା। ଏଥିପାଇଁ ୧୪୩୩/୨୦୧୪ନଂ କମ୍ପ୍ଲେଣ୍ଟ କେସ ଦାୟର ହୋଇଥିଲା। ଏହାର ବିଚାର କରି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗତ ନଭେମ୍ବର ୧୩ ତାରିଖରେ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି।

## ମେଡିକାଲ ବିପିଏମ୍‌ଙ୍କ ବଦଳି କାର୍ଯ୍ୟକାରୀ ନୋହିଲା

**ଭଣ୍ଡାରିପୋଖରୀ, ୨।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କ ରାତି ଅଧିଆ ବଦଳି ବିଫଳ ହୋଇଛି। ଗତ ନଭେମ୍ବର ୨୯ ତାରିଖରେ ଭଦ୍ରକ ସିଡିଏମଓ ୧୬୦୫୬ ଅନୁଯାୟୀ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟିଙ୍କୁ ତିହିଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିବା ସହ ତିହିଡିର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶାନ୍ତିଲତା ମିଶ୍ରଙ୍କୁ ଭଣ୍ଡାରିପୋଖରୀ ବଦଳି କରିଥିଲେ। ବଦଳି ଆଦେଶ ଜାରିହେବା ପରଦିନ ଶ୍ରୀମତୀ ପୃଷ୍ଟି ତିହିଡି ଯାଇ ରିପୋର୍ଟ କରିଥିଲେ। ହେଲେ ତାଙ୍କ ରିପୋର୍ଟକୁ ତହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଗ୍ରହଣ କରି ନଥିଲେ। କେତେକ ଆଶା କର୍ମୀ ଶ୍ରୀମତୀ ପୃଷ୍ଟିଙ୍କ ବାପଘର ଓ ଶାଶୂ ଘର ତିହିଡିର ହୋଇଥିବାରୁ ତାଙ୍କ ଯୋଗଦାନକୁ ବିରୋଧ କରିଥିଲେ। ଅନ୍ୟପକ୍ଷରେ ତିହିଡିରେ ଦୀର୍ଘ ବର୍ଷ କାର୍ଯ୍ୟ କରୁଥିବା ଶ୍ରୀମତୀ ମିଶ୍ର ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ପୀରହାଟରେ ବାପଘର ଓ ଶାଶୂ ଘର ହୋଇଥିଲେ ବି ତିହିଡି ଛାଡିବାକୁ ଅମଙ୍ଗ ହୋଇଥିଲେ। ଫଳରେ ଶ୍ରୀମତୀ ପୃଷ୍ଟି ସିଡିଏମଓଙ୍କୁ ମଙ୍ଗଳବାର ଏଥିନେଇ ରିପୋର୍ଟ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପଦ ଖାଲି ହୋଇଯାଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଆନ୍ଦୋଳନ



**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଜି ପର୍ଯ୍ୟନ୍ତ ସେମାନଙ୍କ ନିଯୁକ୍ତି, ସୁରକ୍ଷା, ପଦୋନ୍ନତି, ସମାନ ଦରମା, ପେ–ମ୍ୟାଟ୍ରିକ୍ସ ଆଦି ସମସ୍ୟା ସମାଧାନ କରାଯାଇନି। ଏହି ସମସ୍ୟାଗୁଡିକୁ ସରକାର ଗୁରୁତ୍ୱ ଦେଉନାହିଁ ବୋଲି ସେମାନେ ଅଭିଯୋଗ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ଲାକାର୍ଡ ଧରି ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଯଦି ସେମାନ ଦାବି ଶୀଘ୍ର ପୂରଣ ନହୁଏ ସେମାନେ ଆନ୍ଦୋଳନକୁ ଆହୁରି କଠୋର କରିବେ ବୋଲି ସୂଚନା ଦେଇଛନ୍ତି।

## ରାମଚନ୍ଦ୍ର ଦାଶ ସ୍ମାରକୀ ଜାତୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି

**ଦୋବଲ, ୨।୧୨(ସମିସ):** ଆନନ୍ଦପୁର ହାଇସ୍କୁଲ ପଡ଼ିଆରେ ଜାନୁଆରୀ ଶେଷ ଓ ଫେବୃଆରୀ ପ୍ରଥମ ସପ୍ତାହରେ ଭଗବତୀ ଯୁବକ ସଂଘ ଓ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥର ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ। ପ୍ରଥମ ୪ଦିନ କ୍ୱାର୍ଟର ଫାଇନାଲ ଖେଳାଯିବ। ତା' ପରେ ୨ ଦିନ ସେମିଫାଇନାଲ ଓ ଶେଷରେ ଫାଇନାଲ୍ ଖେଳାଯିବ। ବାହାର ରାଜ୍ୟରୁ ଆସିବାକୁ ଥିବା ଖେଳାଳିଙ୍କ ରହିବା, ଖାଇବା ପିଇବା ବ୍ୟବସ୍ଥା ଆୟୋଜକ ବହନ କରିବେ। ବିଜୟୀ ଟିମ୍ ପାଇଁ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ହୋଇଥିବା ରାମଚନ୍ଦ୍ର ଦାଶ ସ୍ମୃତି ସଂସଦର କାର୍ଯ୍ୟକର୍ତ୍ତା ବୃନ୍ଦାବନ ମହାନ୍ତି କହିଛନ୍ତି। ବୈଠକରେ ପୂର୍ବତନ ସରପଞ୍ଚ ବିଜୟ ଦାସ, ଶିକ୍ଷକ ମାନସ ମିଶ୍ର, ଅରୁଣ ପରିଡ଼ା, ସମାଜସେବୀ ନାରାୟଣ ଦାସ, ନଗେନ ସୂତାର, ଦାମୋଦର ପଣ୍ଡା, ହିମାଂଶୁ ଭୂଷଣ ଦାଶ, ତ୍ରିଲୋଚନ ବେହେରା, ମାନଗୋବିନ୍ଦ ଦାସ, ସରୋଜ ଦାସ, ମଦନମୋହନ ପାଣିଗ୍ରାହୀ, ବାସୁଦେବ ପାଗଳ, ହରିହର ପାଗଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ଏସ୍‌ବିଡି ସ୍କୁଲରେ କୁଇଜ୍ ପ୍ରତିଯୋଗିତା



**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ଏସବିଡି ଅନ୍ତର୍ଜାତୀୟ ବିଦ୍ୟାଳୟରେ ସାଧାରଣ ଜ୍ଞାନ କୁଇଜ ପ୍ରତିଯୋଗିତାରେ ସପ୍ତମ ଶ୍ରେଣୀର ୧୭୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଦେବାଶିଷ ଦୀକ୍ଷିତ ଓ ସ୍କୁଲ ପ୍ରିନ୍ସିପାଲ ଯୁଧିଷ୍ଠିର ଦେବତାଙ୍କ ତତ୍ତ୍ୱାବଧାନରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ପ୍ରତିଯୋଗିତାରେ ୩ କୃତୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ସ୍ଥାନରେ ନିତିନଜିତ ସାହୁ ଯିଏକି ପୁସ୍ତକ ଲେଖି ଗିନିଜ ବୁକରେ ସ୍ଥାନ ପାଇସାରିଛନ୍ତି, ଦ୍ୱିତୀୟ ସ୍ଥାନରେ ଅର୍ପିତା ସାମଲ ଓ ତୃତୀୟ ସ୍ଥାନରେ ନାଇସା ଦୀକ୍ଷିତ କୃତିତ୍ୱ ହାସଲ କରିଥିଲେ। ସମସ୍ତଙ୍କୁ ସ୍କୁଲ ପ୍ରିନସିପାଲ ଯୁଧିଷ୍ଠିର ଦେବତା ଓ ଅଧ୍ୟକ୍ଷ ମ୍ୟାଡମ ଆଶାବରୀ କର ପୁରସ୍କାର ଉପହାର ଓ ପ୍ରମାଣପାତ୍ର ପ୍ରଦାନ କରିଥିଲେ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧାମନଗର, ୨।୧୨(ସମିସ):** ଧାମନଗର ମାଟିର ଝିଅ ତଥା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର କାର୍ଯ୍ୟରତ ଏବିଇଓ ଶାନ୍ତିଲତା ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ରାଉତଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସମାଜସେବୀ, ଶିକ୍ଷାବିତ, ଜନସାଧାରଣଙ୍କ ପକ୍ଷରୁ ଏନଏସି ଅଧୀନ ବିଜୁ ପଟ୍ଟନାୟକ ଛକଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷକ ସଂଘ ମହାସଚିବ ଚାରୁଲତା ମହାପାତ୍ର, ହାଇକୋର୍ଟ ଓକିଲ ଦେବାଶିଷ ସାମଲ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଭାବଗ୍ରାହୀ ଖୁଣ୍ଟିଆ, ସନ୍ତୋଷ ଲେଙ୍କା, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂ, ସିଆରସିସି ସେକ ମୋଜାଫର ହୋସେନ, ଶିକ୍ଷକ ମନ୍ମଥ କୁମାର ରାଉତ, ଅଶୋକ ନାୟକ, ପ୍ରଶାନ୍ତ ବେହେରା, ଅଧ୍ୟାପକ ଚିତରଞ୍ଜନ ଦାଶ, ପଦ୍ମନାଭ ତ୍ରିପାଠୀଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

## 'ନିରପେକ୍ଷ ସମ୍ବାଦ ଓ ସାମ୍ବାଦିକତା ସୁସ୍ଥ ସମାଜ ଗଠନର ମାଧ୍ୟମ'

**ଧାମନଗର, ୨।୧୨(ସମିସ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପରିଷଦର ବାର୍ଷିକ ଉତ୍ସବ ଓ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ତମ ଜିଲ୍ଲାସ୍ତରୀୟ ବାର୍ଷିକ ସମାରୋହ, ଦୈନିକ ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏକ ସୁସ୍ଥ ସମାଜ ଗଠନରେ ନିରପେକ୍ଷ ସମ୍ବାଦ ଏବଂ ବଳିଷ୍ଠ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ଅମୃତ ଦର୍ଶନର ସମ୍ପାଦନ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ସଭାପତି ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ



ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ.ମମତା ସାହୁ ସଞ୍ଚାଳନ କରିଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ପ୍ରଭଞ୍ଜନ ରାଉଳ ବେଦପାଠ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଅନିଲ ବାରିକ, ଅଶୋକ ପୁହାଣ, କୈଳାସଚନ୍ଦ୍ର ମହାପାତ୍ର, ପ୍ରମୋଦ ରାଉତ, ପ୍ରଭାତ ଧଳ, ଭୋଳାନାଥ ସାହୁ, ରୀନାରାଣୀ ପଣ୍ଡା, ସୀତାକାନ୍ତ ମିଶ୍ର, ବିଦ୍ୟାଧର ରାଉତ, ନୃସିଂହ ଚରଣ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ଜୟନ୍ତୀ ଜେନା, ସୁରତୀ ନାୟକ, କୃଷ୍ଣଚନ୍ଦ୍ର ଜେନା, କୁଳମଣି ବେହେରା, ସୁଧାକର ଦାଶ, ସେକ ହମିଦ, ପ୍ରଶାନ୍ତ ସାହୁ, ଶ୍ରୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଷଦର ଉପସଭାପତି ସ୍ତମ୍ଭକାର ହୃଦାନନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ସକାଳେ ପରିଷଦ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ଧାମନଗର ପ୍ରେସ କ୍ଲବ, ସାମ୍ବାଦିକ ସଂଘ, କାନ୍ତ ସାହିତ୍ୟ ପରିଷଦ, ବରିଷ୍ଠ ନାଗରିକ ପରିଷଦ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାସ୍ତାକୁ ଛାଡୁଛନ୍ତି ଘରୋଇ ଆବର୍ଜନା ପାଣି, ଜିଲ୍ଲାପାଳଙ୍କୁ ଫେରାଦ

**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ବ୍ଲକ କୋର୍କରା ପଞ୍ଚାୟତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ୩୫ ନମ୍ବର ରାଜ୍ୟ ରାଜପଥ (ଭଦ୍ରକ-ଆରଡି) ପାର୍ଶ୍ୱରେ ଏକ ୩ ମହଲା ବିଶିଷ୍ଟ କୋଠାର ମାଲିକ ବିରୋଧରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଖାତା ନଂ-୮୪୩/୪୨୩, ପ୍ଲଟ ନଂ-୯୦୭/୩୩୨୧, ୯୦୮/୩୩୨୨ରେ ଏକାଧିକ ଭଡ଼ାଟିଆ ରହିଛନ୍ତି। ଭଡ଼ାଟିଆମାନେ ଘରର ଆବର୍ଜନା ତଥା ଅପରିଷ୍କାର ପାଣିକୁ ସର୍ବସାଧାରଣ ଯାତାୟାତ କରୁଥିବା ୩୫ ନମ୍ବର ରାଜ୍ୟ ରାଜପଥ ଉପରକୁ ପ୍ରତିଦିନ ନିଷ୍କାସିତ କରୁଛନ୍ତି। ଯାହାଦ୍ୱାରା ରାସ୍ତାରେ ପାଣି ଜମି ରହୁଥିବା ଯୋଗୁଁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ବହୁ ସମୟରେ ଗାଡିଗୁଡିକ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ରାସ୍ତା ପାର୍ଶ୍ୱରେ ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ସେଠାରେ ଅନେକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତୁରନ୍ତ ଏହାର ସମାଧାନ ନକରାଯାଏ, ତେବେ ଆଗକୁ ବହୁତ ଦୁର୍ଘଟଣା ନଘଟିବ ତାକୁ କିଏ କହିବ ? ଗ୍ରାମବାସୀ ତାଙ୍କୁ ବୁଝାଇବା କରିବା ସତ୍ତ୍ୱେ କଥାକୁ ଭୃକ୍ଷେପ ନକରି ଓଲଟା ଧମକ ଦେଉଥିବାରୁ ପ୍ରକାଶ ରାଉତ, କମଳାକାନ୍ତ ଜେନା, ଲକ୍ଷ୍ମୀକାନ୍ତ ଜେନା, ମନୋରଞ୍ଜନ ମହାପାତ୍ର, ଅଶ୍ୱିନୀ ଦଳାଇ ପ୍ରମୁଖ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



## ପରିଚୟ ଦେଇଛି ମାଣ୍ଡିଆ ସ୍ନାକ୍ସ

**ବାରିକପୁର, ୨।୧୨(ସମିସ):** ମିଶନ ଶକ୍ତି ଗ୍ରାମାଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭରଶୀଳତାର ନୂଆ ବାଟ ଦେଖାଇଥିବା ବେଳେ ଆଜି ଅନେକ ମହିଳା ଆର୍ଥିକ ଭାବେ ସଶକ୍ତ ହୋଇପାରିଛନ୍ତି। ବର୍ତ୍ତମାନ ଉପଯୁକ୍ତ ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ସରକାରୀ ସହାୟତା ଅଭାବରୁ ସେମାନେ ଏଦିଗରେ ଆଶାନୁରୂପ ସଫଳତା ପାଇପାରୁ ନାହାନ୍ତି ସତ ହେଲେ ସେମାନଙ୍କ ମନୋବଳ ଭାଙ୍ଗି ନାହିଁ। ଏମିତି ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋଠାରେ। ଗ୍ରାମର କଳା ଠାକୁର କୃଷକ ଉତ୍ପାଦିକା ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ମମତା ସାମଲଙ୍କ ତତ୍ତ୍ୱାବଧାନରେ ବିଶ୍ୱେଶ୍ୱର ମହିଳା ସ୍ୱୟଂସହାୟକ ଗୋଷ୍ଠୀ କ୍ରିୟାଶୀଳ ହୋଇଛି। ଏଠାରେ ଉକ୍ତ ଗୋଷ୍ଠୀର ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ପ୍ରକାରର ଲଡୁ ଏବଂ ଅନ୍ୟାନ୍ୟ ସ୍ନାକ୍ସ ତିଆରି କରୁଛନ୍ତି। କେବଳ ସରକାରୀ ଭାବେ କିଛି ଖାଦ୍ୟ ମେଳାରେ ଏଗୁଡ଼ିକ ବିକ୍ରିବଟା ହେଉଥିବା ବେଳେ ବ୍ୟବସାୟ ଭିତ୍ତିରେ ଏହି ପାରମ୍ପରିକ ଖାଦ୍ୟର ବଜାର ସୃଷ୍ଟି ହୋଇନାହିଁ। ତେଣୁ ମହିଳାମାନେ ବେଳେ ବେଳେ ନିରୁତ୍ସାହିତ ହେଉଛନ୍ତି। କିଛି ଦିନ ପୂର୍ବରୁ ସ୍କୁଲଗୁଡ଼ିକରେ ଲଡୁ ବଣ୍ଟନ ପାଇଁ ସରକାର ଘୋଷଣା କରିଥିବା ବେଳେ ସଦସ୍ୟାମାନେ ଏଦିଗରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହା କିନ୍ତୁ ଆଶାନୁରୂପ ହଇନାହିଁ। ପ୍ରତିକୂଳ ପରିସ୍ଥିତି ଭିତରେ ସରକାର ଯଦି ଏଭଳି ଗୋଷ୍ଠୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଅନ୍ତି ତା'ହେଲେ ମହିଳାମାନେ ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।



# 'ତ୍ୟାଗଭୂମି ଏକ ଜାତୀୟ ଧୃତି ଓ ଜୀବନ୍ତ ଜାଗୃତି'

**ଭଦ୍ରକ, ୨।୧୨(ସମିସ)**




ତ୍ୟାଗଭୂମି ଭଦ୍ରକ ହେଉଛି ଶକ୍ତି, ଧୃତି ଓ ଜାଗୃତିର ନାମ ମାହାତ୍ମ୍ୟ। ସଂଗ୍ରାମ ଓ ସମର୍ପଣର ଗରିମାକୁ ନୂତନ ପିଢ଼ି ପାଖରେ ସଞ୍ଚାର କରିବା ହେଉଛି ତ୍ୟାଗଭୂମି ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ଏବଂ ଆଦିମନ୍ତ୍ର। ଭୂମିର ବନ୍ଦନାରେ ରହିଛି ଅସରନ୍ତି ବଳିଦାନର ଗାଥା ଏବଂ ଏହା ଦେଶ ଓ ଜାତି ପ୍ରତି ଅଟଳ ସଂକଳ୍ପର ସନ୍ଦେଶ ବୋଲି ନବମଦିନ ବ୍ୟାପୀ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଅତିଥି ମତ ବ୍ୟକ୍ତ କରିଛନ୍ତି। ଆଜିର ମଞ୍ଚ ଜାତୀୟକବି ବାଞ୍ଛାନିଧି ମହାନ୍ତି ନାମରେ ଥିଲା ଉତ୍ସର୍ଗୀକୃତ। ତ୍ୟାଗଭୂମି କାର୍ଯ୍ୟକାରୀ ସଭାପତି ଇ. ଅମ୍ବିକାବଲ୍ଲଭ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଯାପନ ସନ୍ଧ୍ୟାରେ 'ସଂଗ୍ରାମ ଭୂମି ଭଦ୍ରକ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ଶ୍ରୀଅରବିନ୍ଦ ଦର୍ଶନ ପ୍ରବକ୍ତା ଡ.ଗୋଲକବିହାରୀ ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ବକ୍ତା ଭାବରେ ଅଧ୍ୟାପକ ନାସିର ବକ୍ସ, ବରେଣ୍ୟ ଅତିଥି ଭାବେ ବେଷ୍ଟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, କୃଷିକବି ଇଂ ଅରୁଣ କୁମାର ପାତ୍ର ଓ ପୂର୍ତ୍ତବିଭାଗ ସଚିବ ନନ୍ଦନନ୍ଦନ ଦାସ ପ୍ରମୁଖ ଭଦ୍ରକ ଭୂମିର ଉଜ୍ଜ୍ୱଳ ପରମ୍ପରାକୁ ସ୍ମରଣ ପୂର୍ବକ ଏହାକୁ କେବଳ ଐତିହ୍ୟର ଗାଥା ଭାବେ ସୀମିତ ନରଖି ଦୈନନ୍ଦିନ କର୍ତ୍ତବ୍ୟର ଅଙ୍ଗୀକାର ବିବେଚନା କରିବାକୁ ପରାମର୍ଶ ଦେଇଥିଲେ। ତ୍ୟାଗଭୂମିର ସଦସ୍ୟ ବାବୁଲାଲ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ସଦସ୍ୟ କବି ଚର୍ଚ୍ଚିକା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ମହୋତ୍ସବ ପୀଠରେ ସ୍ଥାପିତ ଶହୀଦ ମଶାଲ ସ୍ମୃତିସ୍ତମ୍ଭରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ମୁଖପତ୍ର ସମ୍ପାଦକ ଡ.ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ସଦସ୍ୟ ଅଶୋକ ଦ୍ୱିବେଦୀ, ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ, ସାହିତ୍ୟିକ କୈଳାଶ ପଣ୍ଡା, ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ସଦସ୍ୟା ବସୁମିତ୍ରା ସାହୁ, ସାମାଜିକ କର୍ମୀ ଚୈତାଳୀ ଖିଲାର, ଅଧିବକ୍ତା ସଞ୍ଜୟ ମାଝୀ, ରାମଚନ୍ଦ୍ର ନାୟକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ସଙ୍ଗୀତଶିଳ୍ପୀ ସୁଧାଂଶୁ ନାୟକ, ଯୁବନେତା ଦେବଦର୍ଶନ ଦାସ, ନାରାୟଣ ପାଢ଼ୀ, ରାମଚନ୍ଦ୍ର ନାୟକ, ସଂଯୁକ୍ତା ଯାଦବ, କବି କାଳନ୍ଦୀ ମଲ୍ଲିକ, ପଦ୍ମନ ରାୟ, ଅଭୟ ପଣ୍ଡା, ଡ. ନିତ୍ୟାନନ୍ଦ ମିଶ୍ର, ଡକ୍ଟର ଅଭୟ କୁମାର ଦାସ, ସ୍ୱଦେଶ ପଣ୍ଡା, ରୂପକ ବିହାରୀ ରାୟ, ଶଶୀକଳା ମିଶ୍ର, ପ୍ରାକ୍ତନ ଅବକାରୀ ବିଭାଗ ଅଧିକାରୀ ଶ୍ରୀହର୍ଷ ସ୍ୱାଇଁ, ବାଦଲ କିଶୋର ମହାପାତ୍ର, କବି ଦେବେନ୍ଦ୍ରନାଥ ମହାଳିକ, ରାଜେନ୍ଦ୍ର ବିଶ୍ୱାଳ, ଦୁଃଶାସନ ମହାନ୍ତି ଅଂଶଗ୍ରହଣ କରିଥିଲେ। ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର 'ସାଇ ସମ୍ରାଟ ମେଲୋଡ଼ି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ତ୍ୟାଗଭୂମି ମହୋତ୍ସବର ଉଦଯାପନୀ ସନ୍ଧ୍ୟା

# ବ୍ରାଉନ୍‌ସୁଗର ଧରପଗଡ଼ରେ ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା

ଖୋର୍ଦ୍ଧା,୨।୧୨(ସମିସ): କେନ୍ଦ୍ରାଞ୍ଚଳ ଅଧିନ ଥାନା ଅଞ୍ଚଳରେ ନଭେମ୍ବର ୧୫ରୁ ୩୦ ତାରିଖ ଯାଏଁ ଚାଲିଥିଲା ଅପରେସନ୍ ଥଣ୍ଡର। ଏଥିରେ କେନ୍ଦ୍ରାଞ୍ଚଳର ୭ଟି ଜିଲ୍ଲା ପୁଲିସ ବେଆଇନ ଅସ୍ତ୍ରଶସ୍ତ୍ର, ବେଆଇନ ନିଶା ବେପାର, ଅପରାଧି, ବେଆଇନ ଗୋଚାଲାଣ, ନାକା ଚେକିଂ ପ୍ରଭୃତି କରାଯାଇଛି। ବ୍ରାଉନସୁଗର ଧରପଗଡରେ ଖୋର୍ଦ୍ଧା ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସମୟ ଭିତରେ ଜିଲ୍ଲାରେ ୭୨.୩ ଗ୍ରାମ ବ୍ରାଉନସୁଗର ଏବଂ ୨୮କେଜି ୬୮୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସେହିପରି ୪ଜଣ ଅଭ୍ୟାସଗତ ଅପରାଧିଙ୍କ ନାମରେ ମାମଲା ରୁଜୁ କରାଯାଇଛି ଏବଂ ଜଣକ ନାମରେ ଏନ୍‌ଏସ୍‌ଏରେ ରିପୋର୍ଟ ହୋଇଛି। ଏଥିସହିତ ବେଆଇନ୍ ଗୋଚାଲାଣ ରୋକିବାରେ ଖୋର୍ଦ୍ଧା ଜିଲ୍ଲା ପ୍ରଥମ ସ୍ଥାନରେ ରହିଛି। ଜିଲ୍ଲାର ୬ଟି ମାମଲାରେ ୭୦ଗୋରୁ ଏବଂ ୨୧ଟି ମଇଁଷି ଉଦ୍ଧାର ହୋଇଛନ୍ତି। ୬ଟି ଗାଡି ଜବତ ହୋଇଥିବାବେଳେ ୧୦ଜଣ ଗିରଫ ହୋଇଛନ୍ତି। ସେହିପରି ନାକା ଚେକିଂରେ ଖୋର୍ଦ୍ଧା ଜିଲ୍ଲା ରେ ସର୍ବାଧିକ ୬୩, ୭୩, ୫୨୦ଟଙ୍କା ଜୋରିମନା ଆଦାୟ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କେନ୍ଦ୍ରାଂଚଳ ସତ୍ୟଜିତ ନାୟକ ସୂଚନା



ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ବେଆଇନ ଅସ୍ତ୍ରଶସ୍ତ୍ର ରୋକିବା ଅଭିଯୋଗରେ ପୁରୀ, କଟକ, କେନ୍ଦ୍ରପଡା, ଖୋର୍ଦ୍ଧା, ନୟାଗଡ, ଯାଜପୁର ଓ ଜଗତସିଂହପୁର ଜିଲ୍ଲା ପୁଲିସର ବିଭିନ୍ନ ଥାନାରେ ୮ଟି ମାମଲା ରୁଜୁ ହୋଇଛି। ୬ଟି ଦେଶୀ ବନ୍ଧୁକ, ୨ଟି ପିସ୍ତଲ, ୩ଟି କୁଟୁରୀ, ୫ଟି ଖଣ୍ଡା ଏବଂ ଏକ ଲୁହା ରଡ ଜବତ ହୋଇଥିବାବେଳେ ୨୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବ୍ରାଉନସୁଗର ଧରପଗଡରେ ସମସ୍ତ କେନ୍ଦ୍ରାଂଚଳ ଅଧିନ ସମସ୍ତ ଥାନା ଅଂଚଳରୁ ୨୩ଟି ମାମଲା ହୋଇଛି। ଏଥିରେ ୪୮୫.୫୭ଗ୍ରାମ ବ୍ରାଉନସୁଗର, ୪୩.୧୩ କେଜି ଗଞ୍ଜେଇ, ୯୨ବୋତଲ କଫସିରପ, ୭ଟି ବାଇକ୍ ଏବଂ ୩୦ହଜାର ୬୦ଟଙ୍କା ଜବତ ହୋଇଛି। ୩୪ଜଣଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି।

ଏଥିସହିତ ୨୪୯ଜଣ ଅଭ୍ୟାସଗତ ଅପରାଧିଙ୍କ ନାମରେ ମାମଲା ରୁଜୁ କରାଯାଇଛି ଏବଂ ୨ଜଣକ ନାମରେ ଏନ୍‌ଏସ୍‌ଏରେ ରିପୋର୍ଟ ହୋଇଛି। ବେଆଇନ୍ ଗୋଚାଲାଣ ଅଭିଯୋଗରେ କେବଳ ଖୋର୍ଦ୍ଧା ଓ କଟକ ପୁଲିସ ପକ୍ଷରୁ ୮ଟି ମାମଲା ରୁଜୁ ହୋଇଛି। ଏଥିରେ ୭୦ଗୋରୁ ଏବଂ ୨୧ଟି ମଇଁଷି ଉଦ୍ଧାର ହୋଇଥିବାବେଳେ ୧୦ଟି ଗାଡି ଜବତ ହୋଇଛି ଏବଂ ୧୩ଜଣ ଗିରଫ ହୋଇଛନ୍ତି। ସେହିପରି ନାକା ଚେକିଂରେ ସମସ୍ତ ଥାନା ଅଂଚଳରୁ ୨୭,୭୫୭ଟି ଗାଡିର ଯାଂଚ କରାଯାଇଥିବାବେଳେ ୧, ୧୭, ୬୩, ୬୨୦ଟଙ୍କା ଜରିମାନା ଆଦାୟ ହୋଇଛି ବୋଲି ଡିଆଇଜି ଶ୍ରୀ ନାୟକ କହିଥିଲେ।

- **ଅପରେସନ୍ ଥଣ୍ଡର୍‌ରେ ମିଳିଛି ସଫଳତା: ଡିଆଇଜି**
- **ଗୋଚାଲାଣ ରୋକିବାରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ପ୍ରଥମ**

# ବ୍ରାଉନ୍‌ସୁଗର କାରବାରରେ ମା’-ପୁଅ, ଜ୍ୱାଇଁ

ଖୋର୍ଦ୍ଧା,୨।୧୨(ସମିସ)

ଏକ ବଡଧରଣର ବ୍ରାଉନସୁଗର ବେପାର ପୂର୍ବରୁ ଆଦର୍ଶ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ ଚଢଉ କରି ସମସ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ପୁଲିସ ମା’, ପୁଅ ଓ ଜ୍ୱାଇଁଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଦର୍ଶ ଥାନା ଅଧୀନ ନୂଆ ସୁନ୍ଦରାସାହିର ବିଷ୍ଣୁପ୍ରିୟା ଜେନା (୪୨), ପୁଅ ଅଭିଜିତ୍ ଜେନା ଓରଫ୍ ବବୁଲ (୨୦) ଏବଂ ଜ୍ୱାଇଁ ଉପରସାହି ର ଦେବାଶିଷ ପଟ୍ଟନାୟକ ଓରଫ୍ ଜୁଡୁ (୨୩)। ସେମାନଙ୍କ ଠାରୁ ପୁଲିସ୍ ୬୫୦ଗ୍ରାମ ବ୍ରାଉନ୍ ସୁଗର ଜବତ କରିଛି। ଯାହାର ମୂଲ୍ୟ ୬୫ଲକ୍ଷ ହେବ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବ୍ରାଉନସୁଗର ସହ ଅଭିଯୁକ୍ତମାନଙ୍କଠାରୁ ୧୭୫ ବୋତଲ କଫ୍‌ସିରପ୍, ପ୍ୟାକିଂରେ ବ୍ୟବହୃତ ଜରି ଓ ମେସିନ୍, ଓଜନ ମେସିନ୍, ତିନୋଟି ମୋବାଇଲ୍ ଫୋନ୍ ଓ ଏକ ସ୍କୁଟିକୁ ଜବତ କରାଯାଇଛି। ଏ ନେଇ ଆଦର୍ଶ ଥାନା ପୁଲିସ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି।

ଡିଆଇଜି ନାୟକଙ୍କ ସୂଚନା ଅନୁସାରେ, ଉପରସାହିର ଜୁଡୁ ହେଉଛି ମୁଖ୍ୟ ଅଭିଯୁକ୍ତ। ନୂଆ ସୁନ୍ଦରାସାହିର ବବୁଲ



ଜୁଡୁର ଶଳା ହୋଇଥିବାବେଳେ ବବୁଲ ଓ ଶାଶୂ ବିଷ୍ଣୁପ୍ରିୟା ଜୁଡୁର ବ୍ରାଉନସୁଗର ନିଜ ଘରେ ରଖୁଥିଲେ। ଗ୍ରାହକ ମିଳିବା ପରେ ଜୁଡୁର ଫୋନ ଅନୁସାରେ ବବୁଲ ଏକ ସ୍କୁଟିରେ ଯାଇ ମାଲ୍ ଡେଲିଭରି ଦେଉଥିଲା। ଏହି କ୍ରମରେ ଭିଣୋଇ ଓ ଶଳା ପୁଲିସକୁ ଲୁଚିଛପି ବଡ ଧରଣର ବେପାର ଚଳାଇ ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବା ଲାଗି ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୁଲିସ୍ ଟିମ୍ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଅଭିଯୁକ୍ତମାନେ ଗତକାଲି ରାତିରେ ବ୍ରାଉନସୁଗର ବିକ୍ରି କରିବାକୁ ଯୋଜନା କରିଥିବା ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସଡିପିଓ ନାହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଟିମ୍ ଓ ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ସହ ଚଢଉ କରିଥିଲା। ଚଢଉବେଳେ ପୁଲିସ ମା’ ଓ ପୁଅକୁ

- **୬୫ ଲକ୍ଷର ବ୍ରାଉନ୍‌ସୁଗର, ୧୭୫ ବୋତଲ କଫ୍‌ସିରପ୍, ବାଇକ୍, ୱେଟ ମେସିନ୍, ପଲିଥିନ୍, ୩ ମୋବାଇଲ ଓ ସ୍କୁଟି ଜବତ**

ଗିରଫ କରିବା ସହ ସେମାନଙ୍କ ଠାରୁ ବ୍ରାଉନସୁଗର, କଫସିରପ୍ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା। ତାଙ୍କ ବୟାନ ମୁତାବକ ଜୁଡୁକୁ ଗିରଫ କରିଥିଲା। ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆସିଛି, ତାର ତଦନ୍ତ ଚାଲିଛି ବୋଲି ଡିଆଇଜି କହିଛନ୍ତି।

ଖୋର୍ଦ୍ଧା ଏସ୍‌ପି ଶ୍ରୀ ଶର୍ମା ସୂଚନା ଦେଇ କହିଲେ ଯେ ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଭିଯାନ୍ ଚାଲିଛି। ତାହାର ସଫଳତା ଯୋଗୁ ଏତେ ପରିମାଣର ବ୍ରାଉନସୁଗର ଜବତ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଶର୍ମା, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଡିଏସ୍‌ପି ଅନୀଲ ମହାନ୍ତି, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ସସ୍ମିତା ବେହେରା, ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ, ମହିଳା ଗିରଫ

ଖୋର୍ଦ୍ଧା,୨।୧୨(ସମିସ): ସ୍ଥାନୀୟ ଜରିପୋଖରୀ ନିକଟରେ ଶିଳ୍ପାଞ୍ଚଳ ପୁଲିସ ଚଢ଼ଉ କରି ଜଣେ ମହିଳା ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ମହିଳା ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡିର ସରୋଜିନୀ ସାହୁ ଓରଫ୍ ରଜନୀ ସାହୁ (୫୬)। ତାଙ୍କଠାରୁ ପୁଲିସ ୨୦ ଗ୍ରାମ ୬୧ ମିଲିଗ୍ରାମ ବ୍ରାଉନସୁଗର ସମେତ ନଗଦ ୧୯,୬୦୦ ଟଙ୍କା ଓ ଏକ ମୋବାଇଲ ଫୋନ୍‌କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ୨୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ବେଆଇନ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ଏକ ମାମଲା ରୁଜୁ କରି ପୁଲିସ ସରୋଜିନୀଙ୍କୁ କୋର୍ଟ ଚାଲାଣ କରିଛି।

# ୧୬ରୁ ୨୫ ଐତିହାସିକ ଖୋର୍ଦ୍ଧା ମହୋତ୍ସବ

## ମୁଖ୍ୟ ଆକର୍ଷଣ ସାଜିବ ଜଳପରୀ

ଖୋର୍ଦ୍ଧା,୨।୧୨(ସମିସ): ବିଗତ ବର୍ଷ ପରି ଚଳିତବର୍ଷ ଐତିହାସିକ ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଟିଏଲସି ରୋଡ଼ର ବିଡିଏ ପଡ଼ିଆଠାରେ



ଅନୁଷ୍ଠିତ ହେବ। ଖୋର୍ଦ୍ଧା ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ। ଏହି ଐତିହାସିକ ପୃଷ୍ଠଭୂମିରୁ ଆରମ୍ଭ ହୋଇଥିଲା ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମୁକ୍ତି ସଂଗ୍ରାମ ପାଇକ ବିଦ୍ରୋହ। ତେଣୁ ଖୋର୍ଦ୍ଧାର ମହାନ୍ ଐତିହାସିକ ପୃଷ୍ଠଭୂମିକୁ ଆଧାର କରି ୨୦୦୦ ମସିହାରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ‘ନିୟୁ ଥିଙ୍କିଙ୍ଗ୍ ଫୋରମ୍’ ଦ୍ୱାରା ଆରମ୍ଭ କରାଯାଇଥିଲା ଖୋର୍ଦ୍ଧା ମହୋତ୍ସବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଖୋର୍ଦ୍ଧାର ମହାନ୍ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇବା।

ପ୍ରକାଶ ଥାଉକି, ୨୦୦୦ ମସିହାରୁ ଆରମ୍ଭ କରାଯାଇଥିବା ଏହି ମହୋତ୍ସବର ୨୫ବର୍ଷ ପୂର୍ତ୍ତି ୨୦୨୪ରେ ପାଳନ କରାଯାଇଥିଲା। ଚଳିତ ବର୍ଷ ଏହି ପୂର୍ତ୍ତି ଉତ୍ସବର ଉଦ୍‌ଯାପନ ପର୍ବକୁ ବହୁ ଆଡ଼ମ୍ବର ସହ ପାଳନ କରାଯିବ ବୋଲି ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ନେଇଛନ୍ତି। ଏଥିରେ ୩୦୦ରୁ ଅଧିକ ପ୍ରଦର୍ଶନୀ ମଣ୍ଡପ, ପିଲାମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ଇତ୍ୟାଦି ସ୍ଥାନ ପାଇବା ସଙ୍ଗେ ସଙ୍ଗେ ପ୍ରତିଦିନ ସଂଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ କଳାକାର ଅନୁଷ୍ଠାନମାନେ ଅଂଶ ଗ୍ରହଣ କରିବେ ଏବଂ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ମନୋରଞ୍ଜନର ମୁଖ୍ୟ ଆକର୍ଷଣ ହେବ ଜଳପରୀ। ଏଥିରେ ଇଣ୍ଡୋନେସିଆର ଝିଅମାନେ ଜଳପରୀ ଭାବେ ଉଭା ହେବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଖୋର୍ଦ୍ଧାବାସୀ ଉପଭୋଗ କରିବା ସହ ସମସ୍ତ ପ୍ରକାର ସହଯୋଗ କରିବାକୁ ନିବେଦନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଜଗଦେବ, ସଭାପତି ଡ଼. ଦିଲ୍ଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ଉପସଭାପତି ସଂଜୟ ପଟ୍ଟନାୟକ, ସଂଯୋଜକ ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଓ ବିଧାନ ମହାନ୍ତି, ନିକୁଞ୍ଜ କିଶୋର ପଟ୍ଟନାୟକ, ଗୌରୀଶଙ୍କର ତ୍ରିପାଠୀ, ପି.ତ୍ରିପତି ବାଲାଜି ପାତ୍ର ପ୍ରମୁଖ।

# ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯାତ୍ରୀବାହୀ ବସ୍ ଯିବାକୁ ଦାବିକଲା ଓୟୁଡବ୍ଲୁଜେ

ଖୋର୍ଦ୍ଧା,୨।୧୨(ସମିସ): ନୂଆ ବସ୍‌ଷ୍ଟାଣ୍ଡ ପରିବର୍ତ୍ତେ ଜାତୀୟ ରାଜପଥର ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ବହୁ ଦୂରରେ ରହୁଛି ଯାତ୍ରୀବାହୀ ବସ୍। ହଇରାଣ ହେଉଛନ୍ତି ବହୁ ଯାତ୍ରୀ। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ(ଓ.ୟୁ.ଡ ବ୍ଲୁ.ଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ସମସ୍ୟାର ସମାଧାନ ଲାଗି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲାର ସଦର ମହକୁମା ହୋଇଥିବାରୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଯାତ୍ରୀ ଓ ସାଧାରଣ ଲୋକେ ଖୋର୍ଦ୍ଧା ଦେଇ ଦୂରଦୂରାନ୍ତକୁ ଯାତାୟାତ କରିଥାନ୍ତି। ମୁଖ୍ୟତଃ ଭୁବନେଶ୍ୱରରୁ ବ୍ରହ୍ମପୁର ଏବଂ ଗଞ୍ଜାମ ଅଭିମୁଖେ ଯାଉଥିବା ଯାତ୍ରୀବାହି



ବସ ଗୁଡ଼ିକ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡକୁ ନ ଯାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଓଭର ବ୍ରିଜ ଦେଇ ଯାଉଥିବାରୁ ଓଭର ବ୍ରିଜ ତଳେ ବସ୍‌କୁ ଅପେକ୍ଷା କରି ରହିଥିବା ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ସେମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବହୁ ଦୂରରେ ଥିବା ତୋଟାପଡା ଇସ୍କନ ମନ୍ଦିର ପୂର୍ବକୁ ଏବଂ ଗଡ଼ଖୋର୍ଦ୍ଧା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପାଖକୁ ଯିବାକୁ ପଡୁଛି। ପୂର୍ବରୁ ସମସ୍ତ ଯାତ୍ରୀବାହୀ ବସ୍ ଗୁଡ଼ିକ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଦେଇ ଯିବା ଆସିବା କରୁଥିବା ବେଳେ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହି ସମସ୍ୟାର ସମାଧାନ ନିମନ୍ତେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ(ଓ.ୟୁ.ଡ ବ୍ଲୁ.ଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱ ରେ ଏକ ପ୍ରତନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥଲେ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ଜିଲ୍ଲା ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ଉପ ସଭାପତି ସୟଦ ଲିୟାକତ ଅଲ୍ଲି, ଲଳିତ ମୋହନ ମହାପାତ୍ର, ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭଞ୍ଜ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନିରାକାରପୁର, ୨।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ମହାବିଦ୍ୟାଳୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କୁ ଜିଲ୍ଲାର ଅନ୍ୟତମ ପ୍ରାଚୀନ କ୍ରୀଡା ଅନୁଷ୍ଠାନ ସଖାସଙ୍ଘ କ୍ରୀଡା ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ସଖାସଙ୍ଘ କ୍ରୀଡ଼ା ସଂସଦ ସଭାପତି ବିପିନ ଜୟସିଂହ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, କପିଳେଶ୍ୱର ସିଂହ ଓ ବାଲୁଙ୍କେଶ୍ୱର ବେହେରା ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ବେଗୁନିଆ,୨।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ପଞ୍ଚାୟତ ପରିସରରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ଶିଳ୍ପୀ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଆଞ୍ଚଳିକ ଶିଳ୍ପୀ ସଂଘର ସଂଯୋଜକ କଳ୍ପତରୁ ପଣ୍ଡାଙ୍କ ସଂଯୋଜନାରେ ଶିଳ୍ପ ବିଭାଗର




ସହକାରୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଓ ହସ୍ତଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପାରମ୍ପରିକ କାଗଜ ମୁଖାର ପୁନରୁଦ୍ଧାର କରିବା ସହ ମହିଳା ପ୍ରଶିକ୍ଷାର୍ଥି ମାନେ ତାଲିମ ନେଇ ଆଇ ନିର୍ଭରଶୀଳ ହୋଇ ପାରିବେ ବୋଲି ମତ ପ୍ରକାଶ କରିଥିଲେ।

# ନାଚୁଣୀ କଲେଜରେ ଏଡ୍‌ସ ଦିବସ ପାଳିତ

ଚିଲିକା,୨।୧୨(ସମିସ): ନାଚୁଣୀ କଲେଜରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ବିଶ୍ୱ ଯୁବ ରେଡକ୍ରସ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍ସ ଦିବସ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।

# ୨୦ ଫୁଟ ତଳକୁ ଖସିଲା ଗାଡ଼ି, ଚାଳକ ଗୁରୁତର



ବାଲୁଗାଁ, ୨।୧୨(ସମିସ) : ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତାର ସୁବୁଦ୍ଧିପାଟଣା ଛକ ନିକଟରେ ମଙ୍ଗଳବାର ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୨୦ ଫୁଟ ତଳକୁ ରାସ୍ତାପାଶ୍ୱର୍ ବିଲ ମଧ୍ୟକୁ ଖସି ଓଲଟି ପଡିଛି। ଫଳରେ ଗାଡି ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଚାଳକ ଜଣକ ହେଲେ ବ୍ରହ୍ମପୁର ନିକଟ ଇଛାପୁର ଗ୍ରାମର ବସନ୍ତ ଗୌଡ଼ ବୋଲି ଜଣାଯାଇଛି। ଉକ୍ତ ପିକଅପ ଭ୍ୟାନ ବ୍ରହ୍ମପୁରରୁ ବାହାରି ମାଛ ନେଇ ବାଲେଶ୍ୱର ଯାଇ ମାଛ ଖାଲି କରି ମଙ୍ଗଳବାର ସକାଳେ ବ୍ରହ୍ମପୁର ଅଭିମୁଖେ ଫେରୁଥିବା ସମୟରେ ବାଲୁଗାଁ ବାଇପାସର ସୁବୁଦ୍ଧି ପାଟଣା ଛକ ନିକଟରେ ହଠାତ ଭାରସାମ୍ୟ ହରାଇ ଭ୍ୟାନଟି ରାସ୍ତାରୁ ପ୍ରାୟ ୨୦ ଫୁଟ ତଳକୁ ଖସି ପଡି ଗୋଟିଏ ଗଛକୁ ଧକ୍କା ଦେଇ ବିଲ ମଧ୍ୟରେ ଓଲଟି ପଡିଥିଲା। ପିକଅପ ଭ୍ୟାନରେ କେବଳ ଡ୍ରାଇଭର ଥିବା ବେଳେ ସ୍ଥାନୀୟ ଲୋକେ ଆହତ ଡ୍ରାଇଭଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ଗାଡି ମାଲିକ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ଡାକ୍ତର ଗୁରତର ଚାଳକଙ୍କୁ ଅଧିକ ଚିକତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରିଥିବା ସୁଚନା ମିଳିଛି। ଖବର ପାଇ ନାଭାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ୪୭ ଚାଳକଙ୍କ ଡିଏଲ୍ ରଦ୍ଦ ପାଇଁ ସୁପାରିସ

ବାଲୁଗାଁ,୨।୧୨ (ସମିସ) : ପରିବହନ ବିଭାଗ ପକ୍ଷରୁ ଶୂନ ମୃତ୍ୟୁହାର ସପ୍ତାହ ପାଳନ ଅବସରରେ ଗାଡି ମୋଟର ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ପୁଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବାଲୁଗାଁ ସହରର ବିଭିନ୍ନ ସ୍ଥାନରେ ଦୁଇ ଦିନ ଧରି ରାତ୍ର ସମୟରେ ଅଞ୍ଚଳରେ ବେଆଇନ ଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ମୋଟ ୧୩୩ ଜଣଙ୍କ ନାମରେ ୧୦ ଲକ୍ଷ ୩୧ ହଜାର ଟଙ୍କାର ଜରିମାନା ଚାଲାଣ କଟା ଯାଇଥିବା ବେଳେ ୪୭ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ମାସ ପର୍ଯ୍ୟନ୍ତ ରଦ୍ଦ କରିବା ଲାଗି ସୁପାରିସ କରାଯାଇଛି। ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ଏବଂ ଖୋର୍ଦ୍ଧା ଟ୍ରାଫିକ ସବ୍ ଇନ୍‌ସ୍ପେକ୍ଟର ତୃପ୍ତି ରେଖା ଜେନାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବାଲୁଗାଁ ବାଇପାସ ରୋଡ଼ ଏବଂ ନୂଆଗଡ଼ ଓଭରବ୍ରିଜ ନିକଟରେ ପୃଥକ ଭାବେ ଯାଞ୍ଚ କରି କରିଥିଲେ।

# ବିଦ୍ୟାଳୟରୁ ୪ଫୁଟର ଚମ୍ପାନାଗ ଉଦ୍ଧାର

ନିରାକାରପୁର,୨।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ସରକାରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ ପରିସର ଷ୍ଟୋର ରୁମରେ ଏକ ସାପ ଥିବାର ଦେଖି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସ ବଘେଇପୁଟ ଗ୍ରାମର ସାପ ଉଦ୍ଧାରକାରୀ ବସନ୍ତ କୁମାର ବେହେରାଙ୍କୁ ଖବର



ଦେଇଥିଲେ। ପରେ ଶ୍ରୀ ବେହେରା ପହଞ୍ଚି ବିଦ୍ୟାଳୟ ଷ୍ଟୋର ରୁମରୁ ଏକ ୪ ଫୁଟ ଲମ୍ବର ଚମ୍ପା ନାଗ ଉଦ୍ଧାର କରିଥିଲେ। ପରେ ଉକ୍ତ ବିଷଧର ସାପକୁ ବସନ୍ତ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ରଘୁନାଥ ବେହେରାଙ୍କ ସ୍ମୃତିସଭା

ଟାଙ୍ଗୀ,୨।୧୨(ସମିସ): କୁହୁଡି ପଞ୍ଚାୟତର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରଘୁନାଥ ବେହେରାଙ୍କ ସ୍ମୃତି ଚାରଣ ସଭା କୁହୁଡି ଗାନ୍ଧୀ ମଣ୍ଡଳଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ହୃଷିକେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ବିଜେପି ନେତା ରଶ୍ମିରଂଜନ ମହାପାତ୍ର, ବଡପାରି ସରପଞ୍ଚ ପ୍ରଫୁଲ୍ଲ ଦାସ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଜିଲ୍ଲା ପରିଷଦ ସଭ୍ୟ ବିଜୟ ଜେନା, ମଣ୍ଡଳ ସଭାପତି ଜୟରାମ ବେହେରା, ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ଅଶୋକ ବେହେରା, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଆଇନଜୀବୀ ମନୋଜ ମାନସିଂହ, ମନ୍ମଥ ମାନସିଂହ, ସୁବାସ ପ୍ରଧାନ, ସୁଶାନ୍ତ ସାମନ୍ତରାୟ, ପବିତ୍ର ହରିଚନ୍ଦନ, ସର୍ବେଶ୍ୱର ରାଉତରାୟ, ଲକ୍ଷ୍ମଣ ବେହେରାଙ୍କ ସମେତ ସ୍ୱର୍ଗତ ବେହେରାଙ୍କ ପୁତ୍ର ଶୁଭ୍ରାଂଶୁ ବେହେରା ଓ ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ବେଗୁନିଆ, ୨।୧୨(ସମିସ): ବେଗୁନିଆ ସଦର ମହକୁମାର ନୁଆସାହି ସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ରଶ୍ମିଚାନ୍ଦ କରଙ୍କ ଅଧ୍ୟକ୍ଷତାରେ ଚଳିତ ମାସ ୧୪ ତାରିଖ ରବିବାର ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଗଙ୍ଗାଧର ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।

# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

ଖୋର୍ଦ୍ଧା, ୨।୧୨(ସମିସ): ମୂଳ ପଦବୀକୁ ଅପ୍‌ଗ୍ରେଡ୍ କରି ଲେବୁଲ୍-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ଟଙ୍କା ପ୍ରଦାନ, ଦ୍ୱିତୀୟରେ ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ପ୍ରମୁଖ ଦାବି ପୂରଣ ଦାବିରେ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ ସଂଘ। ଏ ନେଇ ପ୍ରାଥମିକ ଶିକ୍ଷକ



- **୫ରେ ବିଧାନସଭା ଘେରଉ କରିବ ସଂଘ**
- **ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ସଂଘ**

ମହାସଂଘର ଆହ୍ୱାନ କ୍ରମେ ଆଜି ଖୋର୍ଦ୍ଧା ବ୍ଲକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଭାପତି ତଥା ଆବାହକ ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୨ଜଣିଆ ପ୍ରତିନିଧି ମଣ୍ଡଳୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସଂଧ୍ୟାବତୀ ଲେଙ୍କାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ପ୍ରାଥମିକ ଶିକ୍ଷାସ୍ତରରୁ ଚୁକ୍ତି ପ୍ରଥା ଉଠେଇବେ ବୋଲି ଘୋଷଣା କରିଥିଲେ ମଧ୍ୟ କାର୍ଯ୍ୟକାରୀ କରିନାହାନ୍ତି। ଖୁବ୍‌ଶୀଘ୍ର ସରକାରୀ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂଘ ଦାବି କରିଛି।

ପ୍ରକାଶ ଥାଉକି, ଓଡ଼ିଶାର ବିଭିନ୍ନ ୯ଟି ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଏକତ୍ରିତ ହୋଇ ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘ ନାମରେ ଆସନ୍ତା ୫ତାରିଖରେ ଭୁବନେଶ୍ୱର ଲୋୟର୍ ପିଏମ୍‌ଜିଠାରେ ଅର୍ଥାତ୍ ଗାନ୍ଧୀ ମାର୍ଗରେ ମହାସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କନିଷ୍ଠ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅଶୋକ ସେଠୀ, ପ୍ରାଥମିକ ଶିକ୍ଷକ ସଂଘର ଅମୀୟ ପରିଡ଼ା, କନିଷ୍ଠ ଶିକ୍ଷକ ସଂଘର ସମ୍ପାଦକ ଦିନେଶ ମହାରଥି, ବ୍ଲକର ସଭାପତି ସୌମ୍ୟରଞ୍ଜନ ରଥ, ନୃସିଂହମଣି ବେହେରା, ଉପସଭାପତି ରଶ୍ମି ଦାସ, ସହସମ୍ପାଦକ ଜ୍ୟୋର୍ତିମୟୀ ନାୟକ, ରବୀନ୍ଦ୍ରନାଥ ଦାସ, ବିରଂଚି ନାରାୟଣ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ମାଧବଚନ୍ଦ୍ର ରଣା, ପ୍ରଭାସିନୀ ବେହେରା, ଜୟନ୍ତୀ ଦଳାଇ, ଅନନ୍ୟା ଦାସ, କୌଶଲ୍ୟା ବେହେରା, କୃତିବାସ ଦାସ, ସ୍ୱାଗତ ମହାନ୍ତି, ରାଜଶ୍ରୀ ଚାଟର, ଜୟନ୍ତୀ ଦଳାଇ ପ୍ରମୁଖ ଯୋଗଦେଇଥିଲେ।

୨/୧୨/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୯୯,୫୯୯/- | ସୁନା: ୦୩.୦୦୦ ଗ୍ରାମ୍ ରୁପା: ୦୯.୦୦୦ ଗ୍ରାମ୍

### ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

# ରାଧାକୃଷ୍ଣଙ୍କୁ ଲାଗି ହେଲା ୮୭୫ ପ୍ରକାର ବ୍ୟଞ୍ଜନ

ପୁରୀ, ୨।୧୨ (ସମିସ): ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ବିବିଧ ବ୍ୟଞ୍ଜନ ନୈବଦ୍ୟ ଅର୍ପଣ କରାଯିବାର ବିଧି ରହିଛି। ଦୀର୍ଘବର୍ଷ ଧରି ମାତା ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଉଛି। ମଙ୍ଗଳବାର ଭୋରରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧାହ୍ନରେ ଶ୍ରୀରାଧାକୃଷ୍ଣଙ୍କୁ ନୈବଦ୍ୟ ଅର୍ପଣ କରାଯାଇଥିଲା। ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି, ଆଶ୍ରମର ଆରାଧ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୮୭୫ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଛି। ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରେ ସାଧା, ମିଠା କାନିକା, ଖେଚେଡି ଓ ଘିଅ ଅନ୍ନ ପରି ୨୦ରୁ ଅଧିକ ପ୍ରକାର ଅନ୍ନ, ୨୫ ପ୍ରକାର ଡାଲି, ୫୦ ତରକାରୀ, ୭୦ ପ୍ରକାରର ଭଜା, ୩୧୫ ପ୍ରକାର ଚଟଣୀ ଓ ବିଭିନ୍ନ ପ୍ରକାର ମିଠା ରହିଛି। ସକାଳୁ ପରିବା ସବୁ ଅମୁଣିଆ ହେବା ପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି।



ଉଭୟ ମହିଳା ଓ ପୁରୁଷ ଭକ୍ତ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା।

ବ୍ୟଞ୍ଜନ ଦ୍ୱାଦଶୀକୁ ନେଇ ରହିଥିବା ଜନଶ୍ରୁତି କହେ, ମାଆ ଯଶୋଦା ହଠାତ୍ ଦିନେ ଦେଖିଲେ ପୁଅ କାହ୍ନାର ଦେହ ଝଡ଼ିଯାଇଛି। ଏତିକିରେ ମା' ଯଶୋଦା ଉଛନ୍ନ ହୋଇଗଲେ। ଭାବିଲେ ନଖାଇ ନପିଇ ସେ ଏମିତି ହୋଇଗଲାଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ କୃଷ୍ଣଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ନିଜ ମା'ଙ୍କ ପରଷା ବହୁବିଧ ବ୍ୟଞ୍ଜନ ଖାଇଥିବା ଶୁଣାକଥା ରହିଛି। ଏହି ଜନଶ୍ରୁତିକୁ ନେଇ ଗୌଡ଼ୀୟ ବୈଷ୍ଣବ ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି।

### ● ଆଜି ମହାପ୍ରଭୁଙ୍କ ବନକଲାଗି

## ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨।୧୨(ସମିସ): ମାର୍ଗଶୀର ଶୁକ୍ଳ ତ୍ରୟୋଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

## ଏଡ୍ସ ଦିବସରେ ଜନ ସଚେତନତା ପଦଯାତ୍ରା




ପୁରୀ,୨।୧୨(ସମିସ): ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ ପ୍ରିୟଦର୍ଶିନୀ କଲେଜ ଅଫ୍ ନର୍ସିଂ ଆଣ୍ଡ ଆଲାଏଡ ହେଲ୍ଥ ସାଇନସ୍ ପକ୍ଷରୁ ସୋମବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ସିପିଏସ୍ ପୁରୀର ଚେୟାରପର୍ସନ ଅନିମା ଦାଶ ସମ୍ମାନିତ ଅତିଥି ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିନୋଦ ବିହାରୀ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏ ବର୍ଷର ବିଷୟବସ୍ତୁ 'ଓଭରକମିଙ୍ଗ୍ ଡିସ୍‌ରପସନ୍ ଟ୍ରାନ୍ସଫରମିଙ୍ଗ୍ ଦ ଏଡ୍ସ ରେସ୍‌ପନ୍ସ' ଉପରେ ଆଲୋଚନା ସହ ଚିକିତ୍ସା କ୍ଷେତ୍ରରେ ଏଡ୍ସ ଭଳି ଦୁରାରୋଗ୍ୟର ଉପଚାର ପାଇଁ ବିଭିନ୍ନ ବାଧାବିଘ୍ନକୁ ଦୂର କରାଯାଇପାରିଲେ ଏକ ସୁସ୍ଥ ସମାଜ ଗଠନ ହେବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦଯାତ୍ରାକୁ ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ଅନ୍ୱେଷା ଦାସ ଓ ପଦ୍ମିନୀ ଜେନା ପରିଚାଳନା କରିଥିଲେ।

## ଅବସର ନେଲେ ପୁରୀ ସଦର ବିଇଓ

ପୁରୀ,୨।୧୨(ସମିସ): ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ମଙ୍ଗଳବାର ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ ଶ୍ରୀ କରଙ୍କୁ ଏକ ଦକ୍ଷ ପ୍ରଶାସକ, ଆଦର୍ଶ ଶିକ୍ଷକ ରୂପେ ବିବେଚନା କରିଥିଲେ। ଦୀର୍ଘ ବର୍ଷର ଶିକ୍ଷା କ୍ଷେତ୍ରରେ ସେ ଯେଉଁ କାର୍ଯ୍ୟ କରି ଯାଇଛନ୍ତି ତାହା ସମସ୍ତ ଶିକ୍ଷକ ସମାଜ ପାଇଁ ଅନୁକରଣୀୟ ବୋଲି କହିଥିଲେ। ଏହି ସଭାରେ ଡିଆଇଇଟିର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା, ଉପାଧ୍ୟକ୍ଷ ଶ୍ରୀମତୀ ଦେବସ୍ମିତା ମହାପାତ୍ର, ଏଡିଇଓ ଭବମ ପ୍ରଧାନ, ଏବିଇଓ ରତ୍ନାକର ବେହେରା ଶ୍ରୀ କରଙ୍କର ଗୁଣଗାନ କରିଥିଲେ। ଏହି ଅବସରରେ ପ୍ରାଥମିକ ଶିକ୍ଷକ ସଙ୍ଗଠନ ପୁରୀର ସମ୍ପାଦକ ଧିରେନ କୁମାର ବୀଣାକାର, ବରିଷ୍ଠ ପ୍ରଧାନ ଶିକ୍ଷକ ରାମନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୪ତମ ସିନିୟର୍ ପୁରୁଷ ଓ ମହିଳା ସଫ୍ଟବଲ୍ ଚାମ୍ପିଅନଶିପ୍

## ପୁରୁଷରେ ଭୁବନେଶ୍ୱର, ମହିଳାରେ କିଟ୍ ଚାମ୍ପିଅନ

ପୁରୀ,୨।୧୨(ସମିସ): ପୁରୀ ଜିଲ୍ଲା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଓଡ଼ିଶା ରାଜ୍ୟ ସଫ୍ଟବଲ ଆସୋସିଏସନ୍ ସହଯୋଗରେ ସ୍ଥାନୀୟ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୪ ତମ ରାଜ୍ୟ ସିନିଅର ପୁରୁଷ ଓ ମହିଳା ସଫ୍ଟବଲ ଚାମ୍ପିଅନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୨ଟି ଜିଲ୍ଲାରୁ ୪୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୧୬ ପୁରୁଷ ଓ ୮ ମହିଳା ଟିମ୍ ଭାଗ ନେଇଥିଲେ। ଭୁବନେଶ୍ୱର ଟିମ୍ ପୁରୁଷ ଦଳ ଚାମ୍ପିଅନ୍ ହୋଇଥିବାବେଳେ ମହିଳାରେ କିଟ୍ ଚାମ୍ପିଅନ ହୋଇଥିଲା। ଏଥିରେ ୧୫ ଜଣ ଖେଳାଳିଙ୍କୁ ଆଗାମୀ ଦିନରେ ଚୟନ କରାଯିବ। ଏହି ଖେଳାଳିମାନେ ସିନିୟର ଖେଳିବାକୁ ପଶ୍ଚିମବଙ୍ଗ ଗସ୍ତ କରିବେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭାରତୀୟ ସଫ୍ଟବଲ ସଂଘ ସମ୍ପାଦକ ପ୍ରବୀଣ ଅନାଓକର, ରାଜ୍ୟ ସଫ୍ଟବଲ ଆସୋସିଏଶନ ସଭାପତି ଦେବେନ୍ଦ୍ର ସାହୁ, ଇଣ୍ଡିଆ ସଫ୍ଟବଲ ଆସୋସିଏଶନ ଉପସଭାପତି ଲକ୍ଷ୍ମୀପ୍ରିୟା ସାହୁ ଯୋଗ ଦେଇଥିଲେ।

### କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

## ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ




ପୁରୀ,୨।୧୨(ସମିସ): ଓଡିଶା ଖୋ ଖୋ ସଂଘ ଦ୍ୱାରା ପୁରୀ ଜିଲ୍ଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଗତ ୨୭ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, ଓଡ଼ିଶା ଖୋ ଖୋ ସଂଘ କାର୍ଯ୍ୟକାରୀ ସଦସ୍ୟ ଭୁବନ ମୋହନ ଦାସ ଓ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର, ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ଅନିଲ ଲକ୍ଷ୍ମଣ ଗଞ୍ଜବେ, ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଯୋଗଦେଇ ଓଡ଼ିଶାର ୨୩ଟି ଜିଲ୍ଲାରୁ ଆସିଥିବା ୩୪୫ ବାଳକମାନଙ୍କୁ ଖୋ ଖୋ କ୍ରୀଡ଼ାରେ ନିଜର ଜୀବିକା ଓ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଦୁଇ ଜିଲ୍ଲାର କ୍ରୀଡା ଅଧିକାରୀ ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ସେମିଫାଇନାଲରେ ସୁନ୍ଦରଗଡକୁ ୧୫ ପଏଣ୍ଟରେ ଓ ଜଗତ୍‌ସିଂହପୁର କିସ୍ ବିଶ୍ୱବିଦ୍ୟାଳୟକୁ ୨ ପଏଣ୍ଟରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲ। ଫାଇନାଲରେ କ୍ରୀଡ଼ା ଛାତ୍ରାବାସ ୨୨ ପଏଣ୍ଟ ବ୍ୟବଧାନରେ ଜଗତ୍‌ସିଂହପୁରକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ଏଥିସହ ୪୦ ଜଣ ବୈଷୟିକ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜଗତ୍‌ସିଂହପୁର ଉପବିଜେତା ହୋଇଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ ଓ ସୁନ୍ଦରଗଡ଼ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରେଷ୍ଠ ଡିଫେଣ୍ଡର ରଞ୍ଜନ କୁମାର ପ୍ରଧାନ, ଶ୍ରେଷ୍ଠ ଆଟାକର ତାରିଣୀ ସାହୁ ଓ ବେଷ୍ଟ ପ୍ଲେୟାର ରଘୁ ସୋୟମ ପୁରସ୍କାର ପାଇଥିଲେ। ଅପ୍ କମିଙ୍ଗ ପ୍ଲେୟାର ରୂପେ ବିକ୍ରମ ମହାନ୍ତି, ରାମଲାଲ ବରିହା, ବିକ୍ରମ ଓ ସିଲୁ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୁରୁ ହରିହରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି, ସ୍ମୃତି ସନ୍ଧ୍ୟା

ପୁରୀ,୨।୧୨(ସମିସ): ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମିତି ପକ୍ଷରୁ ପାରମ୍ପରିକ ସଙ୍ଗୀତର ମହାନ୍ ସାଧକ ଗୁରୁ ହରିହରଙ୍କ ୩୨ତମ ପୁଣ୍ୟତିଥି ଶ୍ରଦ୍ଧାଞ୍ଜଳି ସ୍ମୃତି ସନ୍ଧ୍ୟା ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ବିବରଣୀ ଉପସ୍ଥାପନ କରିଥିବା ବେଳେ ଆବାହକ ଭାଗୀରଥୀ ଖୁଣ୍ଟିଆ ଦାସଙ୍କ ନିର୍ଦ୍ଦେଶନାରେ ନୃତ୍ୟ ନାଟିକା 'ଶ୍ରୀରାଧା' ପରିବେଷିତ ହୋଇଥିଲା। ବିଜୟ କୁମାର ପଣ୍ଡା ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ପ୍ରସନ୍ନ କୁମାର



ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର୍ଷିୟାନ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ର, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଚଳିତ ବର୍ଷର 'ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ସୁଦୂର ଆମେରିକାରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାରମ୍ଭରେ ଓଡ଼ିଶା ସଂଗୀତ ପରିଷଦ ଛାତ୍ରଛାତ୍ରୀଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ବେତାର ଶିଳ୍ପୀ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଗାନ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ସଙ୍ଗୀତ ଶ୍ରଦ୍ଧାଞ୍ଜଳିରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ପରିଶେଷରେ 'ନବପ୍ରତିଭା' ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ କୁମାର ମିଶ୍ର, ଗୁରୁ ପାଗଳ ସ୍ୱାଇଁ, ଚନ୍ଦ୍ର ଶେଖର ମହାରଣା, ବିଚିତ୍ର ମହାପାତ୍ର, ମଧୁସୂଦନ ଖୁଣ୍ଟିଆ, ପ୍ରଫୁଲ୍ଲ ଖୁଣ୍ଟିଆ, କୁମୁଦିନୀ ପଣ୍ଡା, ଗୌରାଙ୍ଗ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର କାନୁନଗୋ, ନଳିନୀ ନାୟକ, ଶତ୍ରୁଘ୍ନ ନାୟକ, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ ହରିହରଙ୍କ ପରିବାର ସଦସ୍ୟ ଏବଂ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୨।୧୨(ସମିସ): ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ କୋର୍ଟ ସମେତ ପିପିଲି, ନିମାପଡା, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନି, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡପତ୍ର ବାଦ୍ ଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ ମକଦ୍ଦମାସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସଲୀସ ଯୋଗ୍ୟ ଦେୱାନି ମକଦ୍ଦମାଗୁଡିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହି ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବନାହିଁ। ଲୋକ ଅଦଲତାଙ୍କ ରାୟ ବୈଧ, ଚୂଡ଼ାନ୍ତ ହୋଇଥାଏ।






### ପୁରୀବାସୀଙ୍କ ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ପ୍ରବେଶ ଅଭିଯାନ

# ସାମିଲ ହେବ ପୁରୀ ଓକିଲ ସଂଘ



ପୁରୀ,୨।୧୨(ସମିସ): ପୁରୀ ଓକିଲ ସଂଘ ପରିସରରେ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଶରତ ରାୟଗୁରୁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏଥିରେ ପୁରୀ ଓକିଲ ସଂଘକୁ ପୁରୀବାସୀଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଦାବିକୁ ସମର୍ଥନ କରିବା ପାଇ ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଥିଲା।

ଓଡ଼ିଶାର ପୁଣ୍ୟ କ୍ଷେତ୍ର ପୁରୀରୁ ଯେଉଁ ପ୍ରତିବାଦର ସ୍ୱର ଉଠିଛି ତାହା ଭାରତୀୟ ସାମାଜିକ ତଥା ଧାର୍ମିକ ଇତିହାସରେ ଅତ୍ୟନ୍ତ ବିରଳ ଓ ସ୍ମରଣୀୟ। ଏହା କୌଣସି ଭୌତିକ ସମ୍ପଦର ଦାବି ନୁହେଁ ବରଂ ନିଜ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁଲଭ ଓ ନିରବଚ୍ଛିନ୍ନ ଦର୍ଶନ ପାଇଁ ଆମ୍ଭର ଦାବି। ପୁରୀ ସହରବାସୀଙ୍କ ଏହି ଭାବପ୍ରବଣ ଦାବି କେବଳ ଏକ ନିୟମଗତ ପରିବର୍ତ୍ତନ ପାଇଁ ଅନୁରୋଧ ନୁହେଁ, ବରଂ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଥିବା ଏକ ଅନ୍ତରଙ୍ଗ ସମ୍ପର୍କର ସୁରକ୍ଷା ପାଇଁ କରୁଣ ନିବେଦନ। ପୁରୀର ଅଧିବାସୀମାନେ ଶ୍ରୀଜଗନ୍ନାଥଙ୍କୁ କେବଳ ଜଗତର ନାଥ ଭାବେ ଗ୍ରହଣ କରିନାହାନ୍ତି ବରଂ ସେମାନେ ତାଙ୍କୁ ନିଜ ଘରର ଅବିଭାଜ୍ୟ ଦେବତା ଓ ପରିବାରର ମୁଖ୍ୟ ସଦସ୍ୟ ଭାବେ ସମ୍ମାନ ଦେଇଆସିଛନ୍ତି। ଯେଉଁଭଳି ଏକ ପରିବାର ସଦସ୍ୟ ଅନ୍ୟ ସଦସ୍ୟଙ୍କ ନିକଟକୁ ଯିବା ପାଇଁ କୌଣସି ବାଧା ବା ପ୍ରତିବନ୍ଧକର ସମ୍ମୁଖୀନ ହୁଏ ନାହିଁ ଠିକ୍ ସେହିପରି ପୁରୀବାସୀମାନେ କେଉଁ କାଳରୁ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇ ଆସୁଥିଲେ। ବିଶେଷକରି ମହାପ୍ରସାଦ ଆଣିବା କିମ୍ବା ଅସୁସ୍ଥତା ସମୟରେ ତୁରନ୍ତ ଦର୍ଶନ କରିବାର ସୁବିଧା ସେମାନଙ୍କର ଏକ ସାମାଜିକ ଅଧିକାର ଭଳି ଥିଲା ବିଷୟରେ ସମସ୍ତ ଅଧିବକ୍ତାମାନଙ୍କୁ ମଞ୍ଚ ପକ୍ଷରୁ ବୁଝାଯାଇଥିଲା ଓ ଏହା ସହ ଆସନ୍ତା ୭ ତାରିଖ ରବିବାର ଅପରାହ୍ନ ୪ଟାରେ ଗୁଣ୍ଡିଚା ମନ୍ଦିରଠାରୁ ବାହାରିବାକୁ ଥିବା ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ସାମିଲ ହେବା ପାଇଁ ପୁରୀର ସମସ୍ତ ଅଧିବକ୍ତାଙ୍କୁ ନିବେଦନ କରାଯାଇଥିଲା। ଅଭିଯାନ ମଞ୍ଚ ଓ ଓକିଲ ସଂଘ ମିଳିତ ବୈଠକରେ ଓକିଲ ସଂଘ ସଭାପତି ଓ ସମ୍ପାଦକ ଦାବିକୁ ଯଥାର୍ଥ ବୋଲି କହିଥିଲେ। ଆଗକୁ ସଂଘ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବ ଏବଂ ଅଭିଯାନରେ ପୁରୀ ଓକିଲ ସଂଘ ସାମିଲ ହେବା ପାଇଁ ସଭାପତି ଶ୍ରୀ ମହାନ୍ତି ଓ ସମ୍ପାଦକ ଶ୍ରୀ ରାୟଗୁରୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ବିଶ୍ୱ ଏଡ୍‌ସ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

କୁଆମରା, ୨।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଓ ଖୁଣ୍ଟା ଡିଗ୍ରୀ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଖୁଣ୍ଟା କଲେଜର ଯୁବ ରେଡକ୍ରସ୍, ରେଡ ରିବନ କ୍ଲବ୍ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏଡ୍‌ସ ଦିବସରେ ଅଧ୍ୟକ୍ଷ ସରୋଜ ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ନିର୍ମଳ ଦାସ, ମହାବିଦ୍ୟାଳୟର ଯୁବ ରେଡକ୍ରସ୍ କାଉନସିଲର ଗୋପା ସିଂହ, ଜାତୀୟ ସେବା ଯୋଜନା ଅଧିକାରୀ ଶୁଭମ ସାସମଲ, ଅଧ୍ୟାପିକା ସୁଷମା ହାଁସଦା, ଆମ ଗୈରବ ଆମ କଲେଜର ଅଧିକାରୀ ପ୍ରଦୀପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀ କଲେଜ ପରିସରରୁ ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ସେହିପରି କୁଆମରା ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଭାତ ସେନାପତି, ଛତିଶ ଦାସ, ଯୁବ ରେଡକ୍ରସ୍ ଅଧିକାରୀ ବିଶ୍ୱନାଥ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ଗୋପୀନାଥ ପଣ୍ଡା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ରଶ୍ମିତା ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

**ବେତନଟୀ:** ବେତନଟୀ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସର ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ କଳ୍ପଲତା ବେହେରା,




ସଂସ୍କୃତ ବିଭାଗ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଓଡ଼ିଆ ବିଭାଗ ଅଧ୍ୟାପିକା ଭାନୁପ୍ରିୟା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଅଭିଜିତ ମହାନ୍ତି ଯୋଗ ଦେଇଥିଲେ। ଏହି ମାରାତ୍ମକ ରୋଗ ଓ ଏହାର ନିରାକରଣ ବିଧି ସମ୍ପର୍କରେ ଆଲୋଚନା କରିଥିଲେ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ। ତର୍କ, ଚିତ୍ରାଙ୍କନ, କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ କାଉନସେଲର ରାଜନ ମିଶ୍ର ଓ ମନୀଷାରାଣୀ ଅଗ୍ରୱାଲଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯାଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

**ଶୁଳିଆପଦା/ମୋରଡ଼ା:** ଚକଶୁଳିଆପଦାସ୍ଥ ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ରେଡ୍‌କ୍ରସ କାଉନସିଲର ନାରାୟଣୀ ନାଥ ଓ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧ୍ୟକ୍ଷ ସଞ୍ଜୟ ସେନାପତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ଚକଶୁଳିଆପଦା ଗ୍ରାମ ପରିଭ୍ରମଣ କରିଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସ୍ଲୋଗାନ, କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦୁଷ୍ମନ୍ତ ସି, ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର, ସ୍ମୃତିପ୍ରଭା ମହାନ୍ତ, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ବଡ଼ସାହି:** ମାଣତ୍ରୀସ୍ଥ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ରେଡକ୍ରସ ପରାମର୍ଶଦାତା ଅଧ୍ୟାପିକା ସଂଘମିତ୍ରା ନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତା ଶୋଭାଯାତ୍ରାରେ ମାଣତ୍ରୀ ବଜାର ପରିକ୍ରମା କରିଥିଲେ। ମାଣତ୍ରୀ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ରୋହିତ ସାହୁ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଶୋଭାଯାତ୍ରା ପରେ ବିଦ୍ୟାଳୟରେ ଅଧ୍ୟକ୍ଷା ଅମିତା ପଣ୍ଡାଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

**କରଞ୍ଜିଆ:** କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ୩୦୦ରୁ ଅଧିକ ଛାତ୍ରଛାତ୍ରୀ କଲେଜରୁ ଶୋଭାଯାତ୍ରାରେ ବାହାରି କରଞ୍ଜିଆର ଏନଏସସି ଛକ ଓ ୧୫ନଂ ୱାର୍ଡ ଅଞ୍ଚଳରେ ପରିକ୍ରମା କରିଥିଲେ। ଅଧ୍ୟକ୍ଷ ମନୋଜ ସାହୁଙ୍କ ଅନୁପସ୍ଥିତିରେ ବରିଷ୍ଠ ପ୍ରାଧ୍ୟାପକ ଅବନୀକାନ୍ତ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ଓ ରଞ୍ଜିତ ସାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚନ୍ଦଭାନୁ ମହାନ୍ତ, ଶ୍ରାବଣୀ ବଳ, ସ୍ୱର୍ଣ୍ଣମୟୀ ବେହେରା, ସୌମ୍ୟରଞ୍ଜନ ମଲ୍ଲିକ, ପିଙ୍କି ଦେହୁରୀ, ଅଭିପ୍ସା ମିଶ୍ର, ହରେକୃଷ୍ଣ ସେଠୀ, ରୋଶନ ମୁଣ୍ଡା, ସୋନାଲି ନାଏକ ସହଯୋଗ କରିଥିଲେ।

**କରଞ୍ଜିଆ:** ଭାରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜିତ କରଙ୍କ ସଭାପତିତ୍ୱରେ ରେଡ୍ ରିବନ କ୍ଲବ ଓ ଯୁବ ରେଡକ୍ରସ ସହଯୋଗରେ ଯୁବ ରେଡକ୍ରସ ପରାମର୍ଶଦାତା




ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ବାହାରି ଟେଣ୍ଟୋପୋଷି, ଚତୁରିସାହି, ନୂଆସାହିରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରିୟରଞ୍ଜନ ତନ୍ତୀ, ଖେଳ ପ୍ରଶିକ୍ଷିକା ସେହନାଜ ବେଗମ, ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ, ଓଡ଼ିଆ ଅଧ୍ୟାପକ ଜୟ ସାହା, ଇତିହାସ ଅଧ୍ୟାପିକା ଯଶୋମତି ମହାନ୍ତ, ପିଜିଟି ଓଡ଼ିଆ ତନିସା ନାଏକ, ପିଜିଟି ସଂସ୍କୃତ ଦେବଯାନୀ ନାଏକ, ପିଜିଟି ଗୃହ ବିଜ୍ଞାନ ସ୍ମୃତିମୟୀ ସ୍ୱାଇଁ, ପିଜିଟି ଇତିହାସ ଯମୁନା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ।

**ରାଇରଙ୍ଗପୁର/ବିଜାତଳା:** ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳାସ୍ଥିତ ଆର୍‌କେ କନିଷ୍ଠ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। କଲେଜ ପରିସରରେ ଅଧ୍ୟକ୍ଷ କବି ସଂଗ୍ରାମ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୁହାଶିଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ପଙ୍କଜ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅଜୟ କୁମାର ଗିରି, ରେଡ୍‌କ୍ରସ ପରାମର୍ଶଦାତା ସଞ୍ଜୀବ କୁମାର ଗିରି, ଅଧ୍ୟାପକ ଶଶିକାନ୍ତ ନନ୍ଦ, ଅନୀଲ କୁମାର ଗିରି, ରୂପ ନାରାୟଣ ମାଝୀ, ରମାକାନ୍ତ ପାତ୍ର, ଯୋଗେଶ୍ୱର ତୁଂ, ସୁଦୀପ ସରକାର, ମାୟାଧର ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଡ୍‌ସ ସଚେତନତା ନେଇ ଅଭିଭାଷଣ ଦେଇଥିଲେ। ଏନେଇ ଆୟୋଜିତ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

**ବାରିପଦା:** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଲେଜ ପ୍ରାଙ୍ଗଣରୁ ସଚେତନତା ପଦଯାତ୍ରା କରାଯାଇଥିଲା। କାଉନ୍‌ସିଲର ଡ. ହରପ୍ରସାଦ ମହାପାତ୍ର, ସୁପ୍ରିମ୍ ମଣ୍ଡଳ, ଦୀପିକା ରଣା, ଡ. ଅନାମ ରାଉଳ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

**ବାରିପଦା/ଶ୍ୟାମାଖୁଣ୍ଟା:** ବିଶ୍ୱ ଏଡ୍‌ସ ଦିବସ ଅବସରରେ 'ମୟୂରଭଞ୍ଜ ଆକ୍ସନ ଆଣ୍ଡ ରିସର୍ଚ୍ଚ ଗ୍ରୁପ୍ (ମାର୍ଗ) ଏବଂ କେନ୍ଦୁଆସ୍ଥିତ ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ସ୍କୁଲର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ବିଶାଳ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଏଡ୍‌ସ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ନାଥ ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ସଂଯୋଜକ ଡ. ସଂଘମିତ୍ରା ପଟ୍ଟନାୟକ, ଶ୍ୟାମାଖୁଣ୍ଟା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହୁରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଶାନ୍ତନୁ ଦାସ ଏବଂ ବରିଷ୍ଠ ସାମ୍ବାଦିକ ଦୀପକ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ୫ ଦିବ୍ୟାଙ୍ଗ ପିଲାଙ୍କୁ ସହାୟତା ଦାବି



ଖୁଣ୍ଟା, ୨।୧୨(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡେଙ୍ଗାମ ପଞ୍ଚାୟତ (ବିପ୍ରଚରଣ) ଲୁକୁଇଦା ଗ୍ରାମର ୫ ଜଣ ଦିବ୍ୟାଙ୍ଗ ପିଲାଙ୍କୁ ସରକାରୀ ସହାୟତା ନ ଥିବାରୁ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଏ ନେଇ ଖବର ପ୍ରସାରଣ ପରେ ବିଜେପି ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସେମାନଙ୍କୁ ଭେଟିଛନ୍ତି। ଲିଟା ମୁର୍ମୁଙ୍କ ୫ ଜଣ ପିଲା ଦିବ୍ୟାଙ୍ଗ ଅଟନ୍ତି। ଜନ୍ମର ୩ରୁ ୪ ବର୍ଷ ପରେ ମାନସିକ ବିକାରଗ୍ରସ୍ତ ରହିଛନ୍ତି। ଚିକିତ୍ସା ପାଇଁ ଡାକ୍ତର ପାଖରେ ଦେଖାଇଛନ୍ତି, କିନ୍ତୁ ଡାକ୍ତର ମସ୍ତିଷ୍କ ଅପରେସନ ପାଇଁ କହିଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ପରିବାର ଅସୁବିଧାରେ ରହିଛନ୍ତି। ବୃଦ୍ଧ ବାପାମା ବି କାମ କରି ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହେଉଛି। ତେଣୁ ସରକାର ସହାୟତା ତୁରନ୍ତ ଯୋଗାଇବାକୁ ପ୍ରତିନିଧି ଦଳ ଭେଟିଛନ୍ତି। ୫ ଜଣ ଦିବ୍ୟାଙ୍ଗ ପିଲାଙ୍କ ଆଧାର କାର୍ଡ ନ ଥିବାରୁ ସରକାରୀ ସହାୟତା ମିଳୁନାହିଁ। ତାହାକୁ ତୁରନ୍ତ କରିବା ପାଇଁ ଖୁଣ୍ଟା ବିଡିଓଙ୍କ ସହ ଶ୍ରୀ ହାଁସଦା ଆଲୋଚନା କରିଛନ୍ତି। ଏଥିସହିତ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ଆବାସ ଗୃହ, ଭତ୍ତା, ବିଦ୍ୟୁତ ବ୍ୟବସ୍ଥା ଆଦି କରିବାକୁ ମଧ୍ୟ ଆଲୋଚନା କରିଛନ୍ତି। ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ ଶ୍ରୀ ହାଁସଦା ସମେତ ଖୁଣ୍ଟା ମଣ୍ଡଳ ସଭାପତି ଚାକୁଆମ ସୋରେନ, ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଶୁଭମ ପାତ୍ର, ସୁଶାନ୍ତ ମଣ୍ଡଳ, ପାରାଓ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୨୨ ୟୁନିଟ୍ ସଂଗୃହୀତ

ବାରିପଦା, ୨।୧୨(ସମିସ): ସାମ୍ବାଦିକ ହିମାଂଶୁ ଶେଖର ପ୍ରହରାଜଙ୍କ ପୁଅ ସୁନନ୍ଦନ ପ୍ରହରାଜଙ୍କ ଜନ୍ମଦିନକୁ ପାରମ୍ପାରିକ ରୀତିରେ ପାଳନ ନ କରି ନାରାୟଣ ସେବା ଟ୍ରଷ୍ଟ ସହଯୋଗରେ ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦା ପରିସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମାଜସେବୀ ତଥା ରକ୍ତଦାତା ଡ ନିରୋଜ ପୋଥାଲ, ସୋମନାଥ ସିଂହ, ପ୍ରତାପେଶ୍ୱର ଦାଶ, ଜୟ ପ୍ରକାଶ ମହାନ୍ତ, ସୁମିତା ଚୌବେ, ଭାସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ଡଃ ଅସୀମ ଚକ୍ରବର୍ତ୍ତୀ, ଗୌରଦାସ ଗିରି, ଅଜିତ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀ ପ୍ରହରାଜଙ୍କ ସମେତ ୨୦ ଜଣ ରକ୍ତଦାତା ଓ ସମାଜସେବୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉତ୍କଳ ବନାନୀ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଶୁଳିଆପଦା, ୨।୧୨(ସମିସ): ଚକଶୁଳିଆପଦାସ୍ଥ ଉତ୍କଳ ବନାନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦାୟୀ କର୍ମଚାରୀ ସଚିନ ସାଓଙ୍କ ଦୀର୍ଘ ୩୬ ବର୍ଷର ଅନୁଭୂତିକୁ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୋମନାଥ ସେନାପତି, ଶାନ୍ତନୁ ସି, ଅଧ୍ୟାପିକା ବବିତା ସିଂ, ଅର୍ଚ୍ଚନା ଦାସ, କରୁଣାମୟୀ ପୃଷ୍ଟି, ପୂର୍ଣ୍ଣିମା ସିଂ, ସୁପ୍ରୀତି ପଣ୍ଡା, ରଶ୍ମିରେଖା ଧୀର, ମୁକ୍ତି ମରିୟାନା ମାଝୀ ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ପ୍ରଶଂସା କରିଥିଲେ। କମଳଲୋଚନ ସେନାପତି, ଲକ୍ଷ୍ମଣ ହାସଦା, ଧରଣୀ ସେଠୀ, ସାଧୁ ଜେନା ଶ୍ରୀ ସାଓଙ୍କ ଭବିଷ୍ୟତ ଜୀବନ ସୁଖମୟ ପ୍ରାର୍ଥନା କରିଥିଲେ।

## ଓଡ଼ିଶା କୃଷକ ସଭାର ଦାବିପତ୍ର ପ୍ରଦାନ

ରାସଗୋବିନ୍ଦପୁର, ୨।୧୨(ସମିସ): ସୋମବାର ରାସଗୋବିନ୍ଦପୁର ବ୍ଲକ ଓଡ଼ିଶା କୃଷକ ସଭା କମିଟି ଓ ଅମରଦା ଲ୍ୟାମ୍ପସ ଅଧୀନସ୍ଥ ଚାଷୀ ୬ ଦଫା ଦାବି ନେଇ ଉପନବନ୍ଧକ ସମବାୟ ସମିତି ସମୂହଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାସଗୋବିନ୍ଦପୁର ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ସାହୁଙ୍କ ଜରିଆରେ ପ୍ରେରଣ କରିଛନ୍ତି। ଧାନମଣ୍ଡି ଅହେତୁକ ବିଳମ୍ବ ନ କରି ଧାନ ଅମଳ ସମୟରେ ଖୋଲିବା, ଚାଷୀଙ୍କ ସୁରକ୍ଷା ପାଇଁ ଅମରଦା ଲ୍ୟାମ୍ପସରେ ଗୋଦାମ ଗୃହ ନିର୍ମାଣ, ରବିଋତୁରେ ଅମଳ ଧାନ କ୍ରୟ କରିବା ସହ କଟନି ଛଟନି ବନ୍ଦ କରିବା, ଅମରଦା ଲ୍ୟାମ୍ପସ ପାଇଁ ଧାର୍ଯ୍ୟ ହୋଇଥିବା ଧାନ କ୍ରୟ ପରିମାଣକୁ ବୃଦ୍ଧି କରିବା, ପ୍ରତି ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା, ପ୍ରତି ଧାନ କ୍ରୟ କେନ୍ଦ୍ରରେ ବିଶ୍ରାମ ସ୍ଥାନ, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା କରାଇବା ଆଦି ୬ ଦଫା ଦାବିକୁ ନେଇ ଓଡ଼ିଶା କୃଷକ ସଭା କମିଟି ସଭାପତି ପ୍ରଶାନ୍ତ ପରିଡ଼ା, ଲକ୍ଷ୍ମୀନାରାୟଣ ପରିଡ଼ା, ଗଦାଧର ସାହୁ, ବଂଶୀଧର ମଣ୍ଡଳ, ଜୟରାମ ମଣ୍ଡଳ ଓ ଅମରଦା ଲ୍ୟାମ୍ପସ ଅଧୀନସ୍ଥ ଚାଷୀ ରାସଗୋବିନ୍ଦପୁର ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ।

## ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନର ବାର୍ଷିକ ଉତ୍ସବ

ରାଇରଙ୍ଗପୁର, ୨।୧୨(ସମିସ): ସ୍ଥାନୀୟ ବ୍ଲକ ପଡ଼ିଆରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଥିବାବେଳେ ହଜାର ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଆଦିବାସୀ ପରମ୍ପରାରେ ସ୍ୱାଗତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଅଭିନେତା ସ୍ୱପ୍ନ ଦେଖୁଛନ୍ତି ଶିଶୁ କଳାକାର ଆୟୁଷ



ବାରିପଦା, ୨।୧୨(ସମିସ): ଓଡ଼ିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟ ସଙ୍ଘର ମିଳିତ ଆନୁକୂଲ୍ୟ ଓ ବାରିପଦା କଳାକାର ପରିବାର ସହଯୋଗରେ ବାରିପଦାରେ ୧୫ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଧୀର ବସାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ତାଲିମ ନେଇଥିବା ୨୦ ଜଣ ଯୁବକ/ଯୁବତୀଙ୍କୁ ନେଇ ନାଟକ ସହିଦ ଭବନରେ ମଞ୍ଚସ୍ଥ ହୋଇଥିଲା। ତେବେ ଏହି କର୍ମଶାଳାରେ ସର୍ବକନିଷ୍ଠ ଶିକ୍ଷା ନବିଶ ଆୟୁଷ କୁମାର ଗିରି ଜୀବନରେ ପ୍ରଥମଥର ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକକ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ହାତରେ ପୁରସ୍କୃତ ହୋଇଥିଲେ। ଆୟୁଷ ସର୍ବପ୍ରଥମେ ନାଟ୍ୟ କର୍ମଶାଳାରେ ହିଁ ନାଟକ ଦେଖିଲେ ଓ ନାଟକ ପ୍ରତି ଆଗ୍ରହୀ ହେଲେ। ଏହି ପୁରସ୍କାର ପାଇବା ପରେ ସେ ଜଣେ ଅଭିନେତା ହେବାର ସ୍ୱପ୍ନ ଦେଖୁଛନ୍ତି। ଅଭିରାମ ଗିରି ଓ ମିନିସ୍ମିତା ଗିରିଙ୍କ ପୁତ୍ର ବର୍ତ୍ତମାନ ବାରିପଦାସ୍ଥ ଦେଉଳସାହି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ୁଛନ୍ତି। ତାଙ୍କ ଅଭିନୟ ଦେଖି ନାଟ୍ୟ କର୍ମଶାଳାର ନିର୍ଦ୍ଦେଶକ ନବୀନ ପରିଡ଼ା, ସଂଯୋଜକ ଧୀର ବସା, କର୍ମକର୍ତ୍ତା ଜ୍ଞାନରଞ୍ଜନ ପଣ୍ଡା, ସନ୍ତୋଷ ମହାନ୍ତି, ପ୍ରସନ୍ନ ମହାନ୍ତି, ସୋମନାଥ ସିଂହ ପ୍ରମୁଖ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଭେଙ୍କଟେଶ୍ୱର ବିଦ୍ୟାଳୟ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

ବାରିପଦା, ୨।୧୨(ସମିସ): ସ୍ଥାନୀୟ ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ଆଥଲେଟିକ ମିଟ୍ ବାରିପଦା ଷ୍ଟାଡ଼ିୟମରେ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମିଟ୍‌ର ଉଦଯାପନୀ ଉତ୍ସବରେ ମ୍ୟାନେଜମେଣ୍ଟ କମିଟି ମୁଖ୍ୟ ସ୍ୱରୂପ ଦାସଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥ୍‌ଲେଟିକ ଆସସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ମ୍ୟାନେଜମେଣ୍ଟ ସଦସ୍ୟ ସୌମେନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାନେଜମେଣ୍ଟ ସଦସ୍ୟ ଅମିତ ବେହେରା, ଦୀପାୟନ ସେନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ



ବୈଶିଙ୍ଗା, ୨।୧୨(ସମିସ):ସତ୍ୟସାଇ ଉଚ୍ଚବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଜଶ୍ରୀ ପଣ୍ଡିତଙ୍କ ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ 'କଦଳୀ ପାଟୁକାରୁ ସାନିଟାରୀ ପ୍ୟାଡ୍' ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ଏହି ପ୍ରକଳ୍ପ ନିର୍ମାଣରେ ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାଶ ମାର୍ଗଦର୍ଶନ କରିଥିବାବେଳେ ଶୁଭସ୍ମିତା ସାମନ୍ତରାୟ, ରାଧୁ ସିଂ ଓ ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଛାତ୍ରୀ ରାଜଶ୍ରୀ ପଣ୍ଡିତ ଓ ତାଙ୍କ ଗାଇଡ୍ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନାରାଣୀ ଜେନା, ବିଜୟ ସେଠୀ, ସ୍ନିଗ୍ଧା ଲେଙ୍କା, ଶୁଭଲକ୍ଷ୍ମୀ ମାଝୀ, କୃଷ୍ଣପ୍ରିୟା ରାଉତ ଓ କାମିନୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ପାଘାତଜନିତ ମୃତ୍ୟୁ ରୋକିବାକୁ ସଚେତନତା ଶିବିର

ବାରିପଦା, ୨।୧୨(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ସର୍ପାଘାତଜନିତ ମୃତ୍ୟୁ ରୋକିବାକୁ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରବୋଧ ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସର୍ପାଘାତଜନିତ ମୃତ୍ୟୁ ଓ ତତ୍‌ଜନିତ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେବା ନେଇ ଅବଗତ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ସଞ୍ଜୀବ କୁମାର ଓ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା ସଭା ପରିଚାଳନା କରିଥିବାବେଳେ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର: ୧୧ଟି ଅଭିଯୋଗର ତତ୍କାଳ ସମାଧାନ

ବାରିପଦା, ୨।୧୨(ସମିସ): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ୨୨୭ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରୁ ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ୧୦ଟି ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଶୁଣାଣିରେ ବାରିପଦା ଉପଖଣ୍ଡର ୨୨୭ଟି ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରେ ୨୦୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ୧୧ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦ ଟଙ୍କା ଓ ରେଡକ୍ରସରୁ ୬ ଜଣଙ୍କୁ ୩୫,୦୦୦ ଟଙ୍କା ମଞ୍ଜୁର କରିଛନ୍ତି। ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ବାରିପଦା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବାରିପଦା, ୨।୧୨(ସମିସ): ସ୍ଥାନୀୟ ଏମପିକେ ବାଳିକା ଉଚ୍ଚବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପ୍ରାଥମିକ ସ୍ତରରୁ ୩୫ଟି, ଉଚ୍ଚବିଦ୍ୟାଳୟ ସ୍ତରରୁ ୧୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଭବିଷ୍ୟରେ ଦେଶର ପ୍ରଗତିରେ କୁନି ବୈଜ୍ଞାନିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ସରୋଜ ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀକାନ୍ତ ଚୌଧୁରୀ ଓ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମହାନ୍ତ ଉପସ୍ଥିତ ଥିଲେ। ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିବେକ ସାଓ, ଏମପିକେ ଉଚ୍ଚବିଦ୍ୟାଳୟର ଆଦ୍ୟାଶା ଦାସ, ଏମଟିକେ ଉଚ୍ଚପ୍ରାଥମିକ ବିଦ୍ୟାଳୟର ମାମୁନି ମୁର୍ମୁ, କେସିପୁର ଉଚ୍ଚବିଦ୍ୟାଳୟର ଜୟଶ୍ରୀ ମହାନ୍ତ, ପିଏମଶ୍ରୀ ଏମକେସି ଉଚ୍ଚବିଦ୍ୟାଳୟର ରୀତିଶା ନାଏକ, କମଳା ନେହେରୁ ଉଚ୍ଚବିଦ୍ୟାଳୟର ନିଶିସ୍ୱପ୍ନା ଦାସ ଓ ଭଞ୍ଜପୁର ବାଳିକା ଉଚ୍ଚବିଦ୍ୟାଳୟର ମୌସୁମୀ ପାତ୍ରଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ବିଚାରକ ଭାବେ ଜଗନ୍ନାଥ ସାହୁ, ଦିଲ୍ଲୀପ ମିଶ୍ର, ରବୀନ୍ଦ୍ର ସେଠୀ ଓ ସୁବୋଧ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଡ. ସେଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ଦାଶ ଓ ଶ୍ରୀ ମୁର୍ମୁ ଉପସ୍ଥିତ ରହି କୃତୀ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସଞ୍ଜୟ କଳିଆ ଓ ବିଶେଶ୍ୱର ଦ୍ୱିବେଦୀ, ମନୋଜ ପରିଡ଼ା, ଗୌତମ ଦାସ, ନାରାୟଣ ଦତ୍ତ, ରତ୍ନା ବାନାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମାଟିଫୁଲ'ର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



କପ୍ତିପଦା, ୨।୧୨(ସମିସ): ଗାଁ ଗହଳିର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିଲେ ଭାବୁକ ମଣିଷ ମନରେ କବିତା ଝରେ, କାହାଣୀ ଉଙ୍କିମାରେ ଓ ଓଠରେ ଭାଷାର ତରଙ୍ଗ ଖେଳେ। ବାସ୍ତବରେ କହିବାକୁ ଗଲେ ଗ୍ରାମୀଣ ପରିବେଶରେ ସାହିତ୍ୟ ସୃଷ୍ଟି ଥିଲା ଆଦ୍ୟ ରଙ୍ଗମଞ୍ଚ। ଆମ ଗ୍ରାମାଞ୍ଚଳର ଲୋକ ହିଁ ଓଡ଼ିଆ ଭାଷାରେ କଥା ହୁଅନ୍ତି ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପିଲା ପିଲାଙ୍କୁ ପାଠ ପଢ଼ାନ୍ତି। ଓଡ଼ିଆ ସାହିତ୍ୟର ବିଶାଳ ଗନ୍ତାଘର ସୃଷ୍ଟି ଏହି ଗାଁ ମାଟିରୁ ସମ୍ଭବ ହୋଇପାରିଛି ବୋଲି କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ 'ମାଟିଫୁଲ' ତ୍ରୈମାସିକ ସାହିତ୍ୟ-ସଂସ୍କୃତି-ଶୈକ୍ଷିକ ପତ୍ରିକାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗାଳ୍ପିକ ବସନ୍ତ ରାଉଳ ପୌରୋହିତ୍ୟ କରିଥିବାବେଳେ ବିଚ୍ଛିନ୍ନାଞ୍ଚଳ ଚାଇଁବସା-ଇଟା ନିବାସୀ ସାହିତ୍ୟିକ ବିଷ୍ଣୁପଦ ସିଂଦେଓ ମୁଖ୍ୟଅତିଥି, ଗଡ଼ିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ ମୁଖ୍ୟବକ୍ତା, ଭେଷଜ ବିଶେଷଜ୍ଞ ଡାକ୍ତର ଭାଗବତ ବେହେରା ବିଶିଷ୍ଟ ଅତିଥି, ଝାଡ଼ଖଣ୍ଡ ଉତ୍କଳ ସମ୍ମିଳନୀ କଳାବାଡିଆ ଶାଖା ସଭାପତି ଅଜିତ ରାଉତ, ଶିକ୍ଷାବିତ ଓ ସାହିତ୍ୟିକ ହିମାଂଶୁ ଶେଖର ଦାସ, ସ୍ତମ୍ଭକାର ଭାସ୍କର ବାରିକ ଓ ଶିକ୍ଷାବିତ ଶରତ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହସମ୍ପାଦକ ଜୟଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ସାହିତ୍ୟିକ ନରସିଂହ ବାରିକଙ୍କ ଉପନ୍ୟାସ 'ରିତାର ଭାଗ୍ୟ' ଓ ବର୍ଷୀୟାନ ଶିକ୍ଷାବିତ ଯୁଗଳ ସାହୁଙ୍କ କବିତା ସଙ୍କଳନ 'କବିତା ବିଚିତ୍ରା' ଉନ୍ମୋଚିତ ହୋଇଥିଲା। ମାଟିଫୁଲର ଲେଖକ ଡାକ୍ତର ଭାଗବତ ବେହେରା, ଅଜିତ ରାଉତ, ହିମାଂଶୁ ଦାସ, ଭାସ୍କର ବାରିକ, ଶରତ ମହାନ୍ତ ଓ ଶିଶୁ କିଶୋର ପ୍ରତିଭା ପ୍ରଣତି ସାହୁ, ଲିଜା ପାତ୍ର, ଓ ସରୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

୫ମ ସୁନକ୍ଷତ୍ର

ସକାଳ THE SAKALA
www.sakalaepaper.com
କେନ୍ଦୁଝର

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ସୁନାମୁନି 'ଜଙ୍ଗଲ ବିଚ୍'






**ପକ୍କାରାସ୍ତା ଓ ରାତ୍ରିଯାପନ ବ୍ୟବସ୍ଥା ଦାବି**

ଆନନ୍ଦପୁର, ୨।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ମନୋହରପୁର ନିକଟ ବୈତରଣୀ ନଦୀକୂଳରେ ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଛି 'ସୁନାମୁନି ଜଙ୍ଗଲ ବିଚ୍'। ଏହି ସ୍ଥାନରେ କେନ୍ଦୁଝର ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟକଙ୍କ ଗହଳି ଜମୁଛି। ବିଶେଷ କରି ପର୍ଯ୍ୟଟକମାନେ ରାତିରେ ଜଙ୍ଗଲ କ୍ୟାମ୍ପରେ ରହୁଛନ୍ତି। ଆନନ୍ଦପୁର ସଦର ମହକୁମାଠାରୁ ମନୋହପୁରର ଦୂରତା ୪୬ କିମି। ସେଠାରୁ ୪କିମି ଦୂରରେ ରହିଛି 'ସୁନାମୁନି ଜଙ୍ଗଲ ବିଚ୍'। ସାନପୁରୁଣାପାଣି ଗ୍ରାମଠାରୁ ତିନିକିମି ଜଙ୍ଗଲିଆ ରାସ୍ତାରେ ବଡ଼ବଡ଼ ପଥର ପଡ଼ିଥିବା ବେଳେ ବର୍ଷାରେ ଘାଇ ସୃଷ୍ଟି ହୋଇଥିଲା। ଚାରିଚକିଆ ଗାଡ଼ି ଯିବା ସମ୍ଭବ ହେଉ ନଥିଲା। ମନୋହରପୁର ସରପଞ୍ଚ ରାମଚନ୍ଦ୍ର ମୁର୍ମୁଙ୍କ ଉଦ୍ୟମରେ ମାଟି ରାସ୍ତା ନିର୍ମାଣ କରାଯାଇଛି। ପରେ ଆନନ୍ଦପୁର ବ୍ଲକ୍ ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ହୋଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଏଠାରେ ଏକ ପାର୍କ ନିର୍ମାଣ କରିବାକୁ ବ୍ଲକ୍‌କୁ ପ୍ରସ୍ତାବ ଦିଆଯାଇଛି। ଜଙ୍ଗଲ ଭିତରେ ବୈତରଣୀର ନୀଳ ଜଳରାଶି ଏଠାରେ ସମୁଦ୍ରର ଭ୍ରମ ସୃଷ୍ଟି କରିଛି। ନଦୀକୂଳ ବାଲୁକାଶଯ୍ୟାରେ ବଣଭୋଜି କରିବାପାଇଁ ଉପଯୁକ୍ତ ସ୍ଥାନ ରହିଛି। ସ୍ଥାନୀୟ ମତ୍ସ୍ୟଜୀବୀ ଏଠାରେ ମାଛ ଧରୁଥିବାରୁ ପର୍ଯ୍ୟଟକମାନେ ବୈତରଣୀର ମଧୁରଜଳ ମାଛ ସୁବିଧାରେ ପାଉଛନ୍ତି। ଆନନ୍ଦପୁର, ଠାକୁରମୁଣ୍ଡା, କରଞ୍ଜିଆ ଅଞ୍ଚଳରୁ ଯୁବକମାନେ ଏଠାରେ ଅସ୍ଥାୟୀ ଟେଣ୍ଟ ପକାଇ ରାତ୍ରୀଯାପନ କରୁଛନ୍ତି। ଏଠାରେ ବୈତରଣୀ ଅଧିକ ଗଭୀର ହୋଇଥିବାରୁ ପର୍ଯ୍ୟଟକ ପାଇଁ ବିପଦ ସୃଷ୍ଟି କରିଛି। ତୁରନ୍ତ ଏହି ସ୍ଥାନକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ସହ ନଦୀ କୂଳରେ ପ୍ରଶାସନ ପକ୍ଷରୁ ସତର୍କ ସୂଚନାଫଳକ ଲଗାଇବାକୁ ଦାବି ହୋଇଛି।

## କମଳାଙ୍କୁ ମିଳୁନି ଭତ୍ତା; ବିଧବା ଅସହାୟ



ଆନନ୍ଦପୁର, ୨।୧୨ (ସମିସ): ସରକାରୀ ବ୍ୟବସ୍ଥାରେ ବ୍ୟତିକ୍ରମ ଏବଂ ଅଣଦେଖାର ଶିକାର ହୋଇ ଜଣେ ଅସହାୟ ବିଧବା ମହିଳାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଘସିପୁରା ବ୍ଲକ ପଣ୍ଡୁଆ ଗ୍ରାମର କମଳା ଜେନା (୭୨) ପାଞ୍ଚ ମାସ ଧରି ତାଙ୍କ ମାସିକ ବିଧବା ଭତ୍ତା ପାଇଁ ପଞ୍ଚାୟତରୁ ବ୍ୟାଙ୍କକୁ ଦୌଡି ଦୌଡ଼ି ନିରାଶ ହୋଉଛନ୍ତି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ମିଳୁଥିବା ବେଳେ ବର୍ତ୍ତମାନ ଡିବିଟି (ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ପଦ୍ଧତିରେ ବ୍ୟାଙ୍କ ଏକାଉଣ୍ଟରେ ଟଙ୍କା ପଠାଯାଇଥିବା କୁହାଯାଉଛି। ଏଥିପାଇଁ ସେ ଆଧାର ଓ ବ୍ୟାଙ୍କ ଏକାଉଣ୍ଟର ନକଲ ଜମା ଦେଇସାରିଛନ୍ତି। ପାଞ୍ଚ ମାସ ବିତିଯାଇଥିଲେ ମଧ ଭତ୍ତା ଟଙ୍କା ତାଙ୍କ ଏକାଉଣ୍ଟକୁ ଆସିନାହିଁ। ମାସକୁ ମିଳୁଥିବା ଏକହଜାର ଟଙ୍କା ଭତ୍ତାରେ ଚିକିତ୍ସା ଓ ଘରଖର୍ଚ୍ଚ ଚଳାଉଥିବା କମଳା ଜୀବନ ଦୁର୍ବିସହ ହୋଇପଡିଛି। ଏହାର ତୁରନ୍ତ ସମାଧାନ ପାଇଁ ସେ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ଦୁଇ ବାଇକ୍ ଧକ୍କା; ୫ ଗୁରୁତର

ତୁରୁମୁଙ୍ଗା, ୨।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଶରଧାପୁର ରାସ୍ତାର ଗୋଡିପୋଖରୀ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିରେ ଥିବା ୫ ଜଣ ଅରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ୧୦୮ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ପରିଚୟ ମିଳି ନଥିବା ବେଳେ ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

## ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ଯୁବକ ଗୁରୁତର



ଆନନ୍ଦପୁର, ୨।୧୨(ସମିସ): ସରକାରୀ ବସ ଧକାରେ ଶାଳବଣି ନଠୁଆ ନିକଟରେ ବାଲିପସୀ ଗ୍ରାମର ଯୁବକ ଯଶବନ୍ତ ନାଏକ (୩୨) ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା କଣ୍ଟିପାଳ ଭାୟା ବଳଦୁଆଁ, ମୋଚିନ୍ଦା, ଶାଳବଣି ଦେଇ ଆନନ୍ଦପୁରକୁ ଚାଲୁଥିବା ବସଟି ରବିବାର ୧୧ସମୟରେ ଏକ ବାଇକ ଆରୋହୀଙ୍କୁ ସାମ୍ନା ପଟୁ ଧକ୍କା ଦେବାରୁ ଯୁବକ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ। ତାଙ୍କ ଘର ଶାଳବଣି ପଞ୍ଚାୟତ ବାଲିପସି ଗ୍ରାମରେ। ଆନନ୍ଦପୁର ପୁଲିସ ବସଟିକୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚଳାଇବା ଦ୍ୱାରା ଏପରି ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହୋଇଛି। ଯୁବକ ଜଣକ ବର୍ତ୍ତମାନ ଆଇସିୟୁରେ ଥିବା ବେଳେ ବାପା ଫଗୁ ନାଏକ ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ମହୁଲ ପୋଚ ସହ ସାମଗ୍ରୀ ନଷ୍ଟ



ତୁରୁମୁଙ୍ଗା, ୨।୧୨(ସମିସ): ତୁରୁମୁଙ୍ଗା ଥାନା ଦାଶରଥୀପୁର ଗ୍ରାମର ପତଳାସାହି ହୁଡ଼ି ନିକଟରେ ବେଆଇନ ଭାବରେ ମହୁଲି ମଦ ପ୍ରସ୍ତୁତ ଚାଲିଥିବା ସମୟରେ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ମଦ ପୋଚ ସହ ମଦରନ୍ଧା ସାମଗ୍ରୀକୁ ନଷ୍ଟ କରିଛି। ଏଠାରେ ବେଆଇନ ଭାବରେ ମହୁଲି ମଦ ପ୍ରସ୍ତୁତ କାରାଯାଇ ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା। ଚଢ଼ଉରେ ତୁରୁମୁଙ୍ଗା ଥାନା ଇନସ୍ପେକ୍ଟର କିରଣ ସାହୁ, ଏଏସଆଇ ବିରେନ୍ଦ୍ର କିଶୋର ବେହେରା, ସୁଜାତା ମହାନ୍ତଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ଘାଟ ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ



ଯୋଡ଼ା, ୨।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ୪ ନମ୍ବର ଓ ୫ ନମ୍ବର ୱାର୍ଡରେ ସୁନା ନଦୀ କୂଳରେ ଦୁଇଟି ଘାଟ ନିର୍ମାଣ ନିମନ୍ତେ ଯଥାକ୍ରମେ ୩୪ ଲକ୍ଷ ଓ ୩୦ ଲକ୍ଷ ଅନୁମୋଦନ ହୋଇଥିବା ବେଳେ ସୋମବାର ଏହି ଦୁଇଟି ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତିନିଧି ଗଣେଶ୍ୱର ମହାନ୍ତ, ବିଶ୍ୱ ହିନ୍ଦୁ ପରିଷଦର ସଭାପତି ରଂଜିତ ମହାକୁଡ଼, ୪ ନମ୍ବର କାଉନସିଲର ଅବୁଲ ହୁସେନ, ଯୁବ ସଂଗଠକ ରବି ନାରାୟଣ ଦାସ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ପାଣ୍ଠିରୁ ଯୋଡ଼ା ଆଜାଦବସ୍ତି ଶିବ ମନ୍ଦିର ଏବଂ ମୁସଲିମ ମାର୍କେଟ ନିକଟରେ ଦୁଇଟି ମକର ଘାଟ, ସମୁଦାୟ ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବ ବୋଲି ସୂଚନା ମିଳିଛି।

## ଶିକ୍ଷକ ନିଯୁକ୍ତି ନ କଲେ ସ୍କୁଲରେ ତାଲା ବନ୍ଦ ଚେତାବନୀ



ଆନନ୍ଦପୁର, ୨।୧୨ (ସମିସ): ଜୋରାଗଡିଆ ପ୍ରାଥମିକ ବିଦ୍ୟାଳୟରେ ୬୫ ଛାତ୍ରଛାତ୍ରୀଙ୍କ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେହି ସ୍କୁଲରେ ତୁରନ୍ତ ଶିକ୍ଷକ ନିଯୁକ୍ତି ନଦେଲେ ବିଦ୍ୟାଳୟରେ ତାଲା ପକାଇବୁ ବୋଲି ଚେତାବନୀ ଦେଇଛନ୍ତି ଆନନ୍ଦପୁର ବ୍ଲକ କୋଡପଡା ପଞ୍ଚାୟତ ଭୋଗପୁରସ୍ଥିତ ଯୋଡାଗଡ଼ିଆ ଗ୍ରାମବାସୀ। ଜଣେ ଶିକ୍ଷକଙ୍କୁ ନେଇ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ତିନି ମାସ ହେବ ଅଧୟନ କରିଆସୁଛନ୍ତି। ଶିକ୍ଷକଙ୍କ ଜରୁରିକାଳୀନ ଅନୁପସ୍ଥିତିରେ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବ। ଗୋଟିଏ ଶ୍ରେଣୀରେ ଶିକ୍ଷକ କ୍ଲାସ ନେଉଥିବା ସମୟରେ ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦୃଷ୍ଟିରେ ରଖି ଯୋଡାଗଡ଼ିଆ ଗ୍ରାମର ଅଭିଭାବକ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘସିପୁରା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ କୁଅଁର ଅଭିଭାବକଙ୍କ ସହିତ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଆସ୍ଥା ପ୍ରକଟ କରିଥିଲେ।

## ଟଙ୍କା ନେଣଦେଣରେ ମଧ୍ୟସ୍ଥ ସାଜି ପରିଣାମ ଭୋଗିଲେ ଯୁବକ



ଆନନ୍ଦପୁର, ୨।୧୨ (ସମିସ): ମଧ୍ୟସ୍ଥ ହେବାର କରୁଣ ପରିଣାମ ଦେଖିବାକୁ ମିଳିଛି ବଡ଼ରମ୍ପାସ ଗ୍ରାମରେ। ଲୁହା ଚେନରେ ଚାବି ପଡ଼ି ବନ୍ଧା ହୋଇ ଯୁବକ ଭୋଗୁଛନ୍ତି ଯନ୍ତ୍ରଣା। ଏଭଳି ଏକ ଅମାନବୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ନନ୍ଦିପଦା ଥାନା ବଡ଼ରମ୍ପାସ ଗ୍ରାମରେ। ଉଦ୍ଧାର ଟଙ୍କା ଦେଣନେଣକୁ ନେଇ ଗ୍ରାମର ଜଣେ ଯୁବକ ମଧ୍ୟସ୍ଥ ସାଜିଥିଲେ। ଟଙ୍କା ଫେରସ୍ତ ପରେ ମଧ ୭ ଘଣ୍ଟା କାଳ ଲୁହା ଚେନରେ ବାନ୍ଧି ରଖିବା ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ନରେନ୍ଦ୍ର ଆୟଚ ସେହି ଗାଁର ଜଣେ ଯୁବକ ପାଖରୁ ୨୦ ହଜାର ଟଙ୍କା ପାଇବ ବୋଲି କହି ପାଟିତୁଣ୍ଡ କରି ମାରିବାକୁ ଗୋଡ଼ାଇଥିଲା। ଗାଁର ମହେନ୍ଦ୍ର ତ୍ରିପାଠୀ ଅନ୍ୟ ଜଣେ ଯୁବକ ମଧ୍ୟସ୍ଥ ସାଜି ସେ ଟଙ୍କା ଯଦି ନ ଦେଇଛି ମୁଁ ଦେବି ବୋଲି କହି ସେତବେଳର ଉତ୍ତେଜନାକୁ ହ୍ରାସ କରାଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ପଞ୍ଚାୟତରେ ଉଭୟ ପକ୍ଷ ବସି ବିବାଦର ସମାଧାନ କରି ନରେନ୍ଦ୍ରକୁ ସମସ୍ତ ଟଙ୍କା ଫେରସ୍ତ କରିଥିଲେ କିନ୍ତୁ ଗତକାଲି ଅଚାନକ ନରେନ୍ଦ୍ର ଆୟଚ ମହେନ୍ଦ୍ରକୁ ସେ ଟଙ୍କା ପୁନର୍ବାର ମାଗିଥିଲେ। ମହେନ୍ଦ୍ର ମର୍ଣ୍ଣି ୱାର୍କ କରିବାକୁ ଯାଉଥିବା ବେଳେ ନରେନ୍ଦ୍ର ଆୟଚ ତାକୁ ଅଟକାଇ ତାଙ୍କ ଘର ସମ୍ମୁଖରେ ଗୋଡ଼କୁ ଲୁହାଚେନରେ ବାନ୍ଧି ଚାବି ପକାଇବା ସହିତ ଏକ ଚେୟାରରେ ବସାଇ ଦେଇଥିଲେ। ସେ ଏକ ମାରଣାସ୍ତ୍ର ଧରି ସମସ୍ତଙ୍କୁ ଗାଳିଗୁଲଜ କରି ଜୀବନରେ ମାରିବାକୁ ଧମକାଉଥିଲା। ଗ୍ରାମବାସୀ ଭୟଭୀତ ଥିବା ବେଳେ ନନ୍ଦିପଦା ପୁଲିସ ମହେନ୍ଦ୍ରଙ୍କୁ ଉଦ୍ଧାର କରିବା ସହ ନରେନ୍ଦ୍ରକୁ ଗିରଫ କରିଛି।

## ରେକୁଟିଆ ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଆନନ୍ଦପୁର, ୨।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଲେଫ୍ଟନାଣ୍ଟ ସତ୍ୟବ୍ରତ ପତି ଏହାକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ବିଭିନ୍ନ ଅଧ୍ୟାପକଅଧ୍ୟାପିକା ବିଜୟ ସାହୁ, ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ଜେନା, ଅଳକା ପାଢ଼ୀ, ଭାବିଲତା ରାଉତ, ମିତା ପାତ୍ର, ଇଲାବତୀ ଖୁଣ୍ଟିଆ, ମହେଶ୍ୱର ପାତ୍ର,ଦାମୋଦର ମୁଣ୍ଡା, ଗଣେଶ ହେମ୍ବ୍ରମ, କାଦମ୍ବିନୀ, ଅନୀତା, ଲିପି ରାଣୀ, ହୃଦାନନ୍ଦ ଦାଶ, ସତ୍ୟରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭାଗର ଅଧ୍ୟାପିକା ଅମିତା ବେହେରା




ବିଭାଗ ତରଫରୁ ସ୍ୱାଗତ କରାଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ ମିଶ୍ର ସଭାପତିତ୍ୱ ଦାୟିତ୍ୱ ତୁଲାଇଥିବା ବେଳେ ବିଭାଗର ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ବିଭାଗର ସମ୍ପାଦକ ସୌମ୍ୟାଶ୍ରୀଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।



କେନ୍ଦୁଝର: ମଙ୍ଗଳବାର ଅପରାହ୍ଣରେ ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ପ୍ରାଚୀନ ଶକ୍ତିପୀଠ ସିଦ୍ଧମଠସ୍ଥିତ ସିଦ୍ଧ ଜଗନ୍ନାଥଙ୍କ ମନ୍ଦିରରେ ୧୦୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ଲାଗି

## ସ୍କୁଲରୁ ଚାଉଳ ହଡ଼ପ ଉଦ୍ୟମ; ତଦନ୍ତ କଲେ ଏବିଇଓ

ଦୋଳସାହି, ୨।୧୨(ସମିସ): ତିହିଡ଼ି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ଗତ ସପ୍ତାହରେ ଘଟିଥିବା ଚାଉଳ ହଡ଼ପ ଘଟଣାରେ ଗ୍ରାମବାସୀଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା ବେଳେ ଏହି ଘଟଣାରେ ତିହିଡ଼ି ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରିଣୀ ଲକ୍ଷ୍ମୀପ୍ରିୟା ମାଝୀ ଓ ଏମ୍‌ଡିଏମ ଏକାଉଣ୍ଟାଣ୍ଟ କରୁଣାକର ଓଝା ମଙ୍ଗଳବାର ତଦନ୍ତ କରିଥିବା ଜଣାପଡିଛି। ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବାବଦୀୟ ଚାଉଳ ଏକ ଅଟୋରେ ହଡ଼ପ କରାଯାଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଏହି ଅଟୋରୁ ଚାଉଳ ବାହାରକରି ବିଦ୍ୟାଳୟରେ ଗଚ୍ଛିତ ରଖିବା ସହ ପ୍ରଧାନଶିକ୍ଷକ ଆଲୋକ ପାଢୀଙ୍କ ନାମରେ କାହ୍ନୁ ବେହେରା, ସବ୍ୟସାଚୀ ପଣ୍ଡା, ଭାରତୀ ପଣ୍ଡା, କନକଲତା ପଣ୍ଡା ପ୍ରମୁଖ ତିହିଡ଼ି ବିଇଓଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କୁବେରା ପଞ୍ଚାୟତର ଏକ ବିଦ୍ୟାଳୟକୁ ବଦଳି କରିବା ନେଇ ଚର୍ଚ୍ଚା ହେଉଛି।

## ମୁରୁସୁଆଁ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଆନ୍ତବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା

ତୁରୁମୁଙ୍ଗା, ୨।୧୨(ସମିସ): ପାଟଣା ବ୍ଲକ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ଏଇଆଇଏନ ସହଯୋଗରେ ମଙ୍ଗଳବାର ୬ଟି ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଆନ୍ତବିଦ୍ୟାଳୟ "ଖେଳିବା ଓ ବଢ଼ିବା" ବନ୍ଧୁତ୍ୱମୂଳକ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେନ୍ଦେଇପୋଷିର ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟ, ମୁରୁସୁଆଁ ସରକାରୀ ଉଚ୍ଚବିଦ୍ୟାଳୟ, ଶରଧାପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ପଲାଶଘାଟି ଉଚ୍ଚ ବିଦ୍ୟାଳୟ, ବଣମହୁଲଡିହାର ସନାଖୁମ ଉଚ୍ଚବିଦ୍ୟାଳୟ ଓ ଘଟଗାଁ ବ୍ଲକର ବଡଜାମୁପୋଷିର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମୁରୁସୁଆଁ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ମହାନ୍ତ ଉଦଘାଟନେ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ସହ ପିକକ୍ ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ, ସମିତିସଭ୍ୟ ସୁଶୀଲ ସାହୁ, ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରର



ଫାର୍ମାସିଷ୍ଟ କିରାଣିକର ମହାନ୍ତ, ସିଆରସି ଜ୍ୟୋତିରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗୀଙ୍କୁ ଲିଙ୍ଗ ସମାନତା ଓ ନେତୃତ୍ୱର ବିକାଶ ସମ୍ବନ୍ଧୀୟ ତାଲିମ ମଧ୍ୟ ପ୍ରଦାନ କରଯାଇଥିଲା। ଉପମା ମହାନ୍ତି, ଶୁଭଲକ୍ଷ୍ମୀ ପଣ୍ଡା, କବିତା ଦାସ ପରିଚାଳନା କରିଥିବା ବେଳେ ୯୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ରେଫରୀ ଭାବରେ ଲମ୍ବୋଧର ମହାନ୍ତ ଥିବା ବେଳେ ଶିକ୍ଷକ ପ୍ରକାଶ କୁମାର ତରାଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପିକକ୍ କେନ୍ଦୁଝର ଜିଲ୍ଲା ସଂଯୋଜକ ସତ୍ୟ ମହନ୍ତ ଓ ପ୍ରୋଗ୍ରାମ ମାନେଜର ଜ୍ୟୋତିଶଙ୍କର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦ୍ରୌପଦୀ ବେଜ, ଗୋବିନ୍ଦ ମୁଣ୍ଡା, ପରୀକ୍ଷିତ ସେଠୀ, ମେଘମାଳା ମହାନ୍ତ, ସୁଚିତ୍ରା ମହାନ୍ତ, ନୀରାସ ମୁଣ୍ଡା ସହଯୋଗ କରିଥିଲେ।

# ଧନୁଯାତ୍ରାକୁ ଉଚ୍ଚକୋଟୀର କରିବାକୁ ରାଜଧାନୀରେ ପ୍ରସ୍ତୁତି

## ଅନୁଦାନ ରାଶି ୧ କୋଟି ୫୦ ଲକ୍ଷକୁ ବୃଦ୍ଧି




ବରଗଡ଼,୩୧୧୨(ସମିସ): ଆଉ ଅଳ୍ପ ଦିନରହିଲା ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ। ପ୍ରଥମେ ଶୁଭସ୍ତମ୍ଭ ସ୍ଥାପନା, ଆଜି କଲ୍ୟାଣ ମଣ୍ଡପ ଠାରେ କଳାକାରଙ୍କ ଆଖଡା ଶାଳାର ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ୭୮ତମ ଧନୁଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡତିଆ ଏବଂ ରାଜ୍ୟ ସଂସ୍କୃତି ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲା ପ୍ରଶାସନର ପଦାଧିକାରୀ ଯୋଗ ଦେଇଥିଲେ। ଲକ୍ଷାଧିକ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ମୁଖ୍ୟତଃ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବ, ମୀନାବଜାର ତଥା ମୁଖ୍ୟରାସ୍ତା, ସମସ୍ତ ଛକ ଭଳି ସହରର ବିଭିନ୍ନ ସ୍ଥାନରେ ସିସି କେମେରା ଲଗାଯିବ। ଗତବର୍ଷ ଜୀରା ନଦୀରେ ହୋଇଥିବା ପଲ୍ଲୀଶ୍ରୀ ମେଳା ଚଳିତ ବର୍ଷ ଗୋରୁ ମାର୍କେଟରେ ଅନୁଷ୍ଠିତ ହେବ। ସହର ସାରା ଏବେ ବିଭିନ୍ନ ଜାଗାରେ ୬ଟି ଆକର୍ଷଣୀୟ ତୋରଣ ନିର୍ମିତ ହୋଇଛି। ଆଜି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ କହିଛନ୍ତି। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଅନୁଦାନ ରାଶିକୁ ୧ କୋଟି ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବରଗଡ଼ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆଖଡ଼ା ଶାଳା ଆରମ୍ଭ

ବରଗଡ଼,୩୧୧୨(ସମିସ): ବରଗଡ଼ ଶକ୍ତିନଗର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଧନୁଯାତ୍ରା ଆଖଡ଼ା ଶାଳାର ଶୁଭ ଉଦ୍‌ଘାଟନ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆସନ୍ତା ୨୪ ତାରିଖରୁ ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଚାଲିବ। ଏଥିପାଇଁ ଆଜି ଧନୁଯାତ୍ରା ଆଖଡ଼ା ଶାଳାର ଶୁଭାରମ୍ଭ ହେବା ସହ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ, କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା, ଗୋପାଳ କୃଷ୍ଣ ଦାଶ, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ଦାଶ, ଶଙ୍କର ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର, ଚୈତ୍ୟନ୍ ପାଇକ, ସୁଶିଲ ମହାପାତ୍ର, ନକୁଲ ବାଦି, ପ୍ରଭାସରଞ୍ଜନ ମହଲା, ସୁଗ୍ରିବର୍ ଭୋଇ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ନବାଗତ କଂସ ମହାରାଜ ସୁଶିଲ ମେହେର, ମହାମନ୍ତ୍ରୀ ଗୋଲାପ ଦାଶ, ସେନାପତି ମିତ୍ରଭାନୁ ସାହୁ, ଚାଣ୍ଡୁକ ହିମାଂଶୁ ସାହୁ, ମୁଷ୍ଟିକ ପ୍ରଭାସ ତ୍ରୀପାଠୀ, ସାତ୍ୱକି ଜଗବନ୍ଧୁ ମହାଲିଙ୍ଗ, ଅକ୍ରୁର ଜଗନ୍ନାଥ ସାହୁ, ରାଜା ଉଗ୍ରସେନ ଆର୍ତ୍ତତ୍ରାଣ ମହାପାତ୍ର, ରାଣୀ ଇନ୍ଦୁମତି ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଦେବକୀ ମୁଗ୍ଧା ଦାଶ, ବସୁଦେବ ମନୋଜ ସାହୁ, ନାରଦ କାମରାଜ ଭୋଇ, ପୂତନା ଇଶ୍ୱରି ବେହେରା, ମହାମନ୍ତ୍ରୀ ଅନାଦୃଷ୍ଟ ନନ୍ଦିଘୋଷ ମହାପାତ୍ରଙ୍କ ସମେତ ଅନେକ କଳାକାର ପ୍ରଥମ ଦିନରେ ଆଖଡା ଶାଳାରେ ଯୋଗ ଦେଇଥିଲେ।



## ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସଙ୍କ ରୁଦ୍ରଶୂଳ ପ୍ରାପ୍ତି



ଭେଡେନ,୩୧୧୨(ସମିସ): ଭେଡେନ ବ୍ଲକ୍ ଅଧୀନ ଚିଚିଣ୍ଡା ଗାଁରେ ଚାଲୁଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଅଷ୍ଟମ ସନ୍ଧ୍ୟାର କାର୍ଯ୍ୟକ୍ରମ ହୋଇଛି। ଏଥିରେ ଗୋପପୁର ହୋଇଥିବା ବାଞ୍ଜିପାଲିରେ ଆଜି କୃଷ୍ଣ ବୁଢ଼ାନାବିକ ବେଶ ଧରି ରାଧାରାଣୀ ଓ ଗୋପ ବାଳିକା ମାନଙ୍କୁ ନାବରେ ଯମୁନା ପାରି କରି ନେବାବେଳେ ମଝି ନଦୀରେ ଧରିଛନ୍ତି ନିଜ ରୂପ। ଗୋପ ବାଳିକା ମାନେ ମଥୁରା ନଗରୀକୁ ଯାଇଛନ୍ତି ଦହି ବିକି। ଅପର ପକ୍ଷରେ ମଥୁରା ନରେଶ କଂସ ତାଙ୍କରି ଅନେକ ରଥି ମହାରଥୀ କୃଷ୍ଣ ବଳରାମ ହାତେ ନିହତ ହୋଇଥିବାରୁ ବିଚଳିତ, ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା, ରାଜ ଦରବାରରେ ଦେବର୍ଷି ନାରଦଙ୍କ ଆଗମନ ହୋଇଛି। ତାଙ୍କରି ନିର୍ଦ୍ଦେଶ କ୍ରମେ ମହାରାଜ କଂସ ଦେବଦେବ ମହାଦେବଙ୍କୁ ଆରାଧନା କରି ପ୍ରାପ୍ତ ରୁଦ୍ରଶୂଳ କରିଛନ୍ତି। ଗୋପପୁର କାର୍ଯ୍ୟକ୍ରମକୁ ଯଶୋବନ୍ତ ଦୀପ, ବସୁଦେବ ଭୋଇ, ପ୍ରକାଶ ହାତୀ, ରେବତୀ ହାତୀ ପ୍ରମୁଖ ପରିଚାଳନା କରୁଛନ୍ତି। ଆଜିରାଜ ଦରବାରରେ ସିଂହେନପାଲିର ଛୁମକୁଛୁମା ଦଳ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉମେଶ ମେଣ୍ଡଲୀ ସଭା ପରିଚାଳନା କରିଥିଲେ। ରାଜ ଦରବାରରେ ଅତିଥି ଭାବେ ସାମାଜିକ କର୍ମୀ ତଥା ବିଜେପିର ବରିଷ୍ଠ ବିଜେପି ନେତା ଲକ୍ଷ୍ମୀ ନାରାୟଣ ରଥ, ଗୌରଚନ୍ଦ୍ର ଦନ୍ତା, ବଳରାମ ମିଶ୍ର ଯୋଗ ଦେଇଥିଲେ।

## ଅବସର ପରେ ବି ଶିକ୍ଷାଦାନ ଜାରି ରଖିବେ ଶିକ୍ଷକ ନିଗମାନନ୍ଦ ମିଶ୍ର

ବରଗଡ଼,୩୧୧୨(ସମିସ): ଦେଓଗାଁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିଗମାନନ୍ଦ ମିଶ୍ର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ମାତ୍ର ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଅନାବିଳ ସ୍ନେହ ପାଇଁ ଅବସର ପରେ ବି ସେ ଶିକ୍ଷା ଦାନ ଜାରି ରଖିଛନ୍ତି। ବିଦ୍ୟାଳୟର ସଭାପତି ହରିହର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ସିଆର୍‌ସିସି ପାର୍ବତୀ ସାହୁ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ପ୍ରଦୀପ ଦାଶ, ପ୍ରଧାନଶିକ୍ଷକ ଚୁଙ୍ଗିଲାଲ ସେଟ୍, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ, ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ଦିଲ୍ଲୀପ ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ବିବେକାନନ୍ଦ ଜାଲ, ସଚ୍ଚିଦାନନ୍ଦ ପଣ୍ଡା, ପୁରୁଷୋତ୍ତମ ଠାକୁର, ଜଗଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ରଙ୍କ ଅବସର ପରେ ବି ଶିକ୍ଷାଦାନ ଜାରି ରଖିବା ଭଳି ନିଷ୍ପତ୍ତିକୁ ଗ୍ରାମବାସୀ ସ୍ୱାଗତ କରିବା ସହ ତାଙ୍କୁ ପୁରାତନ ଛାତ୍ରଛାତ୍ରୀ ସ୍କୁଲ କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରରେ ତାଙ୍କୁ ଗାଁ ପରିକ୍ରମା କରାଯାଇଥିଲା।

## ଆଞ୍ଚଳିକ ଉପନିର୍ଦ୍ଦେଶକଙ୍କ ପାର୍ବତୀ ଗିରି ମହାବିଦ୍ୟାଳୟ ପରିଦର୍ଶନ



ବରଗଡ଼,୩୧୧୨(ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟକୁ ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ.ମୂରଲି ଧର ମାଝୀ ଆକସ୍ମିକ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଉପସ୍ଥିତି ଓ ସହଯୋଗିତାରେ ଡ.ମାଝୀ ଶ୍ରେଣୀ କକ୍ଷ ପରିଦର୍ଶନ କରିଥିଲେ। ସମସ୍ତ କ୍ଲାସ୍ ଓ ସମୟ ସାରଣୀ ସମ୍ପର୍କରେ ଛାତ୍ରୀ ମାନଙ୍କଠାରୁ ତଥ୍ୟ ନେଇଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଭାବ ବିନିମୟ ସଭାରେ ଅନୁଷ୍ଠାନର ଗୁଣବତ୍ତାର ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତାଙ୍କ ପରିଦର୍ଶନ ସମୟରେ ଅଧ୍ୟାପକ ତୁଷାର କାନ୍ତି ତ୍ରିପାଠୀ, ରାଧାକାନ୍ତ ମିଶ୍ର, ଡ.ପୁଷ୍ପାଞ୍ଜଳି ପ୍ରଧାନ, ଡ.ଗାୟତ୍ରୀ ମିଶ୍ର, ଡ.ସଂଘମିତ୍ରା ମିଶ୍ର, ଡ.ସାୟଦା ବାନୁ, ଡ.ପ୍ରତାପ ମହାକୁଡ, ଡ.ଲକ୍ଷ୍ମୀବନ୍ତ ସାହୁ, ଅଧ୍ୟାପକ ଅମିତ ଭାର୍ଗବ, ଡ.ଚନ୍ଦ୍ରମଣି ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କିରାଣିଙ୍କ ଦେହାନ୍ତ

ପଦ୍ମପୁର,୩୧୧୨(ସମିସ): ପଦ୍ମପୁର ଅଧୀନ ବରିଖେଳ ନିବାସୀ ତଥା ବର୍ତ୍ତମାନ ଗୋଶାଳା ନବୋଦୟ ବିଦ୍ୟାଳୟରେ ଲାଇବ୍ରେରୀରିଆନ ଭାବେ କାର୍ଯ୍ୟରତ ସୁରେଶ ସାହୁଙ୍କ ପିତା ଡୋଳାମଣି ସାହୁଙ୍କର ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ଦିନ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ପଦ୍ମପୁର ଉପଖଣ୍ଡ ତହସିଲ ତଥା ସମ୍ବଲପୁର କଲେକ୍ଟର ଅଫିସରେ ସେ କିରାଣୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପଛରେ ଦୁଇ ନାତୁଣୀ ଓ ଝିଅ, ପୁତ୍ରବଧୂ ତଥା ବନ୍ଧୁଙ୍କୁ ସେ ଛାଡି ଚାଲି ଯାଇଛନ୍ତି। ସୁରେଶଙ୍କର ବନ୍ଧୁ ତଥା ଓଡ଼ିଶା ସରକାରଙ୍କର ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଖବର ପାଇ ଶୋକ ସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗଙ୍କ ସହ ଫୋନ୍ ଯୋଗେ କଥା ବାର୍ତ୍ତା ହୋଇ ସମବେଦନା ଦେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।



## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୩୧୧୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ କନସିଂହା ସତ୍ୟସେବା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୋବର୍ଦ୍ଧନ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାଜା, ବାଣ, ନୃତ୍ୟ ସହିତ ଗ୍ରାମ ପରିକ୍ରମା କରାଇ ପାଦ ଧୋଇ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀ ନିଜ ଗୁରୁଙ୍କୁ ପଦ୍ମପୁର ସ୍ଥିତ ବାସ ଭବନକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ରତ୍ନାକର ଶତପଥୀ, ଯାଦବ ସିଂ ବରିହା, ଉପିନ୍ ବାରିକ, ସଞ୍ଜୀବ ବାରିକ, ବିଭୁତି ବରିହା, ବୃନ୍ଦାବନ ଦାଶ, ସୁଶାନ୍ତ ବଢେଇ, କେଦାର ଧରୁଆ, ଦୀପକ ସିଂ ବରିହା, ଶିଶିର ମିଶ୍ର, ପ୍ରସାଦ ସାହୁ, ନିରଞ୍ଜନ ଦାସ, ଅଶୋକ ସେଠ, ଅଶ୍ୱିନୀ ଧରୁଆ ସମେତ ପୁରାତନ ଛାତ୍ର ଛାତ୍ରୀ ସାମିଲ ଥିଲେ।

## ବିକାଶ ହାୟର ଏଜୁକେସ୍‌ନାଲ କ୍ୟାମ୍ପସରେ 'ଶଳାବୁଢ଼ା ଅମର ରହେ' କାର୍ଯ୍ୟକ୍ରମ

ବରଗଡ଼,୩୧୧୨(ସମିସ): ବିକାଶ ବିକାଶ ହାୟର ଏଜୁକେସ୍‌ନାଲ କ୍ୟାମ୍ପସରେ ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ଦିବଙ୍ଗତ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ୯୪ତମ ଜୟନ୍ତୀ ସମାରୋହ 'ଶଳାବୁଢ଼ା... ଅମର୍ ରହେ' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ରଙ୍କ ଉପସ୍ଥିତିରେ ସଙ୍ଗୀତ ସଂଯୋଜକ ବିରଞ୍ଚି ନାରାୟଣ ମେହେର ଏବଂ ଏସ୍‌ଆର୍‌ପି କ୍ରିଏଶନ୍ସ ଆବାହକ ସୌମ୍ୟରଞ୍ଜନ ପୂଝାରୀ ଯଥାକ୍ରମେ ସମ୍ମାନିତ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର ଅଟଳ ବିହାରୀ ପଣ୍ଡାଙ୍କ ଉପଲବ୍ଧିର ବିବରଣୀ ସମସ୍ତଙ୍କ ସମକ୍ଷରେ ରଖିଥିଲେ। ସଂଗୀତ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମେହେର, ଅଟଳ ପଣ୍ଡାଙ୍କ ବ୍ୟକ୍ତିତ୍ୱର ଆବଶ୍ୟକତା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଉପଲକ୍ଷେ ସମସ୍ତଙ୍କ ପାଇଁ 'ଅଟଳ ଅମର ରହେ' ଶୀର୍ଷକ ଭିଜୁଆଲ ପ୍ରଦର୍ଶିତ କରାଯାଇଥିଲା। ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡିନ୍ (ଷ୍ଟୁଡେଟ୍ ଆଫେୟାର୍) ଆର୍‌ଏସ୍‌ଭି କ୍ରିଷ୍ଣାଙ୍କ ଦ୍ୱାରା ସଂଯୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ଦୋଳନ ପରେ ମଣ୍ଡିରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ବରଗଡ଼,୩୧୧୨(ସମିସ): ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗିରହିଛି। ଚଳିତ ବର୍ଷ ଖରିଫ ଋତୁ ପାଇଁ ୨୩ଟି ପିପିସି ରହିଥିବା ବେଳେ ପ୍ରାୟ ୧ ଲକ୍ଷ ୬୩ ହଜାର ଚାଷୀ ପଞ୍ଜୀକରଣ ହୋଇଛନ୍ତି। ତେବେ ପ୍ରଶାସନ ଓ ମିଲର୍ସର ବିବାଦ ଲାଗି ରହିଛି। ଚାଷୀଙ୍କ ବିଭିନ୍ନ ଦାବି ନେଇ କଳାପାଣି ମାର୍କେଟ ୟାର୍ଡ ଠାରେ ଚାଲିଥିବା ଧାରଣା ସ୍ଥଳକୁ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଓ ଡିଆରସିଏସ ଯୁଗଳ କିଶୋର ଦାଶ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଚାଷୀ ଉଠିଥିଲେ। ଆଜି କଳାପାଣି ମାର୍କେଟରେ ନଡିଆ ବାଡେଇ ପ୍ରଶାସନିକ ଅଧିକାରୀ ଓ ଚାଷୀ ଧାନ କିଣାର ଶୁଭାରମ୍ଭ କରିଥିଲେ। ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ ପଡିଥିବା ବେଳେ ଚାଷୀଙ୍କୁ ସାମିଲ କରିବା ପାଇଁ ଭୁବନେଶ୍ୱରକୁ ପଠାଯାଇଛି। ଗତକାଲି ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନ ଗୋଡଭଗା ମଣ୍ଡିରୁରାତି ଅଧିଆ ଧାନ ଉଠାଣ କରାଯାଥିଲା। ଆଜି ବରଗଡ଼ କଳାପାଣି ମଣ୍ଡିରେ ଧାନ ଉଠିଛି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି। ଅତିଶୀଘ୍ର ସବୁ ଧାନ ଉଠାଇବା ପାଇଁ ଚାଷୀ ଦାବି କରିଛନ୍ତି।

## କଫ ସିରପ୍ ଜବତ, ୨ଗିରଫ

ସୋହେଲା,୩୧୧୨(ସମିସ): ସୋହେଲା ଥାନା ଛୁରିଆପାଲି ଗାଁରେ ବେଆଇନ ଭାବେ କଫ ସିରପ୍ ବିକ୍ରୟ କରୁଥିବା ୨ଜଣଙ୍କୁ ସୋହେଲା ପୁଲିସ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ କଫ ସିରପ୍ ସହିତ ୧୦ ଲିଟର ଖୋଲା କଫ ସିରପ୍, ଏକ ବାଇକ ଓ ୨ଟି ମୋବାଇଲ ଫୋନ ଜବତ ହୋଇଥିବା ସୋହେଲା ପୁଲିସ ସୂତ୍ରରୁ ପ୍ରକାଶ। ଛୁରିଆପାଲି ଗାଁରେ ୨ଜଣ ଯୁବକ କଫ ସିରପ୍ ବିକ୍ରୟ କରୁଥିବା ନେଇ ଖବର ପାଇ ଗତ ୩୦ ତାରିଖ ରାତିରେ ସୋହେଲା ପୁଲିସ ଚଢ଼ଉ କରିଥିଲା। କଫ ସିରପ୍ କାରବାର ଚଳେଇଥିବା ପଦ୍ମପୁର ରାଜାପଡାର ଅନିଲ କୁମ୍ଭାର ଏବଂ ସୋହେଲା ଥାନା ମଥୁରାପାଲି ଗାଁର ନିରଞ୍ଜନ ବାଗଙ୍କୁ ସୋହେଲା ପୁଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୬ ବୋତଲ ଏସ କଫ କଫ ସିରପ୍, ଏକ ବାଇକ ଓ ପ୍ରାୟ ୧୦ଲିଟର ଖୋଲା କଫ ସିରପ୍ ସହିତ ୨ଟି ମୋବାଇଲ ଫୋନ ଜବତ ହୋଇଥିଲା। ଗିରଫ ଅନିଲ କୁମ୍ଭାର ନାମରେ ପୂର୍ବରୁ ପଦ୍ମପୁର ଥାନାରେ ୨ଟି ଅପରାଧୀକ ମାମଲା ରହିଛି। ସୋହେଲା ପୁଲିସ ଏକ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

## ଗ୍ରୀଞ୍ଜାଲ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସର

ସୋହେଲା,୩୧୧୨(ସମିସ): ସୋହେଲା ନିକଟସ୍ଥ ଛତିଶଗଡ ସୀମାନ୍ତ ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋଜରାଜ ବେହେରା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶିକ୍ଷକ ଭବାନୀ ଶଙ୍କର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଧ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋହେଲା ବ୍ଲକ୍ ଏବିଇଓ ମନୋହର ଉଙ୍ଗୀ, ବରଗଡ଼ ଏଡେଡ ହାଇସ୍କୁଲ ଆସୋସିଏସନର ସଭାପତି ନିତ୍ୟ ଦାସ ମଞ୍ଚାସୀନ ଥିଲେ। ଶେଷରେ ଗ୍ରାମବାସୀ ମାନେ ବାଜା ବଜାଇ ଶୋଭାଯାତ୍ରାରେ ତାଙ୍କ ବାସସ୍ଥାନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

## ବରତୁଣ୍ଡାରେ ଲକ୍ଷ୍ମୀପୂଜା ପାଇଁ କଳସ ଶୋଭାଯାତ୍ରା

ପାଇକମାଲ,୩୧୧୨(ସମିସ): ପାଇକମାଲ ବ୍ଲକ୍ ବରତୁଣ୍ଡା ଗାଁ ଠାରେ ୬୨ ତମ ସାର୍ବଜନୀନ ମାଁ ମହାଲକ୍ଷ୍ମୀ ପୂଜାରମ୍ଭ ହୋଇଛି। ଆଜି ମାଁ ଲକ୍ଷ୍ମୀଙ୍କ ପୂଜା ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସର୍ବ ପୁରାତନ ଲକ୍ଷ୍ମୀ ପୂଜା ଦୀର୍ଘ ୬୨ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଶହ ଶହ ସଂଖ୍ୟାରେ କଳସ ଆଣି ସ୍ଥାପନ କରା ଯାଇଥିଲା। ପୂଜା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ପୂଜାକର୍ତ୍ତା ଭାବେ ମୁକ୍ତେଶ୍ୱର ବାଗ ଓ ତାଙ୍କ ଧର୍ମପତ୍ନୀ ଗୋଲାପୀ ବାଗ ଦାୟିତ୍ୱ ସମ୍ପାଦନା କରୁଛନ୍ତି। ଗାଁର ବୈଲୋଚନ ଗିର୍ଣ୍ଡା, ଶରତ ମହାନ୍ତି, ମୀନକେତନ ଗୀର୍ଣ୍ଡା, ରାମପ୍ରସାଦ ବାଗ, ଦୁର୍ଲ୍ଲଭ ପ୍ରଧାନ, ସୁଧୀର ପଟ୍ଟନାୟକ, ବିଭୀଷଣ ଦିୱାନ, ବିଭୂତି ପଟ୍ଟନାୟକ, ହରିବୋଲ ବାଗ, ଶୁକଦେବ ମାଝୀ, କୃପାସିନ୍ଧୁ ବାଗ, ଗୁରୁବାରୁ ପଟ୍ଟନାୟକ, ରିଜିବି ମହମ୍ମଦ, ଗୁଲାପ ବିନାଟ, ଉଛବ ପଟ୍ଟନାୟକ, ସାବୁତ ମହମ୍ମଦ, ତ୍ରିନାଥ ବିନାଟ, ଅନ୍ତ ନେତାମ, ଇଶ୍ୱର ବାଗ, ଅରମାନ ଖାଁ, କୈଳାସ ସାହୁ, ଦେବାର୍ଚ୍ଚନ ରାଉତ, କୃପାସିନ୍ଧୁ ବାଗ, ଅଲେଖ ସାହୁ ପ୍ରମୁଖ ଗ୍ରାମବାସୀ ସମେତ ଯୁବକମାନେ ମାଁ ଲକ୍ଷ୍ମୀ ପୂଜା ମହୋତ୍ସବରେ ସହଯୋଗ କରୁଛନ୍ତି।

# ପପଙ୍ଗା ପାହାଡ଼ରେ 'ଫିଂ ମାସ ଗୁଟେ ଦିନ' କାର୍ଯ୍ୟକ୍ରମ

ଭେଡେନ,୩୧୧୨(ସମିସ): ସମ୍ବଲପୁରୀ ଭାଷା ଆନ୍ଦୋଳନକୁ ଆଗେଇ ନେବା ଉଦ୍ୟମରେ ବରଗଡ଼ରେ ସାରସ୍ୱତ ସଂସ୍ଥା ପଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାର ଭାବାବେଗକୁ ସମ୍ମାନ ଜଣାଇ ସମସ୍ତଙ୍କୁ ଏକତା ସୂତ୍ରରେ ଆବଦ୍ଧ କରିବା ପାଇଁ ପ୍ରତିମାସ ଆୟୋଜିତ ହେଉଛି 'ଫି ମାସ ଗୁଟେ ଦିନ, ସାହିତ୍ୟ ଭିତରେ ହେମା ଲିନ' କାର୍ଯ୍ୟକ୍ରମ। ଭେଡେନ ସ୍ଥିତ ପପଙ୍ଗା ପାହାଡରେ ୪ ଜିଲ୍ଲାର କବି ଓ କଳାକାରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ସେହି ମାସରେ ଜନ୍ମିତ ସମ୍ବଲପୁରୀ କବି ଲେଖକ ମାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ହେଉଛି। ଚଳିତ ମାସ ଏହି କାର୍ଯ୍ୟକ୍ରମ ବରଗଡ଼ ସମେତ ବଲାଙ୍ଗିର ସୋନପୁର ଓ ବୌଦ୍ଧ ଜିଲ୍ଲାର ବହୁ କବି ଓ କଳାକାର, ପରିଷଦର ସାଧାରଣ ସମ୍ପାଦକ ଉପନ୍ ଭୋଇଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଛି। ମୁଖ୍ୟ ଅତିଥି ପ୍ରଫେସର୍ ଡ.ଗୋବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ବରଗଡ଼ ଧନୁଯତ୍ରାର ନବ ମନୋନୀତ କଂସ କଳାକାର ସୁଶିଲ ମେହେର, କଥାକାର ନରେନ୍ଦ୍ର ମହାନ୍ତି, ସମ୍ବଲପୁରୀ ପ୍ରକାଶନିର ପ୍ରକାଶିକା ଅନ୍ନପୂର୍ଣ୍ଣା ମହାପାତ୍ର, ଚିତ୍ରଶିଳ୍ପୀ ଗୌରଚରଣ ପଧାନ, ପ୍ରଫେସର୍ ସୁଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷୀୟାନ ଔପନ୍ୟାସିକ ଧନପତି ମହାପାତ୍ର, କବି ଈଶ୍ୱର ମେହେର, ଅଧ୍ୟାପକ ସୁଭାସ୍ ଚନ୍ଦ୍ର ଭୁଏ ଓ ସୁବାସ ମେହେରଙ୍କୁ ଜନ୍ମ ଜୟନ୍ତୀ ମାସ ଅବସରରେ ସମ୍ମାନିତ କରାଯିବା ସହିତ ସୁଦୂର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଳସାଗୋରାର କଳାପଟା ସାହିତ୍ୟ ଅନୁଷ୍ଠାନ 'ଫଳସା ଫୁଲ୍'କୁ ଭାଷା ଧରସା ସାହିତ୍ୟ ସମ୍ମାନ ସହିତ ତାର ପରିଚାଳକ ଲିଙ୍ଗରାଜ ଛତ୍ରୀୟ, ପ୍ରଭାତ ଖମାରୀ, ଜଗନ୍ନାଥ ମହାପାତ୍ରଙ୍କୁ ସମର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତେଜରୁ ବାରିକ ସଞ୍ଚାଳନ କରିଥିବା ବେଳେ କଳାକାର କବି ଦୁର୍ବଦଳ ମେହେର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଅଧ୍ୟାପକ୍ ନାରାୟଣ ଭୋଇଙ୍କ ସଂଯୋଜନାରେ ପରିଚାଳିତ ଗୀତ ଓ କବିତା ଆସରରେ ଗାୟକ କବିରଞ୍ଜିତ ପ୍ରଧାନ, କ୍ରାନ୍ତିକାରୀ ହାରିଲାଲ ସାହୁ, ଅଧିକାରୀ ସା, ସୁରେଶ ଚନ୍ଦ୍ର ଭୋଇ, ରାମପ୍ରସାଦ ବାଗ, ଗୁଣସାଗର ସାହୁ, ରାଜେଶ କାରିଆ, ପ୍ରହଲ୍ଲାଦ ସେଠ୍, ରୋହିତ ମେହେର, ମକରଧ୍ୱଜ ସାହୁ, ଗୋବିନ୍ଦ ମେହେର, ନାରିକବୀ ଅହଲ୍ୟା ପଧାନ, ମଞ୍ଜୁଲତା ସାହୁ, ମୁନିରାମକୁମ୍ଭାର, ମନୋରଞ୍ଜନ ଲୁହା, ନକୁଲ ମେହେର, ଲଳିତ ବାରିକ, ଦିଲେଶ୍ୱର୍ ସାହୁ, ଦିଲ୍ଲୀପ ସାହୁ, ଗୌରଚଚରନ୍ ସା, ମୋହନ ମହାନନ୍ଦ୍, ସୁଦାମ ଲୁହା, ଯଦୁମଣି ପଟେଲ, ଯୁଗେଶ୍ୱର ତାଣ୍ଡି, ଚିନ୍ତାମଣି ମହାଲିଂଗ, ରାକେଶ ବାଗ, ଆମ୍ରିତାଂଶୁ ବଣ୍ଡିକ, ରାଜକିଶୋର ମିନ ପ୍ରମୁଖ ଭାଗ ନେଇଥିଲେ। ରକ୍ତଦାନ ସଂସ୍ଥା ଅମୃତ କୁଟୁମର ରୁଦ୍ରନାରାୟଣ ସାହୁଙ୍କ ସମେତ ସଦସ୍ୟ ମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ଅଧ୍ୟାପକ୍ ସନ୍ତୋଷ ତ୍ରିପାଠୀ, ଲକ୍ଷ୍ମଣ ମଲ୍ଲିକ, ଗୁଣନିଧି ଭୋଇ, ନଗ୍ର ମେହେର, ଭରତ ସାହୁ, ସୁସଞ୍ଜିତ୍ ତ୍ରିପାଠୀ ଓ ଉମେଶ ପଧାନ ପ୍ରମୁଖ ସହଯୋଗ୍ କରିଥିଲେ। ସମ୍ବଲପୁରୀ ଗୁଚ୍ଛା ତରଫରୁ ମାନସରଞ୍ଜନ ଦାଶଙ୍କ 'ସମ୍ବଲପୁରୀ ବହି ପସରା' ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଶେଷରେ ସଂଯୋଜକ କବି ଲଳିତ ସାହୁ ଧନ୍ୟବାଦ ଦେଇଥିଲେ।



## ହୀରାକୁଦ ପର୍ଯ୍ୟଟନ କରିଡ଼ର ଲାଗି କଟିବ ହଜାର ହଜାର ଗଛ



ସମ୍ବଲପୁର,୨।୧୨(ସମିସ):ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ କରୁଛନ୍ତି। କାର୍ଯ୍ୟକ୍ରମ ଅଧିନରେ ଗଛ ମଧ୍ୟ ଲଗାଉଛନ୍ତି। ପରିବେଶ ଓ ସମାଜରେ ବୃକ୍ଷର ଗୁରୁତ୍ୱକୁ ନେଇ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା କହୁଛନ୍ତି। କିନ୍ତୁ ବାସ୍ତବରେ ବିଭିନ୍ନ ସ୍ଥାନରେ ବିକାଶ କରିବା ଆଳରେ ହଜାର ହଜାର ଗଛ ମଧ୍ୟ କାଟି ଦେଉଛନ୍ତି। ସମ୍ବଲପୁର ହୀରାକୁଦ ନଦୀବନ୍ଧ ବିକାଶ ନେଇ ଏଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ବର୍ତ୍ତମାନ ରାଜ୍ୟ ସରକାର ହୀରାକୁଦ ନଦୀବନ୍ଧକୁ ନେଇ ଅନେକ ଯୋଜନା କରିଛନ୍ତି।ନଦୀବନ୍ଧର ଅନେକ ସ୍ଥାନରେ ତାରକା ହୋଟେଲ ନିର୍ମାଣ କରାଯିବ। ଏଥିପାଇଁ ଜଳସମ୍ପଦ ବିଭାଗ ମଧ୍ୟ ଏନଓସି ପ୍ରଦାନ କରି ସାରିଛି। ରାଇଟ ଡାଇକ ଝୁଙ୍କରାଣୀ ମନ୍ଦିର ନିକଟରେ ଏକ ହୋଟେଲ ନିର୍ମାଣ ହେବ।୨୮ ଏକର ଜାଗାରେ ଆରାଇଭାଲ ପ୍ଲାଜା ନିର୍ମାଣ କରାଯିବ। ନଦୀବନ୍ଧ ପାର୍ଶ୍ୱବର୍ତ୍ତୀ ସ୍ଥାନ ବିକାଶ କରାଯିବ। ଏହାକୁ ସାଧାରଣ ଲୋକ ସ୍ୱାଗତ ଯୋଗ୍ୟପଦକ୍ଷେପ ଭାବେ ଗ୍ରହଣ କରୁଛନ୍ତି। କିନ୍ତୁ ଏହି ହୋଟେଲ ନିର୍ମାଣ ପାଇଁ ୧୬୯୦ଟି ଗଛ କଟାଯିବ ଶୁଣି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଗଛକଟାକୁ ନେଇ ପରିବେଶବିତ୍ ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବୁର୍ଲା ସହରରୁ ନଦୀବନ୍ଧର ପାୱାର ରାସ୍ତାରେ ଆରାଇଭାଲ ପ୍ଲାଜ ନିର୍ମାଣ ପାଇଁ ୨୮ ଏକର ଯାଗା ଚିହ୍ନଟ ହୋଇଛି। ଏଥିପାଇଁ ୧୬୯୦ ଗଛ କଟାଯିବ। ଏବେ ଠାରୁ ଶହ ଶହ ଗଛ କାଟିବା ଆରମ୍ଭ ହୋଇସାରିଛି। ପୂର୍ବରୁ ଜଙ୍ଗଲ ସୃଷ୍ଟି ପାଇଁ ଏହି ସ୍ଥାନରେ ମୂଲ୍ୟବାନ ଗଛ ମଧ୍ୟ ଲଗାଯାଇଥିଲା। ଏହା କେବଳ ଗୋଟାଏ ସ୍ଥାନର ଘଟଣା। ହୀରାକୁଦ ପର୍ଯ୍ୟଟନ କରିଡ଼ର ଲାଗି ହଜାର ହଜାର ଗଛ କଟାଯିବ ବୋଲି ସୂଚନା ରହିଛି। ଏହି ଗଛ ଗୁଡ଼ିକ ନଦୀବନ୍ଧର ମାଟିକୁ ଜାବୁଡ଼ି ରଖିଛନ୍ତି। ଯଦି ବିକାଶ ଆଳରେ ସବୁ ଗଛ କଟାଯାଏ ତାହାଲେ ଆଗକୁ ନଦୀବନ୍ଧ ଉପରେ ପ୍ରଭାବ ପଡିବ ବୋଲି ଆଶା କରାଯାଉଛି। ତେଣୁ ସରକାର ଏଥି ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

# ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ





ସମ୍ବଲପୁର, ୨।୧୨ (ସମିସ):ସମ୍ବଲପୁରଠାରେ ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ -୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫ୍ଆଇ) ଅଧିନରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଦ୍ୱାରା ଚାମ୍ପିଅନସିପ ଆୟୋଜନ କରାଯାଉଛି। ଏହାପାଇଁ ଓଡ଼ିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ରେଞ୍ଜ ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ହଜାରରୁ ଉଦ୍ଧ୍ୱର୍ ସାଇକଲ ଚଳାଳୀ (ରାଇଡର୍ସ) ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି, ଯେଉଁଥିରେ ପ୍ରାୟ ଚାରି ଶହ ଜଣ ମହିଳା ପ୍ରତିଯୋଗୀ ଅଛନ୍ତି। ଦେଶର ସିନିଅର, ଜୁନିଅର ଓ ସବ୍‌ଜୁନିଅର ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ରେସ୍ ସମ୍ପାଦନା ପାଇଁ ଏନ୍‌ଏଚ୍-୫୫ର ମା' ବାଟମଙ୍ଗଳା ଛକରୁ ମାନେଶ୍ୱର ପର୍ଯ୍ୟନ୍ତ ୧୦ କିମି. ରାସ୍ତାରେ ରେସ୍ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ପୁରୁଷ ବର୍ଗ (୨୩ ବର୍ଷରୁ କମ) ଟାଇମ୍ ଟ୍ରାଏଲ୍ -୪୦ କିମି, ସବ୍‌ଜୁନିଅର୍ ବାଳକ ଟାଇମ୍ ଟ୍ରାଏଲ୍-୨୦ କିମି, ସବ୍‌ଜୁନିଅର୍ ବାଳିକା ଟାଇମ୍ ଟ୍ରାଏଲ୍-୧୫ କିମି, ମହିଳା (ଡବ୍ଲୁଇ) ଟାଇମ୍ ଟ୍ରାଏଲ୍-୩୦ କିମି, ପୁରୁଷ ବର୍ଗ ଟାଇମ୍ ଟ୍ରାଏଲ୍-୪୦କିମି, ଯୁବ ବାଳକ ଟାଇମ୍ ଟ୍ରାଏଲ୍-୧୫ କିମି, ଯୁବ ବାଳିକା ଟାଇମ୍ ଟ୍ରାଏଲ୍-୧୦ କିମି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।





ଉଦ୍‌ଘାଟନୀ ଉତ୍ସବରେ ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ପ୍ରଥମ ଓଡ଼ିଆ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଦ୍ୱିତୀୟଥର ପାଇଁ ଓଡ଼ିଶାରେ, ତାହା ପୁଣି ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ ଆୟୋଜିତ ହେବା ଆମପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ସାଇକ୍ଲିଷ୍ଟ ପ୍ରତିଯୋଗିତାରେ ଭାଗ ନେଉଥିବା ସୂଚନା ଦେବାସହ ସମସ୍ତ ପ୍ରତିଯୋଗୀଙ୍କ ସଫଳ ପ୍ରଦର୍ଶନ ନିମନ୍ତେ ମା' ସମଲେଶ୍ୱରୀଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ସଚିବ ମନିନ୍ଦର ପାଲ ସିଂହ ଚାମ୍ପିଅନସିପ ସକାଶେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ଆତିଥ୍ୟ, ପରିଚାଳନା ଏବଂ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ ଯେ, ପ୍ରଥମଥର ପାଇଁ ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ ଆୟୋଜିତ କରି ଆମେ ନିଜକୁ ବହୁତ ଗର୍ବିତ ଅନୁଭବ କରୁଛୁ। ଏହି ଆୟୋଜନ ରାଜ୍ୟ ଏବଂ ଦେଶର ଯୁବ ପ୍ରତିଭାମାନଙ୍କୁ ନୂଆ ଉତ୍ସାହ ଏବଂ ପ୍ରେରଣା ଦେବ। ମା'ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ ତଥା ସମ୍ବଲପୁର ବିଭିନ୍ନ କଳା ସଂସ୍କୃତି,ହସ୍ତତନ୍ତର ନୂଆ ଅନୁଭୂତି ନେବାକୁ ସମସ୍ତଙ୍କୁ ଜିଲ୍ଲାପାଳ ନିବେଦନ କରିଛନ୍ତି।ଏହି ଅବସରରେ ସାଇକ୍ଲିଂ ନାମ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସୁସ୍ଥ ରହିବାକୁ ଉତ୍ସାହିତ କରିବାକୁ ଏହି ଚାମ୍ପିଅନସିପ ଲକ୍ଷ୍ୟ ରଖିଛି। ପ୍ରତିଯୋଗୀଙ୍କୁ ପ୍ରତିଯୋଗିତା ନକରି ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ନିଜ ଭିତରେ ବଜାଇ ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ରେ ଖେଳ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣ କରିଛି।

ଏହି ନୀତିରେ ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ ପର୍ଯ୍ୟନ୍ତ ଗୋଟିଏ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିବାର ଲକ୍ଷ୍ୟ ରହିଛି।ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢ଼ାଇବନି ବରଂ ଏହା ବିକଶିତ ଭାରତର ସଂକଳ୍ପ କୁ ମଜବୁତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ମତ ରଖିଥିଲେ।

## ଲୋକମହୋତ୍ସବ ତାରିଖ ବଦଳକୁ ବିରୋଧ

ସମ୍ବଲପୁର, ୨।୧୨ (ସମିସ) : ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ସନ୍ଧ୍ୟାରେ ଆସନ୍ତା ସମ୍ବଲପୁର ଲୋକମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକମହୋତ୍ସବର ଆୟୋଜନ ତାରିଖକୁ ଜାନୁଆରୀ ୪ରୁ ୬ ତାରିଖ ବଦଳରେ ଜାନୁଆରୀ ୧୫ରୁ ୧୯ ତାରିଖ



ପର୍ଯ୍ୟନ୍ତ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ କଳାପ୍ରେମୀ ତଥା ସଙ୍ଗଠକ ମହଲରେ ତୀବ୍ର ବିରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ପ୍ରଥମଥର ପାଇଁ ୧୯୯୭ରେ ଲୋକକଳା ଓ ଲୋକସଂସ୍କୃତିକୁ ନେଇ ସମ୍ବଲପୁରରେ ଆରମ୍ଭ ହୋଇଥିଲା ଲୋକ ମହୋତ୍ସବ। ପ୍ରଥମ ଉତ୍ସବର ନାମ ଥିଲା 'ଓଡ଼ିଶା ଲୋକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ'। ସ୍ଥାନୀୟ ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଜେଡ୍‌ସିସି କଲିକତା ଓ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗ କରିଥିଲେ। ସମନ୍ୱୟ କ୍ରମରେ ଝାରସୁଗୁଡ଼ା ଜିଲ୍ଲାରେ ଜାନୁଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ, ସମ୍ବଲପୁର ଜିଲ୍ଲାରେ ୪ରୁ ୬ ପର୍ଯ୍ୟନ୍ତ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୭ ଓ ୮ ତାରିଖ ମହୋତ୍ସବ ଆୟୋଜନ କରାଯାଇଥାଏ। ଲୋକ ମହୋତ୍ସବ କାର୍ଯ୍ୟକ୍ରମକୁ ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ନକରି ରେମେଡ ନିକଟସ୍ଥ ପଡ଼ିଆରେ କରିବାକୁ ଉପସ୍ଥିତ କଳାକାର, କଳାପ୍ରେମୀ ଓ ସଙ୍ଗଠକ ନାପସନ୍ଦ କରିଥିଲେ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ଓ ଶ୍ରୀମନ୍ତ ବାରିକ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଗତବର୍ଷର ସମ୍ବଲପୁର ଲୋକମହୋତ୍ସବ ସମସ୍ତଙ୍କ ସହଯୋଗରେ ସଫଳ ହୋଇଥିଲା, ଚଳିତବର୍ଷ ମଧ୍ୟ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତବର୍ଷ ସମ୍ବଲପୁର ଲୋକମହୋତ୍ସବ ପାଞ୍ଚଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାପାଳ ଚଳିତବର୍ଷ ମହୋତ୍ସବରେ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ଚେଷ୍ଟା କରାଯାଉଛି ବୋଲି ସୂଚନା ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୁ ଲୋକମହୋତ୍ସବ ଜରିଆରେ ଆମେ ଆମର ସ୍ୱତନ୍ତ୍ର ସଂସ୍କୃତିକୁ ଲୋକଙ୍କୁ ଦେଖାଇବା ସହ ଦେଶବାସୀଙ୍କୁ ଜଣାଇବାର ଏହା ଏକ ପ୍ରମୁଖ ଅବସର ଏବଂ ଏହାକୁ ନୂଆ ପରିଚୟ ଦେବାକୁ ଆମକୁ ଚେଷ୍ଟା କରିବାକୁ ହେବ ବୋଲି କହିଥିଲେ। ଚଳିତବର୍ଷ ଅନ୍ୟ ବର୍ଷ ଭଳି ବୈଠକରେ ମୁଖ୍ୟ ସଂଯୋଜକ ଏବଂ ବିଭିନ୍ନ କମିଟି ଆବାହକ ଚୟନ ନକରି ସମସ୍ତଙ୍କୁ ଗୋଟିଏ ଫର୍ମରେ ସେମାନେ ଇଚ୍ଛୁକ କମିଟିର ନାମ ଓ ସବିଶେଷ ତଥ୍ୟ ଦେବାକୁ କୁହାଯାଇଥିଲା।

## ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାସ୍ତରୀୟ ଇସିସିଇ ପ୍ରସାରଣ କର୍ମଶାଳା

ସମ୍ବଲପୁର,୨।୧୨(ସମିସ) : ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍ (ସିଆଇଏନ୍‌ଆଇ) ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା



(ଇସିସିଇ) ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରସାରଣ (ଡିସେମିନେସନ୍) କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଜେଏସ୍‌ଡବ୍ଲୁ ପାର୍ଶ୍ୱବର୍ତ୍ତୀ ପରିଧିସ୍ଥ କ୍ଷେତ୍ରର ୧୨ଟି ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟକାରୀ ହୋଇଥିବା ଇସିସିଇ ସଶକ୍ତୀକରଣ ପଦକ୍ଷେପର ପ୍ରଗତି, ପ୍ରମୁଖ ହସ୍ତକ୍ଷେପ ଏବଂ ଶିକ୍ଷା ଉପସ୍ଥାପନ କରାଯାଇଥିଲା। କର୍ମଶାଳା ଏକ ଆନୁଷ୍ଠାନିକ ସ୍ୱାଗତ ସହିତ ଆରମ୍ଭ ହୋଇ ପରେ ପ୍ରକଳ୍ପ ଉଦ୍ଦେଶ୍ୟ ଏବଂ ଫଳାଫଳର ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଜେଏସଡବ୍ଲୁ ଫାଉଣ୍ଡେସନର ମୁଖ୍ୟ ବିଶାଳ ରାଜ, ସିଆଇଏନ୍‌ଆଇ-ଇଣ୍ଡିଆ କାର୍ଯ୍ୟକ୍ରମ ମୁଖ୍ୟ ମେଘେନ୍ଦ୍ର ବାନାର୍ଜୀ, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ ଏବଂ ଡିଏସ୍‌ଡବ୍ଲୁଓ ସଞ୍ଜୁକ୍ତା ସାହୁ ଅଂଶଗ୍ରହଣକାରୀଙ୍କୁ ଉଦବୋଧନ ଦେଇ ଇସିସିଇ ସେବାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ସମନ୍ୱୟ ଏବଂ ସାମୂହିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ସଫଳତା, ସାମୁଦାୟିକ ସମ୍ପୃକ୍ତି ପ୍ରୟାସ, କ୍ଷମତା-ନିର୍ମାଣ କାର୍ଯ୍ୟକଳାପ ଏବଂ କାର୍ଯ୍ୟାନ୍ୱୟନ ସମୟରେ ଗ୍ରହଣ କରାଯାଇଥିବା ଅଭିନବ ପଦ୍ଧତି ଉପରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା। କର୍ମଶାଳାରେ ୧୦ଟି ଆଇସିଡିଏସ୍ ପ୍ରକଳ୍ପର ୧୦ ଜଣ ସିଡିପିଓ ଏବଂ ପର୍ଯ୍ୟବେକ୍ଷକ, ରେଙ୍ଗାଲି ବ୍ଲକ ପ୍ରତିନିଧି, ଡିଏସଡବ୍ଲୁଓ ଅଧିକାରୀ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ଏବଂ ସିଆଇଏନ୍‌ଆଇର ଦଳ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧିବେଶନଟି ଖୋଲା ଆଲୋଚନା ଏବଂ ସମ୍ବଲପୁରରେ ଇସିସିଇ ପଦକ୍ଷେପଗୁଡ଼ିକୁ ବଜାୟ ରଖିବା ଏବଂ ସ୍କେଲିଂ କରିବା ପାଇଁ ମିଳିତ ପ୍ରତିବଦ୍ଧତାର ପୁନଃନିର୍ଦ୍ଦେଶ ସହିତ ଶେଷ ହୋଇଥିଲା।

## ଇ-ବର୍ଜ୍ୟବସ୍ତୁ ପରିଚାଳନା ଆଲୋଚନାଚକ୍ର



ସମ୍ବଲପୁର, ୨।୧୨ (ସମିସ) : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ ଏବଂ ଏନର୍ଜି କ୍ଲବର କାର୍ଯ୍ୟକ୍ରମ ଅନ୍ତର୍ଗତ ଇ- ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ), ବୁର୍ଲାର କମ୍ପ୍ୟୁଟର ବିଭାଗର ଆସୋସିଏଟ ପ୍ରଫେସର ଡଃ ସତ୍ୟବ୍ରତ ଦାସ ଯୋଗଦେଇ ଇ-ବର୍ଜ୍ୟବସ୍ତୁ କ'ଣ ଏବଂ ଏହାର ସଠିକ୍ ପରିଚାଳନା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପ୍ରଫେସର ଦାସ ପୁରସ୍କୃତ କରିଥିଲେ। ସଭାକୁ ଶିକ୍ଷକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରିନସ୍ମିତା ରାଣୀ ବିଶି ଧନ୍ୟବାଦ ଦେଇଥିଲେ।

# ରାସ୍ତାରୋକ ପରେ ମଣ୍ଡିରୁ ଉଠିଲା ଧାନ

ସମ୍ବଲପୁର, ୨।୧୨ (ସମିସ) : ସମ୍ବଲପୁର ଜିଲ୍ଲାରେ ଧାନ କିଣା ଆରମ୍ଭରୁ ଅଚଳାବସ୍ଥା ଦେଖାଦେଇଛି। ମିଲର୍ ମାନେ ଧାନ ନେବାକୁ ଅମଙ୍ଗ ହେବାସହ ୭ ଦଫା ଦାବିପୂରଣ ନହେଲେ ଏଗ୍ରିମେଣ୍ଟ କରିବେନି ବୋଲି ଜିଦ୍ ଧରିଲେ। ଧାନକିଣା ଆରମ୍ଭ ନହେବାରୁ ଗତକାଲି ଚାଷୀମାନେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଥିଲେ। ଏହାପରେ ଆଜିଠାରୁ ବିଭିନ୍ନ ମଣ୍ଡିରେ ଧାନ ଉଠିବା ଆରମ୍ଭ କରିଛି। ମଣ୍ଡିମାନଙ୍କରେ ପି-ପାସ ଦେଇ ଧାନସଂଗ୍ରହ ଆରମ୍ଭ ହୋଇଥିବାବେଳେ କେତେକ ମଣ୍ଡିରେ ଆଇରିସ-ସ୍କାନିଂ ଆରମ୍ଭ ହୋଇନାହିଁ। ଧାନ କିଣାବିକା ଗୋଟିଏ ମାସ ବିଳମ୍ବରେ ଚାଲିଥିବାବେଳେ ଚାଷୀଙ୍କ ଟୋକନ ଆସିନଥିବା ନୂତନ ସମସ୍ୟା ଭାବେ ଦେଖାଦେଲାଣି। ଚଳିତବର୍ଷ କଟ୍‌ନିଛଟ୍‌ନି ବ୍ୟାପକ ହୋଇପାରେ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଉଛି।

ସମ୍ବଲପୁର ଜିଲ୍ଲାରେ ଚାଷୀମାନେ ଗତ ଏପ୍ରିଲରେ ପଞ୍ଜୀକରଣ ସମୟରେ ନଭେମ୍ବର ୧ ତାରିଖରୁ ଧାନ ବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ଧାନକିଣା ବିଳମ୍ବ ହୋଇଥିବାରୁ ଡିଏଲ୍‌ପିସି ବୈଠକରେ ଚାଷୀ ୨୦ରେ ଧାନ କ୍ରୟ ଆରମ୍ଭ କରିବାକୁ ଦାବି କରିଥିଲା। କିନ୍ତୁ ତାହାକୁ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୮ କରାଗଲା। ତେବେ ବି ମିଲର ଧାନ ନେବାକୁ ଅମଙ୍ଗ ହେବାରୁ ଧାନ କିଣାବିକାରେ ଅଚଳାବସ୍ଥା ଦେଖାଦେଲା। ଏହାକୁ ନେଇ ଗତକାଲି ଚାଷୀମାନେ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏନ୍‌ଏଚ୍-୫୩ ଓ ଏନ୍‌ଏଚ୍-୫୫ର ସଂଯୋଗସ୍ଥଳୀ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଥିଲେ। ଉଭୟ ପାଶ୍ୱର୍ରେ ଗୋଟିଏ ପଟେ ରେମେଡ ଛକ ଓ ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାରେ ଭାରୀଯାନ ଅଟକି ରହିଥିଲା। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା।



ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଚାଷୀମାନେ ଗତ ଅକ୍ଟୋବର ଦ୍ୱିତୀୟ ପକ୍ଷରୁ ଧାନ ଅମଳ ଆରମ୍ଭ କଲେଣି। ଚାଷୀମାନଙ୍କ ଧାନ ଗଚ୍ଛିତ ରଖିବାକୁ ଜାଗା ନଥିବାବେଳେ ବାରମ୍ବାର ବାତ୍ୟା, ଲଘୁଚାପ ବର୍ଷା ଆଦି ବାଧକ ସାଜୁଛି। ମଙ୍ଗଳବାର ସମ୍ବଲପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ସମବାୟ ସମିତି ଜରିଆରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଅନ୍‌ଲାଇନ୍‌ରେ ପି-ପାସ ସଂଯୋଗ କରିବାସହ କେତେକ ମଣ୍ଡିରେ ଆଇରିସ-ସ୍କାନିଂ ମଧ୍ୟ କରାଯାଇଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ କହିଛନ୍ତି, ମଣ୍ଡିମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତେବେ, ପ୍ରାୟ ୨୦ ହଜାର ଚାଷୀଙ୍କ ଟୋକନ ଆସିନାହିଁ। ଏହା ଶୀଘ୍ର ନଆସିଲେ ଚାଷୀର ଧାନ ବିକ୍ରୟରେ ସମସ୍ୟା ସୃଷ୍ଟି ହେବ। ଅନ୍ୟପକ୍ଷରେ ଯେଉଁ ଚାଷୀ ମାନଙ୍କ ଟୋକନ ଆସିଛି ତାହା ପ୍ରଥମ ପର୍ଯ୍ୟାୟ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ପାଇଁ ଟୋକନକୁ ଚାଷୀ ଅପେକ୍ଷା କରିଛି।

### ଚାଷୀଙ୍କ ଆନ୍ଦୋଳନ ସରକାର ବିଫଳତାର ସ୍ପଷ୍ଟ ପ୍ରମାଣ : ରୋହିତ

ସମ୍ବଲପୁର:ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ହିଁ ବିଧ୍ୱସ୍ତ।ଚାଷୀଙ୍କୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ସରକାରଙ୍କ ଅବ୍ୟବସ୍ଥା ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ କରିଦେଇଛି। ବିଭାଗୀୟ ମନ୍ତ୍ରୀ ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ସମସ୍ୟା ନାହିଁ ବୋଲି କହୁଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରେଜିଷ୍ଟ୍ରେସନ ପାଇଁ, ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ପାଇଁ ଚାଷୀ ଅସନ୍ତୋଷ ବହୁ ପୂର୍ବରୁ ଦେଖାଦେଉଛି। ଏଥିରୁ ସରକାରଙ୍କ ନୀତଗତ ଧାନ ସଂଗ୍ରହ ପକ୍ରିୟାର ବିଫଳତାକୁ ସ୍ପଷ୍ଟ ବାରି ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ସେ କହିଛନ୍ତି, ମିଲର୍, ପ୍ରଶାସନ ଏବଂ ସରକାରଙ୍କ ସମନ୍ୱୟର ଅଭାବ ଯୋଗୁଁ ଆଜି ଚାଷୀ ପ୍ରତାଡ଼ିତ ହେଉଛି। ମଣ୍ଡିଗୁଡ଼ିକରେ ଲିଫ୍ଟିଂର ଅହେତୁକ ବିଳମ୍ବ ଏବଂ ତା ଉପରେ ଅଦିନିଆ ବର୍ଷା ଚାଷୀଙ୍କ ଉପରେ ଦାଉ ସାଜୁଛି। ଟୋକନ୍ ଆବଣ୍ଟନ ମଧ୍ୟ ଚାଷୀଙ୍କୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ରହିଛି। କାଗଜ କଲମରେ ସରକାର ଘୋଷଣା କରି ଚାଷୀଙ୍କୁ ସାନ୍ତ୍ୱନା ଦେଉଛନ୍ତି, କିନ୍ତୁ ଗ୍ରାଉଣ୍ଡ ସ୍ତରରେ କୌଣସି ସମାଧାନ ହେଉନାହିଁ। ବିଜେପି ଶାସିତ ସରକାର ବର୍ତ୍ତମାନ ଯେଉଁ ଚାଷୀଙ୍କୁ ବାଧ ବାଧକତାର ସହ ଯେଉଁ ଇନ୍‌ପୁଟ ସବ୍‌ସିଡି ଦେଉଛନ୍ତି ତାହାର ବଦଳରେ ଦୁଇଗୁଣ ପ୍ରତାରଣା ମଧ୍ୟ କରୁଛନ୍ତି ମନେହେଉଛି। ଏହି ସବୁ ଘଟଣାକୁ ଅନୁମାନ କଲେ ଜଣା ପଡୁଛି ଯେ ସରକାର ଚାହୁଁଛନ୍ତି କିଭଳି ଭାବରେ କମ୍ ପରିମାଣର ଧାନ କିଣିବେ।ଇଂ ପୂଜାରୀ ଦାବି କରିଛନ୍ତି ଯେ ସରକାର ତତ୍କାଳ ବିଶେଷ ପଦକ୍ଷେପ ଗ୍ରହଣ କରି ଧାନ ସଂଗ୍ରହ ପ୍ରକ୍ରିୟାର ସୁପରିଚାଳନାକୁ ନିଶ୍ଚିତ କରନ୍ତୁ, ମଣ୍ଡିରେ ପଡ଼ିଥିବା ଧାନ କିଭଳି ଅବିଳମ୍ବେ ଲିଫ୍ଟିଂ ହେବ ସେଥିପ୍ରତି ମନିଟରିଂ କରାଯାଉ, ଆନ୍ଦୋଳନରେ ଚାଷୀ ମାନଙ୍କ ଦାବି ଗୁଡ଼ିକୁ କେବଳ କାଗଜ କଲମରେ ସୀମିତ ନ ରଖାଯାଇ ପ୍ରକୃତ ସମାଧାନ ସହ ଧାନ ସଂଗ୍ରହ ହେଉ। ସରକାର ଯଦି ଏହି ଅବ୍ୟବସ୍ଥା ଦୂର କରିବାରେ ବିଫଳ ରହୁଛନ୍ତି ଜିଲ୍ଲା ସ୍ତରୀୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## କଫ ସିରପ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୨।୧୨ (ସମିସ) : ସମ୍ବଲପୁର ବୁର୍ଲା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଗାନ୍ଧିପଡ଼ା କଲ୍ୟାଣ ମଣ୍ଡପ ପାଖରେ କଫସିରପ ବିକ୍ରୟ କରୁଥିବା ନେଇ ଖବର ପାଇ ଚଡ଼ଉ କରିଥିଲା। ପୁଲିସ ଅଭିଯୁକ୍ତକୁ ଧରିବାସହ ତା'ଠାରୁ ଅପମିଶ୍ରିତ କଫସିରପ, ୧୦ ବୋତଲ ଏସ୍‌କଫ୍ କଫସିରପ୍, ୧୫ ବୋତଲ ଠିପି ଖୋଲା କଫସିରପ, ୩ଟି ଖାଲି ବୋତଲ, ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା, ୨୨ଟି ମଦ ପାଉଚ ଆଦି ଜବତ କରିଛି। ପୁଲିସ ବୁର୍ଲା ଥାନା ଗାନ୍ଧିପଡ଼ାର ସନ୍ତୋଷ ସାହୁ (୩୩) କୁ ଗିରଫ କରି କୋର୍ଟଚାଲାଣ କରିଛି।

## ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ 'ଜୟ ଅଫ୍ ଗିଭିଂ'



ସମ୍ବଲପୁର, ୨।୧୨ (ସମିସ) : ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପ୍ରତିବର୍ଷ ନଭେମ୍ବର ମାସକୁ 'ଜୟ ଅଫ୍ ଗିଭିଂ' ମାସ ଭାବେ ପାଳନ କରୁଛି। ଏହି ଅବସରରେ କ୍ଲବ ପକ୍ଷରୁ ରୁକ୍ମିଣୀ ଲାଠ ବାଲ ନିକେତନରେ କିଡ୍‌ଜି ଧନୁପାଲିଙ୍କ ସହଯୋଗରେ ବିଶେଷ ସମାଜସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କିଡ୍‌ଜି ପକ୍ଷରୁ ଆଶ୍ରମର ପ୍ରତ୍ୟେକ ଶିଶୁ ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ଉପହାର ରୂପେ ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କ ସହ ଅନୁଭବିତ ସମ୍ପର୍କ, ସେମାନଙ୍କ ହସ ଓ ଖୁସିରେ ସମସ୍ତଙ୍କ ହୃଦୟ ଓ ମନ ସନ୍ତୁଷ୍ଟିରେ ଭରିଯାଇଥିଲା। କ୍ଲବ ପକ୍ଷରୁ କିଡ୍‌ଜି ଡାଇରେକ୍ଟର ଈଶା ପାଢ଼ୀ, କିଡ୍‌ଜି ଧନୁପାଲିର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିଶୁମାନଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହାସହ ରୋଟାରିଆନ ସୁମିତ ନାୟକଙ୍କ ଅବଦାନକୁ ସ୍ମରଣ କରାଯାଇଛି। ଅତି ଅଳ୍ପ ବୟସରୁ ଏପରି ଦାନଶୀଳତାର ଅଭ୍ୟାସ ଗଢ଼ି ଉଠୁଥିବା ପାଇଁ ଈଶା ପାଢ଼ୀ ଓ ସୁମିତ ନାୟକଙ୍କ ଉତ୍କୃଷ୍ଟ ଶିକ୍ଷା ଓ ସଂସ୍କାର ପ୍ରଶଂସାଯୋଗ୍ୟ। ରୋଟାରୀ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସଦସ୍ୟ ସୁମିତ ନାୟକ, ପ୍ରଶାନ୍ତ ରଥ, ସଞ୍ଜୟ ମିତ୍ତଲ, ବିଲାଲ ମଲ୍ଲିକ, ଲିପିକା ଦାସ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସନ୍ତୋଷ ସିଲାରାଓ ପ୍ରମୁଖ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସମ୍ବଲପୁର ଗ୍ରେଟର ପକ୍ଷରୁ ସମାଜ ପ୍ରତି ସେବା ଓ ଦାୟିତ୍ୱବୋଧ ଆଗାମୀଦିନରେ ଏହିଭଳି ଅବ୍ୟାହତ ରହିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।